



**ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ; ଭାରତ ବିଜୟୀ**

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-89 ◆MONDAY ◆22 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୯ ◆ସୋମବାର ◆୨୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପୁରୁଣା ଭିସାଧାରୀଙ୍କୁ ଆଶ୍ୱସ୍ତି

# ଏଚ୍-୧ବି ଭିସା ଲାଗି 'ୱାନ୍ ଟାଇମ୍' ଦେୟ

■ **ୱାସିଂଟନ, ୨୧।୯ (ଏଜେନ୍ସି):** ଆମେରିକାର ଏଚ୍-୧ବି ଭିସା ଫି' ବୃଦ୍ଧିକୁ ନେଇ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ହ୍ୱାଇଟ ହାଉସ୍‌ର ପ୍ରେସ୍ ସଚିବ କ୍ୟାରୋଲିନ ଲେଭିଟ ରବିବାର ଟ୍ୱିଟ କରି କହିଛନ୍ତି ଯେ ଏହି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନାହିଁ। ଆବେଦନ କରିବା ସମୟରେ ଥରଟେ ପାଇଁ 'ୱାନ ଟାଇମ୍' ଏହି ଦେୟ ଦେବାକୁ ହେବ। ଲଟେରିରେ ଦିଆଯାଉଥିବା ଭିସା ଉପରେ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ପୁରୁଣା ଭିସା ଧାରକ, ନବୀକରଣ ଏବଂ ଆଜି ପୂର୍ବରୁ ଭିସା ଆବେଦନ କରିଥିବା ଲୋକଙ୍କ ପାଇଁ ନିୟମରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଚ୍-୧ବି ଭିସା ଧାରକ ଦେଶରୁ ନିର୍ଦ୍ୱନ୍ଦ୍ୱରେ ଦେଶ ବାହାରକୁ ଯାଇ ଫେରିପାରିବେ।




ଗତକାଲି ଆମରିକା ରାଷ୍ଟ୍ରପତି ଏଚ-୧ବି ଭିସା ଆବେଦନ ଦେୟକୁ ବଢ଼ାଇ ୮୮ ଲକ୍ଷ ଟଙ୍କା କରିଦେଇଥିଲେ। ଏହାପରେ ମେଟା, ମାଇକ୍ରୋସଫ୍ଟ, ଆମାଜନ ଭଳି ବହୁରାଷ୍ଟ୍ରୀୟ ଟେକ୍ କମ୍ପାନୀ ନିଜ କର୍ମଚାରୀଙ୍କୁ ତୁରନ୍ତ ଆମେରିକା ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ଦେୟ କାର୍ଯ୍ୟକାରୀ ହେବା ଯୋଗୁଁ ଇମିଗ୍ରେସନ ଆଟର୍ଣ୍ଣି ଏବଂ କମ୍ପାନୀଗୁଡ଼ିକ ଏଚ-୧ବି ଭିସା ଧାରକ ଏବଂ ତାଙ୍କ ପରିବାରକୁ ୨୪ ଘଣ୍ଟା ଭିତରେ ଆମେରିକା ଫେରିବାକୁ କହିଥିଲେ। ଏହି ସମୟ ଭିତରେ ନ ଫେରିଲେ ଫସିଯିବାର ଆଶଙ୍କା ରହିଥିଲା। କିନ୍ତୁ ଏବେ ଆମେରିକା ପକ୍ଷରୁ ଏହି ଭିସାକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦିଆଯାଉଛି। ପୂର୍ବରୁ ଏଚ୍-୧ବି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିପାଇଁ କମ୍ପାନୀଗୁଡ଼ିକ ଭୟଭୀତ ହୋଇଯାଇଥିଲେ। ଏଚ୍-୧ବି ଧାରକଙ୍କୁ ଏବେ ନ ଡାକି ପରେ ଆମେରିକା ଆସିବାକୁ କହିଲେ ଲକ୍ଷେ ଡଲାର ଦେବାକୁ ପଡ଼ିବ ବୋଲି କମ୍ପାନୀଗୁଡ଼ିକ ଭାବି ନେଇଥିଲେ। ଏଭଳି ନିର୍ଦ୍ଦେଶକୁ ଦେଖି ଦୀପାବଳି ଏବଂ ପୂଜା ପାଇଁ ଭାରତ ଆସିବାକୁ ଚାହୁଁଥିବା ଲୋକେ ନିଜ ଟିକଟ ବାତିଲ କରିଦେଇଥିଲେ। ୱାସିଂଟନ, ନ୍ୟୁୟର୍କ ଭଳି ପ୍ରମୁଖ ବିମାନବନ୍ଦର ଅନେକ ଲୋକ ଟିକଟ ବାତିଲ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ଫେରିବା ଲାଗି ଦିଲ୍ଲୀ ବିମାନବନ୍ଦରରେ ମଧ୍ୟ ପ୍ରବଳ ଭିଡ଼ ଲାଗିଥିଲା। ଏହାର ସୁଯୋଗ ନେଇ ଅନେକ ଏୟାରଲାଇନ୍ସ ବିମାନ ଭଡ଼ା ବଢ଼ାଇଦେଇଥିଲେ।

# ଆଜିଠାରୁ ନୂଆ ଜିଏସ୍‌ଟି ହାର

## କମିବ ଗାଡ଼ି, ଏସି, ଘିଅ, ଚିନି, ପନୀର, ପାସ୍ତା ମୂଲ୍ୟ

■ **ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):** ସୋମବାରଠାରୁ ସାରାଦେଶରେ ଲାଗୁ ହେବାକୁ ଯାଉଛି ନୂଆ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର। ୪ଟି ସ୍ଲାବ୍ ବଦଳରେ ସଂଶୋଧିତ ଜିଏସ୍‌ଟି ବ୍ୟବସ୍ଥାକୁ କେବଳ ଦୁଇଟି ସ୍ଲାବ୍ ୫% ଏବଂ ୧୮% ରେ ସୀମିତ ରଖାଯାଇଛି। ଏହା ଅଧୀନରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ରଖାଯାଇଛି। ଫଳରେ ଆସନ୍ତାକାଲି ଠାରୁ ପନିର, ଘିଅ, ସାବୁନ, ସାମ୍ପୁ ଠାରୁ ଆରମ୍ଭ କରି ସିମେଣ୍ଟ, ଏସି ଏବଂ ଛୋଟ କାର ଶସ୍ତା ହେବ। ଜୀବନ ଓ ସ୍ୱାସ୍ଥ୍ୟ ବୀମା ଉପରେ ୧୮% ଟିକସ ଉଚ୍ଛେଦ କରାଯାଇଛି। ଅର୍ଥାତ ଏଭଳି ବୀମା ପାଇଁ ଆଉ ଜିଏସ୍‌ଟି ଦେବାକୁ ପଡ଼ିବ ନାହିଁ। ଅପରପକ୍ଷରେ

### ବଢ଼ିବ ପାନମସଲା, ସିଗାରେଟ, ଦାମୀ ମଦ, କୋଇଲା

ସିଗାରେଟ୍, ପାନମସଲା, ତମାଖୁ, କାର୍ବୋନେଟେଡ ପାନୀୟ, ବଡ଼ ଏସ୍‌ୟୁଭି, ଜାହାଜ ଓ ବ୍ୟକ୍ତିଗତ ବ୍ୟବହାର ପାଇଁ ବିମାନ କ୍ରୟ ଉପରେ ୪୦% ଟିକସ ଲାଗିବ।

ଏହାସହିତ ୩୩ଟି ଜୀବନ ରକ୍ଷାକାକରୀ ଔଷଧ ଉପରେ କୌଣସି ଟିକସ ଲାଗିବ ନାହିଁ। ବିଶେଷକରି କର୍କଟ ଏବଂ ମାରାତ୍ମକ ରୋଗ ପାଇଁ ଉଦ୍ଦିଷ୍ଟ ଔଷଧ ଏଥିରେ ସାମିଲ ରହିଛି। ଛୋଟ ଓ ମଧ୍ୟମ ଆକାରର କାର, ମୋଟରସାଇକେଲ ଉପରେ ଏବେ ୨୮% ବଦଳରେ ୧୮% ଟିକସ ଲାଗୁ ହେବ। ଅଟୋ ଯନ୍ତ୍ରାଂଶ ଏବଂ ତିନି ଚକିଆ ଯାନ ଉପରେ ଟିକସ ମଧ୍ୟ ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ପୁରୁଣା ଏମ୍‌ଆର୍‌ପି ଉଲ୍ଲେଖ ଥିଲେ ବି ଏହି ବର୍ଗର ସାମଗ୍ରୀ ନୂତନ ମୂଲ୍ୟରେ ଉପଲବ୍ଧ ହେବ। ଔଷଧ ଉତ୍ପାଦନ ଏବଂ ▶ପୃଷ୍ଠା-୭

## ଜିଏସ୍‌ଟି ବଚତ୍ ଉତ୍ସବ: ମୋଦୀ

■ **ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):** ଆସନ୍ତାକାଲି ଠାରୁ ଜିଏସ୍‌ଟିର ସଂଶୋଧିତ ହାର ଲାଗୁ ହେବାକୁ ଯାଉଥିବାବେଳେ ଏହାକୁ 'ଜିଏସ୍‌ଟି ବଚତ' ଉତ୍ସବ ବୋଲି ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ଦେଶବାସୀଙ୍କୁ



ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତାକାଲି ଠାରୁ ନବରାତ୍ରୀ ଆରମ୍ଭ ହେଉଥିବା ବେଳେ ଜିଏସ୍‌ଟିର ନୂଆ ହାର ମଧ୍ୟ କାଲି ଠାରୁ ଲାଗୁ ହେବାକୁ ଯାଉଛି। ଏହା ଦେଶବାସୀଙ୍କ ପାଇଁ ଦୋହରା ଉତ୍ସବ। ନୂଆ ଜିଏସ୍‌ଟି ହାର ଯୋଗୁଁ ୯୯ ପ୍ରତିଶତ ସାମଗ୍ରୀ ଶସ୍ତା ହେବ ଏବଂ ଏହା ଗରିବ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ଆଶ୍ୱସ୍ତି ଆଣିବ। ଚଳିତ ଆର୍ଥିକ ବର୍ଷ ଠାରୁ ▶ପୃଷ୍ଠା-୭

## ଭିସା ପରେ ଆଉ ଏକ ବଡ଼ ଝଟ୍‌କା ଦେବେ ଟ୍ରମ୍ପ

# ଭାରତରୁ ଚିଙ୍ଗୁଡ଼ି ଆମଦାନୀ ବନ୍ଦ କରିବ ଆମେରିକା

■ **ୱାଶିଂଟନ୍, ୨୧।୯ (ଏଜେନ୍ସି):** ଏଚ୍-୧ବି ଭିସା ପରେ ଭାରତକୁ ଆଉ ଏକ ବଡ଼ ଧକ୍କା ଦେବାକୁ ପ୍ରସ୍ତୁତ ହେଉଛି ଆମେରିକା। ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ ପ୍ରଶାସନ ଭାରତରୁ ଚିଙ୍ଗୁଡ଼ି ଆମଦାନୀ ଉପରେ କଟକଣା ଲଗାଇବେ ବୋଲି ସୂଚନା ମିଳିଛି। ଫଳରେ ଚିଙ୍ଗୁଡ଼ି ଶିଳ୍ପ ସହ ଜଡ଼ିତ ଦେଶର ପ୍ରାୟ ୧୫ ଲକ୍ଷ ଲୋକ ପ୍ରଭାବିତ ହେବେ। ଅନୁରୂପ ଭାବରେ ଆମେରିକାର ଏହି ନିଷ୍ପତ୍ତି ଯୋଗୁଁ ଓଡ଼ିଶା ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ହେବ ଓ ଓଡ଼ିଶାରୁ ଆମେରିକାକୁ ବାର୍ଷିକ ରପ୍ତାନୀ ହେଉଥିବା ୧୬୦୦ କୋଟିର ଚିଙ୍ଗୁଡ଼ି କାରବାର ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି।



### ୧୬୦୦ କୋଟିର କ୍ଷତି ସହିବ ଓଡ଼ିଶା

### ପ୍ରଭାବିତ ହେବେ ୧୫ ଲକ୍ଷ ଲୋକ

ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ ପରେ ଦେଶର ଚିଙ୍ଗୁଡ଼ି (ସମୁଦ୍ରିକ ଖାଦ୍ୟ) ରପ୍ତାନି ଶିଳ୍ପ ସଙ୍କଟରେ ପଡ଼ିଛି। ଏହି ଶିଳ୍ପ ସହିତ ଜଡିତ ପ୍ରାୟ ୧୫ ଲକ୍ଷ ଲୋକଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଏହି ସମସ୍ୟା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ୨୦୨୪-୨୫ ମସିହାରେ ଓଡ଼ିଶା ୪,୭୦୦ କୋଟି ▶ପୃଷ୍ଠା-୭

# ୨୪ ଘଣ୍ଟାରେ ଲଘୁଚାପ

**ପଛେପଛେ ଆଉ ଗୋଟିଏ**

■ **ଭୁବନେଶ୍ୱର, ୨୧।୯ (ସମିସ):** ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମିଆଁମାର ଉପକୂଳ ଉପରେ ସମୁଦ୍ର ପତ୍ତନଠାରୁ ୩.୧ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆସନ୍ତାକାଲି ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାରଠାରୁ ବର୍ଷା ଆରମ୍ଭ ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ବେଳେ କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

**ମାସ ଶେଷ ଯାଏ ବର୍ଷା ସମ୍ଭାବନା**

ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ▶ପୃଷ୍ଠା-୭

# ବିଷ ବି ଭେଜାଲ !

■ **ଭୁବନେଶ୍ୱର, ୨୧।୯ (ସମିସ):** ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେଉଛି। ଚାଷ କାର୍ଯ୍ୟ ପାଇଁ ପାଗ ଅନୁକୂଳ ରହିଛି। ମାତ୍ର ଚାଷ ଆରମ୍ଭରୁ ଚାଷୀଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ଚାଷୀଙ୍କୁ ନାକେଦମ୍ ହେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ବଢ଼ି ଆସୁଥିବା ଧାନ ଗଛରେ ପତ୍ରପୋଡ଼ା ଓ ପତ୍ରମୋଡ଼ା ରୋଗ ଚାଷୀକୂଳର ମୁଣ୍ଡ ବିନ୍ଧା ବଢ଼ାଇ ଦେଇଛି। ଏହି ରୋଗ ଧାନ ଗଛକୁ ସଂପୂର୍ଣ୍ଣ ମାରି ଦେଉଛି। ଗୋଟିଏ ଗୋଟିଏ ସିଆର୍‌ରେ ଏକାଧିକ ଗଛ ନଷ୍ଟ ହେଉଥିବାରୁ ବିଲର ୭୦ ପ୍ରତିଶତ ଗଛ ନଷ୍ଟ ହୋଇଯାଉଛି। ଏଥିପାଇଁ କୀଟନାଶକ ସିଞ୍ଚନ କଲେ ମଧ୍ୟ କାମ କରୁ ନ ଥିବା ଓ କୀଟନାଶକ ବିଷଗୁଡ଼ିକ ଭେଜାଲ ହେଉଥିବାରୁ ଏହା କାମ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଦୂଷିତ ପାଣି ଓ ଅପମିଶ୍ରିତ କ୍ଷୀର ନଜର୍‌କୁ ଆସିଥିଲା, ମାତ୍ର ଏବେ ବିଷ ବି ଭେଜାଲ୍ ▶ପୃଷ୍ଠା-୭



**କୀଟଙ୍କୁ କାବୁ କରୁନି କୀଟନାଶକ**

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ !

■ **ଭୁବନେଶ୍ୱର/ସମ୍ବଲପୁର, ୨୧।୯ (ସମିସ):** ଏବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନାହିଁ। ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି ହେବ; ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ବିଚାର କରାଯିବ। ସମ୍ବଲପୁରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ଶ୍ରୀ ସାମଲଙ୍କ ଏହି ଘୋଷଣା ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବା ବେଳେ ନିର୍ବାଚନରେ ପରାଜିତ ହୋଇଥିବା ଓ ଟିକଟରୁ ବଞ୍ଚିତ ହୋଇଥିବା ନେତାଙ୍କ ମନରେ ଆଶାର କିରଣ ସଞ୍ଚାର କରିଛି। ପୂଜା ଭେଟି ସ୍ୱରୂପ ନିଗମ ଓ ବୋର୍ଡରେ କିଛି ଦଳୀୟ ନେତାଙ୍କୁ ଖୁବ୍ ଶୀଘ୍ର ଥଇଥାନ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

**ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି: ମନମୋହନ**

ରାଜ୍ୟରେ ବିଜେପି ସରକାର ଗଠନ କରିବାର ୧୫ ମାସ ପୂରି ଏବେ ୧୬ ମାସ ଚାଲିଛି। ମାତ୍ର ସରକାରରେ ଖାଲିଥିବା ୬ଟି ମନ୍ତ୍ରୀପଦ ସହ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀରେ ଖାଲି ପଦଗୁଡ଼ିକ ପୂରଣ ହୋଇପାରିନାହିଁ। ଫଳରେ ନିର୍ବାଚନ ସମୟରେ ଦଳୀୟ ଟିକଟରୁ ବଞ୍ଚିତ ହୋଇଥିବା ଓ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା ଥଇଥାନ ଅପେକ୍ଷାରେ ରହିଛନ୍ତି। ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦଗୁଡ଼ିକରେ ▶ପୃଷ୍ଠା-୭

## ଏମ୍‌ଇଡି ଯୋଗ୍ୟତା ନଥାଇ ଅଧ୍ୟାପକ ନିଯୁକ୍ତି

# ବନ୍ଦ ହେବ ରାଜ୍ୟର ସବୁ ବିଇଡି କଲେଜ!

■ **ଭୁବନେଶ୍ୱର, ୨୧।୯ (ସମିସ):** ରାଜ୍ୟରେ ମାତ୍ର ୧୭ଟି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ) ରହିଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ କରିବାରେ ଏହା ସମର୍ଥ ହେଉନାହିଁ। ପ୍ରତିବର୍ଷ ରାଜ୍ୟରୁ ହଜାର ହଜାର ପିଲା ବାହାର ରାଜ୍ୟରେ ବିଇଡି ପଢୁଛନ୍ତି। ଓଡ଼ିଶାରେ ଥିବା ହାତଗଣତି କଲେଜରେ ମଧ୍ୟ ଯୋଗ୍ୟ ଅଧ୍ୟାପକ ନାହାନ୍ତି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଶିକ୍ଷାଗତ ଯୋଗ୍ୟତା



ନ ଥାଇ ମଧ୍ୟ ନିଯୁକ୍ତି ପାଇଛନ୍ତି। ଅଧ୍ୟାପକ ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବା ବେଳେ ସ୍ନାତକୋତ୍ତର

**କୋରାପୁଟ ଡିଏଭି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର**

**ଏନ୍‌ସିଟିଇ ସ୍କାନର୍‌ରେ ପ୍ରାୟ ୨୧୪ରୁ ଅଧିକ ଅଯୋଗ୍ୟ**

ସହିତ ଏମ୍‌ଇଡି ବଦଳରେ ବିଇଡି କରିଥିବା ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ତଞ୍ଜକତାକୁ ଧରିଛି ଏସ୍‌ସିଟିଇ। ରାଜ୍ୟର ୮ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ କରିବା ସହ କୋରାପୁଟ୍‌ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର କରିବାକୁ ସୁପାରିସ କରିଛି। ଅନ୍ୟପକ୍ଷରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟର ସମସ୍ତ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ▶ପୃଷ୍ଠା-୭




## ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଚା' ଦିବସ



ଧାମନଗର, ୨୧।୯(ସମିସ): ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଧାମନଗର ବାସନ୍ତୀ ଦୁର୍ଗା ଗେଟ ନିକଟସ୍ଥ କୈଳାସ ଜେନା (କାବୁଲି)ଚା ଦୋକାନ ସମ୍ମୁଖରେ ବିଶ୍ୱ ଚା ଦିବସ ରବିବାର ଅପରପକ୍ଷରେ ପାଳିତ ହୋଇଯାଇଛି। ପରିଷଦର ମୁଖ୍ୟ ଉପଦେଷ୍ଟା ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଦୀପକ କୁମାର ନାୟକ, ଅଧ୍ୟାପକ ଚିତ୍ତରଂଜନ ଦାଶ,ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି ଓ ମନୋଜ ଜେନା,ବରିଷ୍ଠନାଗରିକପରିଷଦରସମ୍ପାଦକ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା,ପରିଷଦର ଉପସଭାପତି ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁରଥଚନ୍ଦ୍ର ସେଠୀ,ଶିକ୍ଷାବିତ ନିରାକାର ଧଳ,ସମାଜସେବୀ ମାନଗୋବିନ୍ଦ ମଲିକ, ସେକ ହଲିମ, ସେକ ମକଦୁମ, ଏମଡି ଜୋନେଦ ଅହମଦ,ସୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ପ୍ରଦୀପ ମହାପାତ୍ର ବିଶ୍ୱ ଚା ଦିବସରେ ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ପରିଷଦର କାର୍ଯ୍ୟକର୍ତ୍ତା ସାମ୍ବାଦିକ ସନ୍ତୋଷ ମହାପାତ୍ର, ସଞ୍ଜୀବ ମହାନ୍ତି, ସେକ ହମିଦ, ବିଶ୍ୱଜିତ ପଲାଇ, ଶିଶିର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବିପଦପୂର୍ଣ୍ଣ ଝାଡ଼ପଟା ପ୍ରାଥମିକ ବିଦ୍ୟାଳୟ

ଦୋଳସାହି, ୨୧।୯(ସମିସ): ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତର ଝାଡ଼ପଟା ପ୍ରାଥମିକ ବିଦ୍ୟାଳୟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଝାଡ଼ପଟା ଗାଁରେ ଥିବା ଏହି ପ୍ରାଥମିକ ବିଦ୍ୟାଳୟଗ୍ରାମବାସୀଙ୍କ ଦ୍ୱାରା ୧୯୫୯ରେ ନିର୍ମାଣ ହୋଇଥିବା ବେଳେ ଅଦ୍ୟାବଧି ଏହି ବିଦ୍ୟାଳୟକୁ ସରକାରଙ୍କ ତରଫରୁ ବିଦ୍ୟାଳୟ ଗୃହ ପ୍ରଦାନ କରାଯାଇନାହିଁ। ଫଳରେ ଦୀର୍ଘବର୍ଷ ତଳେ ନିର୍ମିତ ହୋଇଥିବା ଗୃହ ଦୁର୍ବଳ ହେବା ସହ ବିପଦପୂର୍ଣ୍ଣ ଜଣାଯାଇଛି। ଏହି ବିଦ୍ୟାଳୟ ଛାତର ବିଭିନ୍ନ ସ୍ଥାନରେ ଫାଟି ଅତଡ଼ା ଖସୁଥିବା ନେଇ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଭାବେ ପାଠ ପଢୁଥିବା ଦେଖି ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ବିଦ୍ୟାଳୟର ମରାମତି ପାଇଁ ସରକାରଙ୍କ ତରଫରୁ ୧ ବର୍ଷ ପୂର୍ବରୁ ୪ଲକ୍ଷ ଟଙ୍କା ପ୍ରଦାନ ହୋଇଥିବା ବେଳେ ଏହି କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତର ଅନେକ ବିଦ୍ୟାଳୟରେ ସରକାରଙ୍କ ତରଫରୁ ପ୍ରଦାନ ହୋଇଥିବା ଅନୁଦାନ ଅର୍ଥ ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ହୋଇଛି।



# ଆଜି ୮୩ତମ ସହିଦ ସ୍ମୃତି ଦିବସ

**ସ୍ମୃତି ସାଉଁଟୁଛି ସହିଦନଗର**

ଅସୁରାଳି, ୨୧।୯(ସମିସ)

ଇଂରେଜ ଶାସନରୁ ମୁକ୍ତି ପାଇଁ ଭାରତବର୍ଷରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନର ଇତିହାସ ଆଜି ବି ଜୀବନ୍ତ। ଦେଶ ମାତୃକାର ମୁକ୍ତି ପାଇଁ ଅନେକ ସଂଘର୍ଷ ଓ ସଂଘାତ ଦେଖିବାକୁ ମିଳିଥିଲା ବେଳେ ଏଥିମଧ୍ୟରୁ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଲୁଣିଆଠାରେ ଆଜକୁ ୮୩ବର୍ଷ ତଳେ ଘଟିଥିବା ଗୁଳିକାଣ୍ଡର ସ୍ମୃତି ଏବେବି ତାଜା ହୋଇ ରହିଛି। ଘଟଣା ବହୁଳ ସ୍ୱାଧୀନତା ସଂଗ୍ରାମରେ ସଂଗଠିତ ଲୋମ ଟାଙ୍କୁରା ଲୁଣିଆ ଗୁଳିକାଣ୍ଡର ପୃଷ୍ଠଭୂମି ଥିଲା ହୃଦୟସ୍ପର୍ଶୀ। ୧୯୪୨ରେ ଗାନ୍ଧିଜୀଙ୍କ ଆହ୍ୱାନରେ ସବୁଠି ଭାରତ ଛାଡ଼ ଆନ୍ଦୋଳନର ସ୍ୱର ସ୍ୱର ଶୁଭୁଥାଏ। ଉତ୍କଳ କେଶରୀ ଡ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଭଦ୍ରକ ଅଞ୍ଚଳରେ ବ୍ରିଟିଶ ବିରୋଧୀ ଅସନ୍ତୋଷ କୁହୁଳିଥିବା ବେଳେ ଧୂଷୁରୀ ଅଞ୍ଚଳ ସ୍ୱାଧୀନ ଘୋଷଣା ହୋଇସାରିଥିଲା। ସ୍ୱାଧୀନ ହେବାର ସ୍ୱପ୍ନରେ ବିଭୋର ଜନତା ସବୁଠି ଏକଜୁଟ ହୋଇଥାନ୍ତି। ଧାମନଗର ଥାନା ଅଧୀନ କଟସାହି, ଖପରପଦା, ଲୁଣିଆ, ଶ୍ରୀଗଙ୍ଗା ପାଟଣା ଆଦି ଅଞ୍ଚଳରେ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ନେତୃତ୍ୱରେ ବୈଠକ ହୋଇ ଆନ୍ଦୋଳନକୁ ତୀବ୍ର ରୂପ ଦିଆଯାଇଥାଏ।ଏ ଖବର ପୁଲିସ ପାଇ ସରିଥାଏ। ଇଂରେଜ ବିରୋଧୀ ଆନ୍ଦୋଳନର ନେତା ମୁରଲୀଙ୍କୁ ଗିରଫ କରିବା ପାଇଁ ଯୋଜନା କରିଥିବା ଧାମନଗର ଥାନାର ତତ୍କାଳୀନ ଅଧିକାରୀ ବଳରାମ ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଆସୁଥିବା ଖବର ପ୍ରଚାର ହୋଇ ଯାଇଥିଲା। ସର୍ଦ୍ଦାରଙ୍କ ଗିରଫଦାରୀ ବିରୋଧରେ ଅଳ୍ପ ସମୟ ମଧ୍ୟରେ ହଜାର ହଜାର ମୁକ୍ତିକାମୀ ଜନତା ଚାନ୍ଦିଆପଶି ପଡିଆରେ ଏକ ହେଲେ ସେଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ମାସର ୨୨ତାରିଖ ଅଶୁଭ ମଙ୍ଗଳବାର ଇନିସପେକ୍ଟର ବଳରାମ ବେହେରାଙ୍କ ସମେତ ପୁଲିସ ସଦଳବଳ ଚାନ୍ଦିଆପଶି (ଅଧୁନା ସହିଦନଗର)ରେ ପହଞ୍ଚି ସାରିଥିଲା। ସର୍ଦ୍ଦାର ମୁରଲୀଙ୍କ ଗିରଫଦାରୀ ବିରୋଧରେ ପ୍ରତିବାଦ ପାଇଁ ଏକଜୁଟ ବିପୁଳ ଲୋକେ ବ୍ରିଟିସ ବିରୋଧୀସ୍ଲୋଗାନ ସହ ପୁଲିସଠାରୁ ସେମାନଙ୍କ ବନ୍ଧୁକ ଛଡାଇ ନେଇଥିଲେ ପୁଲିସ ନେହୁରା ହୋଇ ବନ୍ଧୁକ ଫେରି ପାଇବା ପରେ କେଇ ହାତ ଆଗକୁ ଯାଇ ହଟାତ ଆକ୍ରମଣ କରିଥିଲେ। ପୁଲିସ ଗୁଳିରେ ଚାହୁଁ ଚାହୁଁ ସେହିଠାରେ ଟଳି ପଡ଼ିଥିଲେ ୯ଜଣ ସ୍ୱାଧୀନକାମୀ ସଂଗ୍ରାମୀ। ସର୍ଦ୍ଦାର ମୁରଲୀ ପଣ୍ଡାଙ୍କୁ ଗିରଫ କରାଗଲା ରାଜୁଆଳିର ନିଧି ମହାଳିକ(୫୫), କୃଷ୍ଣ ମହାଳିକ(୨୮), ଶ୍ୟାମ ମହାଳିକ(୩୫), ଲୁଣିଆର ଅଗଣି ସାହୁ(୫୨), କଟସାହିର ଗୋପୀନାଥ ଯେନା(୨୫), କାଶିପୁରର ନବ କିଶୋର ନାୟକ(୩୨), ଶୁଶୁଆର ଗୌରୀ (୮୦), ପଥରଡ଼ହର ଚିନ୍ତାମଣି ଦାସ(୫୫) ଏବଂ ଖପରପଦାର ଶଙ୍କର ବେହେରା(୫୦)ଙ୍କ ରକ୍ତରେ ଲେଖା ହେଲା ସ୍ୱାଧୀନତା ଆନ୍ଦୋଳନର ଇତିହାସ ଇତିମଧ୍ୟରେ ଅନେକ ଦିନ ଅତିକ୍ରାନ୍ତ ହୋଇଛି। ୯ଜଣ ବୀରଙ୍କ ଆତ୍ମବଳିଦାନର ମୂକସାକ୍ଷୀ ହୋଇ ରହିଛି ସେଦିନର ଲୁଣିଆ ଭାରତୀୟ ମୁକ୍ତି ସଂଗ୍ରାମରେ ରକ୍ତର ସ୍ୱାକ୍ଷର ଛାଡିଥିବା ଲୁଣିଆ(ସହିଦ ନଗର)କୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିଛନ୍ତି; କିନ୍ତୁ ବିକାଶ କଥାଲୁ ଭୁଲି ଯାଇଛନ୍ତି। ଚଳିତ ମାସ ୧ ତାରିଖରେ ମଙ୍ଗଳପୁରଠାରୁ ବିଲଣା ଯାଏଁ ଶିଳାନ୍ୟାସ କରାଯାଇଥିଲା କିନ୍ତୁ ଏଯାବତ କୌଣସି ପ୍ରକାର ର ରାସ୍ତା ନିର୍ମାଣ ପାଇଁ ତତ୍ପରତା ଦେଖା ଯାଇ ନାହିଁ। ନା ପଡ଼ିଲା ଚିପ୍ସ ଡଷ୍ଟ ନା ପଡ଼ିଛି ମେଟାଲ୍। କେବଳ ଶିଳାନ୍ୟାସରେ ସୀମିତହୋଇ ରହିଗଲା ମଙ୍ଗଳପୁର-ବିଲଣା ରାସ୍ତା। ପୁଣି ସହିଦ୍ ଦିବସ ଆସିଲେ ସରକାରଙ୍କର ମନେପଡେ ଏହି ସହିଦ୍ ପରିବାରଙ୍କ କଥା; ଗୋଟିଏ ଗାମୁଛା ଓ ଫୁଲତୋଡ଼ାରେ ସୀମିତ ହୋଇ ଯାଇଛି ତାଙ୍କର କର୍ତ୍ତବ୍ୟ। ଆଜି ୮୩ତମ ସହିଦ ଦିବସ ପାଳନ କରାଯାଉଛି; କିନ୍ତୁ ସହିଦ୍ ପରିବାରର ଦୁଃଖ କୁ ଆଡେଇ ଦେଉଛି ଲୋକଙ୍କ ସରକାର ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



**ଭୂମିହୀନ ଦର୍ଶାଇ ସରକାରୀ ଜମି ହଡ଼ପ ପ୍ରସଙ୍ଗ**

## ଜିଲ୍ଲାପାଳଙ୍କ ଚିଠିକୁ ୪ ମାସ ପୂରିବ, ଉତ୍ତର ରଖୁନାହାନ୍ତି ତହସିଲଦାର

ବନ୍ତ/ଆଗରପଡ଼ା,୨୧।୯(ସମିସ): ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜାଗା ଥିବାବେଳେ ସେ ନିଜକୁ ଭୂମିହୀନ ଦର୍ଶାଇ ସରକାରୀ ଜମିକୁ ବେନିୟମ ଭାବେ ହଡ଼ପ କରିଥିବା ନେଇ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଜଣେ ସୂଚନା ଅଧିକାର କର୍ମୀ ଅଭିଯୋଗ ଆଣିଥିଲେ। ଅଭିଯୋଗ ପାଇବା ପରେ ଅଭିଯୋଗ ଉପରେ ଉତ୍ତର ରଖିବାକୁ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କ ପକ୍ଷରୁ ବନ୍ତ, ତହସିଲଦାରଙ୍କୁ ଜବାବ ମଗାଯାଇଥିଲା। ପରେ ବନ୍ତ ତହସିଲଦାର ପୂର୍ବରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କୁ ପ୍ରେରଣ କରିଥିଲେ। ଉପଜିଲ୍ଲାପାଳ ତହସିଲଦାରଙ୍କ ଉତ୍ତର ଉପରେ ପ୍ରଶ୍ନ ଉଠାଇବା ସହ ଗତ ଏପ୍ରିଲ ମାସ ୨୧ ତାରିଖ ପତ୍ରସଂଖ୍ୟା ୩୭୮୪ରେ ଏହାର ପୁନଃ ତର୍ଜମା କରି ସଠିକ୍ ଉତ୍ତର ରଖିବାକୁ ଅନୁରୋଧ କରିଥିଲେ; କିନ୍ତୁ ପତ୍ର ପଠାଇବାର ୨୨ଦିନ ପରେ ମଧ୍ୟ ତହସିଲଦାର,ବନ୍ତ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କ ପତ୍ରର କୌଣସି ଉତ୍ତର ନରଖିବାରୁ ପୁନଶ୍ଚ ଉପଜିଲ୍ଲାପାଳଙ୍କ ପକ୍ଷରୁ ଗତ ମେ ମାସ ୧୩ ତାରିଖରେ କାର୍ଯ୍ୟାଳୟ ପତ୍ରସଂଖ୍ୟା ୪୫୬୫ରେ ତହସିଲଦାର, ବନ୍ତଙ୍କୁ ଏକ ସ୍ମାରକପତ୍ର ପଠାଯିବା ସହ ଅଭିଯୋଗ ଉପରେ ନିଜର ମତାମତ ରଖିବା ସହ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ପତ୍ର ପଠାଇବାର ୨୪ଦିନ ପରେ ମଧ୍ୟ ତହସିଲଦାର,ବନ୍ତ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କ ପତ୍ରର କୌଣସି ଉତ୍ତର ନରଖିବାରୁ ଗତ ଜୁନ ମାସ ୫ ତାରିଖରେ କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୨୦୪ରେ ସ୍ମାରକ ପତ୍ର-୨ ସ୍ୱରୂପ ଚିଠିରେ ପୁଣି ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିବା ଜଣାପଡ଼ିଥିଲା। କିନ୍ତୁ ଚିଠିକୁ ୪ମାସ ପୂରିବାକୁ ବସିଥିବା ବେଳେ ତହସିଲଦାର, ବନ୍ତ ଚିଠିର କୌଣସି ଉତ୍ତର ରଖିପାରୁ ନଥିବାରୁ ଏହା ତାଙ୍କର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ପ୍ରକାଶ ଥାଉକି, ୨୦୨୧ ଅପ୍ରେଲ ୩ ତାରିଖରେ ବନ୍ତ ତହସିଲଦାର ଇନ୍ଦିରା ସାହୁଙ୍କ ନିକଟରେ ଗୋପିନାଥପୁର ପଂଚାୟତ ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ଜୟକୃଷ୍ଣ ଦାଶଙ୍କ ପୁତ୍ର ଗୋପିନାଥ ଦାଶ ଯିଏକି ୨୦୦୮ ମସିହାରୁ ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନ ଆପ୍ତିରା ୟୁଜିଏମଇ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ୨୦୦୫ ମସିହାରେ ଚାକିରି କରି ନଥିବା ବେଳେ ସେ ନିଜକୁ ଭୂମିହୀନ ଦର୍ଶାଇ ସରକାରଙ୍କ ତରଫରୁ ୪ଡ଼ିସିମିଲ ଜାଗା ଚତୁରତାର ସହିତ ନିଜ ନାମରେ ହାତେଇଛନ୍ତି କିନ୍ତୁ ତାଙ୍କ ପୂର୍ବପୁରୁଷଙ୍କ ନାମରେ ୯.୫ଡ଼ିସିମିଲ ଘରବାଡ଼ି ଓ ୭୭ ଡ଼ିସିମିଲ ଚାଷ ଜମି ଥିବା ସ୍ଥଳେ ଶ୍ରୀ ଦାଶ କିପରି ଭୂମିହୀନ ହୋଇ ସରକାରୀ ଜମିକୁ ହାତେଇଲେ ସେନେଇ ସୂଚନା ଅଧିକାର କର୍ମୀ ବିକାଶ ଧଳ ଅଭିଯୋଗ ଆଣିଥିଲେ। ପରବର୍ତ୍ତୀ ସମୟରେ ତତ୍କାଳୀନ ତହସିଲଦାର ଆଗରପଡା ରାଜସ୍ୱ ନିରୀକ୍ଷକଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଉକ୍ତ ତଦନ୍ତ ରିପୋର୍ଟ ସରକାରୀ ନିୟମକୁ ଉଲଂଘନ କରୁଥିବା ଜଣାପଡ଼ିଥିଲା। ଏହା ଜାଣି ସୁଦ୍ଧା ତତ୍କାଳୀନ ତହସିଲଦାର ଇନ୍ଦିରା ସାହୁ ଏହାର ଠିକ ତର୍ଜମା ନକରି ଏକ ପାଖିଆ ତର୍ଜମା କରିଥିବାରୁ ଏହା ଉପରେ ବିଚାର କରିବାକୁ ଜିଲ୍ଲାପାଳଙ୍କଠାରେ ୨୦୨୧ ନଭେମ୍ବର ୮ତାରିଖରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଏହାର ତଦନ୍ତ ଭାର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଏହାର ତଦନ୍ତ ଦାୟିତ୍ୱ ଯାହା ନାମରେ ତଦନ୍ତକୁ ନେଇ ଅଭିଯୋଗ ହୋଇଛି ତାଙ୍କୁ(ଇନ୍ଦିରା ସାହୁ)ଙ୍କୁ ପ୍ରଦାନ କରିଥିଲେ। ତେଣୁ ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ମିଳି ପାରି ନଥିଲା। ତେଣୁ ତତ୍କାଳୀନ ତହସିଲଦାରଙ୍କ ତଦନ୍ତ ଉପରେ ପ୍ରଶ୍ନ ଉଠାଇ ସୂଚନା ଅଧିକାର କର୍ମୀ ଶ୍ରୀ ଧଳ ଏହାର ପୁନଃବିଚାର କରିବା ସହିତ ଉପଜିଲ୍ଲାପାଳ(ଭଦ୍ରକ), ତହସିଲଦାର(ବନ୍ତ), ରାଜସ୍ୱ ନିରୀକ୍ଷକ(ଆଗରପଡ଼ା) ଏବଂ ଶିକ୍ଷକ ଗୋପିନାଥ ଦାଶଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାନେଇ ଉଚିତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ଉପଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କୁ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଇଥିବା ଜଣାପଡ଼ିଥିଲା।

## ଚାନ୍ଦବାଲି ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଭଦ୍ରକ,୨୧।୯(ସମିସ): ଉଚ୍ଚବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ସେମିନାର ଚାନ୍ଦବାଲି ବ୍ଲକରେ ଅନୁଷ୍ଠିତ ହୋଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି ବ୍ଲକସ୍ତରୀୟ ବିଜ୍ଞାନ ସେମିନାରକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନିତା ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସେମିନାରରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ, ସମ୍ମାନିତ ଅତିଥି ଅଶୋକ ପଣ୍ଡା ପ୍ରମୁଖ ଯୋଗ ଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କିପରି ବିଶ୍ୱ ବ୍ରହ୍ମାଣ୍ଡର ଶିଖରରେ ପହଞ୍ଚିପାରୁଛି ଏବଂ କୃତ୍ରିମ ବୁଦ୍ଧିମତାକୁ ଭିତ୍ତି କରି କ୍ୱାଣ୍ଟମ୍ ଯୁଗରେ ପ୍ରବେଶ କରିବାକୁ ଯାଉଛି ସେନେଇ ଆଲୋଚନା କରିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦୀ ଅତିଥି ପରିଚୟ ଏବଂ ସୁବାସ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଚାନ୍ଦବାଲି ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ, ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଜ୍ଞାନ ଶିକ୍ଷକ ଦିବ୍ୟଜ୍ୟୋତି ବାରିକ ଧନ୍ୟବାଦ ଦେଇଥିଲେ।




## ପେଟଯନ୍ତ୍ରଣା ସହି ନପାରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଭଦ୍ରକ, ୨୧।୯(ସମିସ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତର ମଦନ ବାରିକଙ୍କ ପୁଅ ଦିଲୀପ/ବାପି ବାରିକ (୩୪) ନିଜ ଘରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବାରୁ ତାଙ୍କ ଦେହର ୬୦ ଭାଗ ପୋଡ଼ି ଯାଇଛି। ରବିବାର ସକାଳ ୮ଟାରେ ଏହି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଥାଉ କି, ବାପି ଜଣେ ଦକ୍ଷ ବୁଲେଟ୍ ମେକାନିକ ଭାବେ ଭଦ୍ରକ ବୁଲେଟ୍ ଶୋ ରୁମ୍ ଓ ପରେ ଚାନ୍ଦବାଲିରେ କାମ କରୁଥିଲେ। କିଛି ଦିନ ହେବ ସେ ପେଟ ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ଭୋଗୁଥିଲେ। ସକାଳେ ଏହି କାରଣରୁ ନିଜର ମାନସିକ ଭାରସାମ୍ୟ ହରାଇ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିଲେ। ଏହା ଜାଣିବା ପରେ ତାଙ୍କ ମାଆ ଚଞ୍ଚଳା ଓ କିଛି ପଡୋଶୀ ତାଙ୍କୁ ତୁରନ୍ତ ଘର ନିକଟ ପୋଖରୀକୁ ନେଇ ବୁଡାଇଥିଲେ। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ ଯୋଗେ ଭଦ୍ରକ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି।

## ନବଗ୍ରହ ମନ୍ଦିରରେ ନବରାତ୍ରୀ ପୂଜା

ଅସୁରାଳି, ୨୧।୯(ସମିସ): ଜ୍ୟୋତିଷ ଅନୁସାରେ ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି, ରାହୁ ଏବଂ କେତୁ ଏହି ନଅ ଗ୍ରହଙ୍କୁ ନବଗ୍ରହ ଭାବେ ବିବେଚିତ କରାଯାଇଥାଏ। ଏହି ନବଗ୍ରହର ମହତ୍ତ୍ୱ ବହୁ ବ୍ୟକ୍ତି ବିଶେଷଙ୍କ ଜୀବନରେ ବହୁ ଅଧିକ। ଏହାର ଚଳନ ଲୋକମାନଙ୍କ ଜୀବନକୁ ପ୍ରଭାବିତ କରିଥାଏ। ଏଣୁ ନବଗ୍ରହ ପୂଜାର ମହତ୍ୱ ବହୁ ଅଧିକ। ଶାରଦୀୟ ଦୁର୍ଗା ପୂଜା ଅବସରରେ ପାଳ ସାହି ପଞ୍ଚାୟତ ଅଧୀନ ବେତାଳୀ ଗାଁସ୍ଥିତ ନବଗ୍ରହ ମନ୍ଦିରରେ ପଣ୍ଡିତ ପଞ୍ଚାନନ ମିଶ୍ରଙ୍କ ତତ୍ତ୍ୱାବଧାନରେ ନବରାତ୍ରୀ ପୂଜା ଅନୁଷ୍ଠିତ ହୋଇଛି। ଉକ୍ତ ପୂଜାଟି ୨୧ ବର୍ଷ ଧରି ହୋଇଆସୁଛି। ବିଶ୍ୱ ଶାନ୍ତି ନିମିତ୍ତ ତଥା ଦୈବ ଶକ୍ତି ସଜାଗ ପାଇଁ ୨୧ ସେପ୍ଟେମ୍ବରରୁ ୨ ଅକ୍ଟୋବର ଯାଏଁ ୯ ଦିନ ଧରି ପୂଜା ଚାଲୁ ରହିବ। ଏହି ପରିପ୍ରେକ୍ଷୀରେ ପଣ୍ଡିତ ଗିରିଶ ପାଢି, ଦିପ୍ତିକାନ୍ତ ଉପାଧ୍ୟାୟ, ମନୋଜ ମିଶ୍ର ଦୁର୍ଗା ଶପ୍ତସତୀ ଚଣ୍ଡୀ ପାଠ କରିବା ସହ ସମସ୍ତ ନୀତି କାନ୍ତି ଅନୁଯାୟୀ ପୂଜା କାର୍ଯ୍ୟ ସମାପନ କରିଥିଲେ।



# ବ୍ୟବସ୍ଥାରେ ତ୍ରୁଟି; ନଷ୍ଟ କରାଯାଉଛି ଦୋବଲ ହାଟକୁ

ଦୋବଲ, ୨୧।୯(ସମିସ)

ବ୍ୟବସ୍ଥାଗତ ଭାବେ ଧାମନଗର ବ୍ଲକ ମୁସ୍ତଫାପୁରରେ ଥିବା ଦୋବଲ ହାଟକୁ ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତସମିତି ଅଧିକାରୀ ଓ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅପରିଣାମଦର୍ଶୀ ପଦକ୍ଷେପରୁ ଏଭଳି ଅବସ୍ଥା ଉପୁଜିଛି। ମୁସ୍ତଫାପୁର ପଞ୍ଚାୟତ ଅଧୀନରେ ଥିବା ହାଟ ଏଥର ନିଲାମ ହୋଇପାରି ନାହିଁ। ଚଳିତ ବର୍ଷ ହାଟ ନିଲାମର ବେସ୍ ପ୍ରାଇସ୍ ୧ ଲକ୍ଷ ୭୬ ହଜାର ରଖାଯାଇଥିଲା। ନିୟମ ଅନୁସାରେ ନିଲାମ ଧରିବାକୁ ହେଲେ ବେସ୍ ପ୍ରାଇସର ୧୦ ଭାଗରୁ ଭାଗେ ଟଙ୍କା ଅମାନତ ଆକାରରେ ଜମା ରଖିବାକୁ ହେବ; ଯିଏ ନିଲାମ ଜିଣିବେ ତାଙ୍କ ଅମାନତ ଟଙ୍କା ରଖାଯିବ। ବାକି ସମସ୍ତଙ୍କର ଫେରାଯିବ। ପ୍ରଥମତଃ ବେସ୍ ପ୍ରାଇସ୍ ଖୁବ୍ ଅଧିକ ରହିଛି। ପୁଣି ନିଲାମ ଡାକ ହେଲେ ତାହା ବଢ଼ିବାର ସମ୍ଭାବନା ରହିଛି। ଏବେ ସମସ୍ୟା ହେଉଛି ଯିଏ ନିଲାମ ଧରିବ, ତାହାର ସେହି ପରିମାଣର ଟଙ୍କା ଉଠିବ କି ନାହିଁ ସେନେଇ ଆଶଙ୍କା ରହିଛି। ସୋମବାର ଓ ଗୁରୁବାର ହିସାବରେ ସପ୍ତାହକୁ ଦୁଇ ଦିନ ହାଟ ବସୁଛି। ପୁଣି ଅପରାହ୍ଣ ହାଟ। ଦୋବଲ ହାଟଠାରୁ ୫ କିଲୋମିଟର ଦୂର ଆନନ୍ଦପୁରରେ ସୋମବାର ଓ ଶୁକ୍ରବାର ସକାଳ ଓଲି ଜଗନ୍ନାଥ ହାଟ ବସିଥାଏ। ସେହିପରି ୫ କିଲୋମିଟର ଦୂର ଧାମନଗରରେ ବୁଧବାର ଓ ରବିବାର ହାଟ ବସେ। ସେପଟେ ଖଙ୍ଗରାରେ ଶନିବାର ଓ ମଙ୍ଗଳବାର ଦିନ ହାଟ ବସେ। ଧାମନଗରକୁ ଛାଡ଼ିଦେଲେ ଦୋବଲ, ଆନନ୍ଦପୁର ଓ ଖଙ୍ଗରା ହାଟକୁ ପ୍ରାୟତଃ ସମାନ ବେପାରୀ ଆସନ୍ତି। ଆଉ ୭ଟି ପଞ୍ଚାୟତର ଲୋକ ଏହି ତିନି ହାଟ ଉପରେ ନିର୍ଭର କରନ୍ତି। ଏଣୁ ଗୋଟିଏ ସ୍ଥାନର ହାଟକୁ ଗୋଟିଏ ପାଳି ଆସି ନପାରିଲେ ପରଦିନ ଯେକୌଣସି ଗୋଟିଏ ହାଟରୁ ପରିବାପତ୍ର କିଣିପାରନ୍ତି ଏହି ୭ ପଞ୍ଚାୟତ ଲୋକ। ଦୋବଲ ହାଟକୁ ପ୍ରତି ହାଟ ପାଳିରେ ୨୦-୩୦ ଜଣ ପରିବା ବେପାରୀ ଆସିଥାନ୍ତି। ଶୀତ ଦିନେ ପରିବା ଚାଷ ସମୟରେ ଏମାନଙ୍କ ସଂଖ୍ୟା ଟିକେ ଅଧିକ ହୋଇଥାଏ। ପ୍ରାୟ ୭୦ରୁ ୮୦ ଭିତରେ ବେପାରୀ ଆସନ୍ତି। ଲକ୍ଷେ ୭୬ ହଜାର ଟଙ୍କାରେ ବର୍ଷକୁ ୫୨ ସପ୍ତାହ ଅର୍ଥାତ ୧୦୪ଟି ହାଟ ପାଳି ଲିଜ୍ ନେଇଥାନ୍ତି ନିଲାମଧାରୀ। ଏଣୁ ହାଟ ପାଳିକୁ ୧୭୦୦ ଟଙ୍କା ପଡ଼ିଲା। ଯିଏ ନିଲାମ ନେବ ନିଜର ଲାଭ ନ ରଖିଲେ ସିଏ ବେପାରୀଙ୍କଠାରୁ ହାଟ ପାଳିକୁ ସେହି ୧୭୦୦ ଟଙ୍କା ଆଦାୟ କରିବ। ଅଣପରିବା ବେପାରୀ ମୋଟ୍ ୩୦ ଜଣ ବେପାରୀ ଆସୁଥିଲେ ସେମାନଙ୍କ ପାଖରୁ ପ୍ରାୟତଃ ୬୦ ଟଙ୍କା ଆଦାୟ କରିବାକୁ ପଡ଼ିବ। ଗାଁ ହାଟ ହୋଇଥିବାରୁ ଗାଁ ଚାଷୀ ଆସନ୍ତି। କେଉଁ ଚାଷୀ ୫ କିଲୋ ସାରୁ, ଆଉ କିଏ ୫ କିଲୋ ବାଇଗଣ ଆଣିଥାନ୍ତି। ଏଣୁ ସେମାନଙ୍କଠାରୁ ଯଦି ୬୦ ଟଙ୍କା ଲେଖାଏଁ ମହାସୁଲ ନିଆଯିବ, ତା ହେଲେ ସେମାନଙ୍କର ଲାଭ କଣ ରହିବ? ବେସ୍ ପ୍ରାଇସ୍ ଅଧିକ ରହୁଥିବାରୁ ଓ ଏହି ହିସାବରେ ମହାସୁଲ୍ ଆଦାୟ ସମ୍ଭାବନା କ୍ଷୀଣ ରହୁଥିବାରୁ କେହି ହାଟ ନିଲାମ ନେବାକୁ ରାଜି ହେଉନାହାନ୍ତି। ତା ଛଡ଼ା ପଞ୍ଚାୟତ ପକ୍ଷରୁ ବେପାରୀଙ୍କ ପାଇଁ ସେମିତି ବି କିଛି ସୁବିଧା କରାଯାଇ ନାହିଁ। ନା ଚାଳିଆ ଅଛି ନା ଭଲ ପିଣ୍ଡି ଅଛି। ବ୍ୟବସ୍ଥାଗତ ଭାବେ ଅବ୍ୟବସ୍ଥା ଥିବାରୁ ହାଟ ନିଲାମ ହୋଇପାରୁନାହିଁ। ପଞ୍ଚାୟତର ଆୟ କମୁଛି। ହାଟ ନଷ୍ଟ ହେଉଛି। ବେପାରୀ ମୁହଁ ଫେରାଉଛନ୍ତି। ଦିନକୁ ଦିନ ହାଟ ଦୁର୍ବଳ ହେବାରେ ଲାଗିଛି। ତେବେ ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭୁଦତ ପାତ୍ରଙ୍କୁ ପଚାରିବାରୁ କୁହନ୍ତି ଅଧିକ ରେଟ୍ ହୋଇଯାଇଥିବାରୁ କେହି ନିଲାମ ଧରୁନାହାନ୍ତି। କମାଇବା ମୋ ହାତରେ ନାହିଁ। ଏଣୁ ସବକଲେକ୍ଟରଙ୍କ ସହିତ କଥା ହୋଇ ସମାଧାନ କରିବା ପାଇଁ ଅନୁମତି ନେବାକୁ ହେବ ବୋଲି କହିଛନ୍ତି। ସେହିପରି ଏହି ହାଟର କିଛି ଅଂଶ ଜବରଦଖଲକାରୀଙ୍କ କବଜାରେ ରହିଛି। ଏଠାରେ ଜୋରଜବରଦସ୍ତ କରି କିଛି ଚାରିଚକିଆ ଗାଡି ରଖିଛନ୍ତି ବୋଲି ଅଭିଯୋଗ ହୋଇଛି।



## ନିଜସ୍ୱ ଉଦ୍ୟମରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢୁଛନ୍ତି ଶିକ୍ଷକ ପ୍ରଦୀପ

ବନ୍ତ/ଆଗରପଡ଼ା,୨୧।୯(ସମିସ): ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସରକାର ମାଗଣା ବହି, ପୋଷାକ, ମଧ୍ୟାହ୍ନଭୋଜନ ଆଦିର ସୁବନ୍ଦୋବସ୍ତ କରିଥିଲେ ସୁଦ୍ଧା ଶୈକ୍ଷିକ ବାତାବରଣରେ ଉନ୍ନତି ହୋଇପାରୁ ନଥିବାରୁ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରୁ ନଥିବା ଜଣାପଡ଼ିଛି। ଏହିପରିସ୍ଥଳେ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକଙ୍କ ଆଗ୍ରହ ମଧ୍ୟ କମିକମି ଯାଉଛି। ବିଭିନ୍ନ ସମସ୍ୟା ମଧ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗତି କରୁଥିବା ସ୍ଥଳେ ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ କାଦବରାଙ୍ଗ ଓ ନରାଜପୁର କ୍ଲଷ୍ଟର ସିଆରସିସି ପ୍ରଦୀପ ପଲାଇଙ୍କ ଭିନ୍ନ ଏକ ପ୍ରୟାସ ଅନ୍ୟ ଶିକ୍ଷକଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହ ଭୁଶୁଡ଼ି ପଡୁଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାରେ ସହାୟତା ପ୍ରଦାନ କରୁଥିବା ଜଣାପଡ଼ିଛି।

ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଏରେଣ୍ଡେଇ ଗାଁର ଗଜେନ୍ଦ୍ର ପଲାଇ ଓ ପ୍ରମିଳାଙ୍କ ୨ୟ ପୁତ୍ର ପ୍ରଦୀପ ନିଜର ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ପରେ ୨୦୧୨ ମସିହାରେ ସରକାରୀ ଶିକ୍ଷକ ଭାବେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ୨୦୧୮ ରେ ନିୟମିତ ଶିକ୍ଷକ ଭାବେ ଯୋଗ୍ୟ ହୋଇ ଶିକ୍ଷାଦାନ କରୁଥିଲେ। ପରେ ୨୦୨୩ ଅଗଷ୍ଟରୁ ସିଆରସିସି ଭାବେ କାର୍ଯ୍ୟଭାର ଗ୍ରହଣ କଲେ। ପ୍ରଥମେ ତାଙ୍କୁ ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ନରାଜପୁର କ୍ଲଷ୍ଟର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପରେ ପରେ କାଦବରାଙ୍ଗ କ୍ଲଷ୍ଟରର ଅତିରିକ୍ତ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଥିଲା। ଏବେ ଶ୍ରୀ ପଲାଇ କାଦବରାଙ୍ଗ ଓ ନରାଜପୁର କ୍ଲଷ୍ଟରର ଦାୟିତ୍ୱ ନିର୍ବାହ କରୁଛନ୍ତି।

ସୂଚନା ଅନୁଯାୟୀ, ନରାଜପୁର କ୍ଲଷ୍ଟର ଅଧୀନରେ ୮ଟି ବିଦ୍ୟାଳୟ ଓ କାଦବରାଙ୍ଗ କ୍ଲଷ୍ଟର ଅଧୀନରେ ଥିବା୧୦ଟି ବିଦ୍ୟାଳୟ ସମୁଦାୟ ୧୮ଟି ବିଦ୍ୟାଳୟର ସିଆରସିସି ଦାୟିତ୍ୱ ନିର୍ବାହ କରୁଛନ୍ତି ଶ୍ରୀ ପଲାଇ। ସିଆରସିସି ଦାୟିତ୍ୱ ସୁଚାରୁରୂପେ ପ୍ରତିପାଦନ କରୁଥିବା ପଲାଇଙ୍କ ଭିନ୍ନ ଏକ ପ୍ରୟାସ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଶ୍ରୀ ପଲାଇ ବର୍ତ୍ତମାନ ନିଜ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ପାଖାପାଖି ୭୨ଜଣ ଛାତ୍ରଛାତ୍ରୀଙ୍କୁ (୩ୟ ଓ ୫ମ ଶ୍ରେଣୀ) ବୃତ୍ତି ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବାକୁ ନେଇ ମାଗଣାରେ ନିଜ ବାସସ୍ଥାନରେ ରବିବାର ଓ ଅନ୍ୟ ସରକାରୀ ଛୁଟି ଦିବସରେ ଶିକ୍ଷା ଦାନ କରୁଛନ୍ତି। ଶ୍ରୀ ପଲାଇଙ୍କ କହିବା ଅନୁଯାୟୀ, ପ୍ରତି ବିଦ୍ୟାଳୟର ୩ୟ ଓ ୫ମ ଶ୍ରେଣୀରୁ ଶ୍ରେଷ୍ଠ ୨ଜଣ ବୃତ୍ତି ପରୀକ୍ଷା ଦେବା ପାଇଁ ଯୋଗ୍ୟତା ହାସଲ କରିଥାନ୍ତି। ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିବା ପାଇଁ ବିଭିନ୍ନ ପ୍ରକାର ପାଠ୍ୟ ପୁସ୍ତକର ଆବଶ୍ୟକତା ରହିଛି। ଏହିପରିସ୍ଥଳେ ସରକାରୀ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିବା ବହୁ ଛାତ୍ରଛାତ୍ରୀଙ୍କ ପରିବାର ବର୍ଗଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ସେମାନେ ଉନ୍ନତ ମାନର ଶିକ୍ଷାଲାଭରୁ ବଞ୍ଚିତ ହୋଇଥାନ୍ତି। ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ପ୍ରୟାସ କରୁଥିଲେ ମଧ୍ୟ ଅର୍ଥ ପ୍ରତିବନ୍ଧକ ସାଜିଥାଏ। ତେଣୁ ମୁଁ ସ୍ୱଇଚ୍ଛାରେ ମୋ କ୍ଲଷ୍ଟରର ପିଲାଙ୍କୁ ସେମାନଙ୍କ ଉଚ୍ଚ ଭବିଷ୍ୟତ ପାଇଁ ଛୋଟ ଏକ ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି। ଶ୍ରୀ ପଲାଇ ବୃତ୍ତି ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଦେବା ପାଇଁ ଫର୍ମ ଫିଲଅପ୍ କରିବା ପରଠାରୁ ଆଜି ପର୍ଯ୍ୟନ୍ତ ପାଖାପାଖି ୨ମାସ ହେବ ଶିକ୍ଷାଦାନ କରିଆସୁଛନ୍ତି। ବିଦ୍ୟାଳୟରେ ସରକାରଙ୍କ ଧାର୍ଯ୍ୟ ନିୟମ ଭିତରେ ବୃତ୍ତି ପାଇଁ ଯୋଗ୍ୟ ହାସଲ କରିଥିବା ପିଲାଙ୍କୁ ଶିକ୍ଷା ପ୍ରଦାନ କରିବା ସମ୍ଭବ ପର ହେଉ ନଥିବାରୁ ସେ ନିଜ ଗୃହରେ ରବିବାର ଓ ଅନ୍ୟ ଛୁଟି ଦିବସରେ ଶିକ୍ଷାଦାନ କରୁଥିବା ଜଣାପଡିଛି। ବୃତ୍ତି ପରୀକ୍ଷା ନିମନ୍ତେ ଆବଶ୍ୟକ ପାଠ୍ୟପୁସ୍ତକର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରିବା ସହ ପିଲାଙ୍କୁ ଉଚ୍ଚାକାଂକ୍ଷା କରିବାର ପ୍ରୟାସ ତାଙ୍କୁ ଭିନ୍ନ ଏକ ମଣିଷ କରି ଗଢି ତୋଳିଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପ୍ରହସନରେ ପରିଣତ ହେବାରେ ଲାଗିଥିବା ବେଳେ ସରକାରଙ୍କ ଯୋଜନା ଓ ଶ୍ରୀ ପଲାଇଙ୍କ ପ୍ରୟାସ ସରକାରୀ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାରେ ସହାୟତା ପ୍ରଦାନ କରିବ ବୋଲି ଶିକ୍ଷାବିତ୍‌ମାନେ ମତ ପୋଷଣ କରିଥିବା ବେଳେ ଶ୍ରୀ ପଲାଇ ତାଙ୍କ କ୍ଲଷ୍ଟର ପିଲାମାନେ ବୃତ୍ତି ପରୀକ୍ଷାରେ ନିଜର ଶତପ୍ରତିଶତ ପ୍ରଦାନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**● ହତ୍ୟା ଅଭିଯୋଗ ଆଣିଲେ ପରିବାର**



ଢେଙ୍କାନାଳ/ପରଜଙ୍ଗ,୨୧।୯(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବାରିହାପୁର ଗ୍ରାମରେ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଗାଁର ଶ୍ରୀକାନ୍ତ ବାରିକଙ୍କ ସ୍ତ୍ରୀ ଅନିତା ବାରିକ। ତେବେ ଯୌତୁକ ପାଇଁ ଅନିତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବାକୁ ମୃତଦେହ ଝୁଲାଇ ଦିଆଯାଇଥିବା ତାଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଅନିତା ୮ ମାସ ତଳେ ଶ୍ରୀକାନ୍ତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଯୌତୁକ ପାଇଁ ତାଙ୍କୁ ସ୍ୱାମୀ ଏବଂ ଶାଶୂଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ସ୍ୱାମୀ ଶ୍ରୀକାନ୍ତ ଏବଂ ତାଙ୍କ ପରିବାର ଲୋକେ ମିଶି ଅନିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଶ୍ରୀକାନ୍ତଙ୍କୁ ଅଟକ ରଖି ପୁଲିସ ତଦନ୍ତ ଆରମ୍ଭ କରିଛି।

## ଅହମଦିୟା ମହିଳା ସଂଗଠନ ପକ୍ଷରୁ ଶିଶୁ ଓ ବରିଷ୍ଠ ନାଗରିକଙ୍କ ସେବା



ଢେଙ୍କାନାଳ,୨୧।୯(ସମିସ): ଆନ୍ତର୍ଜାତିକ ଶାନ୍ତି ଦିବସ ଅବସରରେ ଅହମଦିୟା ମୁସଲିମ ମହିଳା ସଂଗଠନ ଲଜନା ଇମାଇଲ୍ଲାହ କରଡ଼ାପଲ୍ଲୀ, ତିଗିରିଆ ପକ୍ଷରୁ ସମାଜସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଭାନେତ୍ରୀ ନରଗିସ ବାନୋଙ୍କ ନେତୃତ୍ୱରେ ସଭ୍ୟାମାନେ ଗୋବିନ୍ଦପୁର ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ସଞ୍ଚାଳିତ ଶିଶୁଯତ୍ନ ଅନୁଷ୍ଠାନ ଏବଂ ବରିଷ୍ଠ ନାଗରିକ ଗୃହରେ ୩୦୦ ପ୍ୟାକେଟ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅହମଦିୟା ମୁସଲିମ ସମ୍ପ୍ରଦାୟ ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ମୌଲବୀ ଶେଖ ଇସହାକ, ତିଗିରିଆ ଯୁବ ସଂଗଠନ ଅଧ୍ୟକ୍ଷ ସରାଫତ ଅଲ୍ଲୀ, ମହମ୍ମଦ ସଫାକତ ପ୍ରମୁଖ ଯୋଗଦେଇଥିଲେ। ଲଜନା ସଂଗଠନର ସଭାନେତ୍ରୀ ନରଗିସ ବାନୋ କହିଥିଲେ, ଦୀନଦରିଦ୍ର ଓ ଅସହାୟଙ୍କୁ ସେବା କରିବା ହିଁ ପରମ ପୁଣ୍ୟ। ପ୍ରତ୍ୟେକ ଦାନରେ ଆମେ ଆଲ୍ଲାହଙ୍କ ସନ୍ତୋଷ ଓ ମାନବତାର କଲ୍ୟାଣକୁ ଲକ୍ଷ୍ୟ କରୁଛୁ। ସୂଚନାଯୋଗ୍ୟ, ଅହମଦିୟା ମୁସଲିମ ସମ୍ପ୍ରଦାୟ ସମଗ୍ର ବିଶ୍ୱର ୨୦୦ରୁ ଅଧିକ ଦେଶରେ 'ପ୍ରେମ ସଭିଙ୍କ ପାଇଁ, ଘୃଣା କାହା ପ୍ରତି ନାହିଁ' ଆଦର୍ଶକୁ ପାଥେୟ କରି ନିରନ୍ତର କାର୍ଯ୍ୟ କରୁଛି।

## ଅଭିନୟ ଟାଲେଣ୍ଟ ସୋ'



ଢେଙ୍କାନାଳ,୨୧।୯(ସମିସ): ସ୍ଥାନୀୟ ଜିଲ୍ଲା ଲେଖକ ସଂସଦ ଭବନରେ ଢେଙ୍କାନାଳର ଅଭିନୟ ଫାଉଣ୍ଡେସନ ନୃତ୍ୟ ଅନୁଷ୍ଠାନ ତରଫରୁ ଅଭିନୟ ଟାଲେଣ୍ଟ ସୋ' ଅନୁଷ୍ଠିତ ହୋଇଛି। ଏଥିରେ ବରିଷ୍ଠ ନାଟ୍ୟକାର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ସମାଜସେବୀ ତଥା ପରିଷଦର କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ତର୍କ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଶିଳ୍ପୀ ପଟ୍ଟନାୟକଙ୍କ ସମେତ ନୀହାରିକା ମିଶ୍ର, କାବେରୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ନୃତ୍ୟଗୁରୁ ସୁଚିସ୍ମିତା ମାନା, ସମ୍ପାଦିକା ରଶ୍ମିତା ପଟେଲ, ନୃତ୍ୟଗୁରୁ ଆଲୋକ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ନିର୍ଦ୍ଧାରିତ ସମୟ ପୂର୍ବରୁ ଇଏସ୍ଆଇ ହସ୍ପିଟାଲରେ ତାଲା




**ସେବା ନ ପାଇ କର୍ମଚାରୀ ନିରାଶ**

ହିନ୍ଦୋଳ,୨୧।୯(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗାସ୍ଥିତ ଇଏସଆଇ ହସ୍ପିଟାଲରେ ନିର୍ଦ୍ଧାରିତ ସମୟ ପୂର୍ବରୁ ତାଲା ପଡୁଥିବାରୁ କର୍ମଚାରୀମାନେ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏହି ହସ୍ପିଟାଲର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଟାଟାଷ୍ଟିଲ, ରୁଙ୍ଗଟା ଇସ୍ପାତ, ଜିଏମଆର, ନବଭାରତ ଭଳି ପ୍ରାୟ ୧୦ଟି କାରଖାନା ରହିଛି। ଏହି କାରଖାନାର କର୍ମଚାରୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସ୍ଥାପିତ ଏହି ହସ୍ପିଟାଲର କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ କର୍ମଚାରୀମାନଙ୍କୁ ସେବା ମିଳିପାରୁନାହିଁ। ଏ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

**ଜୀବିକା ପାଇଁ ଇନ୍ଦିପୁର କଂସାବାସନ ଶିଳ୍ପ କାରିଗରଙ୍କ ସଂଘର୍ଷ**

# ଉଜୁଡ଼ିବାକୁ ବସିଛି ଦୁଇଶହ ବର୍ଷର କୌଳିକ ବୃତ୍ତି



ଢେଙ୍କାନାଳ,୨୧।୯(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ କଂସାବାସନ ଶିଳ୍ପରେ ସମଗ୍ର ରାଜ୍ୟରେ ସୁନାମ ଅର୍ଜନ କରିଛି। ଗାଁରେ ନିର୍ମାଣ କରାଯାଉଥିବା କଂସା ବାସନର ସ୍ୱତନ୍ତ୍ରତା ଓ ଚାହିଦା ରହିଥିବା ବେଳେ ଏଠାକାର କଂସା ବେଲାର ଚାହିଦା ସବୁଠାରୁ ଅଧିକ। ଗ୍ରାମର ପୁରୁଷ ଓ ମହିଳା କାରିଗରମାନେ ପ୍ରାୟ ୨ ଶହ ବର୍ଷ ଧରି କଂସା ସାମଗ୍ରୀ ନିର୍ମାଣ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ଆଧୁନିକ ଯୁଗରେ କଂସା ବାସନର ଚାହିଦା କ୍ରମାଗତ ହ୍ରାସ ପାଇବାରୁ କାରିଗରମାନେ ବଞ୍ଚିବା ପାଇଁ ଏବେ ସଂଘର୍ଷ ଚଳାଇଛନ୍ତି।

ଏକଦା ଆମ ସାମାଜିକ ଜନଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲା କଂସା ବାସନ। କି ଧନୀ, କି ଗରିବ, ରାଜାଠାରୁ ଗରିବ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ କଂସା ବାସନର ବହୁଳ ବ୍ୟବହାର ହେଉଥିଲା। ଝିଅଟିଏ ଶାଶୂ ଘରକୁ ଗଲେ ଅନ୍ୟ ସାମଗ୍ରୀ ସହ କଂସା ବାସନ ନିଶ୍ଚିତ ଯାଉଥିଲା। ପ୍ରତ୍ୟେକ ଘରେ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଭାବେ କଂସା ବାସନ ଓ ପିତ୍ତଳ ବାସନର ଚାହିଦା ସବୁଠାରୁ ଅଧିକ ଥିଲା। ଏମିତିକି ଆର୍ଥିକ ଅଭାବ ପଡ଼ିଲେ ଅନେକ ଗରିବ ଲୋକ ନିଜ କଂସା ବାସନକୁ ବିକି କିମ୍ବା ବନ୍ଧକ ଦେଇ ସାମୟିକ ଭାବେ ସମସ୍ୟା ଦୂର କରିପାରୁଥିଲେ। ତେଣୁ ଏହି କଂସା ବାସନର ଚାହିଦା ପୂରଣ ପାଇଁ ବହୁ ପ୍ରାଚୀନ କାଳରୁ ଅନେକ ସ୍ଥାନରେ କଂସାରି ସମ୍ପ୍ରଦାୟର ଲୋକେ ଏହାକୁ ପାରମ୍ପରିକ ଭାବେ ତିଆରି କରି ବିକ୍ରି କରୁଥିଲେ। ଏଗୁଡ଼ିକର ଓଜନ, ମାନ ଆଉ ଶୈଳୀକୁ ନେଇ ଓଡ଼ିଶାର ବିଭିନ୍ନ ଗାଁ ପ୍ରସିଦ୍ଧି ଲାଭ କରିଛନ୍ତି। କଂସା ବାସନର ଏଇ ପାରମ୍ପରିକ ଶୈଳୀକୁ ନେଇ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରର ଗାଁର ସୁନାମ ରହିଛି। ଏଠାରେ ନିର୍ମାଣ କରାଯାଉଥିବା କଂସା ବାସନର ସ୍ୱତନ୍ତ୍ରତା ଓ ଚାହିଦା ରହିଛି। ଏହି ଗାଁରେ ତିଆରି ହେଉଥିବା ବେଲାକୁ ଫେଟଫୁଲା ବେଲା ବୋଲି କୁହାଯାଏ। ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ନିର୍ମିତ କଂସା ବେଲା ଅପେକ୍ଷା ଇନ୍ଦିପୁରର ଫେଟଫୁଲା ବେଲାକୁ ଲୋକେ ଅଧିକ ପସନ୍ଦ କରନ୍ତି। ଦୀର୍ଘ ୨ଶହ ବର୍ଷରୁ ଅଧିକ କାଳ ଧରି ଇନ୍ଦିପୁର ଗାଁର କାରିଗରମାନେ ନିଜ କୌଳିକ ବେଉସା ଭାବେ ଏହାକୁ ଗ୍ରହଣ କରିଆସିଛନ୍ତି। ଏବେ କିନ୍ତୁ ଧୀରେ ଧୀରେ ଏଠାରେ ଏହାର ଅବକ୍ଷୟ ଘଟିଲାଣି। ଏକଦା ଏହି ଗାଁରେ ଶହ ଶହ କଂସାରି ପରିବାର ଏହି ବେଉସାରୁ ଗୁଜୁରାଣ ମେଣ୍ଟାଉଥିଲେ। ଏବେ ଏହା କମି କମି ମାତ୍ର ୩୦/୪୦ ପରିବାର ଏହି ଶିଳ୍ପକଳା ସହିତ ଜଡ଼ିତ ଅଛନ୍ତି। ଆବଶ୍ୟକ ଉପାଦାନର ଅହେତୁକ ମୂଲ୍ୟବୃଦ୍ଧି ସାଙ୍ଗକୁ ଯୁବପିଢ଼ିର ଅନାଗ୍ରହ ଯୋଗୁଁ କଂସା ବାସନ ନିର୍ମାଣ କମିଯାଉଛି।

ଏହି ବାସନ ନିର୍ମାଣ ଏକ ସ୍ୱତନ୍ତ୍ର ତଥା କଷ୍ଟସାଧ୍ୟ କଳା। ପରିଶ୍ରମ ତୁଳନାରେ ଆୟ ଯଥେଷ୍ଟ ହେଉ ନ ଥିବାରୁ କାରିଗରମାନେ ଏଥିପ୍ରତି ବିତସ୍ପୃହ ହୋଇ ପଡୁଛନ୍ତି। ଅନ୍ୟପଟେ ଷ୍ଟିଲ, ଫାଇବର ପରି ଶସ୍ତା ଓ ହାଲୁକା ଜିନିଷଗୁଡ଼ିକର ବଜାର ପ୍ରବେଶ ଯୋଗୁଁ ମଧ୍ୟ କଂସା ବାସନର ଚାହିଦା କମିଯାଉଥିବା ଗ୍ରାମର ଅନେକ କାରିଗର ଓ ବ୍ୟବସାୟୀ ପ୍ରକାଶ କରିଛନ୍ତି। ଏବେ ଅବଶ୍ୟ ପୁଣି ଲୋକଙ୍କ ମଧ୍ୟରେ ପାରମ୍ପରିକ କଂସା ବାସନ ପ୍ରତି ଆଗ୍ରହ ବଢୁଥିବା ବେଳେ ନିପୁଣ କାରିଗରଙ୍କ ସଂଖ୍ୟା କମିଗଲାଣି ବୋଲି ଅନ୍ୟଜଣେ କାରିଗର ଦୁଃଖର ସହିତ ମତ ଦେଇଛନ୍ତି। ଇନ୍ଦିପୁରର ଏହି କଂସା ଶିଳ୍ପ ଢେଙ୍କାନାଳ ଜିଲ୍ଲାକୁ ସମଗ୍ର ରାଜ୍ୟରେ ଏକଦା ପରିଚୟ ଦେଇଥିଲା। ଏବେ କ୍ରମଶଃ ତାହା ଲୁପ୍ତ ହେବାକୁ ବସିଲାଣି। ଜିଲ୍ଲାର ଗୌରବ ଓ ଏହି ଭିନ୍ନ ଐତିହ୍ୟ ସମ୍ପର୍କରେ ତଥ୍ୟ ଆହରଣ ନିମନ୍ତେ ଇନ୍ଦିପୁର ଗ୍ରାମରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୨୯ତମ ସଂସ୍କରଣ ଅନୁଷ୍ଠିତ ହୋଇଛି। ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଏତିହ୍ୟ ପଦଯାତ୍ରୀମାନେ ଇନ୍ଦିପୁରର ପ୍ରାୟ ୧୦ଟି ଶାଳ ପରିଦର୍ଶନ କରି କଂସା ବାସନ ନିର୍ମାଣଶୈଳୀ ଦେଖିବା ସହ କାରିଗରମାନଙ୍କ ସହିତ ଭାବବିନିମୟ କରିଥିଲେ। ଏହାସହ ଗ୍ରାମରେ ଥିବା ଏକାଧିକ କଂସା ପିତ୍ତଳ ଗୋଦାମ ଏବଂ ବିକ୍ରୟ କେନ୍ଦ୍ର ବୁଲି ଦେଖିଥିଲେ। ସରକାରୀ ସ୍ତରରେ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲ୍ଲାର ଏହି ସ୍ୱତନ୍ତ୍ର ଐତିହ୍ୟ ଦିନେ ଲୋପ ପାଇଯିବ ବୋଲି ପଦଯାତ୍ରୀମାନେ ଅନୁଭବ କରିଥିଲେ। ପଦଯାତ୍ରୀଙ୍କ ମଧ୍ୟରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ପଟ୍ଟନାୟକ, ରମେଶ ପତି, ବଦ୍ରିନାଥ ଜେନା, ସ୍ୱର୍ଣ୍ଣପ୍ରଭା ସେଠୀ, ଜନ୍ମେଜୟ ରାଉତ, ସାରନାଥ ମିଶ୍ର, ପଦ୍ମନାଭ ଲେଙ୍କା, ଅକ୍ଷୟ କୁମାର ଦାଶ, ହୃଦାନନ୍ଦ ବେହେରା, ଆଦିତ୍ୟ ମିଶ୍ର, ଜ୍ଞାନରଞ୍ଜନ ସାହୁ, ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ମହାପାତ୍ର, ମୋନାଲିସା ତ୍ରିପାଠୀ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୫ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପୂର୍ବତନ ଇନ୍ଦିପୁର ସରପଞ୍ଚ ରାଜକିଶୋର ସାହୁ ପଦଯାତ୍ରା ପରିଚାଳନା କରିଥିଲେ।

## ଇଫୁନା ଓ ଉଫୁନା ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ



ଢେଙ୍କାନାଳ,୨୧।୯(ସମିସ): ସ୍ଥାନୀୟ ଏକ ହୋଟେଲ କନ୍‌ଫରେନ୍ସ ହଲରେ ଇଣ୍ଡିଆନ ଫେଡେରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଇଫୁନା) ଓ ଉତ୍କଳ ଫେଡେରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଉଫୁନା) ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ ହୋଇଛି। ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ ଭାଇସ ଚେୟାରମ୍ୟାନ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ। ଇଫୁନାର ଜାତୀୟ ଉପସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ବିଶିଷ୍ଟ ଅତିଥି ଭାବେ ପରିବେଶବିତ ଉପେନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ସମାଜବାଦୀ ନେତା ସରୋଜ ଶତପଥୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦକ ବସନ୍ତ କୁମାର ବିଶ୍ୱାଳ, ଶିକ୍ଷାବିତ୍ ବାହାଦୁର ପାଟ୍ଟସାହାଣୀ, ୟୁନେସ୍କୋର ଆଜୀବନ ସଦସ୍ୟ ତଥା ଉଫୁନାର ମିଡିଆ ପ୍ରଭାରୀ ଡ. ଦେବୀପ୍ରସାଦ ମିଶ୍ର, ସମାଜସେବୀ ସରୋଜ ଶତପଥୀ, ସାମରିକ କର୍ମୀ ବିପିନ ବିହାରୀ ବେହେରା, ଲକ୍ଷ୍ମୀଧର ଶତପଥୀ, ତରୁଣ କୁମାର ବିଶ୍ୱାଳ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ପ୍ରେମାନନ୍ଦ ଶତପଥୀ, ବିନୟ କୁମାର ସାହୁ, କର୍ମଚାରୀ ନେତା ଗୋକୁଳ ଚନ୍ଦ୍ର ପଣ୍ଡା, ଇଂ. ଯୁଧିଷ୍ଠିର ସାହୁ, ଡ. ମାନସୀ କର, ଡ. ଅନୁପମା ମିଶ୍ର ପ୍ରମୁଖ ଯୋଗଦେଇ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଦେଶ ଦେଶ ମଧ୍ୟରେ ଶାନ୍ତି ବିରାଜମାନ କଲେ ରାଷ୍ଟ୍ରଗୁଡ଼ିକର ବିକାଶ ସମ୍ଭବ ବୋଲି କହିଥିଲେ। ସମାଜସେବୀ ବିନୟ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବାହାଦୁର ପାଟ୍ଟସାହାଣୀ, ଗୋଲକ ବିହାରୀ ନାୟକ, ଡ. ଦେବୀପ୍ରସାଦ ମିଶ୍ର, ଡ. ମାନସୀ କର, ସୁକାନ୍ତି ସାହୁ, ଡ. ଅନୁପମା ମିଶ୍ର, ଡ. କବିତା ମହାନ୍ତି, ମମତା ମିଶ୍ର, ମୈତ୍ରେୟୀ ଶୁଭଦା, ଡ. ପ୍ରମୋଦ ପରିଡ଼ା, ଦେବପ୍ରସାଦ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡ. ଦେବୀପ୍ରସାଦ ମିଶ୍ର ଅନ୍ତର୍ଜାତୀୟ ଶାନ୍ତି ଦିବସ-୨୦୨୫ ପାଇଁ ଦୁଇଟି ଇଂରାଜୀ ଓ ଗୋଟିଏ ଓଡ଼ିଆ ସନେଟ ପାଠ କରିଥିଲେ।

**ହିନ୍ଦୋଳରେ ଶିକ୍ଷାର ବିକଳ ଚିତ୍ର**

## ଦୁଇଜଣ ଶିକ୍ଷକରେ ଚାଲିଛି ହାଇସ୍କୁଲ



**ଭିତ୍ତିଭୂମି ଥାଇ ହୀନସ୍ତା ହେଉଛନ୍ତି ଛାତ୍ରଛାତ୍ରୀ**

ଖଜୁରିଆକଟା,୨୧।୯(ସମିସ): ଶିକ୍ଷାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଏବେ ହିନ୍ଦୋଳର ଅନେକ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଦେଖିବାକୁ ମିଳୁଛି। ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତର ଏକମାତ୍ର ସିଦ୍ଧେଶ୍ୱର ହାଇସ୍କୁଲରେ ନବମ ଏବଂ ଦଶମ ଶ୍ରେଣୀରେ ମୋଟ ୮୯ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅଛନ୍ତି ମାତ୍ର ଦୁଇଜଣ ଶିକ୍ଷକ ଏବଂ ଜଣେ ହିନ୍ଦୀ ଶିକ୍ଷକ। ଏହି ସ୍କୁଲକୁ ପୂର୍ବ ସରକାର ବିଦ୍ୟାଳୟ ରୂପାନ୍ତରୀକରଣରେ ସାମିଲ କରି ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ଲାବୋରେଟରୀ ନିର୍ମାଣ ସହ ଖେଳପଡ଼ିଆ ଉନ୍ନତିକରଣ ଆଦି କାର୍ଯ୍ୟ କରି ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ସହ ପାଠ ପଢ଼ିବା ପାଇଁ ଏକ ଉନ୍ନତ ପରିବେଶ ସୃଷ୍ଟି କରିଛନ୍ତି। ସମସ୍ତ ସୁବିଧା ଉପଲବ୍ଧ ଥାଇ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀ ହୀନସ୍ତା ହେଉଛନ୍ତି। ହାଇସ୍କୁଲ ପାଠ୍ୟକ୍ରମରେ ସାମିଲ ୮ଟି ବିଭାଗ ପାଇଁ ମାତ୍ର ୩ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ସଂସ୍କୃତ ପାଠ୍ୟକ୍ରମର ଏକ ବିଷୟ ବୋଲି ଭୁଲିଗଲେଣି। କାରଣ ଦୀର୍ଘବର୍ଷ ହେଲା ଏଠାରେ ସଂସ୍କୃତ ଶିକ୍ଷକ ନାହାନ୍ତି। ପୁଣି ଏଠାରେ ଦୀର୍ଘବର୍ଷ ହେବ ଖେଳ ଶିକ୍ଷକ ମଧ୍ୟ ନାହାନ୍ତି। ଭଗବାନ ଭରସାରେ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି। ଶିକ୍ଷାର ଏ ବିକଳ ଓ ନଗ୍ନଚିତ୍ର ହିନ୍ଦୋଳର ବହୁ ବିଦ୍ୟାଳୟରେ ଦେଖିବାକୁ ମିଳୁଛି। ତୁରନ୍ତ ଶିକ୍ଷକ ପଦବୀ ପୂରଣ କରି ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଭାବକ ତଥା ବୁଦ୍ଧିଜୀବୀ ଦାବି କରିଛନ୍ତି।

**ପାଖେଇ ଆସିଲାଣି ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା**

## ପଲ୍ଲିଶ୍ରୀ ମେଳାରେ ୨ ଶହ ଷ୍ଟଲ ନିର୍ମାଣ ହେବ

ଢେଙ୍କାନାଳ,୨୧।୯(ସମିସ): ପାଖେଇ ଆସିଲାଣି ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା। ପୂଜା ଅବସରରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ନିମନ୍ତେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପଲ୍ଲିଶ୍ରୀ ମେଳା ସୁରୁଖୁରୁରେ ଆୟୋଜନ ନେଇ ଜିଲ୍ଲାପାଳ ପାଟିଲ ସମ୍ପୃକ୍ତ ବିଭାଗର ସହଯୋଗ କାମନା କରିଥିଲେ। ଏ ବର୍ଷ ପଲ୍ଲିଶ୍ରୀ ମେଳା ମହିଷାପାଟସ୍ଥିତ ପଡ଼ିଆରେ ଅକ୍ଟୋବର ୮ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମେଳା ପ୍ରତ୍ୟେକ ଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ମେଳାରେ ୩୦ ଜିଲ୍ଲାର ବ୍ୟବସାୟୀଙ୍କ ସମେତ ବାହାର ରାଜ୍ୟର ବ୍ୟବସାୟୀ ସାମିଲ ହେବେ। ବ୍ୟବସାୟୀଙ୍କ ପାଇଁ ମୋଟ ୨୦୦ ଷ୍ଟଲ ନିର୍ମାଣ କରାଯିବ। ସୁରକ୍ଷା ଦୃଷ୍ଟିକୋଣରୁ ଏହାର ବୀମା ମଧ୍ୟ କରାଯାଉଛି। ଏଥିସହ ଲୋକଙ୍କ ସୁବିଧା ପାଇଁ ଅସ୍ଥାୟୀ ଶୌଚାଳୟ, ମୁଦ୍ରା ଉଠାଣ କେନ୍ଦ୍ର, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ପାନୀୟ ଜଳ ବନ୍ଦୋବସ୍ତ କରାଯିବ। ଲୋକେ ଏଥର ଖାଦ୍ୟ ଷ୍ଟଲରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସହ ରାଜ୍ୟ ବାହାର ଖାଦ୍ୟର ମଜା ନେଇପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ଆଇଏଏସ ପ୍ରୋବେସନର ଭଗତ ସାମଲ କଲ୍ୟାଣ ରାଓ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଜିଲ୍ଲାପରିଷଦର ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଆଶିଷ ରଞ୍ଜନ ସାହୁଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।



## ବାଙ୍ଗୁରସିଂହ ଗ୍ରାମ ରାସ୍ତା ଅବସ୍ଥା ଶୋଚନୀୟ

ଖଜୁରିଆକଟା,୨୧।୯(ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ଗ୍ରାମ ରାସ୍ତାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ପାଣି କାଦୁଅରେ ଭର୍ତ୍ତିହୋଇ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ଏକ କିଲୋମିଟର ଲମ୍ବ ଏହି ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ଯୋଜନାରେ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଗ୍ରାମବାସୀ ବର୍ଷସାରା ପାଣି କାଦୁଅରେ ଯିବା ଆସିବା କରିବାକୁ ବାଧ୍ୟ ହେଉଛନ୍ତି। ରାସ୍ତା ନିର୍ମାଣ ସମୟରେ ସୂଚନା ଫଳକରେ ରାସ୍ତା ସହିତ ଡ୍ରେନ ନିର୍ମାଣ ଉଲ୍ଲେଖ ଥିବା ବେଳେ ଡ୍ରେନ ନିର୍ମାଣ କରାଯାଇ ନ ଥିବା ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ଶୀଘ୍ର ନଷ୍ଟ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବାଙ୍ଗୁରସିଂହ ପଞ୍ଚାୟତ ଓଡ଼ାପଡ଼ା ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ପ୍ରବେଶପଥରେ ରହିଛି। ଓଡ଼ାପଡ଼ା ବ୍ଲକଠାରୁ ଦୁଇ କିଲୋମିଟର ଦୂରରେ ମୁଖ୍ୟ ଗ୍ରାମ ଥିବା ବେଳେ ବ୍ଲକର ପୂର୍ବ ଦିଗରେ ନୂଆ ବାଙ୍ଗୁରସିଂହ ଗ୍ରାମ ଅବସ୍ଥିତ। ଏହି ଗ୍ରାମର ଲୋକମାନେ ସବୁବେଳେ ସରପଞ୍ଚ ଓ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ପଞ୍ଚାୟତର ମୁଖ୍ୟ ଗ୍ରାମ ହିସାବରେ ପଞ୍ଚାୟତର ସିଂହଭାଗ ଅର୍ଥ ବାଙ୍ଗୁରସିଂହ ଗ୍ରାମରେ ଖର୍ଚ୍ଚ ହେଉଛି। ଗ୍ରାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଉନ୍ନୟନ କାର୍ଯ୍ୟର କୌଣସି ଚିହ୍ନ ଦେଖିବାକୁ ମିଳେ ନାହିଁ। ସୂଚନା ଅଧିକାର ଆଇନ ବଳରେ ଓଡ଼ାପଡ଼ା ବ୍ଲକ ପ୍ରଶାସନ ତଥ୍ୟ ଦେଉ ନ ଥିବାରୁ ଦୁର୍ନୀତି ଜାଣିବା ମଧ୍ୟ ସମ୍ଭବ ହେଉନାହିଁ। ଉନ୍ନୟନ କାର୍ଯ୍ୟରେ ବଡ଼ ଦୁର୍ନୀତି ହେଉଥିବାରୁ ଲୋକେ ସରକାରୀ ଯୋଜନାର ସୁଫଳ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ଜନ ପ୍ରତିନିଧିମାନେ ଠିକାଦାରି କରୁଥିବାରୁ ସେମାନଙ୍କୁ ବିରୋଧ କରିବା ପାଇଁ କେହି ସାହସ କରୁନାହାନ୍ତି। ଉନ୍ନୟନ ନାମରେ କୋଟି କୋଟି ଟଙ୍କା ହରିଲୁଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଓଡ଼ାପଡ଼ା ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରାସ୍ତା ସହ ଡ୍ରେନ ରହୁଛି। କିନ୍ତୁ ଆବଶ୍ୟକ ଜମି ନ ଥିଲେ ଡ୍ରେନ ନିର୍ମାଣ ହୋଇପାରୁ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଅଳ୍ପ କିଛି ରାସ୍ତା ଛାଡ଼ିଦେଲେ ପ୍ରାୟ ସବୁ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ ପାଇଁ ଆବଶ୍ୟକ ଜମି ରହିଥିଲେ ମଧ୍ୟ କୌଣସି ରାସ୍ତା କଡ଼ରେ ଡ୍ରେନ ନିର୍ମାଣ କରାଯାଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ନିମ୍ନମାନର ରାସ୍ତା ଉପରେ ପାଣି ଜମି ରାସ୍ତା ନଷ୍ଟ ହେଉଥିବା ଜଣାପଡ଼ିଛି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ହିନ୍ଦୀ ପକ୍ଷ ଉଦଯାପନୀ ଦିବସ ସମାରୋହ

ଢେଙ୍କାନାଳ,୨୧।୯(ସମିସ): ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ଓଡ଼ିଶା ହିନ୍ଦୀ ଶିକ୍ଷକ ସଂଘ ଶାଖା ପକ୍ଷରୁ ହିନ୍ଦୀ ପକ୍ଷ ଉଦ୍‌ଯାପିତ ହୋଇଛି। ବରିଷ୍ଠ ହିନ୍ଦୀ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ସତ୍ୟବ୍ରତ ପଣ୍ଡା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପାଠ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ ହିନ୍ଦୀ ଭାଷାରେ ଅଭିଭାଷଣ ରଖିଥିଲେ। ହିନ୍ଦୀ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ପାଇଁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କମଳିନୀ ପାଣିଗ୍ରାହୀ ଯୋଗଦେଇ ପ୍ରାଥମିକ ସ୍ତରରୁ ପିଲାମାନଙ୍କୁ ହିନ୍ଦୀ ଶିକ୍ଷା ଦିଆଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥାନର ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ସତ୍ୟନାରାୟଣ ପଣ୍ଡା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଯୋଗଦେଇ ଢେଙ୍କାନାଳ ମାଟିର ସମର କବି ବ୍ରଜନାଥ ବଡ଼ଜେନା ହିନ୍ଦୀ ଭାଷାରେ ଉନ୍ନତ ସାହିତ୍ୟ ସୃଷ୍ଟି କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ଉଚ୍ଚ ବିଦ୍ୟାଳୟ ସ୍ତରରେ ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପଯୁକ୍ତ ଯୋଗ୍ୟତା ଥାଇ ମଧ୍ୟ ସେମାନଙ୍କୁ ପ୍ରଧାନଶିକ୍ଷକ ପଦବୀ ପାଇଁ କ୍ୟାଡରରେ ଅନ୍ତର୍ଭୁକ୍ତ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ମିନତୀ କୁମାରୀ ମିଶ୍ର, ବରିଷ୍ଠ ହିନ୍ଦୀ ଶିକ୍ଷକ ଭୁବନେଶ୍ୱର ରାଉତ ଓ ଜିଲ୍ଲାରେ ନୂତନ କରି ଯୋଗଦାନ କରିଥିବା ୧୯ ଜଣ ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ ହାଇସ୍କୁଲ୍ ସାର୍ଟିଫିକେଟ୍ ହିନ୍ଦୀ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଜିଲ୍ଲାର ୧୭୩ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ମୋମେଣ୍ଟୋ ପ୍ରଦାନ କରାଯାଇଥିଲା।



## ରକ୍ତଦାନ ଶିବିର, ୧୧୧ ୟୁନିଟ୍ ରକ୍ତ ସଂଗ୍ରହ



ବାଲେଶ୍ୱର,୨୧।୯ (ସମିସ): ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଲାୟନସ କ୍ଲବ ବାଲେଶ୍ୱର ଏମ୍ ପାୱାର ଓ ସରକାର ବୟଜ ୱେଲ ଫେୟାର ସୋସାଇଟିର ମିଳିତ ଆନୁକୂଲ୍ୟରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଅତିଥି ଭାବେ ନାରୀ ନେତ୍ରୀ ତଥା କାଉନସିଲର ମିତା ପଟ୍ଟନାୟକ, କାଉନସିଲର ମୀନା ମହାନ୍ତି ଯୋଗ ଦେଇଥିଲେ। ସଭାପତି ରୀତିକ ଜୀ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ମିତା ମାନ୍ନା, ଉପସଭାପତି ଆସଲାମ ଖାନ, ସମ୍ପାଦକ ମଧୁମିତା ପଲ, କୋଷାଧ୍ୟକ୍ଷ ସିଦ୍ଧାନ୍ତି ପଣ୍ଡା, ପୂର୍ବତନ ସମ୍ପାଦକ ବିଶ୍ୱରୂପ ପରିଡ଼ା, ନିର୍ଦ୍ଦେଶକ ସେଖ ଆୟୁବ, ସେଖ ତାରିକ, ଧୀରେନ ନାୟକ, ସରକାର ବଏଜ ୱେଲ ଫେୟାର ସୋସାଇଟିର ସଭାପତି ଆଦର୍ଶ ମୁଖୀ, ସମ୍ପାଦକ ଦେବୀଦତ୍ତ ପରିଡ଼ା"ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ମାଝୀ, ବାଦଲ ବାରିକ, ସୁଧାଂଶୁ ଶେଖର ମଲ୍ଲିକ, ଜୟନ୍ତ ବାରିକ, ସତ୍ୟବ୍ରତ ଲେଙ୍କା, ନୀତିଶ ଦାସ, କ୍ଷୀରୋଦ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

# ରାସ୍ତା ଶୋଚନୀୟ; ଶୁଣୁନି ପ୍ରଶାସନ

ବାଲେଶ୍ୱର,୨୧।୯ (ସମିସ)

ଲୋକପ୍ରତିନିଧି, ପ୍ରଶାସନର ଅବହେଳାର ଶୀକାର ହୋଇଥିବା ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ବେଶ୍ୱରପୁର ଗ୍ରାମର ଜନଜାତି, ଉପଜାତି, ଆର୍ଥିକ ଅନଗ୍ରସର ବର୍ଗଙ୍କ ଦ୍ୱାରା ବ୍ୟବହାର କରୁଥିବା ପୂର୍ବପଟ ବସ୍ତିଗୁଡ଼ିକୁ ସଂଯୋଗ କରୁଥିବା ଗ୍ରାମର ଅନ୍ୟ ଏକ ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏ ବବାଦରେ ଦୀର୍ଘ ଦିନରୁ ସ୍ଥାନୀୟ ଅଧିବାସୀ ଦାବି ରଖୁଥିଲେ ହେଁ ଆଜିଯାଏଁ କୌଣସି ସୁଫଳ ମିଳିନାହିଁ। ଡାକ୍ତର ପରମାନନ୍ଦ ସେଠୀ ଘରଠାରୁ ଲାଇବ୍ରେରୀ ଖାଲ ଯାଏ ରାସ୍ତାଟି ତିନୋଟି ବସ୍ତିକୁ ସଂଯୋଗ କରୁଛି, ପାଖାପାଖି ଅଧା କିଲୋମିଟରରୁ ଅଧିକ ରାସ୍ତା ବସ୍ତି ମାନଙ୍କର ଜୀବନ ରେଖା। ପିଲାମାନେ ସ୍କୁଲ ଯିବାଠାରୁ, ଜରୁରୀ କାଳୀନ ସେବା ପାଇଁ ଏକମାତ୍ର ରାସ୍ତା ଭାବରେ ବ୍ୟବହାର ହୁଏ। ସେହି ବସ୍ତିରେ ଭିନ୍ନକ୍ଷମ ବର୍ଗରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା ପ୍ରଦର୍ଶନ କରି ରାଜ୍ୟ ପ୍ରତି ଗୌରବ ଆଣିଥିବା ୯୦ ଶତକଡା ଅସ୍ଥିଶଲ୍ୟ ଭିନ୍ନକ୍ଷମ ସୁଧାକର ସେଠୀଙ୍କ ଘର, ବର୍ଷା ଦିନେ ସମ୍ପୂର୍ଣ୍ଣ ଯାତାୟାତ ସମ୍ଭବ ହେଉନାହିଁ। ରୋଗ ହେଲେ ଖଟିଆରେ ବୁହାହେବା ପରିସ୍ଥିତି, ଆଞ୍ଚଳିକ ସୁରକ୍ଷା ମଞ୍ଚର ଆଖିରୁ ଲୁହ ପୋଛିବା ଅଭିଯାନରେ ସମସ୍ୟାଟି ଦୃଷ୍ଟିଗୋଚର ହେବା ଫଳରେ ସ୍ଥାନୀୟ ଅଧିବାସୀଙ୍କ ସହ ଜିଲ୍ଲାପାଳଙ୍କୁ ଆଶୁ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲା। ଦୁଃଖର ପରିତାପର ବିଷୟ, ଦାବିପତ୍ର ପ୍ରଦାନର ଏକ ପକ୍ଷ (୧୫ଦିନ)



ଅତିକ୍ରାନ୍ତ ହୋଇଯାଇଥିଲେ ବି ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ନୀରବତା ଅବହେଳିତ ବର୍ଗ ବ୍ୟବହାର କରୁଥିବା ରାସ୍ତାର ଭବିଷ୍ୟତକୁ ନେଇ ସନ୍ଦେହ ଦେଖା ଯାଇଛି। ବିଷୟର ଗୁରୁତ୍ୱକୁ ଉପଲବ୍ଧି

### ଅକ୍ଟୋବର ୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ ଚେତାବନୀ

କରି ଆସନ୍ତା ଅକ୍ଟୋବର ୩ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜାତିର ପିତାଙ୍କ ପ୍ରତିମୂର୍ତ୍ତି ପାଦଦେଶରେ ଶାନ୍ତିପୁର୍ଣ୍ଣ ଧାରଣା ଦେବାକୁ ମଞ୍ଚର କର୍ମକର୍ତ୍ତା ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ସହଦେବଖୁଣ୍ଟା ଥାନାକୁ ବିଧିବଦ୍ଧ ଭାବରେ ଆବେଦନ କରାଯାଇଛି ବୋଲି ଆଞ୍ଚଳିକ ସୁରକ୍ଷା ମଞ୍ଚର ସଭାପତି କମଳଲୋଚନ ରାଉତ ଜଣାଇଛନ୍ତି। ଏଥିସହିତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସଦର ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଶ୍ରୀ ରାଉତ ଜଣାଇଛନ୍ତି। ବସ୍ତି ବାସିନ୍ଦାଙ୍କ ସମସ୍ୟା ନା ସୁଧୁରିଲା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ସଂଗଠନର ନିରଞ୍ଜନ ସେଠୀ, ରଞ୍ଜନ କୁମାର ଦାସ, ମୃତ୍ୟୁଞ୍ଜୟ ମହାପାତ୍ର, ସୁଧାକର ରାଉତ, ସଂଜୀବ ଜେନା, ଅଶ୍ୱିନୀ କୁମାର ଦାଶ, ସନ୍ଦୀପ ପ୍ରଧାନ, ସଂଜୀବ ନାୟକ, ସନ୍ୟାସୀ ମୁଖି, ରାକେଶ ଭୂୟାଁ, ମହେଶ କୁମାର ପାଣି ଓ ସ୍ଥାନୀୟ ଗ୍ରାମବାସୀ ଜଣାଇଛନ୍ତି।

## ସାନ୍ତାଳୀ ଲିପି 'ଅଲଚିକି'ର ଶତବାର୍ଷିକୀ ଉତ୍ସବ



ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲେଶ୍ୱର,୨୧।୯ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଲିପି 'ଅଲଚିକି'ର ଶତବାର୍ଷିକୀ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଏକ ପ୍ରତିମୂର୍ତ୍ତି ବିଶ୍ୱବିଦ୍ୟାଳୟ ପରିସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ମୁଖ୍ୟ ଅତିଥି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଛି। ଆୟୋଜିତ ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା (ପୂର୍ବତନ ଅଧ୍ୟକ୍ଷ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା) ମୁଖ୍ୟବକ୍ତା ଭାବେ ମଦନ ମୋହନ ସୋରେନ (ପୂର୍ବତନ ସଂଯୋଜକ, ସାନ୍ତାଳୀ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ) ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ନିଜ ଉଦବୋଧନରେ ବିଭିନ୍ନ ଭାଷାର ସଂରକ୍ଷଣ, ଗବେଷଣା ତଥା ଏହାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାର ଏକ କୌଶଳମୂଳକ ପଦ୍ଧତିମାଳା ଓ ସହଜ ଅନୁବାଦ ଶିକ୍ଷା ପ୍ରକ୍ରିୟାକୁ ଆରମ୍ଭ କରିବାର ପ୍ରୟାସକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏଥିସହ ମୁଖ୍ୟବକ୍ତା ଓ ମୁଖ୍ୟଅତିଥି, ସାନ୍ତାଳୀ ଭାଷା ଓ ଏହାର ସ୍ରଷ୍ଟାଙ୍କୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ଦିଆଯାଇଥିବା ସମ୍ମାନ ଓ ସାନ୍ତାଳୀ ଭାଷାର ପାଠ୍ୟକ୍ରମକୁ ଦିଆଯାଇଥିବା ସହଯୋଗକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୋଲ୍ହ ଜନଜାତିଙ୍କ ଜୀବନ ଓ ସଂସ୍କୃତି ଉପରେ ଲିଖିତ ଏକ ପୁସ୍ତକ "ପାହାଡୀ ନଈର ଗୀତ' ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଦ୍ରିତ ଓ ପ୍ରକାଶିତ କରାଯାଇଥିଲା। ଆଲୋଚନାଚକ୍ରର ତିନୋଟି ବୈଷୟିକ ଅଧିବେଶନରେ ସାନ୍ତାଳୀ ଭାଷା ଓ ଲିପିର କ୍ରମବିକାଶ, ସାନ୍ତାଳୀ ସାହିତ୍ୟ ଓ ସଂସ୍କୃତି, ସାନ୍ତାଳୀ ସମାଜ ବ୍ୟବସ୍ଥା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଆଲୋକପାତ କରାଯାଇଥିଲା। ଆଲୋଚକ ଭାବେ ଡ଼କ୍ଟର ଦାଖିନ ମୁର୍ମୁ, ଡ. ଯତୀନ୍ଦ୍ର ନାଥ ବେଶ୍ରା, ଡ଼କ୍ଟର ସୁନାରାମ ସୋରେନ, ସରୋଜ କୁମାର ସୋରେନ, ଚୈତନ୍ୟ ପ୍ରସାଦ ମାଝୀ, ଯଦୁନାଥ ହାଁସଦା, ନାକୁ ହାଁସଦା, ମହେଶ୍ୱର ସୋରେନ, ଗଙ୍ଗାଧର ହାଁସଦା, ମାଙ୍ଗାତ ମୁର୍ମୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଯୋଜନା କରିଥିଲେ। ସାନ୍ତାଳୀ ଭାଷା ପାଠ୍ୟକ୍ରମର ଅଧାପିକା ସୁମିତ୍ରା ଟୁଡୁ ଓ ଜୟନ୍ତ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବାଲେଶ୍ୱର ରେଲଷ୍ଟେସନରେ ବୃକ୍ଷରୋପଣ

ବାଲେଶ୍ୱର,୨୧।୯ (ସମିସ): ଖଡ଼ଗପୁର ମଣ୍ଡଳର ବିଭିନ୍ନ ଷ୍ଟେସନ୍, ଡିପୋ, ୟାର୍ଡ ଓ ରେଳ କଲୋନୀରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ ଅଭିଯାନରେ ବାଲେଶ୍ୱର ରେଳ ଷ୍ଟେସନର ରେଲୱେ କଲୋନୀରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଳ ଅଧିକାରୀ, ରେଳ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଏକତ୍ରିତ ଭାବେ ଏହି ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପରିବେଶ ଗଠନରେ ଯୋଗଦାନ କରିଥିଲେ। ଖଡ଼ଗପୁରରେ ଏହି ପ୍ରୟାସର ନେତୃତ୍ୱ ନେଇଥିଲେ ଡିଆରଏମ ଲଳିତ ମୋହନ ପାଣ୍ଡେୟ। ଏଡିଆରଏମ୍ (ଅପରେଶନ୍ସ) ମନୀଷା ଗୋୟେଲ ସହିତ ସମସ୍ତ ଶାଖା ଅଧିକାରୀମାନେ ଏହି ବୃକ୍ଷରୋପଣରେ ଯୋଗ ଦେଇଥିଲେ ଓ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରାଇଥିଲେ। ବିଭିନ୍ନ ଷ୍ଟେସନରେ ଷ୍ଟେସନ୍ ମ୍ୟାନେଜର, ସିସିଆଇ/ସିଆଇ, ସିଏଚଆଇ/ଏଚଆଇ, ଏସଏସଇ ୱାର୍କ୍ସ ଓ କ୍ଲିନିଂ ଇନଚାର୍ଜମାନେ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଅଭିଯାନକୁ ସଫଳ କରିଥିଲେ।

## କାଲାମ ଟ୍ରଷ୍ଟ ତରଫରୁ ବିଭିନ୍ନ ପ୍ରତିଯୋଗିତା




ବାଲେଶ୍ୱର,୨୧।୯ (ସମିସ): ବାଲେଶ୍ୱର ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜରେ କାଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ତରଫରୁ ଅକ୍ଟୋବର ୧୫ ରୋମିରେ ପାଳିତ ହେବାକୁ ଥିବା କାଲାମ ଜୟନ୍ତୀ ଉପଲକ୍ଷେ ଆଜି ଏକ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ଉଦଘାଟକ ଭାବେ ମ୍ୟୁନସିପାଲିଟିର ଚେୟାରମେନ ସବିତା ସାହୁ ଓ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଟ୍ରଷ୍ଟର ସଭାପତି ଡ଼ଃ ନୀଳାଦ୍ରି ରାୟ ବାଲେଶ୍ୱର ପ୍ରତି ଡ. କାଲାମଙ୍କ ଅବଦାନ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଚେୟାରମ୍ୟାନ ତଥା ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ, ବିଶ୍ୱ ରେକର୍ଡ ଅଧିକାରୀ ଡ. ପଙ୍କଜ କୁମାର ଜେନା ପ୍ରତିଯୋଗିତାର ଆଭିମୁଖ୍ୟ ବିଷୟରେ କହିଥିଲେ। ଏଥିରେ ଭାଗ ନେଇ ଥିବା ଚାରି ଶହ ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅକ୍ଟୋବର ୧୫ ତାରିଖରେ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମକୁ ଗୋପାଳ ଚନ୍ଦ୍ର ଜେନା, ସଂଜୀବ କୁମାର ନାୟକ, ନିକୁଞ୍ଜ ବିହାରୀ ଦାସ, ଡ. ସଂଗ୍ରାମ କୁମାର ରାଉତ, ହରିପଦ ଭୂୟାଁ, ସତ୍ୟନାରାୟଣ ସାହୁ, ବଳରାମ ସ, ଜ୍ୟୋତିର୍ମୟୀ ଶତପଥୀ, ବିଚିତ୍ରା ପ୍ରଧାନ, ସୁଚିତ୍ରା ଜେନା, ଶୁଭଶ୍ରୀ ମିଶ୍ର, ଅବନୀ କୁମାର ଜେନା, ଉପେନ୍ଦ୍ର ବେହେରା, ବିଜୟ କୁମାର ସ ପରିଚାଳନା କରିଥିଲେ।

## ଗଳ୍ପ ସଂକଳନ 'ସଂପର୍କ ମଧୁପର୍କ' ଉନ୍ମୋଚିତ



ବାଲେଶ୍ୱର,୨୧।୯ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଆନୁକୂଲ୍ୟରେ ବରିଷ୍ଠ ଗାଳ୍ପିକ ପ୍ରଦୀପ ଚାଟ୍ଟାର୍ଜୀ (ଶ୍ରୀପ୍ରଦୀପ) ଙ୍କ ଗଳ୍ପ ସଂକଳନ 'ସଂପର୍କ ମଧୁପର୍କ' ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ଗାଳ୍ପିକ ସଂଜୟ କୁମାର ପଣ୍ଡା, ଅଧ୍ୟାପିକା ଡ. ଦୀପିକା ସେନାପତି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକ ବାବୁଲ ପ୍ରଧାନ ସମୀକ୍ଷକ ଭାବେ ଯୋଗ ଦେଇ ପୁସ୍ତକଟି ସଂପର୍କରେ ଆଲୋଚନା କରିଥିଲେ। ଉକ୍ତ ଗଳ୍ପ ସଂକଳନଟିରେ ଓଡ଼ିଆ ସଂସ୍କୃତି, ପରମ୍ପରା, ଦର୍ଶନ ଇତ୍ୟାଦି ପରିଲକ୍ଷିତ ହେବା ସହ ସାମ୍ୟବାଦ, ବିଶ୍ୱ ଭ୍ରାତୃତ୍ୱ ଓ ମୈତ୍ରୀକୁ ନେଇ ଗଳ୍ପଗୁଡ଼ିକ ଗତିଶୀଳ ସହ ସୁଖପାଠ୍ୟ ହୋଇଛି ବୋଲି ମତପ୍ରକାଶ କରିଥିଲେ। ଗାଳ୍ପିକ ପ୍ରଦୀପ ଚାଟ୍ଟାର୍ଜୀ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିବା ବେଳେ ଅନୁଷ୍ଠାନର ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ ଓ ଅନ୍ୟତମ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ରାଉତ, ନିବାରଣ ଜେନା, ତପନ ରାୟ, ଦୀପକ ବୋଷ, ଡ. ଶିରୀଶ ଚନ୍ଦ୍ର ଜେନା, କି. ରାଧାରଂଜନ ପଟ୍ଟନାୟକ, ଡ. ରମାକାନ୍ତ ନାୟକ, ହେମେନ୍ଦ୍ର ମହାପାତ୍ର, ଶରତ ମହାପାତ୍ର, ବିଜୟ ମହାନ୍ତି, ରଂଜନ ବାଗ, କରୁଣାକର ସ, ଉର୍ମିଳା ନାୟକ, ଜ୍ୟୋତ୍ସ୍ନା ରାୟ, କବିତା ଜେନା, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ ଦାସ, ରାଜେନ୍ଦ୍ରନାଥ ରାଉତ, ଡ. ଲକ୍ଷ୍ମଣ ବିଶ୍ୱାଳ, ଡ. ସୁକାନ୍ତ ଗିରି, ରାଜେଶ ଗିରି, ବିଦ୍ୟାଧର ସାହୁ, ବେଣୁଧର ସାହୁ, ଡ. ସମରବଲ୍ଲଭ ଭୋଇ, ପୁଷ୍ପଲତା ଚକ୍ରବର୍ତ୍ତୀ, ଶାନ୍ତି ବିଶି, ଦିଲ୍ଲୀପ ଚକ୍ରବର୍ତ୍ତୀ, ତୃପ୍ତିରାଣୀ ପତ୍ର, କୃଷ୍ଣା ପ୍ରଧାନ, ପୀତାମ୍ବର ଦାସ, ଗୌରୀଶଙ୍କର ସାହାଣୀ, ମାମିନା ମହାପାତ୍ର, ଦେବାଶିଷ ସିଂହ, ଲକ୍ଷ୍ମୀକାନ୍ତ ବେହେରା, ମମତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୨୧।୯ (ସମିସ): ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟରେ ଭିୟୁଜ୍ ଓଡ଼ିଶା ତରଫରୁ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କର ଅଧିକାର ଓ ୨୦୧୬ ଅଧିନିୟମ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭିୟୁଜ୍ ଓଡ଼ିଶାର ସ୍ମୃତି ସାଗରିକା ଦାଶ ଓ ଶିବାନୀ ବେହେରା ଉପସ୍ଥିତ ରହି ଜୀବନ କୌଶଳ ଶିକ୍ଷା, ଅଧିକାର ଓ ଅଧିକରଣ-୨୦୧୬ ଛାତ୍ରଛାତ୍ରୀଙ୍କ ଅଧିକାର ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଭିୟୁଜ୍ ଓଡ଼ିଶା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଆସୁଛନ୍ତି ମା' ଦୁର୍ଗା

# ବଣିଆ ମନ୍ଦିର ଦୁର୍ଗାପୂଜା କମିଟିର ବିଶେଷ ଆକର୍ଷଣ 'କୁମାରୀ ପୂଜା'

ବାଲେଶ୍ୱର,୨୧।୯ (ସମିସ)



କୁମାରୀ କନ୍ୟା ମା' ଦୁର୍ଗାଙ୍କ ପରି ପବିତ୍ର ଓ ପୂଜନୀୟା ବୋଲି ଶାସ୍ତ୍ରରେ ଅଭିହିତ ହୋଇଛି। ସେଥିପାଇଁ କନ୍ୟାମାନଙ୍କୁ ଦେବୀଙ୍କ ପ୍ରତିନିଧି ସ୍ୱରୁପ ପୂଜାର୍ଚ୍ଚନା କରାଯାଏ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ କୁମାରୀ ମାନଙ୍କୁ ପୂଜା କରାଯାଇଥାଏ। ସେହିପରି ଏହି କୁମାରୀ କନ୍ୟାଙ୍କୁ ପୂଜା ପରମ୍ପରା ବାଲେଶ୍ୱରରେ ମଧ୍ୟ ରହିଛି। ନବମୀ ପୂଜାରେ ନଅ ଜଣଙ୍କ କୁମାରୀ କନ୍ୟାଙ୍କୁ ଘରୁ ଆମନ୍ତ୍ରଣ ସ୍ୱତନ୍ତ୍ର ଆସନ ଦିଆଯାଏ। ତାପରେ ସଜବାଜ ତଥା ଅଳତା ଏବଂ ନାଲି ରଙ୍ଗର ଓଢଣା, ଫୁଲ ଚନ୍ଦନ ଲଗାଯାଏ। ଏହାପରେ ପୂଜାର୍ଚ୍ଚନା କରାଯାଇ ପାଦ ଛୁଇଁ ଆଶୀର୍ବାଦ ନିଆଯାଏ। ବାଲେଶ୍ୱର ସହରର ବଣିଆ ମନ୍ଦିର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଏହିପରି ସ୍ୱତନ୍ତ୍ର ଭାବେ ପୂଜା କରାଯାଏ। ଯାହା ଏହି ମଣ୍ଡପର ବିଶେଷତ୍ୱ ବହନ କରେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ୬୪ତମ ଦୁର୍ଗାପୂଜା ପାଳନ କରିବ କମିଟି। ଏନେଇ କମିଟି ପକ୍ଷରୁ ପ୍ରସ୍ତୁତି ବି ଆରମ୍ଭ ହୋଇଯାଇଛି। ବାଲେଶ୍ୱର ସହରରେ ଦୁର୍ଗାପୂଜା ପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସହରରେ ଦୁର୍ଗାପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ। ଚଳିତବର୍ଷ ଦୁର୍ଗା ପୂଜା ପାଇଁ ସହରରେ ଥିବା ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଓ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେଥିମଧ୍ୟରୁ ସହରର ମୋତିଗଞ୍ଜ ସ୍ଥିତ କସବା ଷ୍ଟ୍ରିଟ୍ ବଣିଆ ମନ୍ଦିର ସାର୍ବଜନୀନ ଦୁର୍ଗାପୂଜା କମିଟି ଅନ୍ୟତମ। ଚଳିତବର୍ଷ ୬୩ ତମ ବର୍ଷ ପୂରଣ କରି ୬୪ ତମ ପୂଜା ପାଳନ କରିବ କମିଟି। ବଣିଆ ମନ୍ଦିର ନିକଟରେ ଏହି କମିଟି ପକ୍ଷରୁ ୧୯୬୨ ମସିହାରେ ପ୍ରଥମ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ସ୍ୱର୍ଗତ ନିରଞ୍ଜନ ଦତ୍ତ, ସ୍ୱର୍ଗତ ପ୍ରବୋଧ କୁମାର ବଡାଳ, ସ୍ୱର୍ଗତ ସୂର୍ଯ୍ୟ କୁମାର ଦତ୍ତ ପ୍ରମୁଖଙ୍କ ସମେତ ନଅ ଜଣ ମିଶି ସେତେବେଳେ ପୂଜା ଆରମ୍ଭ କରିଥିଲେ। ତେବେ ଦୀର୍ଘ ୬୩ ବର୍ଷ ଧରି ଏଠାରେ ପାଳିତ ହୋଇଆସୁଛି। ଚଳିତବର୍ଷ ପୂଜା ପାଇଁ ୩ ଲକ୍ଷ ଟଙ୍କା ବଜେଟ ରହିଛି। ଗତବର୍ଷ ମଧ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ମାଆଙ୍କ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ୍ ରହିଛି। ତେବେ ଏହି ମଣ୍ଡପରେ ତୋରଣ ସାଧାରଣ ଭାବେ ନିର୍ମାଣ ହେଉଥିଲେ ହେଁ ପୂଜାର୍ଚ୍ଚନା ଧୁମଧାମରେ ହୋଇଥାଏ। ମେଢ ଭିତରେ ସବୁଠୁ ବଡ଼ ମେଢ ହେଉଛି ବଣିଆ ମନ୍ଦିର ମଣ୍ଡପର। ଏହାବ୍ୟତୀତ ମାଆଙ୍କ ସହିତ ସମସ୍ତ ଦେବଦେବୀ ଚାନ୍ଦିର ଗହଣା ଓ ମୁକୁଟ ପରିଧାନ କରନ୍ତି। ଏହି ପୂଜା ମଣ୍ଡପରେ ଏକ ହଜାରରୁ ଅଧିକ ଡାଲା ପୂଜାରେ ଲାଗିଥାଏ। ପାରମ୍ପରିକ ବାଦ୍ୟ ମଧ୍ୟରେ ଭସାଣି ଶୋଭାଯାତ୍ରା ସମ୍ପନ୍ନ ହୋଇଥାଏ। କମିଟି ସଭାପତି ମୁକେଶ ଦତ୍ତ, ସମ୍ପାଦକ ଚନ୍ଦ୍ର ପ୍ରକାଶ ବେହେରା, କୋଷାଧ୍ୟକ୍ଷ ଦୀପ୍ତି ରଞ୍ଜନ ଦତ୍ତ, ଉପଦେଷ୍ଟା କଳିଭୁଷଣ ଦତ୍ତ, ଚିତ୍ତରଞ୍ଜନ ଦତ୍ତ, ସମରେନ୍ଦ୍ର ଆଢ଼୍ୟ, ପଦ୍ମଲୋଚନ ବେହେରା, ସ୍ମୃତି ରଞ୍ଜନ ଦତ୍ତ, ଧୀରେନ୍ ଆଢ଼୍ୟ, ଯଶୋଦା ମହାରଣା, ଲୋକନାଥ ପିରି, ଶ୍ରବଣ କୁମାର ବେହେରା, ଉଜ୍ଜଳ ମହାରଣା, ଅରୁଣ ଶେଖର ମହାରଣା, ମଦନମୋହନ ଦତ୍ତ, ରମେଶ କୁମାର ବେହେରା, ଶଙ୍କର ପିରି, ରୋହିତ କୁମାର ଦତ୍ତ, ଜସ୍ମିନ୍ କୁମାର ବେହେରା, ଦୀପକ କୁମାର ବେହେରା ପ୍ରମୁଖ ପୂଜା ପରିଚାଳନା କରନ୍ତି। ସମସ୍ତ ଗ୍ରାମବାସୀଙ୍କ ଅନୁଦାନରେ ମା'ଙ୍କ ପୂଜା ଉତ୍ସବ ପାଳିତ ହୋଇଥାଏ। ପ୍ରତିବର୍ଷ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ପୂଜା ସମ୍ପନ୍ନ ହୋଇଥାଏ।

ଏଠାରେ ୯ ଜଣ କୁମାରୀଙ୍କୁ ପୂଜା କରାଯାଏ। କୁମାରୀ ପୂଜା ହେଉଛି ବିଶେଷ ଆକର୍ଷଣ ହୋଇଥାଏ। ଏହାବ୍ୟତୀତ ପ୍ରତିବର୍ଷ ପରି ଏବର୍ଷ ମଧ ଭଜନ ଓ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ରହିଛି।



ମୁକେଶ ଦତ୍ତ, ସଭାପତି

ମଣ୍ଡପରେ ତୋରଣ ସାଧାରଣ ଭାବେ ନିର୍ମାଣ ହେଉଥିଲେ ହେଁ ମେଢ ସବୁଠୁ ବଡ ହୋଇଥାଏ। ବାଲେଶ୍ୱରର ସବୁଠୁ ବଡ଼ ମେଢ ହେଉଛି ଆମ ବଣିଆ ମନ୍ଦିରର ମେଢ।



ଚନ୍ଦ୍ର ପ୍ରକାଶ ବେହେରା, ସମ୍ପାଦକ

## ଧୀରେନ୍ଦ୍ର ନାରାୟଣଙ୍କ ଉଦ୍ଦେଶ୍ୟରେ ଶୋକସଭା




ବାଲେଶ୍ୱର,୨୧।୯ (ସମିସ): "ସହାୟକ'ର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରାକ୍ତନ ସଭାପତି ସ୍ୱର୍ଗତ ଧୀରେନ୍ଦ୍ର ନାରାୟଣ ଦାସଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭରେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ "ସହାୟକ'ର ସଂପାଦକ ଇଞ୍ଜିନିୟର ଡ. ହୃଷିକେଶ ସାହୁ, ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, ନିରଞ୍ଜନ ପରିଡ଼ା, ଅକ୍ଷୟ କୁମାର ତ୍ରିପାଠୀ, ରାଜେନ୍ଦ୍ର ରାଉତ, ଶିଶିର କୁମାର ରଥ, ପ୍ରଫୁଲ୍ଲ କୁମାର ଦାସ, ଦୀନବନ୍ଧୁ ବନ୍ଧୁ ଲେଙ୍କା, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ଇଂ. ଗୌରାଙ୍ଗ ସାହୁ, ରବିନାରାୟଣ ଭୋଳ, ସାବିତ୍ରୀ ଦାସ, ରବୀନ୍ଦ୍ର କୁମାର ମହାନ୍ତି, ବେଣୁଧର ସାହୁ, ଭାଗବତ ଦଳେଇ, ଗୋପାଳ ଜେନା, ସୀତାରାମ ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ଦାସ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦୀର୍ଘଦିନ ଧରି ସଭାପତି ରହିବା ସହିତ ବାଲେଶ୍ୱରର ବହୁ ଅନୁଷ୍ଠାନର ସଭାପତି, କର୍ମକର୍ତ୍ତା, ପୃଷ୍ଠପୋଷକ ତଥା ଆଜୀବନ ସଭ୍ୟ ଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ନାୟକ, ପ୍ରଣିତା ମିଶ୍ର, କାମିନୀକାନ୍ତ ପାଢ଼ୀ, ଭବେଶ ଚନ୍ଦ୍ର ପଣ୍ଡା, କେଶବ ଚନ୍ଦ୍ର ମହାନ୍ତି, ଶଚୀନ୍ଦ୍ରନାଥ ଦାସ, ଲମ୍ବୋଧର ଗିରି, ସେକ୍ ଆଲ୍ଲାଉଦ୍ଦିନ୍ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ କୃତଜ୍ଞତା ଜ୍ଞାପନ କରିଥିଲେ।

## ସ୍ୱାସ୍ଥ୍ୟସେବା ଶିବିର

ଜଳେଶ୍ୱର ବ୍ଲକ, ୨୧।୯ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ମନୋଜ ଜାହାଙ୍ଗୀର ଏବଂ କମାରଶାଳିଆ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରରେ ଡାକ୍ତର ପ୍ରତୀକ୍ଷା ରାଜ ଉପସ୍ଥିତ ରହି ମାତୃତ୍ୱ ସେବା ପ୍ରଦାନ ଦିବସ ଉପଲକ୍ଷେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପାଖା ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ସହିତ ବୃଦ୍ଧା ଯୁବକ ଯୁବତୀ ମାନେ ଉପସ୍ଥିତ ରହି ଉତ୍ତମ ସ୍ୱାସ୍ଥ୍ୟ ସେବା ଚିକିତ୍ସିତ ହେବା ସହିତ ମାଗଣା ଔଷଦ ପ୍ରଦାନ କରାଯାଇଛି।

## ବେଳାଭୂମି ମୁକ୍ତାକାଶ ବାର୍ ପାଲଟିବା ପ୍ରସଙ୍ଗ

# ପର୍ଯ୍ୟଟକଙ୍କୁ ସୁରକ୍ଷା ଦେଇପାରୁନି ପୁଲିସ

ଭୋଗରାଇ, ୨୧।୯ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ପଞ୍ଚାୟତର ଉଦୟପୁର ବେଳାଭୂମିମୁକ୍ତ ଆକାଶ ତଳେ ଖୋଲା ବାର ସାଜିଥିବା ବେଳେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ବେଳାଭୂମିରେ ବ୍ରାଉନ ସୁଗାର, ଗଞ୍ଜେଇ, ମଦ, ଚୋରସ, ହୁକା ଭଳି ମାରାତ୍ମକ ନିଶା ସହିତ ରୂପଜୀବୀମାନଙ୍କ ଦେହ ବ୍ୟବସାୟ ଓ ଅର୍ଦ୍ଧ ଉଲଗ୍ନ ନୃତ୍ୟ ଏବଂ ପର୍ଯ୍ୟଟକଙ୍କୁ ମରଣାନ୍ତକ ଆକ୍ରମଣ ସ୍ଥାନୀୟ ଅଞ୍ଚଳ ତଥା ଜିଲ୍ଲା ସମେତ ରାଜ୍ୟକୁ କଳଙ୍କିତ କରିଛି। ପାଖରେ ତାଳସାରି ସାମୁଦ୍ରିକ ଥାନା ଥିଲେ ମଧ୍ୟ ପୁଲିସ ଆଖି ଆଗରେ ଉକ୍ତ ଅସାମାଜିକ, ଅପରାଧିକ କାର୍ଯ୍ୟକଳାପ ହୋଇ ଆସୁଛି। ଏ ନେଇ ପୁଲିସର କାର୍ଯ୍ୟଦକ୍ଷତାକୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା ଓ ବିରୋଧ କରାଯାଉଥିଲେ ସୁଦ୍ଧା ଉଦୟପୁର ବେଳାଭୂମିରେ ଏସବୁ ଉପରେ ରୋକ ଲାଗି ପାରୁନାହିଁ କି, ପର୍ଯ୍ୟଟକମାନଙ୍କୁ ପୁଲିସ ସୁରକ୍ଷା ଦେଇ ପାରୁ ନାହିଁ। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଥାନାଧିକାରୀଙ୍କୁ ତାଗିଦ କରାଯାଇଥିଲା। ମାତ୍ର ଥାନାଧିକାରୀ ନିଜର ଅପାରଗତାକୁ ଢାଙ୍କିବା ଏବଂ ନିଜକୁ ସ୍ୱଚ୍ଛତା ପ୍ରମାଣ କରିବାକୁ ଯାଇ ସ୍ଥାନୀୟ କେତେକ ଜନ ପ୍ରତିନିଧି, ମଦ ବେପାରୀଙ୍କ ସହଯୋଗ ଲୋଡିଥିବା ସୂଚନା ମିଳିଛି। ତଞ୍ଚକତାର ସହ ଥାନାଧିକାରୀ ସେଠାକାର ମଦ ବେପାରୀଙ୍କ ସହାୟତାରେ ପ୍ରାୟୋଜିତ ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଉଦୟପୁର ବେଳାଭୂମିରେ ମଦ ବ୍ୟବସାୟ ହେଉ ନ ଥିବା ଏବଂ ଏହା ପଡୋଶୀ ପଶ୍ଚିମବଙ୍ଗର ଦୀଘା ବେଳାଭୂମିରେ ମଦ ବ୍ୟବସାୟ ହେଉଥିବା ଦର୍ଶାଇ ନିଜର ସାଧୁତା ଦେଖାଇବା ଉଦ୍ଦେଶ୍ୟରେ ଦାବିପତ୍ର ପଠାଇଥିବା ଜଣାପଡ଼ିଛି। ତେବେ ସତ ସାମ୍ନାକୁ ଆସିଲା ପରେ ଘଟଣାକୁ ଏସ୍‌ପିଙ୍କ ଆଗରେ ମିଛ ପ୍ରମାଣ କରିବାକୁ ତାଳସାରୀ ସାମୁଦ୍ରିକ ଥାନା ଆଇଆଇସି ଚମ୍ପାବତୀ ସୋରେନଙ୍କ ଏହା ଆଉ ଏକ ଅଭିନବ ପ୍ରୟାସ ବୋଲି ସାଧାରଣରେ ଆଲୋଚନା ହେଉଛି। ଉଦୟପୁର ବେଳାଭୂମିରେ ନିଶା ବ୍ୟବସାୟୀ ମାନେ ଥାନା ଅଧିକାରୀଙ୍କୁ ଉଦୟପୁର ବେଳାଭୂମିର ସମ୍ମାନ ହାନୀ ହେଉଛି ବୋଲି ଦାବି ଜଣାଇଛନ୍ତି। ଚଳିତ ବର୍ଷ ବିଗତ ଦିନରେ ଉଦୟପୁର ବେଳାଭୂମିରୁ ଥାନା ଆଇଆଇସି ଓ ଭୋଗରାଇ ଅବକାରୀ ବିଭାଗର ମିଳିତ ଚଢାଉରେ ଦେଶୀ ଓ ବିଦେଶୀ ବେଙ୍ଗଲ ମାର୍କା ମଦ ବିପୁଳ ମାତ୍ରାରେ ଜବତ ହୋଇଥିଲା ବେଳେ ମଦ ବେପାରୀଙ୍କୁ ଗିରଫ ନ କରି କେବଳ ମାମଲା ରୁଜୁ କରିଥିଲେ। ଏବେ ପୁଣି ଥାନା

### ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅଧିକାରୀଙ୍କୁ ମଦ ବେପାରୀ ଓ କେତେକ ଜନ ପ୍ରତିନିଧି ମିଳିତ ହୋଇ ଉକ୍ତ ଦାବିପତ୍ର ଦେବା ଏହା କେତେଦୂର ସମ୍ପିଚୀନ ତାହା ସାଧାରଣ ଲୋକେ ଅନୁଭବ କରି ସାରିଲେଣି। ଏତେ ଘଟଣା ପରେ ଥାନା ଠାରୁ ମାତ୍ର ଶହେ ମିଟର ଦୂରରେ ଏପରି ଘଟଣା ବାରମ୍ବାର ଘଟୁ ଥିବାରୁ ଏହାକୁ ରୋକି ନ ପାରି ବରଂ ପ୍ରୋତ୍ସାହନ ଦେଉଥିବା ଥାନାଧିକାରୀ ଓ ତାଙ୍କୁ ସହଯୋଗ କରୁଥିବା ଉଚ୍ଚପଦସ୍ଥ ଅଧିକାରୀ ମାନେ ନୈତିକ ଭାବରେ ଏଠାରୁ ଅନ୍ୟତ୍ର ବଦଳି ହୋଇଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

## ହେଲ୍ପ ହ୍ୟାଣ୍ଡସ ସଂଗଠନ ପକ୍ଷରୁ ରିଲିଫ୍ ବଣ୍ଟନ



ବାଲିଆପାଳ, ୨୧।୯ (ସମିସ): ଏହି ବ୍ଲକରେ ଚଳିତ ବର୍ଷ ସୁବର୍ଣ୍ଣ ରେଖା ନଦୀରେ ଛଅ ଥର ବନ୍ୟା ଆସି ଲୋକଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ଏହି ଭଳି ଦୁର୍ଦ୍ଦିନ ସମୟରେ ହେଲ୍ପ ହ୍ୟାଣ୍ଡସ ଶାଳିକୁଠା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରବିବାର ପୂର୍ବାହ୍ନରେ ଜାମ କୁଣ୍ଡା ପଞ୍ଚାୟତର କାଳରୁହି ଗ୍ରାମରେ ଦୁଇ ବିଧବା ଏବଂ ନିହାତି ଗରିବ ସରସ୍ୱତୀ କାମିଳା, ଶୁକମଣି ବେହେରା ବୃଦ୍ଧାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ଆଗରୁ ବନ୍ୟା ସମୟରେ ଶୁଖିଲା ଖାଦ୍ୟ ବଣ୍ଟନ କରି ଏହି ହେଲ୍ପ ହେଣ୍ଡସ ଶାଳିକୁଠା ସଂଗଠନ ଚର୍ଚ୍ଚାକୁ ଆସିଥିଲା। ତେବେ ମାସକର ରାସନ୍, ବସ୍ତ୍ର, ବିଛଣା ସାମଗ୍ରୀ ଅସହାୟ ବୃଦ୍ଧାଙ୍କୁ ପ୍ରଦାନ କରାଯାଇଥିଲା। ସଂଗଠନର ସଭାପତି ମହାପ୍ରସାଦ ପାତ୍ର, ସମ୍ପାଦକ ଦିବ୍ୟଜ୍ୟୋତି ମହାନ୍ତି,ସମାଜସେବୀ ପ୍ରଫୁଲ୍ଲ ପାତ୍ର ,ବିନୋଦ ଜେନା, ସଦସ୍ୟ ହିମାଂଶୁ ଜେନା, ଶଶୀକାନ୍ତ ଜେନା, ଦେବଶଙ୍କର ସାହୁ, ସଦସ୍ୟା ରମିତା ବିଶ୍ୱାଳ, ପୂର୍ଣ୍ଣିମା ଦେ, ମମତା ବିଶ୍ୱାଳ, ସସ୍ମିତା ପରିଡା, ଲକ୍ଷ୍ମୀ ପ୍ରିୟା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ସୋରରେ ଅବସରପ୍ରାପ୍ତ ଏଲିମେଣ୍ଟାରୀ ଶିକ୍ଷକ ସଂଘ ଗଠିତ



ସୋର, ୨୧।୯ (ସମିସ) : ସୋର ବ୍ଲକ ଶିକ୍ଷକ ଭବନ ପରିସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଶ୍ରୀ ପ୍ରଧାନ ଏହାର ଆଭିମୁଖ୍ୟ ସଂପର୍କରେ କହିଲେ ଯେ ପ୍ରତ୍ୟେକ ଚାକିରିରେ ଅବସର ଥିଲେ ସୁଦ୍ଧା ଶିକ୍ଷାଦାନର ଅବସର ନାହିଁ। ବରିଷ୍ଠର ଅଭିଜ୍ଞତାଭତ୍ତିକ ଶିକ୍ଷା ପଦ୍ଧତି ଶିକ୍ଷାଦାନକୁ ଅଧିକ ସମୃଦ୍ଧ ଏବଂ ଗୁଣାତ୍ମକ କରିଥାଏ। ଏହାକୁ ସାକାର କରିବା ପାଇଁ ଅବସରପ୍ରାପ୍ତ ଶିକ୍ଷକମାନଙ୍କର ସଂଘବଦ୍ଧତା ଜରୁରୀ ହୋଇପ?ିଛି। ଏହି ଅବସରରେ ମହେଶ୍ୱର ବେହେରା, ରକାମାନ୍ତ ମହାନ୍ତି, ଗୋଲୋକ ବିହାରୀ ପା?ୀ, ଅନନ୍ତ ବେହେରା, ଦୟାନିଧି ମହାନ୍ତି ସଂଗଠନ ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ "ସୋର ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ' ନାମରେ ଗଠିତ ହୋଇଥିବା ବେଳେ ଏହାର ସଭାପତି ଭାବେ ଦାଶରଥି ନାୟକ ମନୋନୀତ ହୋଇଥିଲେ।

## ଝାଡ଼େଶ୍ୱରପୁରରେ ଦୋସ୍ତି କ୍ଲବ ଉଦଘାଟିତ

ଜଳେଶ୍ୱର,୨୧।୯ (ସମିସ) : ସରକାରୀ ସ୍ତରରେ ସହରର ବିକାଶ କାର୍ଯ୍ୟ ହେଉଥିବା ବେଳେ ତାକୁ ସୂଚାରୁରୂପେ ରୂପାୟନ କରିବା ଓ ସାମାଜିକ କାର୍ଯ୍ୟ କୁ ଆଗେଇ ନେବା ଲାଗି ସଂଘଟିତ ପ୍ରୟାସ ଆବଶ୍ୟକ। ସେହି ପରିପ୍ରେକ୍ଷୀରେ ଜଳେଶ୍ୱର ମ୍ୟୁନିସିପାଲଟି ୬ ନଂ ୱାର୍ଡସ୍ଥିତ ଝାଡେଶ୍ୱରପୁରଠାରେ ଯୁବ ଗୋଷ୍ଠୀଙ୍କୁ ନେଇ ଗଢି ଉଠିଥିବା "ଦୋସ୍ତି କ୍ଲବର" ଉଦ୍‌ଘାଟନୀ ଉତ୍ସବକୁ ଇମାମ୍ ସଦ୍ଦାମ ମହାପାତ୍ର, ଯୁବ ନେତା କାଳୀଚରଣ ଦାସ,ଫାଲଗୁନୀ ପାଣିଗ୍ରାହୀ, ଦିଲ୍ଲୀପ ପରିଡ଼ା, କାଉନସିଲର ମିର ଆବାସ ଅଲ୍ଲୀ, ଶେଖ୍ ସିରାଜ୍ ମହମ୍ମଦ, ଗ୍ରାମ୍ୟ ମୁଖ୍ୟ ମନସୁର ଅଲ୍ଲୀ, ଶେଖ୍ ଇସ୍ରାଇଲ୍ ଅଲ୍ଲୀ,ମିର୍ ମନସୁର ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅନ୍ୟ ଅତିଥି ମଧ୍ୟରେ ବରିଷ୍ଠ ଆଇନଜୀବୀ ଫରିଦ୍ ଅହମ୍ମଦ,ତାପସ ପାଣିଗ୍ରାହୀ,ସମର କରଣ, ଅଶୋକ ମହାନ୍ତି, ଶେଖ୍ ଅମିରୁଦ୍ଦିନ୍, ଶେଖ୍ କୁନୁ, ଶେଖ୍



ହୁସେନ୍ ଓ ବିଜେପି ନେତ୍ରୀ ମଞ୍ଜୁବାଳା ପ୍ରଧାନ ମିଳିତ ଭାବେ ଉଦଘାଟନ କରିଥିଲେ। ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଅବଦୁଲ ରହିମ୍ ସଭାପତିତ୍ୱ କରି କ୍ଲବର ଅଭିମୁଖେ ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ବିଜେପି ନଗର ସଭାପତି ଶିବ ନାରାୟଣ ସତ୍ତାର, ଶେଖ୍ ସରିଫ୍, ଶେଖ୍ ହାସିରୁଦ୍ଦିନ ବକ୍ସ ପ୍ରମୁଖ ଉପସ୍ଥିତ ହୋଇ ସଂଗଠନକୁ ମାର୍ଗଦର୍ଶନ କରିଥିଲେ। କ୍ଲବର ସଭାପତି ଶେଖ୍ ନାସିମୁଦ୍ଦିନ୍, ସମ୍ପାଦକ ଶେଖ୍ ସୈଫ୍ ଅଲ୍ଲୀ, କୋଷାଧ୍ୟକ୍ଷ ରିୟାଜ୍ ଖାଁ, ଏବଂ କ୍ଲବର ୫୦ ଜଣ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।

## ପ୍ରାଧ୍ୟାପକ କିଶୋର ଗାନ୍ଧୀଙ୍କ ଦୁଇଟି ପୁସ୍ତକର ଲୋକାର୍ପଣ ଉତ୍ସବ




ବାଲେଶ୍ୱର (ଉତ୍ତର) / ଚନ୍ଦନେଶ୍ୱର,୨୧।୯ (ସମିସ): ମହାଯୋଗୀ ଶ୍ରୀଅରବିନ୍ଦଙ୍କ କାବ୍ୟ ଜଗତକୁ ନେଇ ଇଂରାଜୀରେ ରଚିତ "ଶ୍ରୀ ଅରବିନ୍ଦ ଏ ପୋଏଟ ଅଫ ଲଭ' ଓ ସମସାମୟିକ ସମାଜ ଓ ପରିବାର ଜୀବନର ବାସ୍ତବ ଘଟଣାବଳି ଉପରେ ଆଧାରିତ ଗଳ୍ପ ସଂକଳନ "ବୃନ୍ତଚ୍ୟୁତ'ର ଶୁଭ ଲୋକାର୍ପଣ ଉତ୍ସବ ଆଜି ଭୋଗରାଇର ମନ୍ମଥ-ମନୋଜ ସ୍ମାରକୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର ଦ୍ୱାରା ପ୍ରକାଶିତ ଏହି ପୁସ୍ତକଦ୍ୱୟର ପାଠକକ୍ଷର୍ପଣ ଉତ୍ସବକୁ ପ୍ରକାଶକ ଡ. କାଳୀପଦ ପଣ୍ଡା ସଂଚାଳନ କରିଥିବାବେଳେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଗବେଷକ ତଥା ସାରସ୍ୱତ ସାଧକ ଡ. ଶ୍ରୀକାନ୍ତ ଚରଣ ପାତ୍ର ଯୋଗଦେଇ ଲେଖକଙ୍କ ସମାଜ ଦର୍ଶନ ଓ ବାସ୍ତବାଭିମୁଖୀ ଚରିତ୍ର ନିର୍ମାଣ କିଭଳି ତାଙ୍କ ଗଳ୍ପଗୁଡ଼ିକୁ ସରଳପଣରେ ହୃଦୟସ୍ପର୍ଶୀ କରିଛି ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ସାହିତ୍ୟିକ ତଥା ବେତନଟୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗତ ବନ୍ଧୁ ଆଚାର୍ଯ୍ୟ ଶ୍ରୀଅରବିନ୍ଦଙ୍କ କାବ୍ୟ କବିତାରେ ଆଧାରିକ ଜୀବନ ଦର୍ଶନ ଓ ଦେଶାତ୍ମବୋଧର ଅନ୍ତର୍ଚେତନା କିଭଳି ଉତ୍ତରିତ ହୋଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ ଏବଂ ଶ୍ରୀଅରବିନ୍ଦ ଦର୍ଶନର ଅନୁଗାମୀ, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିବେଦିତା ମହାନ୍ତି ପ୍ରକାଶିତ ପୁସ୍ତକର ପାଠକୀୟ ଶ୍ରଦ୍ଧାଞ୍ଜ ଓ ସ୍ୱୀକୃତି କାମନାକରିଥିଲେ। ଲେଖକ କିଶୋର ଗାନ୍ଧୀ ଲେଖକୀୟ ବକ୍ତବ୍ୟ ରଖିଥିଲେ। ମନ୍ମଥ ମନୋଜ ଫାଉଣ୍ଡେସନର ଯୁଗ୍ମ ସମ୍ପାଦକ ସୁଶାନ୍ତ ନାୟକ ଅତିଥି ପରିଚୟ ଓ ସ୍ୱାଗତ ବକ୍ତବ୍ୟ ରଖିଥିବାବେଳେ ଦକ୍ଷିଣ ଭୋଗରାଇ ଓଷ୍ଟାର ସମ୍ପାଦକ ଶାଶ୍ୱତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିପଦ ଭଞ୍ଜନ ମିଶ୍ର, ରବୀନ୍ଦ୍ର ନାଥ ପ୍ରଧାନ, ସାହିତ୍ୟିକ ସନ୍ତୋଷ କୁମାର ପାତ୍ର, ନବକୃଷ୍ଣ ଦେ, କବି ଡ଼ ଶ୍ରୀକୁମାର, ଡ଼ ତାନଶ୍ରୀ ପାଣିଗ୍ରାହୀ, ଶମ୍ଭୁନାଥ ଜେନା,ସୁଧାଂଶୁ ଶେଖର ପ୍ରଧାନ, ସୁଭାଷ ଚନ୍ଦ୍ର ଚାନ୍ଦ, ନଗେନ୍ଦ୍ର ନାଥ ଜେନା ପ୍ରମୁଖ ଭୋଗରାଇର ବହୁ ବିଦ୍ୱାନ ଓ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।

## ଜଳେଶ୍ୱର ବ୍ଲକରେ ସ୍ୱଚ୍ଛ ଉତ୍ସବ

ଜଳେଶ୍ୱର ବ୍ଲକ, ୨୧।୯ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ସଭା ଗୃହରେ ସ୍ୱଚ୍ଛ ଭାରତ ମିଶନର ଏକ ପଦକ୍ଷେପ 'ସ୍ୱଚ୍ଛ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଦାନ କରି ଜନବସତି ସ୍ଥାନ ସମୂହ ସଫେଇ, ଅମୃତ ସରୋବର ଓ ଜଳାଶୟ ମାନଙ୍କରେ ସଫେଇ,ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସମ୍ପତି ଠାରେ ସୌନ୍ଦର୍ଯ୍ୟ କରଣ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱଚ୍ଛତା ରାଲି,ଘରକୁ ଘର ବୁଲି ସ୍ୱଚ୍ଛତା ପାଇଁ ସଚେତନତା ବକ୍ତୃତା,କୁଇଜ୍ ଆଦି କାର୍ଯ୍ୟକ୍ରମ ଆୟୋଜନ,ଗ୍ରାମାଞ୍ଚଳର ପର୍ଯ୍ୟଟନ ସ୍ଥଳୀ ମାନଙ୍କରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ଦୁର୍ଗାପୂଜା ପରେ ଶ୍ରମ ଦାନ କରି ସମସ୍ତ ଦୁର୍ଗାପୂଜା ମଣ୍ଡପ ଗୋଡ଼ିକରେ ସଫେଇ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅୟୋଜନ କରିବା ଏହିସବୁ ସ୍ଥାନ ଉପରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ସ୍ୱଚ୍ଛ ଭାରତର ବ୍ଲକ ସଂଯୋଜକ ଜୟନ୍ତ କୁମାର ଦାସ ମିଳିତ ଭାବେ ଯୋଗଦେଇ ବକ୍ତବ୍ୟରେ କହିଥିଲେ। ଏସବୁ କାର୍ଯ୍ୟକ୍ରମ ୧୭ ତାରିଖଠାରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ବଜ୍ରାଘାତରେ ଟଳିପଡ଼ିଲେ ବୃଦ୍ଧା

ବେତନଟୀ,୨୧।୯ (ସମିସ): ବଜ୍ରାଘାତରେ ଶନିବାର ଅପରାହ୍ଣରେ ଜଣେ ବୃଦ୍ଧା ପ୍ରାଣ ହରାଇଛନ୍ତି। ମୃତକ ହେଲେ ବେତନଟୀ ଥାନା ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତ କାଇଁଚକୋଟି ଗ୍ରାମର ଚାନ୍ଦମଣି ସିଂ(୭୩)। ସୂଚନା ମୁତାବକ ଚାନ୍ଦମଣି ନିଜ ମାଉସୀ ଘର ବେତନଟୀ ଥାନା ଦହିକୋଟୀ ପଞ୍ଚାୟତ ଅଧୀନ ଆଗଡ଼ା ଗ୍ରାମକୁ ଚାଲିଚାଲି ଯାଉଥିବା ବେଳେ ଆଗଡ଼ା ଗାଁମୁଣ୍ଡରେ ବଜ୍ରାଘାତର ଶିକାର ହୋଇଥିଲେ। ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିବା ବେଳକୁ ମୃତ୍ୟୁ ହୋଇସାରିଥିଲା।

## ୩ ବାଲି ବୋଝେଇ ହାଇୱା ଜବତ; ଚାଳକ ଅଟକ

ମହୁଲଡିହା,୨୧।୯ (ସମିସ): ଠାକୁରମୁଣ୍ଡା ବ୍ଲକ ଆନନ୍ଦପୁର-କରଞ୍ଜିଆ ନଂ ୫୩ ରାଜ୍ୟ ରାଜପଥରେ ଆନନ୍ଦପୁର ଆଡୁ ଚୋରାରେ ବାଲି ବୋଝେଇ କରି ଆସୁଥିବା ଦୁଇଟି ହାଇୱାକୁ ମହୁଲଡିହା ଓ ଗୋଟିଏ ହାଇୱାକୁ ଠାକୁରମୁଣ୍ଡା ପୁଲିସ ଜବତ କରି ଉଭୟ ଥାନା ତିନି ଚାଳକକୁ ଅଟକ ରଖିଛି। ପ୍ରକାଶ ଥାଉ କି, କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ ବିଶେଷ ସୁତ୍ରରୁ ଖବର ପାଇ ଦୁଇ ଏଏସଆଇ ସଞ୍ଜୟ କୁମାର ନାଏକ, ବିଜୟକୃଷ୍ଣ ସାନ୍ତେରା ଓ ପୁଲିସ କର୍ମଚାରୀଙ୍କ ସହିତ ଶନିବାର ରାତି ପ୍ରାୟ ୩ଟାରେ ଚିଆଁବେଡା ଛକ ନିକଟରୁ ୨ଟି ଚୋରା ବାଲି ବୋଝେଇ ହାଇୱା ଜବତ କରି ଥାନାକୁ ଆଣି ଦୁଇଟି ମାମଲା ରୁଜୁକରି ତଦନ୍ତ କରିଛନ୍ତି। ଠିକ୍ ସେହିପରି ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ରାତି ୩ ଟାରେ ପୁଲିସ କର୍ମଚାରୀଙ୍କ ସହିତ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦୁଜିଆଣୀ ଶିଶୁ ମନ୍ଦିର ନିକଟରୁ କରଞ୍ଜିଆ ଆଡ଼କୁ ଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ଜବତ କରି ଥାନାକୁ ଆଣି ମାମଲା ରୁଜୁକରି ତଦନ୍ତ କରୁଛନ୍ତି। ଉଭୟ ଥାନାରେ ତିନି ଚାଳକ ଅଟକ ଥିବା ଜଣାପଡ଼ିଛି।



## ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର/ବହଳଦା,୨୧।୯ (ସମିସ): ଫ୍ୟାନ୍‌ରେ ଫାଶି ଲଗାଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଗ୍ରାମର ଦାସମାତ ମାର୍ଣ୍ଡି (୫୩)। ଘଟଣାସ୍ଥଳରୁ ପୁଲିସ ଶବ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ବନସଂଲଗ୍ନ ଚାଷୀଙ୍କ ବିକଳ୍ପ ବ୍ୟବସ୍ଥା

# 'ଲେମନ୍‌ଗ୍ରାସ୍'ଦେଇଛି ନୂଆ ରୋଜଗାର





ବାରିପଦା, ୨୧।୯ (ସମିସ)

ଶିମିଳିପାଳ ପାଦଦେଶରେ ଥିବା ଶ୍ୟାମାଖୁଣ୍ଟା ବ୍ଲକର ପିଠାବଟା ଗାଁର ଜମି ଦିନେ ପଡ଼ିଆ ପଡୁଥିଲା। ପାହାଡ଼ିଆ ଟାଙ୍ଗର ଭୂମିରେ ବର୍ଷା ଜଳ ସହାୟତାରେ ଯାହା ବି ଚାଷ କଲେ ଜଙ୍ଗଲୀ ଜନ୍ତୁ ସବୁ ନଷ୍ଟ କରିଦେଉଥିଲେ। ହେଲେ ଏବେ ଲେମନଗ୍ରାସ ଚାଷ ହେବା ଦିନରୁ, ଏହାକୁ ନା ଗୃହପାଳିତ ନା ଜଙ୍ଗଲୀ ଜୀବଜନ୍ତୁ, କେହି ବି ଏଥିରେ ମୁହଁ ଲଗାଉ ନାହାନ୍ତି। ଆଉ ଏହି ଲେମନଗ୍ରାସ ଚାଷ ବନସଂଲଗ୍ନ ଚାଷୀଙ୍କୁ ନୂଆ ରୋଜଗାର ସହ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଛି। ପିଠାବଟା ଗ୍ରାମର ଉଦୀୟମାନ ଯୁବକ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ପାଇଁ ଏହା ସମ୍ଭବ ହୋଇଛି। କମ୍ପାନୀ ଚାକିରୀ ଛାଡ଼ି ସେ ନିଜସ୍ୱ ପ୍ରଚେଷ୍ଟାରେ ପ୍ରଥମ ୨୦୧୪ ମସିହାରେ ୩ ଏକର ଜମି ଲିଜ୍‌ରେ ନେଇ ଲେମନଗ୍ରାସ ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେ ଦେଶର ବିଭିନ୍ନ ଅଞ୍ଚଳ ବୁଲି ଲକ୍ଷ୍ନୌ ସ୍ଥିତ 'କେନ୍ଦ୍ରୀୟ ଔଷଧୀୟ ଏବଂ ସୁଗନ୍ଧିତ ଉଦ୍ଭିଦ ପ୍ରତିଷ୍ଠାନ' (ସିଆଇଏମ୍‌ଏପି)ରୁ କିଛି ଭଲ ଭେରାଇଟିର ଲେମନଗ୍ରାସ ଚାରା ଆଣି ଏହାକୁ ରିପ୍ଲାଣ୍ଟେସନ୍ ଜରିଆରେ ଅଧିକ ଅଞ୍ଚଳରେ ଚାଷ ବୃଦ୍ଧି କରିଥିଲେ। ଏହାସହ ଲେମନଗ୍ରାସରୁ ତେଲ ଉତ୍ପାଦନ ପାଇଁ ଅନୁଗୁଳ ଅଞ୍ଚଳରୁ ଜଣେ ପ୍ଲାଣ୍ଟ ନିର୍ମାତାଙ୍କୁ ଡକାଇ ନିଜସ୍ୱ ଡିଜାଇନ୍ ଦେଇ ଷ୍ଟିମ୍ ଡିଷ୍ଟିଲେସନ୍ ସିଷ୍ଟମର ପ୍ଲାଣ୍ଟ ପ୍ରସ୍ତୁତ କରିଥିଲେ। ପ୍ଲାଣ୍ଟର କାର୍ଯ୍ୟଶୈଳୀ ଓ ଉତ୍ପାଦନ କ୍ଷମତା ଭଲଥିବା କାରଣରୁ ଏପର୍ଯ୍ୟନ୍ତ ୧୫ରୁ ଅଧିକ ପ୍ଲାଣ୍ଟ ନିଜେ ମ୍ୟାନୁଫ୍ୟାକ୍‌ଚରିଂ କରି ବିକ୍ରି କରିସାରିଛନ୍ତି ପୂର୍ଣ୍ଣଚନ୍ଦ୍ର। ୩ ଏକରର ଚାଷ ଏବେ ୧୫୦ ଏକରରେ ପହଞ୍ଚିଛି। ବର୍ଷକୁ ଅନୁନ୍ୟ ୩ ଥର ହାର୍ଭେଷ୍ଟ କରିହେଉଛି। ଏକ ଏକରରୁ ଥରକୁ ୧୫୦ କ୍ୱିଣ୍ଟାଲ୍ ଲେମନଗ୍ରାସ କଟାଯାଉଛି। ଏଥିରେ ତେଲ ବାହାରିବା ରେସିଓ ୧ ପ୍ରତିଶତ ରହିଛି। ନିର୍ମାଣ ହୋଇଥିବା ଗୋଟିଏ ଟ୍ୟାଙ୍କିରେ ଥରକୁ ୩୫୦ କିଲୋଗ୍ରାମ ଘାସ ଲୋଡ୍ କରାଯାଉଥିବା ବେଳେ ଏକ ଘଣ୍ଟା ମଧ୍ୟରେ ସେଥିରୁ ୩.୫ ଲିଟର୍ ତେଲ ବାହାରି ଯାଉଛି। ତେଲ ବାହାରିଯିବା ପରେ ଘାସଗୁଡ଼ିକୁ ଶୁଖାଇ ପ୍ଲାଣ୍ଟ ପାଇଁ ଜାଳେଣିରେ ବ୍ୟବହାର କରାଯାଉଛି। ଏହାର ପାଉଁଶଗୁଡ଼ିକ ଜମିରେ ପକାଇବା ଦ୍ୱାରା ଭଲ ଉର୍ବରତା ପ୍ରଦାନ କରିପାରୁଛି। କେବଳ ସେତିକି ନୁହେଁ, ବର୍ଷାଋତୁ ୨ରୁ ୩ ମାସକୁ ଛାଡ଼ିଦେଲେ ପାଖାପାଖି ୬୦ ଜଣ ଲୋକଙ୍କୁ ପ୍ରତିଦିନ କାମରେ ଲଗାଇ ରୋଜଗାର ଦେଇଛନ୍ତି ପୂର୍ଣ୍ଣଚନ୍ଦ୍ର। ଆଗରୁ ଜଙ୍ଗଲ ଉପରେ ନିର୍ଭର କରୁଥିବା ପାହାଡ଼ିଆ ଅଞ୍ଚଳବାସୀଙ୍କୁ ଏବେ ହାତପାଖାନ୍ତାରେ ରୋଜଗାର ମିଳୁଥିବା କାରଣରୁ ଘର ଚଳାଇବାରେ ବେଶ୍ ସହାୟକ ହୋଇପାରୁଛି ବୋଲି କହିଛନ୍ତି କାମକରୁଥିବା ଶ୍ରମିକ। ପୂର୍ଣ୍ଣଚନ୍ଦ୍ରଙ୍କ ଲେମନଗ୍ରାସ ଚାଷ ଓ ଉତ୍ପାଦନ ଦେଖି ଅନେକ ଚାଷୀ ଏବେ ଚାଷ କରିବା ଆରମ୍ଭ କରିଦେଇଛନ୍ତି। ଘାସକୁ ଅମଳ ପରେ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ଲାଣ୍ଟକୁ ଆଣି ତେଲ ବାହାରି ବଜାରରେ ବିକ୍ରି କରିବା ସହ ଭଲ ଦୁଇପଇସା ରୋଜଗାର କରିପାରୁଛନ୍ତି ବୋଲି କହିଛନ୍ତି ଅଞ୍ଚଳର ଚାଷୀ ମଙ୍ଗଳ ଚରଣ ସିଂ ଓ ଲାଲମୋହନ ସିଂ। ଅନ୍ୟାନ୍ୟ ଅଞ୍ଚଳର ଲେମନଗ୍ରାସ୍ ତେଲ ଅପେକ୍ଷା ମୟୂରଭଞ୍ଜ ଲେମନଗ୍ରାସ୍ ତେଲର ରହିଛି ଅଧିକ ଚାହିଦା। ଘାସକୁ ଅଧିକ ପରିପକ୍ୱ କରିବା ପରେ ହାର୍ଭେଷ୍ଟ କରାଯାଉଥିବା କାରଣରୁ ତେଲର ମାନ ଭଲ ହୋଇପାରୁଛି ବୋଲି କହିଛନ୍ତି ପୂର୍ଣ୍ଣଚନ୍ଦ୍ର। କେବଳ ଲେମନଗ୍ରାସ ନୁହେଁ, ଅନେକ ଏରୋମାଟିକ୍ସ ତେଲର ବଜାରରେ ରହିଛି ଅନେକ ଚାହିଦା। ଏଣୁ ଏବେ ପାମରାଜା ଓ ଦେଶୀ ତୁଳସୀର ପ୍ଲାଣ୍ଟେସନ୍ ଆରମ୍ଭ ହେବାକୁ ଯାଉଛି। ଏସବୁର ମଞ୍ଜି ଆଣି ଏବେ ଚାରା ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି ପୂର୍ଣ୍ଣଚନ୍ଦ୍ର। ଜମିକୁ ପଡ଼ିଆ ନପକାଇ ଥରେ ଲେମନଗ୍ରାସ ଚାରାରୋପଣ କରି ୫ରୁ ୮ ବର୍ଷ ଯାଏଁ ଏଥିରୁ ରୋଜଗାର କରନ୍ତୁ ବୋଲି ସେ କହିଛନ୍ତି। ଶିମିଳିପାଳ ପାଦଦେଶରେ ଥିବା ବଣପାହାଡ଼ ଘେରା ପିଠାବଟା ଅଞ୍ଚଳରୁ ଉଠୁଥିବା ଏହି ଲେମନଗ୍ରାସ ସୁଗନ୍ଧ ଏବେ ଲୋକଙ୍କୁ ରୋଜଗାର ବାଟ ଦେଖାଉଛି। ଆଉ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରୟାସରୁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

- ୩ ଏକରର ଚାଷ ଏବେ ୧୫୦ ଏକରରେ ପହଞ୍ଚିଛି
- ଉଦୀୟମାନ ଯୁବକ ପୂର୍ଣ୍ଣଚନ୍ଦ୍ର ଏବେ ପ୍ଲାଣ୍ଟ ନିର୍ମାତା
- ୧୫ଜଣଙ୍କୁ ଦେଲେଣି ନିଜ ତିଆରି ପ୍ଲାଣ୍ଟ



## ମୁକ୍ତିମୋର୍ଚ୍ଚା ସଂଗଠନ ପକ୍ଷରୁ ପ୍ରଶିକ୍ଷଣ ଶିବିର




ଖଣ୍ଡପଡା,୨୧।୯ (ସମିସ): ବାମସେଫର ସହଯୋଗୀ ସଂଗଠନ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଖଣ୍ଡପଡା ବ୍ଲକର କୋସ୍କା ପଞ୍ଚାୟତ ଅଧୀନ ଭେଲେଇଢିପ ଗ୍ରାମ କୋଠଘର ପରିସରରେ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶିକ୍ଷା, ବେରୋଜଗାର, ଅନୁସୂଚିତ ଜାତି, ଜନଜାତି ଉପରେ ହେଉଥିବା ଅତ୍ୟାଚାର, ଲକ୍ଷ୍ୟଭ୍ରଷ୍ଟ ସମାଜକୁ ସଠିକ ମାର୍ଗଦର୍ଶନ କରାଇବା ସହ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ସମ୍ପର୍କରେ ଶିବିରରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଭାବେ ଭାରତୀୟ ମୁକ୍ତି ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ଜଗଦୀଶ ନାୟକ ଯୋଗଦେଇଥିଲେ। ସମାଜସେବୀ ଗଣେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ରୂପେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ କବିତା ସାହୁ, ସମ୍ମାନିତ ଅତିଥି ଭାବେ ପଲ୍ଲୀକବି ପ୍ରଭାତ କୁମାର ଖୁଣ୍ଟିଆ, ସର୍ବଭାରତୀୟ ସିଡ୍ୟୁଲକାଷ୍ଟ ଫେଡେରେସନର ଜିଲ୍ଲା ସଂଯୋଜକ ବିଜୟ କୁମାର ସେଠୀ, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର ଜିଲ୍ଲା ସଭାପତି ଉଦ୍ଧବ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଖଣ୍ଡପଡା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଏଭଳି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ ବୋଲି ସଂଗଠନର ସଦସ୍ୟମାନଙ୍କ ଠାରୁ ପ୍ରକାଶ।

### ବ୍ୟାଟେରି ଚାଳିତ ଆବର୍ଜନା ଗାଡ଼ି କିଣା ଅନିୟମିତତା

# ତଦନ୍ତ ବଦଳରେ ଚାପିଦେବାକୁ ଉଦ୍ୟମ

ନୟାଗଡ଼,୨୧।୯ (ସମିସ)




ନୟାଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଅଳିଆ ଉଠାଇବା ପାଇଁ ବ୍ୟାଟେରି ଚାଳିତ ଯାନ କିଣାରେ ବ୍ୟାପକ କେଲେଙ୍କାରୀ କରାଯାଇଛି। ଏହି ଘଟଣାରେ ବିଭିନ୍ନ ଗଣମାଧ୍ୟମରେ ଲଗାତର ଖବର ପ୍ରକାଶ ପାଉଥିଲେ ମଧ୍ୟ ଏଯାଏଁ ପ୍ରଶାସନ କିମ୍ବା ରାଜନେତାଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଏହାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବି କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଦାବିପତ୍ର ଗ୍ରହଣ କରିଛନ୍ତି। ଏଯାଏଁ ଏହି ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇନଥିବା ବେଳେ ଘଟଣାକୁ ଯେନତେନ ଚାପି ଦେବାକୁ ଯୋଜନା ଚାଲିଛି। ରିୟା ଏଣ୍ଟରପ୍ରାଇଜେସ୍ ନାମକ ସଂସ୍ଥାଠାରୁ ବିଭିନ୍ନ ବ୍ଲକ ପତ୍ରଶାସନ ତିନିଗୁଣା ଦରରେ ଗାଡ଼ି କିଣିଛନ୍ତି। ଗାଡ଼ିର ବଜାର ଦର ୯୫ ହଜାରରୁ ୧ ଲକ୍ଷ ୧୦ ହଜାର ମଧ୍ୟରେ ହୋଇଥିବା ବେଳେ କେଉଁଭଳି ଭାବେ ଏହି ଗାଡ଼ି କ୍ରୟ କରାଯାଇଛି, ତାହାର ତଦନ୍ତ କରିବାକୁ ନୟାଗଡ଼ ବିକାଶ ମଞ୍ଚ ଦାବି କରିଥିଲା। ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା ଦେଖାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ଏବଂ ଘଟଣାରେ ସାମୟିକ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଉକ୍ତ ସଂସ୍ଥାଠାରୁ ବାଟମାରଣା ହୋଇଥିବା ଅର୍ଥକୁ ରିକୋଭରୀ କରିବାକୁ ଦାବି କରାଯାଇଥିଲା। ବିକାଶ ମଞ୍ଚ ସଭାପତି ବସନ୍ତ ପଟ୍ଟନାୟକ, ତ୍ରିନାଥ ସାହୁ, ବୃନ୍ଦାବନ ପ୍ରଧାନ, ବସନ୍ତ ନାୟକ, ପ୍ରଶାନ୍ତ ଜେନା, ପ୍ରଫୁଲ୍ଲ ଖୁଣ୍ଟିଆ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ପରିତାପର ବିଷୟ ବୋଲି ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲାର ଶତାଧିକ ପଞ୍ଚାୟତ ପାଇଁ ଏହି ଗାଡ଼ି କିଣାଯାଇଛି। ଭାପୁର ଓ ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତ ପାଇଁ ଗାଡ଼ି କିଣାଯାଇଥିବା ବେଳେ ଖଣ୍ଡପଡ଼ା, ରଣପୁର, ଓଡ଼ଗାଁ ବ୍ଲକର ଅନେକ ପଞ୍ଚାୟତ ପାଇଁ ଗାଡ଼ି କିଣାଯାଇଛି। ଏହି ଗାଡ଼ି କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଘଟଣା ସାମ୍ନାକୁ ଆସିବା ପରେ କିଛି ରାଜନୈତିକ ବ୍ୟକ୍ତି ଏହାକୁ ଚାପିବାକୁ ଜୋରଦାର ଉଦ୍ୟମ ଚଳାଇଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଯୋଜନାରୁ ୭୦ ପ୍ରତିଶତ ଅର୍ଥ ବ୍ୟୟ କରାଯାଇଥିବା ବେଳେ ବିଭିନ୍ନ ପଞ୍ଚାୟତରୁ ସିଏଫ୍‌ସି ପାଣ୍ଠିରୁ ୩୦ ପ୍ରତିଶତ ଅର୍ଥ ବ୍ୟୟ କରାଯାଇଛି। ଗାଡ଼ି ଗୁଡ଼ିକୁ ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ମଧ୍ୟସ୍ଥତାରେ କିଣାଯାଇଛି। ଏହି ବ୍ୟକ୍ତି ଜିଲ୍ଲା ପରିଷଦର ଜୈନିକ ବରିଷ୍ଠ ଅଧିକାରୀ ଏବଂ କିଛି ରାଜନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କେଲେଙ୍କାରୀ କରିବାରେ ସମର୍ଥ ହୋଇଛନ୍ତି। ଏହି ଗାଡ଼ି ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ।

### ପୋଷାକ ବଣ୍ଟନରେ ବ୍ୟତିକ୍ରମ

## ଚିରା-ଫଟା ଡ୍ରେସ୍‌ରେ ବିତିଲାଣି ଅଧାବର୍ଷ



ଗଣିଆ,୨୧।୯ (ସମିସ): ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟାଭିମୁଖୀ କରିବାକୁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ମଧ୍ୟାହ୍ନଭୋଜନ ଠାରୁ ଆରମ୍ଭ କରି ମାଗଣା ବହି, ପୋଷାକ ଆଦି ବଣ୍ଟନ କରାଯାଉଛି। ବର୍ଷକୁ ୨ ହଳ ପୋଷାକ ଦେବା ପାଇଁ ସରକାର ନିଷ୍ପତ୍ତି ନେବା ସହିତ ଜୁଲାଇ ୧୫ ତାରିଖ ସୁଦ୍ଧା ବିଭିନ୍ନ ବିଦ୍ୟାଳୟଗୁଡିକରେ ପୋଷାକ ବଣ୍ଟନ କରିବାକୁ ସରକାରୀ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ ନୟାଗଡ ଜିଲ୍ଲା ଗଣିଆ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯାହା ଫଳରେ ଛାତ୍ର ଛାତ୍ରୀ ଚିରାଫଟା ପୋଷାକ ପିନ୍ଧି ବିଦ୍ୟାଳୟକୁ ଯାଉଛନ୍ତି। ବିଶେଷକରି ଗରୀବ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପୋଷାକ ନଥିବାରୁ ଅନେକ ସମୟରେ ବିଦ୍ୟାଳୟ ମଧ୍ୟ ଯାଇ ପାରୁନାହାଁନ୍ତି ଛାତ୍ରଛାତ୍ରୀ। ଶିକ୍ଷା ବର୍ଷର ୬ ମାସ ବିତିଯାଇଥିଲେ ମଧ୍ୟ ପିଲାଙ୍କୁ ପୋଷାକ ନମିଳିବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ବର୍ଷରେ କିଛି ଅସାଧୁ ବ୍ୟବସାୟୀଙ୍କୁ ହାତକରି ଅତି ନିମ୍ନମାନର ପୋଷାକ ବଣ୍ଟନ କରିବା ଅଭିଯୋଗ ହୋଇଛି। ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ବିନୋଦିନୀ ପଣ୍ଡାଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ପୋଷାକ ବଣ୍ଟନ ପାଇଁ ଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗଣିଆ ବ୍ଲକରେ ୫୧ଟି ସ୍ୱୟଂସହାୟକ ଗୋଷ୍ଠୀ ଆବେଦନ କରିଥିବା ବେଳେ ୧୫ଟି ଗୋଟି ସ୍ୱୟଂସହାୟକ ଗୋଷ୍ଠୀର ତାଲିକା ଜିଲ୍ଲା କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ଜିଲ୍ଲା ତରଫରୁ କୌଣସି ନିର୍ଦ୍ଦେଶନାମା ଆସିନଥିବା ସେ ପ୍ରକାଶ କରିଛନ୍ତି। ତେବେ ସାରା ରାଜ୍ୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଶେଷ ହୋଇଥିଲେ ମଧ୍ୟ ନୟାଗଡ ଜିଲ୍ଲାରେ କାହିଁକି ଏଭଳି ବ୍ୟତିକ୍ରମ ଦେଖାଦେଇଛି ତାହା ଏବେ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଶିକ୍ଷା ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବସ୍ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା

ଖଣ୍ଡପଡ଼ା,୨୧।୯ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଗୋଲା ବୋଦସା ଗ୍ରାମର ମହେଶ୍ୱର ଖୁଣ୍ଟିଆଙ୍କର ଏକ ଯାତ୍ରୀବାହି ବସ୍ ଧକ୍କାରେ ଗତ ୧୯ ତାରିଖରେ ମୃତ୍ୟୁ ହୋଇଥିଲା। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଥିବା ବେଳେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗରେ ମୃତକଙ୍କ ପରିବାରବର୍ଗ ଭାଙ୍ଗି ପଡିଥିଲେ। ଘଟଣା ସଂପର୍କରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରବର୍ଗଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ ନିମନ୍ତେ ଘୋଷଣା କରିଥିବା ଜଣାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ଗ୍ରାମବାସୀ ଏଥିନିମନ୍ତେ ମୁଖ୍ୟମନ୍ତ୍ରୀ ଓ ଖଣ୍ଡପଡ଼ା ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପାକ୍ସ ସଭାପତିଙ୍କ ବିୟୋଗରେ ଶୋକସଭା



ନୟାଗଡ଼,୨୧।୯ (ସମିସ): ବିଶିଷ୍ଟ ସମବାୟବିତ୍ ତଥା ବଡ଼ଗୋରଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି କୃପସିନ୍ଧୁ ଭଞ୍ଜଙ୍କର ଅକାଳ ବିୟୋଗରେ ଆଜି ନୟାଗଡ଼ ସ୍ଥିତ ହୋଟେଲ ପ୍ରିନ୍ସ କନଫରେନ୍ସ ହଲ ଠାରେ ନୟାଗଡ ଆଞ୍ଚଳିକ ବାଣିଜ୍ୟ ସମବାୟସମିତି ଓ ନୟାଗଡ଼ ପ୍ୟାକ୍ସ ସଭାପତି ୟୁନିୟନ ତରଫରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ମାମୁନ ରୌଫ, ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଡାଇରେକ୍ଟର ସନ୍ୟାସୀ ପ୍ରଧାନ, ଗୋଟିସାହି ସରପଞ୍ଚ ଦିପ୍ତୀରଞ୍ଜନ ପରିଡା, କୃଷକ ନେତା ଗଙ୍ଗାଧର ପଣ୍ଡା, ସୋଲପଟା ପ୍ୟାକ୍ସ ସଭାପତି ସୁଶାନ୍ତ କୁମାର ଜେନା, ପ୍ୟାକ୍ସ ସଭାପତି ୟୁନିୟନ ସଭାପତି ପ୍ରତାପ କୁମାର ମହାନ୍ତି, ସମ୍ପାଦକ ଦିଲ୍ଲୀପ ହାତୀ ଓ ଜିଲ୍ଲାର ଅନେକ ପ୍ୟାକ୍ସ ସଭାପତି, ସମ୍ପାଦକ ସମେତ ନନ କ୍ୟାଡର ଏମ୍ପ୍ଲଇଜ ୟୁନିୟନ ସଭାପତି ପୁରେନ୍ଦର ବେହେରା ସମ୍ପାଦକ ଜଗମୋହନ ରଣସିଂ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି ନିମନ୍ତେ ଶୋକ ସଭା ଅନୁଷ୍ଠିତ ହୋଇଥିଲା।

## ଆଦି କର୍ମଯୋଗୀ ଅଭିଯାନ

ନୟାଗଡ଼,୨୧।୯ (ସମିସ): ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟର ତରଫରୁ ଧରିତ୍ ଆବା- ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନର ଦ୍ୱାରା ଦଶପଲ୍ଲା ବ୍ଲକ ୧୮ ଗୋଟି ଗ୍ରାମପଞ୍ଚାୟତ ଆଦି କର୍ମଯୋଗୀ ଅଭିଯାନରେ ସାମିଲି କରାଯାଇଛି। ଦଶପଲ୍ଲା ବ୍ଲକର ବାଣିଗୋଛା, କୁଜାମେଣ୍ଡି, ଢୁଡା, କୁଲୁରୁକୁମ୍ପା, ଚଢ଼ୟାପାଲ୍ଲି, କଳସ କମଣ, ନୂଆଗାଁ, ଖମାରସାହି, ତେଣ୍ଡାବାଡି, ଭୋଗବାଡି, ପୋଖରୀଗୋଛା, ତୁମ୍ବାଣ୍ଡି, ସାରିଗଣ୍ଡା, ଟାକରା, ଗୋଳାହାଣ୍ଡି ଘୁଗୁଡିପଡ଼ା ଓ ନଛିପୁର ଆଦି ଗ୍ରାମ ପଞ୍ଚାୟତର ସମୁଦାୟ ୧୧୦ଟି ଅନୁସୂଚିତ ଜନଜାତି ବହୁଳ ଗ୍ରାମକୁ ଆଦିବାସୀ ମନ୍ତ୍ରାଳୟ ଦ୍ୱାରା ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ ଡିଏ-ଯୁଗା ଗ୍ରାମର ସାମଗ୍ରୀକ ବିକାଶ ନିମନ୍ତେ ସମସ୍ତ ବିଭାଗର ସହମତିରେ ପ୍ରତ୍ୟେକ ଗ୍ରାମ ପାଇଁ ଏକ ଭିଲେଜ ଭିଜନ ପ୍ଲାନ ପ୍ରସ୍ତୁତ ସହ ଆଗାମୀ ଅକ୍ଟୋବର ୨ ତାରିଖରେ ଡିଏ-ଯୁଗା ଗ୍ରାମର ସମସ୍ତ ଭିଲେଜ ପ୍ଲାନଭୁକ୍ତ ପଞ୍ଚାୟତର ଗ୍ରାମ ସଭାରେ ଅନୁମୋଦନ ପରେ ଆଦି ପ୍ରସାରଣ ପୋର୍ଟାଲରେ ଅପଲୋଡ୍ କରାଯିବ। ଏହି ଜନ ଭାଗିଦାରୀ କାର୍ଯ୍ୟକ୍ରମ ମଣ୍ଡଳ ଉନ୍ନୟନ ଅଧିକାରୀ, ଦଶପଲ୍ଲାଙ୍କ ତତ୍ତ୍ୱାବଧାନରେ ସମସ୍ତ ସଂଯୁକ୍ତ ବିଭାଗ, ଜନ ପ୍ରତିନିଧି ୧୮ ଗୋଟି ପଞ୍ଚାୟତର ନିର୍ବାହୀ ଅଧିକାରୀ, ସରପଞ୍ଚ ଡିଏ ଯୁଗା ଗ୍ରାମର ଗ୍ରାମବାସୀ, ବସୁନ୍ଧରା ଓ ନିର୍ମାଣ ଆଦି ଏନ୍‌ଜିଓର କର୍ମକର୍ତ୍ତାମାନେ ଉକ୍ତ ଗ୍ରାମରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରୁଛନ୍ତି।

## ରାସ୍ତା ଉପରେ ବିଦ୍ୟୁତ ଟ୍ରାନ୍ସଫର୍ମର



ଭାପୁର,୨୧।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ନୂଆଗାଁ ନୂଆସାହି ଗ୍ରାମ ଠାରେ ରାସ୍ତା ଉପରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ନିର୍ମାଣ ହୋଇଥିବାରୁ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁନାହିଁ। ଜାମୁସାହିଠାରୁ ବାରବାଟୀ ଗ୍ରାମ ଦେଇ ଗୋହିରିଆପଡା ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଉପରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ବାରବାଟୀ ଗ୍ରାମର ବାଡିପଟ ଦେଇ ନୂଆଗାଁ ଯାଇଥିବା ଏହି ରାସ୍ତାର ଏକ ବୁଲାଣୀ ସ୍ଥାନରେ ଏହି ଖୋଲା ଟ୍ରାନ୍ସଫର୍ମର ନିର୍ମାଣ ହୋଇଥିବାରୁ ଯେ କୌଣସି ସମୟରେ ଅଘଟଣ ଘଟିପାରେ। ସ୍ଥାନୀୟ ଜନସାଧାରଣ ଏ ନେଇ ଭାପୁର ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେ କୌଣସି ସୁଫଳ ମିଳି ନାହିଁ। ଏଥିପ୍ରତି ବିଦ୍ୟୁତ ବିଭାଗ ଗୁରୁତ୍ୱ ଦେଇ ଏହାକୁ ସ୍ଥାନାନ୍ତରିତ କରିବାକୁ ସାଧାରଣରେ ଦାବି ହେଉଛି।

## ଖୋଲା ଆକାଶ ତଳେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି



କଣ୍ଟିଲୋ,୨୧।୯ (ସମିସ): ବାପୁଜୀ ନଗର ଉପକଣ୍ଠରେ କଣ୍ଟିଲୋ ପଞ୍ଚାୟତ ପାଖରେ ରହିଛି ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ ଗାନ୍ଧୀ ପାର୍କ। ପାର୍କର ଚିହ୍ନବର୍ଣ୍ଣ କିଛି ନଥିବା ବେଳେ ପଡ଼ିଆ ମଧ୍ୟରେ ଖୋଲା ଆକାଶ ତଳେ ରହିଛି ଗାନ୍ଧିଜୀଙ୍କ ଏକ କଂକ୍ରିଟ ପ୍ରତିମୂର୍ତ୍ତି। ପଞ୍ଚାୟତ ଗଠନ ସମୟରୁ ପ୍ରଥମ ସରପଞ୍ଚ ନରସିଂହ ମହାରଣାଙ୍କ ଉଦ୍ୟମରେ ଗାନ୍ଧୀଙ୍କ ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। ଏହା ପର ଠାରୁ ବର୍ଷ ବର୍ଷ ଉକ୍ତ ପାର୍କର ବିକାଶ ଦିଗରେ ଧ୍ୟାନ ଦିଆଯାଇନାହିଁ। ବିଳମ୍ବରେ ହେଲେବି ପ୍ରଶାସନ ଗାନ୍ଧୀ ପାର୍କର ଉନ୍ନତୀକରଣ ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା ସହ ଗତ ଜାନୁଆରୀ ମାସରେ ପ୍ରକଳ୍ପ ଶିଳାନ୍ୟାସ ସାଂସଦ ଓ ବିଧାୟକଙ୍କ କରକମଳରେ କରାଯାଇଥିଲା। ତେବେ ୭ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟାରମ୍ଭ ହୋଇନାହିଁ। ତେବେ ଗାନ୍ଧୀ ପାର୍କକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

## ଦୁଇଗୋଷ୍ଠୀ ହଣାକଟାରେ ଜଣେ ଗୁରୁତର

ଓଡ଼ଗାଁ,୨୧।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ରାସ୍ତାର ବାହାଡ଼ାପିଠା ନିକଟ ଆକ୍ସିସ ବ୍ୟାଙ୍କ ଓ ବିୟର ବାର୍ ମଧ୍ୟ ରାସ୍ତାରେ ଦୁଇଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ସହ ହଣାକଟାରେ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ଘଟଣା ଅନୁସାରେ ଖୋର୍ଦ୍ଧା ଅଞ୍ଚଳର ପୁରୀର ୱେ ପ୍ରିମିୟମ ହୋଟେଲରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଦେବାଶିଷ ନାମକ କେହି ବ୍ୟକ୍ତିର ସାଙ୍ଗରେ ସେହି ହୋଟେଲରେ କାର୍ଯ୍ୟ କରୁଥିବା ଇଟାମାଟି ଅଞ୍ଚଳର ଜାନକୀ ମାଝୀ(୧୫) ଓ ରଣପୁର ବ୍ଲକର ଅନସରା ଗ୍ରାମର ସଞ୍ଜୟ ବେହେରା(୨୨) ପିତା ମହେନ୍ଦ୍ର ବେହେରା ଓଡ଼ଗାଁ ଆସିଥିବା କହିଛନ୍ତି। ସେମାନେ ଆକ୍ସିସ ବ୍ୟାଙ୍କ ସାମ୍ନା ବିୟର ବାରକୁ ଯାଇଥିବା ସମୟରେ ଏକ କାର୍ ଯୋଗେ ସେଠାକୁ ଅନ୍ୟ କେତେକ ଲୋକ ଆସି ଗାଳିଗୁଲଜ, ବଚସା ପରେ ପୁରୀର ହୋଟେଲରେ ମ୍ୟାନେଜର କାର୍ଯ୍ୟ କରୁଥିବା ଦେବାଶିଷଙ୍କୁ ଆକ୍ରମଣ କରିବା ସମୟରେ ସେ' ସେଠାରୁ ଖସି ପଳାଇଥିବା ବେଳେ ସେଠାରେ ଥିବା ସଞ୍ଜୟ ବେହେରା ଓ ଜାନକୀ ଉପରେ ଆକ୍ରମଣ କରିଥିଲେ। ଫଳରେ ଅପରପକ୍ଷର କାତିପରି କୌଣସି ଲମ୍ବା ଧାରୁଆ ଅସ୍ତ୍ରରେ ସଞ୍ଜୟ ବେହେରା ଉପରକୁ ଆକ୍ରମଣ କରିଥିଲା। ସୌଭାଗ୍ୟ ବଶତଃ ସଞ୍ଜୟର ବାମ ଗୋଡ଼ ପାଦ ଓ ଡାହାଣ ହାତରେ ଆଘାତ ଲାଗିଥିଲା। ଓଡ଼ଗାଁ ପୁଲିସ ଖବର ପାଇ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାରେ ପହଞ୍ଚାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସଞ୍ଜୟକୁ ନୟାଗଡ଼ ସ୍ଥାନାନ୍ତର କରାଯାଇଛି। ପୁଲିସର ତଦନ୍ତ ପରେ ଘଟଣାର ସଠିକ୍ ସତ୍ୟାସତ୍ୟ ଜଣାପଡ଼ିବ।

## ବାଇକ୍‌କୁ ପିଟିଲା ପିକ୍‌ଅପ୍; ୨ ମୃତ

ନୟାଗଡ଼,୨୧।୯ (ସମିସ): ନୂଆଗାଁରେ ବାଇକକୁ ପିଟିଲା ପିକଅପ୍ ଭ୍ୟାନ। ଦୁଇ ବାଇକ୍ ଆରୋହୀ ମୃତ। ମୃତକ ହେଲେ ନୂଆଗାଁର ରଞ୍ଜନ ପ୍ରଧାନ ଏବଂ ବଳରାମ ପରିଡ଼ା। ଉଭୟ ସମ୍ପର୍କରେ ଦାଦା ପୁତୁରା ହେବେ ବୋଲି ଜଣାପଡିଛି। ନୂଆଗାଁ ନିକଟରେ ଏକ ଭୋଜିରେ ଯୋଗ ଦେଇ ଉଭୟ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ନୂଆଗାଁ ଉପରସାହି ନିକଟରେ ଦଶପଲ୍ଲା ପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଉଭୟ ଗୁରୁତରଙ୍କୁ ଅଗ୍ନିଶମ କର୍ମଚାରୀ ନୟାଗଡ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପିକଅପ୍ ଡ୍ରାଇଭର ଏବଂ ଗାଡିକୁ ନୂଆଗାଁ ପୁଲିସ ଥାନାରେ ରଖି ତଦନ୍ତ ଆରମ୍ଭ କରିଛି।

## କଣ୍ଟିଲୋରେ ପାର୍ବଣ ପାଇଁ ପ୍ରସ୍ତୁତି

କଣ୍ଟିଲୋ,୨୧।୯ (ସମିସ): କଣ୍ଟିଲୋରେ ଦଶହରା ପର୍ବ ଧୁମଧାମରେ ପାଳିତ ହୋଇଥାଏ। ଚଳିତ ବର୍ଷ ଗ୍ରାମରେ ୧୫ଟି ପୂଜା ମଣ୍ଡପରେ ମା'ଦୁର୍ଗାଙ୍କ ମୃଣ୍ମୟ ପ୍ରତିମା ପୂଜା ପାଇବେ। ଏଥିପାଇଁ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ତେବେ ଆସନ୍ତା ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାଶଙ୍କ ପୌରୋହିତ୍ୟରେ ଫାଣ୍ଡି ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଣ୍ଟିଲୋ ସମେତ ନିକଟସ୍ଥ ବଡ଼ବାଣପୁର, ସିଧାମୁଳାର ପୂଜା କମିଟି କର୍ମକର୍ତ୍ତା ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ପାର୍ବଣ ତଥା ଭସାଣି ସମୟରେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେବା ସହିତ ଶବ୍ଦ ପ୍ରଦୂଷଣ, ନିଶା, ତଥା ଅସାମାଜିକ ତତ୍ତ୍ୱ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଫାଣ୍ଡି ଅଧିକାରୀ ଶ୍ରୀ ଦାଶ କହିଛନ୍ତି।

# ଗୋଟିଏ ଦିନରେ ୩ ନାବାଳିକା ନିଖୋଜ

ଓଡ଼ଗାଁ,୨୧।୯ (ସମିସ)

**୯ ମାସରେ ୧୯ ନାବାଳିକା ନିଖୋଜ**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅଞ୍ଚଳରୁ ଶୁକ୍ରବାର ୩ ନାବାଳିକାଙ୍କ ନିଖୋଜ ଅଭିଯୋଗ ପାଇ ଓଡ଼ଗାଁ ପୁଲିସ ୩ ଗୋଟି ନିଖୋଜ ମାମଲା ରୁଜୁ କରିବା ସହିତ ଅନୁସନ୍ଧାନ ଆରମ୍ଭ କରିଥିବା ଜଣାପଡିଛି। ଚଳିତ ବର୍ଷ ଆଜି ସୁଦ୍ଧା ଅର୍ଥାତ ୯ ମାସରେ ୩ ଜଣଙ୍କୁ ମିଶାଇ ମୋଟ ୧୯ ଜଣ ନାବାଳିକା ଏବଂ ୨ ଜଣ ନାବାଳକ ଏପରି ୨୧ ଜଣ ନିଖୋଜ ହୋଇଥିବା ସୂଚନା ରହିଛି। ତେବେ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଓଡ଼ଗାଁ ପୁଲିସ୍ ଉଦ୍ଧାର କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

ସାଧାରଣତଃ ଆଧୁନିକ ତାର ଅନୁକରଣରେ ଝିଅ ଓ ପୁଅଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେବା ସହ ସଞ୍ଜମତା ଜ୍ଞାନର ଅଭାବରେ ଖୁବ୍ କମ୍ ଦିନରେ ପ୍ରେମାନ୍ଧ ପାଲଟି ଯାଇ ଦୈହିକ ସୁଖରେ ମାତି ବାପା ମା'ଙ୍କୁ ଭୁଲି ଖୁବ୍ ଅଳ୍ପ ବୟସର ନାବାଳିକାମାନେ ପୁରୁଷ ବନ୍ଧୁଙ୍କ ସହିତ କେଉଁଆଡେ ଚାଲିଯାଇଥାଆନ୍ତି। ଅନେକ ଖୋଜାଖୋଜି ପରେ ଅଭିଭାବକ ମାନେ ଥାନାରେ ଅଭିଯୋଗ ଦାଖଲ କରିଥାନ୍ତି। ତେବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଖୋଜାଖୋଜି କରି କେତେକଙ୍କୁ ଫେରସ୍ତ ଆଣିବା ପ୍ରକ୍ରିୟା ଓଡ଼ଗାଁ ଥାନା ଅଞ୍ଚଳରେ ନିୟମିତ ଦେଖିବାକୁ ମିଳୁଛି। ଅନ୍ୟ କେତେକ କ୍ଷେତ୍ରରେ ପକ୍ସୋ ଆକ୍ଟରେ ଗୁନ୍ଥି ହୋଇ ଅନେକ ଯୁବକ କାରାଗାରର କୋଠରି ମଧ୍ୟରେ ବନ୍ଦୀ ରହିଛନ୍ତି। ହେଲେ ପରିଣାମ ସମ୍ପର୍କରେ ଜ୍ଞାତ ଥାଇ ମଧ୍ୟ ଯୁବକ ମାନେ ସତର୍କ ନହେବା ପରିତାପର ବିଷୟ। ଏପରିକି କେତେକ କ୍ଷେତ୍ରରେ ନାବାଳିକା ମାନେ କାହା ପ୍ରରୋଚନାର ବସବର୍ତ୍ତୀ ହୋଇ ନାବାଳକ ମାନଙ୍କୁ ଫସାଇ ପିଡିତା ସାଜି କ୍ଷତିପୂରଣ ମଧ୍ୟ ହାସଲ କରୁଥିବାର ନଜିର ରହିଛି। ଅଳ୍ପ କିଛି ଜଣ ଏପରି ଆଇନର ଦୂରୁପଯୋଗ କରୁଥିବା କାରଣରୁ ଦିନକୁ ଦିନ ନିଖୋଜ ସଂଖ୍ୟା ବୃଦ୍ଧି ପାଉଛି। ତେବେ ନିଖୋଜ ନାବାଳିକା ଉଦ୍ଧାର ହେବା ପରେ ପୁଣିଥରେ ପଳାଇଯିବା ଭୟରେ ସେମାନଙ୍କର ସ୍କୁଲ୍ ଯିବା ବନ୍ଦ ହେଉଛି। ଏଣୁ ଅପରିପକ୍ୱ ଓ ସୁସ୍ଥ ମାନସିକତାର ପରିବର୍ତ୍ତନ ବିନା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ସଫଳତା ନେଇ ସନ୍ଦେହ ପ୍ରକାଶ ପାଉଥିବା ବେଳେ ଏହାର ପରିବର୍ତ୍ତନ ପାଇଁ ପରିବେଶ ଓ ଅଭିଭାବକମାନଙ୍କ ଭୁମିକାର ଅନେକ ଗୁରୁତ୍ୱ ରହିଛି।

## ବଢୁଛି ପ୍ରେମୀଯୁଗଳଙ୍କ ପଳାୟନ

- ପୁଲିସ ହେଉଛି ନାକେଦମ୍
- ମୋବାଇଲ ପାଲଟିଛି ମାଧ୍ୟମ

ଭାପୁର,୨୧।୯ (ସମିସ): ବର୍ତ୍ତମାନ ସାମାଜିକ ଉଚ୍ଛୃଙ୍ଖଳତା ବଢି ବଢି ଚାଲିଛି। ଗୁରୁ ଗୁରୁଜନମାନଙ୍କୁ କନିଷ୍ଠମାନେ ପୂର୍ବ ଅପେକ୍ଷା ସମ୍ମାନ ଦେବାରେ କୁଣ୍ଠିତ ହେଉଛନ୍ତି। ବିଶେଷ କରି ଯୁବ ସମାଜ ନିଜର ପିତାମାତା ଓ ପରିବାରର ଗୁରୁଜନଙ୍କ କଥାକୁ ଅନେକ କ୍ଷେତ୍ରରେ ଅବମାନନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁଜନ ମାନଙ୍କ ଦ୍ୱାରା ଆୟୋଜିତ ଆରେଞ୍ଜ ମ୍ୟାରେଜ ଅପେକ୍ଷା ନିଜେ ପସନ୍ଦ କରି ବିବାହ କରିବାକୁ ଯୁବସମାଜ ଅଧିକ ପସନ୍ଦ କରୁଛନ୍ତି। କେତେକ କ୍ଷେତ୍ରରେ ପରିବାରଙ୍କ ବାରଣକୁ ଭୃକ୍ଷେପ ନ କରି ଘରୁ ଫେରାର ହେଇଯାଉଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅଞ୍ଚଳରେ ଏହା ଦିନକୁ ଦିନ ବଢିବାରେ ଲାଗିଛି। ପ୍ରତିମାସରେ ଚାରି ପାଞ୍ଚ ଏପରି ଘଟଣା ଘଟୁଛି। ଏ ବର୍ଷ ଏପରି ପ୍ରେମୀ ଯୁଗଳଙ୍କ ପଳାୟନ କରିଥିବା ଘଟଣା ୩୦ରୁ ଊର୍ଦ୍ଧ୍ୱ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ବେଳେ ଅନେକ ପରିବାର ଲୋକଲଜ୍ଜାରେ ଥାନାକୁ ନ ଯାଇ ନିଜ ନିଜ ଭିତରେ ରଫାଦଫା କରିଦେଉଛନ୍ତି। ଥାନାରେ ହୋଇଥିବା ଲିଖିତ ଅଭିଯୋଗ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ନାବାଳିକା ରହିଥିବାରୁ ଏହା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଯୁବପିଢ଼ିଙ୍କ ଉପରେ ବାପା ମା' ଓ ପରିବାରର ଧ୍ୟାନ କମ ରହିବା ଏବଂ ସେମାନଙ୍କୁ ଦାମୀ ମୋବାଇଲ ଓ ଗାଡି ବ୍ୟବହାର ପାଇଁ ପ୍ରଦାନ କରିବା ଏହି ପଳାୟନକୁ ଅଧିକ ଖୋରାକ ଦେଉଛି ବୋଲି ପୁଲିସ ତଥ୍ୟ କହୁଛି। ଏଥିପ୍ରତି ପିତାମାତା ମାନେ ଅଧିକ ସଜାଗ ହେବାର ଆବଶ୍ୟକତା ରହିଛି। ପିଲାମାନଙ୍କ ସହ ଅଧିକ ସମୟ କଟାଇବା ସହ ସେମାନଙ୍କ ଚାଲିଚଳଣୀକୁ ସତର୍କ ଭାବେ ନଜରରେ ରଖିଲେ ପିଲାମାନେ କୁପଥଗାମୀ ହେବେ ନାହିଁ ବୋଲି ବୁଦ୍ଧିଜୀବୀ ମାନେ କହୁଛନ୍ତି।

## ନିଃଶୁଳ୍କ ଚିକିତ୍ସା ଶିବିର ଓ ଔଷଧ ବିତରଣ

ନିରାକାରପୁର,୨୧।୯ (ସମିସ): ନିରାକାରପୁର ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଟାଙ୍ଗୀ ମେଡିକାଲ ଅଫିସର ତଥା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସତ୍ୟରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରାକାରପୁର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସୌମ୍ୟରଞ୍ଜନ ପ୍ରଧାନ, ଆୟୁଷ ଡାକ୍ତର ଅଶ୍ୱିନୀ କୁମାର ସ୍ୱାଇଁ ଓ ଫାର୍ମାସିଷ୍ଟ ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା କରିଥିଲେ। ଏହି ଶିବିରରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଉଚ୍ଚ ରକ୍ତଚାପ, ମଧୁମେହ, ମହିଳାମାନଙ୍କର ରକ୍ତହୀନତା ଯାଞ୍ଚ ଏବଂ ଆବଶ୍ୟକୀୟ ରକ୍ତ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ପ୍ରମୋଦ କୁମାର ପଣ୍ଡା, ନର୍ସ ଅଫିସର କଲ୍ୟାଣୀ ନାୟକ, ଲ୍ୟାବ୍ ଟେକ୍ନିସିଆନ ଇତିଶ୍ରୀ ସାମନ୍ତରାୟ, ଡାକ୍ତରଖାନା କର୍ମଚାରୀ ସୁମିତ୍ରା ପାତ୍ର, ବଳଭଦ୍ର ନାୟକ, ରଞ୍ଜନ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଆଶା କର୍ମୀମାନେ ସହାୟତା କରିଥିଲେ। ୩୦୦ରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା।

## ହଳଦିଆରେ ଆଇନ ସଚେତନତା ଶିବିର

ଖୋର୍ଦ୍ଧା,୨୧।୯ (ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗଡ଼ହଳଦିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଜଜ୍ ରଞ୍ଜୁଲତା ଲେଙ୍କା ଏଥିରେ ଅଧ୍ୟକ୍ଷତା କରି ସାମାଜିକ ବିଧି ବ୍ୟବସ୍ଥାରେ ଆଇନର ସହାୟତା ଏବଂ ଉପଯୋଗିତା ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଅବଗତ କରାଇଥିଲେ। ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁଷମା ସ୍ୱାଇଁ ମହିଳା କୋର୍ଟ ଜଜ୍ ଖୋରାଣୀ ନାୟକ, ସବ୍‌ଜଜ୍ ରାକେଶ ରୋଷନ ନନ୍ଦ, ଏଡ଼ିଶେନାଲ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ଆଇନଜୀବୀ ବିକ୍ରମ କେଶରୀ ଦଂଶୀତି, ସମାଜସେବୀ ରାମଶଙ୍କର, ସରପଞ୍ଚ ବନିତା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏସିଡ଼ ଆକ୍ରମଣ ଓ ମାନବ ଚାଲାଣ ସମ୍ପର୍କିତ ଆଇନର ଗୁରୁତ୍ୱ ଏବଂ ଏଥିରେ ଶିକାର ହୋଇଥିବା ପୀଡ଼ିତଙ୍କ ଥଇଥାନ, କ୍ଷତିପୂରଣ ସହିତ ଆଇନ ସହାୟତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗ୍ରାମବାସୀମାନେ ବହୁ ସଂଖ୍ୟାରେ ସାମିଲ୍ ରହି ବିଭିନ୍ନ ଆଇନ ସମ୍ପର୍କରେ ପଚାରି ବୁଝିଥିଲେ।

## ଜିଲ୍ଲାସ୍ତରୀୟ ସେବା ପଖୱାଡ଼ା ଦିବସ

ଖୋର୍ଦ୍ଧା,୨୧।୯ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୭ ତାରିଖରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛ ଉତ୍ସବ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍ ପରିସରରେ ଜିଲ୍ଲାସ୍ତରୀୟ ସେବା ପଖୱାଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀମତୀ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସେବା ପଖୱାଡ଼ା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଖୋର୍ଦ୍ଧା ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ନେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ପରେ ପତାକା ପ୍ରଦର୍ଶନ କରି ମାରାଥନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଗଣଦୌଡ଼ ଇନ୍‌ଡୋର୍ ଷ୍ଟାଡିୟମ୍‌ରୁ ବାହାରି ୧୬ନଂ ଜାତୀୟ ରାଜପଥର ପଲ୍ଲା ତୋଟାପଡ଼ା ଛକ, ପଲ୍ଲା ଛକ, ଜିଲ୍ଲାପାଳ କାର୍ଯ୍ୟାଳୟ ଛକ ଦେଇ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ଭାରପ୍ରାପ୍ତ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ରିଜର୍ଭ ଇନ୍ସପେକ୍ଟର ଅଫ୍ ପୁଲିସ ସତ୍ୟକାନ୍ତ ମନୋରଞ୍ଜନ ଜେନା ପ୍ରମୁଖ ଟ୍ରାଫିକ୍ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଆଗରେ ଧାରଣା

ନିରାକାରପୁର,୨୧।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଳ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଶନିବାର ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଗ୍ରାମବାସୀ ଏବଂ ପରିଚାଳନା କମିଟି ସଦସ୍ୟମାନେ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟ ୧୯୭୪ ମସିହାରୁ ସ୍ଥାପିତ ହୋଇଥିବାବେଳେ ଏବେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୪୫୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ରହିଛନ୍ତି। ବିଦ୍ୟାଳୟରେ ଦୁଇ ବର୍ଷ ହେବ ପ୍ରଧାନଶିକ୍ଷକ ପଦ ଖାଲିପଡ଼ିଛି। ତେବେ ବିଦ୍ୟାଳୟରୁ ହଠାତ୍ ୩ ଜଣ ଶିକ୍ଷକ (ଗଣିତ, ଇଂରାଜୀ ଏବଂ ହିନ୍ଦୀ)ଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଇଛି। ତାଙ୍କ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ପାଠପଢ଼ାରେ ସମସ୍ୟା ଉପୁଜିଛି। ବିଦ୍ୟାଳୟରେ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବିରେ ଶନିବାର ବିଦ୍ୟାଳୟ ଫାଟକ ଆଗରେ କିଛି ଗ୍ରାମବାସୀ ଧାରଣାରେ ବସିଥିଲେ। ଏନେଇ ସ୍କୁଲ ପରିଚାଳନା କମିଟି ସଭାପତି ଭାଗିରଥୀ ବେହେରା କହିଛନ୍ତି ଯେ ପ୍ରଧାନଶିକ୍ଷକଙ୍କ ନିଯୁକ୍ତି ଦାବି ନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏବେ ଷାଣ୍ମାସିକ ପରୀକ୍ଷା ଚାଲୁଥିବାବେଳେ ୩ଜଣ ଶିକ୍ଷକଙ୍କୁ ବଦଳି କରିଦିଆଗଲା। ଏଠାରେ ଉକ୍ତ ବିଷୟର ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଶାନ୍ତିପୂର୍ଣ୍ଣଭାବେ ବିଦ୍ୟାଳୟ ଆଗରେ ଧାରଣା ଦେବୁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ କହିଛନ୍ତି, ଯେଉଁଠି ଶିକ୍ଷକ ବଦଳି ହୋଇଛନ୍ତି, ସେହି ସ୍ଥାନରେ ନୂଆ ଶିକ୍ଷକଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ।

### ମା' ଭଗବତୀଙ୍କ ପୀଠରେ ସାତଭଉଣୀଙ୍କ ନବରାତ୍ର ପୂଜା ଆରମ୍ଭ

# ମା' ଭଗବତୀଙ୍କ ସହ ବିରଜାଇଙ୍କ ଭେଟ ଉତ୍ସବ

ବାଲୁଗାଁ,୨୧।୯ (ସମିସ)



ଚଳିତ ଶାରଦୀୟ ପୂଜା ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ସହ ମା' ବିରଜାଇଙ୍କ ବିଜୟ ପ୍ରତିମା କାଠି ଠାକୁରାଣୀଙ୍କ ଭେଟ ଉତ୍ସବ ରବିବାର ରାତ୍ରରେ ବାଣପୁର ବଡ଼ଦାଣ୍ଡରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାସମାରୋହ ସହ ପାଳିତ ହୋଇଯାଇଛି। ତଥାକଥିତ ବଡ଼ ଭଉଣୀ ମା' ବିରଜାଇଙ୍କ ସହ ସାନ ଭଉଣୀ ମା' ଭଗବତୀଙ୍କ ଭେଟ ଉତ୍ସବ ଏହି ଅଞ୍ଚଳରେ ଭେଟ ଅମାବାସ୍ୟା ଭାବେ ଖ୍ୟାତି ଅର୍ଜନ କରିଛି। ଏହି ଉତ୍ସବକୁ ଉପଭୋଗ କରିବା ନିମନ୍ତେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମରେ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି।

ମା' ଭଗବତୀଙ୍କ ପୀଠରେ ଶାରଦୀୟ ପାର୍ବଣ ନିମନ୍ତେ ତଥାକଥିତ ତିନି ଭଉଣୀ ମା' ନାରାୟଣୀ, ମା' ସିଦ୍ଧାମ୍ବରୀ ଓ ମା' କାଳିଜାଇଙ୍କୁ ପୂର୍ବରୁ ନିମନ୍ତ୍ରଣ କରିବାରେ ପିତ୍ରାଳୟ ଦକ୍ଷ ପ୍ରଜାପତି ମନ୍ଦିରରେ ଅବସ୍ଥାନ କରିଛନ୍ତି। ରବିବାର ଅମାବାସ୍ୟା ତିଥିରେ ପାରମ୍ପରିକ ରୀତିନୀତି ଅନୁଯାୟୀ, ନିର୍ଦ୍ଧାରିତ ସମୟ ପୂର୍ବରୁ ମା'ଙ୍କ ପୀଠରେ ଅବସ୍ଥାନ କରିଥିବା ମା' ବିରଜାଇଙ୍କ ବିଜୟ ପ୍ରତିମା କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ସାତବଖରା ଗୃହ ଅଭିମୁଖେ ଯାତ୍ରା କରିଥିଲେ। ଉକ୍ତ ସମୟରେ ପିତ୍ରାଳୟ ଦକ୍ଷ ପ୍ରଜାପତି ଦେବଙ୍କ ମନ୍ଦିରରୁ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ବଡ଼ ଭଉଣୀ ମା' ବିରଜାଇଙ୍କୁ ନିମନ୍ତ୍ରଣ ଲାଗି ବାହାରିଥିଲେ। ବାଣପୁର ବଜାର ବଡ଼ଦାଣ୍ଡରେ ଦୁଇ ଭଉଣୀଙ୍କ ବିଜୟ ପ୍ରତିମା କାଠି ଠାକୁରାଣୀ ଭେଟ ହୋଇ ଏକାଠି ହେବା ପରେ ମିଳନ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ସେବାୟତମାନେ ଦୁଇ ଭଉଣୀଙ୍କୁ ନୃତ୍ୟରତ ଅବସ୍ଥାରେ ମିଳନ କରାଇଥିଲେ। ଅନ୍ୟ ପକ୍ଷରେ ମା' ଭଗବତୀଙ୍କ କାଠି ଠାକୁରାଣୀ ମନ୍ଦିର ବେଢ଼ାରେ ପ୍ରବେଶ କରିବା ପରେ ବିଭିନ୍ନ ପୂଜା ବିଧି ସମ୍ପନ୍ନ ହୋଇଥିଲା। ପୁନଃ ବିଳମ୍ବିତ ରାତ୍ରିରେ ସେବାୟତମାନେ କାଠି ଠାକୁରାଣୀଙ୍କ ସହ ମା' ଭଗବତୀଙ୍କ ଆଜ୍ଞାମାଳ ନେଇ ସାତବଖରା ଗୃହ ଅଭିମୁଖେ ଯାତ୍ରା କରିଥିଲେ। ପରମ୍ପରା ଅନୁଯାୟୀ ଆସିବା ବାଟରେ ରଙ୍ଗନାଥ ଦେବଙ୍କ ମନ୍ଦିରରେ ଏହି ଆଜ୍ଞାମାଳକୁ ରଖାଯାଇଥିଲା। ଯାହାକୁ ଶାରଦୀୟ ପୂଜାର ପୁରୋଧା ପାରିକୁଦ ରାଜାଙ୍କ ନିକଟକୁ ପଠାଯାଇଥାଏ। ପରେ ରାତ୍ରିର ଶେଷ ପ୍ରହରରେ ବଳିଜେନା ପର୍ବ ଅନୁଷ୍ଠିତ ହୋଇଥିଲା।


ମା' ଭଗବତୀଙ୍କ କାଠି ଠାକୁରାଣୀ ସାତବଖରା ଘରକୁ ଆସିବା ବାଟରେ ପରମ୍ପରା ଅନୁଯାୟୀ ନରବଳି ପ୍ରତିକାତ୍ମକ ଭାବେ ରବୀନ୍ଦ୍ର ଜେନା (ବଳି ଜେନା) ଶରଣାପନ୍ନ ହୋଇଥିବା ରଘୁନାଥ ମଣ୍ଡପର ଦ୍ୱାର ଦେଶରେ ଉପସ୍ଥିତ ହୋଇ ଏକ କୁମ୍ଭରେ ୩ଟି ବେଲ ପତ୍ର ମାଳ ସ୍ଥାପନ କରି ଧ୍ୟାନରେ ବସିଥିବାବେଳେ ସେବାୟତମାନେ ମା'ଙ୍କ କାଠି ଠାକୁରାଣୀଙ୍କୁ ବଳିଜେନାଙ୍କ ନିକଟକୁ ନେଇ ମନ୍ତ୍ର ମୁତାବକ ମା'ଙ୍କ ଆଜ୍ଞାମାଳ ପାଇବା ପରେ ସେବାୟତମାନେ ଏହି ଆଜ୍ଞାମାଳକୁ ବଳି ଜେନାଙ୍କ ବେକରେ ପକାଇ ଶିରରେ ସିନ୍ଦୂର ପ୍ରଲେପ କରିଥିଲେ। ଏହା ପରେ ବଳି ଜେନା ସଙ୍ଗେ ସଙ୍ଗେ ଚେତାଶୂନ୍ୟ ହୋଇ ପଡ଼ିବାରେ ତାଙ୍କୁ ସେବାୟତମାନେ କାନ୍ଧରେ ଧାରଣ କରି ମା'ଙ୍କ କାଠି ଠାକୁରାଣୀଙ୍କ ସହ ବାଣପୁର ବଜାରରେ ନୃତ୍ୟରତ ଅବସ୍ଥାରେ ସାତବଖରା ଘରକୁ ବିରାଜମାନ କରାଇଥିଲେ। ସୋମବାରଠାରୁ ନବରାତ୍ର ପୂଜା ଆରମ୍ଭ ହେବ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ବାଣପୁର,୨୧।୯ (ସମିସ): ଚିଲିକା ନିର୍ବାଚନମଣ୍ଡଳୀରେ ବିଜେପି ପକ୍ଷରୁ ସେବା ପକ୍ଷ ପାଳନ ଅବସରରେ ବାଲୁଗାଁ, ବାଣପୁରରେ ଅନୁଷ୍ଠିତ ସ୍ୱଚ୍ଛତା ହିଁ ସେବା ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଯୋଗଦେଇଥିଲେ। ରବିବାର ସକାଳେ ବାଲୁଗାଁ ଏନ୍‌ଏସି ତରଫରୁ ଆୟୋଜିତ ସ୍ୱଚ୍ଛତା ହିଁ ସେବା ଅନ୍ତର୍ଗତ ସାମୂହିକ ସଫେଇ ଓ ଜଳ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବାଲୁଗାଁ ନଗର ମଣ୍ଡଳ ବିଜେପି ସଭାପତି ସନ୍ତୋଷ ପାଇକରାୟଙ୍କ ସମେତ କାଉନ୍‌ସିଲର, ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣଙ୍କ ସହ ସାମିଲ ହୋଇ ମନ୍ତ୍ରୀ ଚିଲିକା କୂଳ ଓ କଲେଜ ରୋଡ୍ ଆଦି ସ୍ଥାନରେ ସଫେଇ କରିଥିଲେ। ସେହିପରି ଗମ୍ଭାରୀମୁଣ୍ଡାସ୍ଥିତ ପର୍ଶୁରାମ ମହାବିଦ୍ୟାଳୟ ପରିସରରେ ସିଦ୍ଧେଶ୍ୱରୀ ମଣ୍ଡଳ ପକ୍ଷରୁ ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ସାଂସଦ ଡ. ପାତ୍ର, ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓ ଚିଲିକାର ପୂର୍ବତନ ବିଧାୟକ ଡ. ବିଭୂତିଭୂଷଣ ହରିଚନ୍ଦନ, ବ୍ଲୁ ହୁଇଲ୍ ହସ୍ପିଟାଲର ନିର୍ଦ୍ଦେଶିକା ଡ. ସୁଦେଷ୍ଣା ହରିଚନ୍ଦନ ଓ ଉପାଧ୍ୟକ୍ଷ ଡ. ସନ୍ଦୀପ ଦାସ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବ୍ଲୁ ହୁଇଲ୍ ହସ୍ପିଟାଲର ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରୀ ଟିମ୍ ଯୋଗଦେଇ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓ ସାଂସଦ ବଡ଼କୂଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆରାଧ୍ୟ ଦେବ ଶ୍ରୀରାମେଶ୍ୱର ଦେବଙ୍କ ପୀଠ ପରିସରରେ ପଞ୍ଚାୟତସ୍ତରୀୟ ମହାସଂଘ ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାବେଳେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୬୮.୬୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫ନଂ ଜାତୀୟ ରାଜପଥର ସାମନ୍ତସିଂହାରପୁର କାଲୁରୀ ଓ ଗଙ୍ଗାଧରପୁରଠାରୁ କୁମାଣ୍ଡୋଳପାଟଣା ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ମହାଗୌରୀ ବେଶରେ ମା' ବନଦୁର୍ଗା



ନିରାକାରପୁର,୨୧।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାରଦୀୟ ଷୋଳପୂଜାର ଅଷ୍ଟମ ଦିବସରେ ମହାଗୌରୀ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ସହସ୍ର କୁମ୍ଭାଭିଷେକ କରାଯାଇଛି। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଅଧରପଣା ଓ ଶ୍ରୀମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି।

## ରାମେଶ୍ୱର ମଲାଗୁଣି ବ୍ୟାରେଜ୍‌ରୁ ଗଳିତ ଶବ ଉଦ୍ଧାର

ନିରାକାରପୁର,୨୧।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ରାମେଶ୍ୱର ମଲାଗୁଣି ବ୍ୟାରେଜ୍‌ରେ ରବିବାର ଅପରାହ୍ଣ ୧ଟା ବେଳେ ଜଣେ ଅଚିହ୍ନା ବ୍ୟକ୍ତିର ଗଳିତ ଶବ ଭାସମାନ ଅବସ୍ଥାରେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଶବଟି ମୁହଁ ମାଡ଼ି ପଡ଼ିଥିବା ଦେଖିବାକୁ ମିଳିଥିଲା। ଶବର ପରିଚୟ ମିଳି ନ ଥିବାବେଳେ କଳା ପ୍ୟାଣ୍ଟ ଓ ଏକ ଚେକ୍ ସାର୍ଟ ପିନ୍ଧିଥିବା ସହ ଦୁଇଟି ବ୍ୟାଗ୍ ପାଖରେ ପଡ଼ିଥିଲା। ଖବର ପାଇ ଜଂକିଆ ପୁଲିସ ଅଗ୍ନିଶମ ବାହିନୀର ସାହାଯ୍ୟରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ହସ୍ପିଟାଲ ପଠାଇଥିବା ଜଣାପଡ଼ିଛି। ଜଂକିଆ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଆଇଆଇସି ସୁଶାନ୍ତ ବେହେରାଙ୍କଠାରୁ ଜଣାପଡ଼ିଛି।

## ରୋଭର ରେଞ୍ଜରଙ୍କ ଚିଲିକା ଜେଟି ସଫେଇ




ବାଣପୁର,୨୧।୯ (ସମିସ): ଗୋଦାବରୀଶ ମହାବିଦ୍ୟାଳୟର ରୋଭର ରେଞ୍ଜର ୟୁନିଟ୍ ତରଫରୁ ବଡ଼କୂଳ ପାନ୍ଥନିବାସ ନିକଟ ଚିଲିକା ହ୍ରଦ ଜେଟି ଓ ଜଳ କ୍ରୀଡ଼ା ଉଦ୍ୟାନ ଆଦି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରୋଭର ରେଞ୍ଜର ଅଧିକାରୀ ଅଧ୍ୟାପକ ଆଦିତ୍ୟ ସାରଥୀ ବେଦମତ୍ତା ଓ ଅଧ୍ୟାପିକା ଉତ୍କଳିକା ପାଢ଼ୀ ଏହି ସଫେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରୋଭର ତୁଷାରକାନ୍ତ ମଲ୍ଲିକ ଓ ରେଞ୍ଜର ଶର୍ମିଷ୍ଠା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ପୁରାତନ ରୋଭର ସୁନିଲ ସ୍ୱାଇଁ, ମିଥୁନ ତରାଇ, ଓମ୍ ପ୍ରକାଶ ମହଲା, ତୋଫାନ ବେହେରା ଓ ରେଞ୍ଜର ଚିନ୍ମୟୀ ମିଶ୍ର ପ୍ରମୁଖ ସାମିଲ୍ ହୋଇ କାର୍ଯ୍ୟରେ ସମନ୍ୱୟ ରକ୍ଷା କରାଇଥିଲେ। ସିଡିଏ କର୍ମଚାରୀ ମନୋରଞ୍ଜନ ମିଶ୍ର, ପୂର୍ବତନ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ ଯୋଗଦେଇଥିଲେ। ଗୋଦାବରୀଶ ମହାବିଦ୍ୟାଳୟ ଅଧ୍ୟକ୍ଷ ଏସ୍‌ପିଏନ୍‌ଏସ୍ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଓସ୍ତପୁର-କୋଟପଲା ବଜାର: ନାମଫଳକକୁ ନେଇ ମହିଳାଙ୍କ ବିକ୍ଷୋଭ

ବେଗୁନିଆ,୨୧।୯ (ସମିସ): ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର ମୌଜାର କୋଟପଲା ବଜାରର ନାମକରଣକୁ ନେଇ ଗତ ମାସ ୭ ତାରିଖରେ ଉଭୟ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ଗ୍ରାମରୁ ଆହତ ହୋଇଥିବାବେଳେ ଦୋକାନ ବଜାର ଭଙ୍ଗାରୁଜା ହୋଇଥିବାବେଳେ ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଲାଗୁ କରାଯାଇଥିଲା। ଏପରିକି ୧୭ ଦିନ ପରେ ଶାନ୍ତି କମିଟି ଗଠନ କରାଯାଇ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଉଭୟ ପକ୍ଷର ସହମତି କ୍ରମେ ଓସ୍ତପୁର-କୋଟପଲା ବଜାର ନାମକରଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏପରିକି ଉଭୟ ଗ୍ରାମ ମଧ୍ୟରେ ଥିବା ମନୋମାଳିନ୍ୟକୁ ନେଇ ଭାଇଚାରା ମାଧ୍ୟମରେ ସମାଧାନ କରି ଆପୋଷ ସମାଧାନ ପାଇଁ ଚେଷ୍ଟା ଜାରି ହୋଇଥିଲା। ଏହି ଘଟଣା ଦେଢ଼ ମାସରୁ ଅଧିକ ବିତିଯାଇଥିଲେ ମଧ୍ୟ ଦୋକାନ ବଜାର ବନ୍ଦ ହେବା ଫଳରେ ସାଧାରଣ ଲୋକମାନେ ଅନ୍ୟ ଗ୍ରାମ ଦୋକାନରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ପ୍ରତ୍ୟହ ଅସୁବିଧାର ସମ୍ମୁଖିନ ହୋଇ କିଣାବିକା ପାଇଁ ଅନ୍ୟ ଗ୍ରାମକୁ ଯାଇଥାନ୍ତି। ଫଳରେ ବ୍ୟବସାୟୀମାନେ ନିଜର ଗୁଜୁରାଣ ମେଣ୍ଟାଇବାରେ ଅସମର୍ଥ ହୋଇ ନୈରାଶ୍ୟ ମନୋଭାବ ରଖି ଜୀବନ ନିର୍ବାହ କରୁଥିବାର ଦେଖିବାକୁ ମିଳୁଛି। ତେବେ ବଜାରଟି ଦିବା ଓ ରାତ୍ରରେ ଜନଶୂନ୍ୟ ହୋଇ ଖାଁ ଖାଁ ଲାଗୁଥିବାବେଳେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ସମସ୍ୟା ସମାଧାନର ପନ୍ଥା ବାହାରି ପାରୁନାହିଁ। ତେଣୁ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ମାଜିଷ୍ଟ୍ରେଟ୍ ତଥା ତହସିଲ୍‌ଦାର ତାପସ ବିଶି, ଅତିରିକ୍ତ ତହସିଲ୍‌ଦାର ମୃତ୍ୟୁଞ୍ଜୟ ବରାଳ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରା ରବିବାର ପୂର୍ବାହ୍ଣରେ ଓସ୍ତପୁର- କୋଟପଲା ନାମକରଣ ଫଳକ ଲଗାଇବାକୁ ପହଞ୍ଚିଥିଲେ। ଏଥିରେ ଓସ୍ତପୁର ଗ୍ରାମର ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହ ଫଳକ ଲଗାଇବାକୁ ବିରୋଧ କରିଥିଲେ। ତେବେ ପ୍ରଶାସନିକ କର୍ମଚାରୀ ଫଳକ ନ ଲଗାଇ ବିଫଳ ହୋଇ ଫେରିଆସିଥିଲେ। ଏହି ସମସ୍ୟା କେବେ ସୁଧୁରିବ ତାହା କହିହେଉନାହିଁ।

# ୩ ଟନ୍ ଗୋ-ମାଂସ ଓ ମିନିଟ୍ରକ୍ ଜବତ; ଚାଳକ ଗିରଫ






### ର୍‍ୟାକେଟ୍ ସକ୍ରିୟ; ପଶ୍ଚିମବଙ୍ଗ ଓ ଆନ୍ଧ୍ରକୁ ହେଉଛି ଚାଲାଣ

ଖୋର୍ଦ୍ଧା,୨୧।୯ (ସମିସ): ବଦଳିଛି ବେଆଇନ ଗୋ-ଚାଲାଣ ତରିକା। ପୁଲିସର ଧରପଗଡ଼ ପରେ ଏବେ ଆଉ ଗୋ-ଚାଲାଣ କରୁନାହାନ୍ତି ମାଫିଆ। ବରଂ ଗୋ-ଚାଲାଣ ପରିବର୍ତ୍ତେ ଗୋ-ମାଂସକୁ ପ୍ୟାକେଟ୍ କରି ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ଏଥିରେ ଏକ ବଡ଼ ର୍‍ୟାକେଟ୍ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ବେଳକୁ ବେଳ ଗୋ-ମାଂସ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଦୈନିକ ଜାତୀୟ ରାଜପଥ ଏମାନଙ୍କ ଚରାଭୂଇଁ ପାଲଟିଛି। ଜାତୀୟ ରାଜପଥ ଦେଇ ହାଇଦରାବାଦ ଭଳି ବିଭିନ୍ନ ସ୍ଥାନକୁ ପୁଲିସ ଆଖିରେ ଧୂଳି ଦେବା ଯୋଜନାରେ ମାଲ୍‌ବାହୀ ଟ୍ରକ୍ ଯୋଗେ ହେଉଛି ଚାଲାଣ। ଯାହା କିଛିଦିନ ମଧ୍ୟରେ ଜାତୀୟ ରାଜପଥରୁ ଜବତ ହେଉଥିବା ଗୋ-ମାଂସ ଓ କଣ୍ଟେନର ଜବତ ଘଟଣା ସ୍ପଷ୍ଟ କରୁଛି। ଏହିଭଳି ଏକ ଗୋ-ମାଂସ ବୋଝେଇ ମିନିଟ୍ରକ୍ ଆନ୍ଧ୍ର ଅଭିମୁଖେ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ରବିବାର ବଜରଙ୍ଗ ଦଳ ସଦସ୍ୟମାନେ ଗଡ଼ଖୋର୍ଦ୍ଧା ଛକଠାରେ ଅଟକାଇଥିଲେ। ପରେ ଉକ୍ତ ମିନିଟ୍ରକ୍‌କୁ ଶିକ୍ଷାଞ୍ଚଳ ଥାନା ପୁଲିସ ଜିମା ଦେଇଥିଲେ। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ମିନିଟ୍ରକ୍ ଡ୍ରାଇଭରକୁ ଗିରଫ କରିଛି। ଗିରଫ ଡ୍ରାଇଭର ହେଲା ପୁରୀ ଜିଲ୍ଲା କାକଟପୁର ଥାନା ରସୁଲପୁରର ଏସ୍.କେ. ଜାହିଦ୍ (୩୨)। ଉକ୍ତ ମିନିଟ୍ରକ୍‌ରୁ ପୁଲିସ ୩ ଟନ୍ ଗୋ-ମାଂସ ଜବତ କରିଥିବା ଭାରପ୍ରାପ୍ତ ଶିକ୍ଷାଞ୍ଚଳ ଥାନା ଅଧିକାରୀ ବାସୁଦେବ ଜୟସିଂ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜୁରୀ ଦିଗରୁ ନୀଳ ରଙ୍ଗର ଜରିପାଲ ଘୋଡ଼ାଯାଇଥିବା ଏକ ମିନିଟ୍ରକ୍ ଦ୍ରୁତଗତିରେ ଖୋର୍ଦ୍ଧା-ପଟ୍ଟନାୟିକା-ପୁରୀ ରାସ୍ତା ଦେଇ ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ଖବର ପାଇ ବଜରଙ୍ଗ ଦଳ ସଦସ୍ୟ ଖୋର୍ଦ୍ଧା ସହର ଉପକଣ୍ଠ ଗଡ଼ଖୋର୍ଦ୍ଧା ଛକ ନିକଟରେ ଗାଡ଼ିକୁ ଅଟକାଇ ପୁଲିସ ଜିମା ଦେଇଥିଲେ। ଚଳନ୍ତା ଗାଡ଼ିରୁ ଡେଇଁ ଖସିଯିବାକୁ ଉଦ୍ୟମ କରୁଥିବା ସମୟରେ ଡ୍ରାଇଭର ଏସ୍.କେ.ଜାହିଦ୍‌କୁ ପୁଲିସ କାବୁ କରିବା ସହିତ ମିନିଟ୍ରକ୍‌କୁ ଜବତ କରିଥିଲା। ପରେ ଡ୍ରାଇଭର ଜାହିଦ୍‌କୁ ପଚରାଉଚରା ସମୟରେ ମିନିଟ୍ରକ୍‌ରେ ଗୋ-ମାଂସ ବୋଝେଇ ହୋଇଥିବାର ମାନିଯାଇଥିଲା। ଗୋ-ମାଂସ ଚାଲାଣରେ ଜଟଣୀ ଥାନା ଅଞ୍ଚଳର ଦୁଇ ଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ସ୍ୱୀକାର କରିଥିଲା। ସେମାନେ ଗୋ-ମାଂସ ଚାଲାଣ କରୁଥିବାର ଡ୍ରାଇଭର ପୁଲିସ ଆଗରେ ପ୍ରକାଶ କରିଥିବାବେଳେ ଜବତ ଗୋ-ମାଂସ ଆନ୍ଧ୍ରକୁ ଚାଲାଣ କରାଯାଉଥିବା ସ୍ୱୀକାର କରିଥିବା ଜଣାଯାଇଛି। ଜବତ ମାଂସ ପ୍ୟାକେଟ୍‌ରୁ କିଛି ମାଂସର ସାମ୍ପୁଲ୍‌କୁ ପଶୁ ଚିକିତ୍ସକଙ୍କ ଜରିଆରେ ସଂଗ୍ରହ କରି ପୁଲିସ ପଶୁ ଓ ପ୍ରାଣୀ ବିଜ୍ଞାନ ଅନୁସନ୍ଧାନାଗାରକୁ ପଠାଇଛି। ଅନ୍ୟ ମାଂସଗୁଡ଼ିକ ନିକଟସ୍ଥ ଅରାଙ୍ଗ ଜଙ୍ଗଲରେ ପୋତାଯାଇଥିବା ପୁଲିସ ସୂଚନା ଦେଇଛି।

ସୂଚନାଅନୁସାରେ, ୧୬ ଓ ୫୭ ନମ୍ବର ଜାତୀୟରାଜପଥ ଦେଇ ବିଳମ୍ବିତ ରାତିରେ ଦୈନିକ ଶହ ଶହ ଟ୍ରକ୍‌ରେ ଗାଈଗୋରୁ ବାହାର ରାଜ୍ୟ ତଥା ବାହାର ଦେଶକୁ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଥିଲା। ଏ ସବୁରେ ରୋକ୍ ଲଗାଇବା ପାଇଁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଥାନା ଅଧିକାରୀ ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢ଼ଉ କଲେ। ଫଳରେ ଅନେକ ସ୍ଥାନରୁ ଗୋରୁଗାଡ଼ି ଜବତ ହେଉଥିବାବେଳେ ପୁଲିସର ଚଢ଼ଉରୁ ବର୍ତ୍ତିବା ଲାଗି ମାଫିଆମାନେ ବେପାର ତରିକା ବଦଳାଇଥିବା କୁହାଯାଉଛି। ଗୋ-ଚାଲାଣ ପରିବର୍ତ୍ତେ ଏବେ ଗୋ-ମାଂସ ଚାଲାଣ କରୁଥିବା ଜଣାଯାଇଛି।

### ବକ୍ସି ଜଗବନ୍ଧୁଙ୍କ ୨୭୧ ତମ ଜୟନ୍ତୀ ପାଳିତ

## ପାଇକ ବିଦ୍ରୋହରେ ବକ୍ସିଙ୍କ ପ୍ରଭାବଶାଳୀ ଭୂମିକା



ଖୋର୍ଦ୍ଧା,୨୧।୯ (ସମିସ): ସ୍ଥାନୀୟ ବିଜେବି ହାଇସ୍କୁଲ ଅଡିଟୋରିୟମ୍ ପରିସରରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ରଙ୍କ ୨୭୧ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ବକ୍ସିଙ୍କ ଦାୟାଦ ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୁଖ୍ୟବକ୍ତାଭାବେ ନିରାକାରପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଐତିହାସିକ ଡ. ପ୍ରତିଭାମୟୀ ମିତ୍ର, ସ୍ୱତନ୍ତ୍ର ଅତିଥିରୂପେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ପାଇକ ସଂଗଠନର ମୁଖ୍ୟ ସଞ୍ଚାଳକ ଇଂ.ଶିଶିର କୁମାର ନାୟକ, ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ, ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ହବିବୁର ରହେମାନ, ବକ୍ସିଙ୍କ ସହଯୋଗୀ ଡୁମୁଡୁମା ଦଳବେହେରା ମୀର ହାଇଦର ଅଲ୍ଲୀଙ୍କ ଦାୟାଦ ଅବ୍ଦୁଲ କାଲାମ ଆଜାଦ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି, ତାପଙ୍ଗ ଦଳବେହେରା ସ୍ମୃତି କମିଟିର ଉପସଭାପତି ରମଜାନ୍ ଖାଁ, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ଯୋଗଦେଇ ପାଇକ ବିଦ୍ରୋହରେ ବକ୍ସିଙ୍କ ପ୍ରଭାବଶାଳୀ ଭୂମିକା ବାବଦରେ ଆଲୋଚନା କରିଥିଲେ। ଇଂ. ଶିଶିର କୁମାର ନାୟକ ବରୁଣେଇ ପାହାଡ଼ ଉପରେ ବକ୍ସିଙ୍କର ୩୫୦ ଫୁଟ୍ ଉଚ୍ଚର ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ସ୍ଥିର ହୋଇଥିବା ସୂଚନା ଦେଇଥିଲେ। ସ୍ୱତନ୍ତ୍ର ଅତିଥି ସୁରଥ ବିଶ୍ୱାଳ ବକ୍ସିଙ୍କ ଜନ୍ମ ଦିବସ ରାଜ୍ୟ ସରକାରଙ୍କ ପକ୍ଷରୁ ପାଳନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ସମ୍ପାଦକ ଅମରେନ୍ଦ୍ର ମହାପାତ୍ର, ବୈଦ୍ୟନାଥ ବରାଳ, ଶକ୍ତି ପ୍ରସାଦ ମହାପାତ୍ର, ମନୋଜ ଦାସ, ଡ. ନିରଞ୍ଜନ ମହାନ୍ତି, ରାମନାରାୟଣ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଦେଇଥିବାବେଳେ କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ଅନନ୍ୟ ଓ ଅଲୌକିକ..**

# ମା' ପୋଲକାଶୁଣି, ବାଉଁଶ ବଣର ରାଣୀ

ବ୍ରହ୍ମପୁର, ୨୧।୯ (ସମିସ)





ପାହାଡ଼ ପର୍ବତ ଘେରା ଘଞ୍ଚ ବାଉଁଶ ବଣର ପାହାଡ଼ ଉପରେ ଆଧିପତ୍ୟ ବିସ୍ତାର କରି ରହିଛନ୍ତି ମା' ପୋଲକାଶୁଣି। ସବୁଜ ବନାନୀ ପରିବେଷ୍ଟିତ ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶ ମଧ୍ୟରେ ମା'ଙ୍କର ବାସସ୍ଥାନ। ଏକ ବିସ୍ତୃତ ବାଉଁଶ ବଣରେ ମା' ବିରାଜମାନ କରିଛନ୍ତି। ସମଗ୍ର ପାହାଡ଼ଠାରୁ ଆରମ୍ଭ କରି ମନ୍ଦିର ସାଲିମ୍ବ ବାଉଁଶ ବନରେ ଆଚ୍ଛାଦିତ। ମା'ଙ୍କର ଆବିର୍ଭାବ ପଛରେ ଏକ ସୁନ୍ଦର ଲୋକକଥା ରହିଛି। ବଡ଼ଗଡ଼ ଗଡ଼ର ରାଜା ଦୁର୍ଗାମାଧବ ସିଂହ ରାଜତ୍ୱ କରୁଥିବା ବେଳେ ଦେବୀଙ୍କର ସ୍ୱତଃ ପ୍ରସ୍ଫୁଟିତ ପ୍ରକାଶିଥିଲା। ପୂର୍ବ କଥା ଅନୁସାରେ ରାଜାଙ୍କର ତିନୋଟି ରାଣୀଙ୍କ ମଧ୍ୟରୁ ସାନରାଣୀ ଜରଡ଼ାଗଡ଼ର ରାଜଜେମା ଥିଲେ। ରାଣୀ ମଧ୍ୟ ସମୟେ ସମୟେ ନିଜ ଇଷ୍ଟ ଦେବୀଙ୍କୁ ମନେ ପକାଇ ଏଠାକୁ ଆଣିବାକୁ ଭାବୁଥିଲେ। ଦିନେ ରାଜା ନିକଟସ୍ଥ ଜଙ୍ଗଲକୁ ଆମୋଦ ପ୍ରମୋଦ ପାଇଁ ପାତ୍ରମନ୍ତ୍ରୀମାନଙ୍କୁ ନେଇ ଜରାଉ ନାଳ ନିକଟ ଘନ ବନ ମଧ୍ୟକୁ ମୃଗ ମାରି ଭୋଜିର ଆସର କରିଥିଲେ। କଟୁଆଳ ବା ବାରିକକୁ ଭୋଜି ଶେଷରେ କେହି ରହିଲା କି କ'ଣ ବୁଝିବାକୁ କହିବାରୁ ବାରିକ ବଡ଼ ପାଟିରେ ଡାକିଥିଲେ। ଏହା ଶୁଣି ନିର୍ଜନ ଘଞ୍ଚ ବାଉଁଶ ମୂଳରୁ 'ମୁଁ ରହିଛି' ବୋଲି ଶବ୍ଦ ପ୍ରକଟ ହୁଅନ୍ତେ, ସମସ୍ତେ ଯାଇ ସେହି ସମୟରେ ଅଲୌକିକ ଓ ଶକ୍ତ ଆଭାର ଦର୍ଶନ ପାଇଥିଲେ। ସନ୍ଧ୍ୟା ହେତୁ ନଅରକୁ ଫେରି ଭୟଭୀତ ହୋଇ ରାଜା-ରାଣୀଙ୍କୁ ଏହା ଜଣାଇବା ପରେ ମା' ଫୁଲକାଶୁଣି ରାତିରେ ସ୍ୱପ୍ନରେ ରାଣୀଙ୍କ କାମନାରେ ସନ୍ତୁଷ୍ଟ ହୋଇ ଆସିଥିବା କହିଥିଲେ। ପରଦିନ ବ୍ରାହ୍ମଣ ପୁରୋହିତଙ୍କୁ ନେଇ ମା'ଙ୍କର ପୂଜାର୍ଚ୍ଚନାର ବନ୍ଦୋବସ୍ତ କରି ଭବ୍ୟ ମନ୍ଦିର ତିଆରି କରିଥିଲେ ରାଜା। ବ୍ରାହ୍ମଣଙ୍କ ଦ୍ୱାରା ନିତ୍ୟ ଭୋଗ ବ୍ୟବସ୍ଥା କରିବା ସହିତ କନ୍ଧ ସମ୍ପ୍ରଦାୟ ଦ୍ୱାରା ଛାଗ ବଳି ବ୍ୟବସ୍ଥା କରିଥିଲେ।

ବର୍ତ୍ତମାନର ବଡ଼ଗଡ଼ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ମା' ଫୁଲକାଶୁଣି ରହିଥିବାରୁ ପ୍ରତିବର୍ଷ ସାରା ରାଜ୍ୟରୁ ଲୋକେ ଏଠାକୁ ଛୁଟି ଆସନ୍ତି। ଚୈତ୍ରମାସକୁ ମା'ଙ୍କ ଯାତ୍ରାର ପ୍ରକୃଷ୍ଟ ସମୟ ବୋଲି ବାଛିଥିଲେ। ଏହି ସମୟରେ ରାଜପରିବାରର ଲୋକେ ନିଜର ଅନୁଗତମାନଙ୍କ ସହ ଯାଇ ଭୋଗରାଗ କରି ଆସିବା ପରେ ବର୍ଷକର ବଣ ଭୋଜି କାର୍ଯ୍ୟକ୍ରମ ଶେଷ ହୁଏ। ମା'ଙ୍କ ପୀଠକୁ ଯିବାପାଇଁ ରାଜବାଟି ପଛ ପଟ ବେସରବଟା ରାସ୍ତାରୁ ଘଞ୍ଚ ଆମ୍ବ ଡ଼ିମ୍ବିରି ବଣ ଦେଇ ଚିରସ୍ରୋତା ଜରାଉ ନାଳ ପରେ ଘଞ୍ଚ ବାଉଁଶ ବଣ ଦେଇ ଯିବାକୁ ହୁଏ। ଯାତ୍ରା ଅତ୍ୟନ୍ତ କଷ୍ଟ ସାଧ୍ୟ ହେଲେ ମଧ୍ୟ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ମା'ଙ୍କୁ ମନାସୀ ବଣ ଜଙ୍ଗଲ ମଧ୍ୟରେ ଯାଇ ପୀଠରେ ପହଞ୍ଚନ୍ତି। ଅଞ୍ଚଳର ସମସ୍ତ ନବ ବିବାହିତ ଦମ୍ପତି ପ୍ରଥମ ଦର୍ଶନର ବିଧି ହେତୁ ଆଜି ମଧ୍ୟ ମାନି ଚଳନ୍ତି। ଆଜି ମଧ୍ୟ ରାଜା କିଶୋରୀ ଚରଣ ସିଂହ ଓ ତାଙ୍କ ଦାୟାଦମାନେ ବିଧି ବ୍ୟବସ୍ଥା ବୁଝୁଥିବା ବେଳେ ୨୫ ବର୍ଷ ତଳେ ଅଲୌକିକ ଘଟଣା ସ୍ୱରୂପ ମନ୍ଦିରର ରକ୍ଷଣାବେକ୍ଷଣା ଅଭାବରୁ ମନ୍ଦିର ତଳୁ ମାଟି ଧୋଇ ଯାଇଥିଲେ ସୁଦ୍ଧା ଝୁଲନ୍ତା ଅବସ୍ଥାରେ ବହୁଦିନ ରହିଥିଲା। ପରେ ଅଞ୍ଚଳର କିଛି ବଦାନ୍ୟ ବ୍ୟକ୍ତିଙ୍କ ଉଦ୍ୟମରେ ଉଦ୍ଧାର ହୋଇ ଆଜିମଧ୍ୟ ମନ୍ଦିର ସହିତ ବଳି ଅଗଣା ଓ ବିଶ୍ରାମ ଗୃହ ବିଦ୍ୟମାନ। ଏହି ପୀଠ ସମଗ୍ର ସୋରଡ଼ା ଓ ବଡ଼ଗଡ଼ ଅଞ୍ଚଳର ଆରାଧ୍ୟ ଦେବୀ ଭାବେ ବେଶ ପରିଚିତ।

## ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବେଲଗୁଣ୍ଠା, ୨୧।୯ (ସମିସ): ବେଲଗୁଣ୍ଠା ବ୍ଲକ ନେଟଙ୍ଗା ନିକଟସ୍ଥ ରତନପୁର ଗ୍ରାମର ଜଣେ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣଙ୍କ ହେଲେ ନେଟଙ୍ଗା ରତନପୁର ଗ୍ରାମର ସହଦେବ ବିଶ୍ୱାଳଙ୍କ ପୁଅ ଲକ୍ଷ୍ମୀ ନାରାୟଣ ବିଶ୍ୱାଳ (୨୫)। ଏନେଇ ଲକ୍ଷ୍ମୀ ନାରାୟଣଙ୍କ ଭିଣୋଇ ଶନିଶ୍ଚର ସାହୁ ଗାଙ୍ଗପୁର ଥାନାରେ କରିଥିବା ଅଭିଯୋଗ ପ୍ରକାରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ଯୋଗୁଁ ତାଙ୍କ ଶଳା ଲକ୍ଷ୍ମୀ ନାରାୟଣ ରବିବାର ରାତିରେ ଏକ ତୁନିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଅଭିଯୋଗକୁ ଭିତ୍ତି ପୁଲିସ ଏକ ମାମଲା ରୁଜୁ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନା ଏସ୍‌ଆଇ ଅଜୟ କୁମାର ମଲିକ ଘଟଣାର ତଦନ୍ତ କରୁଥିବା ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ କହିଛନ୍ତି। ପ୍ରକାଶ ଥାଉକି ମୃତ ଲକ୍ଷ୍ମୀ ନାରାୟଣ ଗତ ସାତ ମାସ ତଳେ ବିବାହ କରିଥିଲେ।

## କୂଅରେ ଖସିପଡ଼ି ବୃଦ୍ଧା ମୃତ

ଦିଗପହଣ୍ଡି, ୨୧।୯ (ସମିସ): ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଉତ୍ତପଲ୍ଲୀ ଗ୍ରାମରେ ଜଣେ ବୃଦ୍ଧା କୂଅରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବୁଡି ଗମାଙ୍ଗ (୬୭)। ରବିବାର ସକାଳେ ଅସାବଧାନତା କାରଣରୁ ଗ୍ରାମ କୂଅରେ ସେ ଖସିପଡ଼ିଥିଲେ। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତା ବୁଡିଙ୍କ ସ୍ୱାମୀ ମୂଷା ଗମାଙ୍ଗ ପୂର୍ବରୁ ମୃତ୍ୟୁ ବରଣ କରିଥିବା ବେଳେ ଗତ କିଛି ମାସ ପୂର୍ବେ ଗ୍ରାମରେ ବ୍ୟାପିଥିବା ଝାଡାବାନ୍ତିରେ ତାଙ୍କ ପୁଅ ପ୍ରକାଶ ରଇତଙ୍କ ମଧ୍ୟ ମୃତ୍ୟୁ ହୋଇ ଯାଇଥିଲା। ବର୍ତ୍ତମାନ ତାଙ୍କ ବୋହୂ ଜୟନ୍ତୀ ବିଧବା ଅବସ୍ଥାରେ ଛୋଟ ଝିଅକୁ ଧରି ସମ୍ପୂର୍ଣ୍ଣ ବେସାହାରା ହୋଇ ଯାଇଛନ୍ତି। ଏଭଳି ଅସମୟରେ ବୁଡିଙ୍କ ମୃତଦେହ ସତ୍କାର ପାଇଁ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ସହାୟତା କିମ୍ବା ଅନ୍ୟ କୌଣସି ସରକାରୀ ସହାୟତା ମଧ୍ୟ ଯୋଗାଇ ଦିଆଯାଇ ନଥିବା ଜଣାପଡ଼ିଛି। ବେସାହାରା ଜୟନ୍ତୀଙ୍କ ପରିବାରକୁ ତହସିଲ ପ୍ରଶାସନ ସମସ୍ତ ପ୍ରକାର ସହାୟତାର ହାତ ବଢ଼ାଇବାକୁ ସାମାଜିକ କର୍ମୀ ମନୋଜ କୁମାର ସାହୁ ଦାବି କରିଛନ୍ତି।

## କାମରେ ଆସୁନି ପ୍ରାଣୀଧନ ସହାୟକ କେନ୍ଦ୍ର

ଧରାକୋଟ, ୨୧।୯ (ସମିସ): ଧରାକୋଟ ବ୍ଲକର ସିଙ୍ଗିପୁର ପ୍ରାଣୀଧନ ସହାୟକ କେନ୍ଦ୍ର ଅଞ୍ଚଳବାସୀଙ୍କ ଗୃହ ପାଳିତ ପଶୁପକ୍ଷୀମାନଙ୍କୁ ସେବା ଯୋଗାଇ ଦେବାରେ ବିଫଳ ହୋଇଛି। ଧରାକୋଟ ପ୍ରାଣୀ ଚିକିତ୍ସାଳୟ ଅଧିନରେ ଏହା ରହିଥିଲେ ମଧ୍ୟ କର୍ମଚାରୀ ମରୁଡ଼ି ଯୋଗୁଁ ଏହା ଲୋକ ମାନଙ୍କର କାମରେ ଆସୁନି। ସିଙ୍ଗିପୁର ପଞ୍ଚାୟତରେ ଅବସ୍ଥିତ ଏହି ସହାୟକ କେନ୍ଦ୍ର ପାଇଁ ଜଣେ ଏଲଆଇ, ଜଣେ ଆଟେନଡ଼ାଣ୍ଟ ପଦବୀ ମଞ୍ଜୁରୀ ପାଇଥିଲେ ମଧ୍ୟ ଏହି ଦୁଇଟି ପଦବୀ ଖାଲି ପଡ଼ିଥିବାରୁ ଲୋକେ ନିଜ ନିଜର ଗୃହପାଳିତ ପଶୁପକ୍ଷୀଙ୍କୁ ସେବା ଯୋଗାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସହାୟକ କେନ୍ଦ୍ର ପାଇଁ ନୂତନ ଭାବରେ କୋଠା ନିର୍ମାଣ ହୋଇସାରିଥିଲେ ମଧ୍ୟ ଏହା ବିଭାଗୀୟ ଅଧିକାରୀଙ୍କୁ ଏ ପର୍ଯ୍ୟନ୍ତ ହସ୍ତାନ୍ତର କରାଯାଇନାହିଁ। ଏଣୁ ନୂତନ ଭାବରେ ନିର୍ମିତ କୋଠା ଚାରିପଟେ ଲତା ବୁଦା ମାଡିଯାଇ ଅସୁରକ୍ଷିତ ହୋଇପଡ଼ିଛି। ଯାହାର ଫଳ ସ୍ୱରୂପ ଏଠାରେ ଅନୈତିକ କାର୍ଯ୍ୟ କଳାପ ଅନାୟସରେ ଚାଲିଛି। ନିର୍ମାଣ କାର୍ଯ୍ୟ ସରିଥିଲେ ସୁଦ୍ଧା ଏହାକୁ କାହିଁକି ହସ୍ତାନ୍ତର କରାଯାଇନାହିଁ ତାହା ତର୍ଜମାର ବିଷୟ ହୋଇଛି। ଏଣୁ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।




## ମହାଳୟା ଅମାବାସ୍ୟା ପାଳିତ

ସାନଖେମୁଣ୍ଡି, ୨୧।୯ (ସମିସ): ଆଶ୍ୱିନ ମାସର ଅମାବାସ୍ୟା ତଥା ପିତୃପକ୍ଷର ଶେଷ ଦିନ। ଆଶ୍ୱିନ ମାସର ଅନ୍ଧାର ପକ୍ଷରେ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦେବାର ପରମ୍ପରା ଅଛି। ଯଦି କିଏ ଦେଇପାରିନଥିବ, ତେବେ ପିତୃ ପକ୍ଷରେ ଯେକୌଣସି ଦିନ ନିଜର ସାଧ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ। ଏହାଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପିଢ଼ିର ସକଳ ଉନ୍ନତି ହେଉଥିବା ବିଶ୍ୱାସ କରାଯାଏ। ଆଶ୍ୱିନ ଅମାବାସ୍ୟା ତିଥିରେ ପୋଲରି ଓଷା ତଥା ମହାଳୟା ଅମାବାସ୍ୟାରେ ପିଲାମାନେ ଘର ଘର ବୁଲି ଚାଉଳ ପରିବା ମାଗିବା ପରମ୍ପରା ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ଏହି ବ୍ରତ ସାମୂହିକ ଭାବେ ପାଳନ କରାଯାଏ। ପିଲାମାନେ ବ୍ୟାଗ୍ ଓ ଥାଳି ଧରି ବିଭିନ୍ନ ଢଗ ଓ ଗୀତ ଗାଇ ଘରକୁ ଘର ବୁଲି ଚାଉଳ ଓ ପରିବା ସଂଗ୍ରହ କରିବା ପରେ ସେଥିରେ ଗଇଁଠା ଓ ତରକାରୀ ପ୍ରସ୍ତୁତ କରି ପୂଜାର୍ଚ୍ଚନା ହୋଇଛି। ସନ୍ଧ୍ୟାରେ ବଜ୍ରକାଳୀ ପୂଜା ହୁଏ ଏଥିରେ ସାତ ପ୍ରକାରର ଫୁଲ, ସାତଟି ଦୁବ ଆଉ ଚାଉଳ, ସାତ ପ୍ରକାର ଶାଗ ବ୍ୟଞ୍ଜନ, ସାତ ପ୍ରକାର ପରିବାର ଘାଣ୍ଟ, ସାତ ଫଳ ସାତଟି କଖାରୁ ପତ୍ରରେ ପରଷାଯାଇ ଭୋଗ କରାଯାଏ।



ଆଜି ହେଉଛି ଶ୍ରାଦ୍ଧ ଦେବାର ଶେଷ ଦିନ। ମହାଳୟାରେ ପିତୃ ପୁରୁଷ ଓ ମାମୁଁ ଘର ତିନି ପୁରୁଷଙ୍କୁ ପିଣ୍ଡଦାନ କରିବାର ପରମ୍ପରା ରହିଛି। ହିନ୍ଦୁ ଧାର୍ମିକ ପରମ୍ପରାରେ ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧକର୍ମ ମଧ୍ୟରେ ମହାଳୟା ଶ୍ରେଷ୍ଠତମ। ଏହି ଅବସରରେ ଏଭଳି ପରମ୍ପରା ସାଧବ ଘରୁ ଜନ୍ମିତ ହୋଇଥିବା କୁହାଯାଇଛି। ସାତ ପୁଅ, ସାତ ବୋହୂ ସାତ ନାତିକୁ ନେଇ ଘରର ମହିଳାମାନେ ଏହି ବ୍ରତ ପାଳନ କରୁଥିବା କୁହାଯାଇଛି। ତେବେ ଏଭଳି ପରମ୍ପରା ଏବେ ବହୁ ପରିମାଣରେ କମିଥିବା ଅନୁମାନ କରାଯାଇଛି।

## ମାସିକ କବିତା ଆସର



ଛତ୍ରପୁର, ୨୧।୯ (ସମିସ): ଛତ୍ରପୁର ସୃଜନ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ କବି ଡ. ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ଠାରେ ମାସିକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୋମନାଥ ସାହୁ, ନିରଞ୍ଜନ ତ୍ରିପାଠୀ, ଶୈଳବାଳା ପାଣିଗ୍ରାହୀ, ରୀତା ରଥ, ଏ. ବିଶ୍ୱମ୍ବର, ଟଙ୍କଧର ଛାଟଇ, ଉମାକାନ୍ତ ବେହେରା, ଯତିରାଜ ନାୟକ, ବଳରାମ ପଲେଇ, ଟି. ରାମାନୁଜ ଦାସ, ବିଜୟ ରାଉଳ, ଯୋଗ ଦେଇ ସ୍ୱରଚିତ କବିତା ପଠନ କରିଥିଲେ। ପିତୃ ପକ୍ଷ, ମହାଳୟା ଓ ଫୁଲରୀ ଓଷା ବା ପୋଲରି ଓଷାର ବିଶେଷତ୍ୱ ଏବଂ ଓଡ଼ିଆ ସଂସ୍କୃତିରେ ଏହାର ପ୍ରଭାବ ବିଷୟରେ ସଭାପତି ଆଲୋକପାତ କରିଥିଲେ। କବୟିତ୍ରୀ ରୀତା ରଥ କବିତା ସଂଯୋଜନା କରିଥିଲେ ଏବଂ ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଘ ଆତଙ୍କ ଗୁଜବ; ବିଶ୍ୱାସ କରନ୍ତୁନି



ଦିଗପହଣ୍ଡି, ୨୧।୯ (ସମିସ): ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧିନ କେରାଣ୍ଡିମାଳ ସଂରକ୍ଷିତ ଜଙ୍ଗଲ ବି. ତୁରୁବୁଡି ଫରେଷ୍ଟ ବିଟ୍‌ର ଖଜୁରୀପଲ୍ଲୀ ଗ୍ରାମରେ ବାଘ ଆତଙ୍କ ଖବର ଏକ ଗୁଜବ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ କହିଛନ୍ତି। ରବିବାର ସକାଳେ ଗ୍ରାମ ସଂଲଗ୍ନ ଚାଷ ଜମି ହିଡ଼ରେ କିଛି ବନ୍ୟଜନ୍ତୁର ପାଦ ଚିହ୍ନ ଦେଖିଥିଲେ। ଏହି ପାଦ ଚିହ୍ନ ବାଘର ବୋଲି ପ୍ରଚାର ହେବା ପରେ ଗ୍ରାମ ସମେତ ଆଖପାଖ ଗ୍ରାମର ବହୁ ସଂଖ୍ୟକ ବ୍ୟକ୍ତି ସେଠାରେ ପହଞ୍ଚିଥିଲେ। ଏହା ବାଘର ପାଦ ଚିହ୍ନ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦିଗପହଣ୍ଡି ବନ ବିଭାଗ କାର୍ଯ୍ୟାଳୟକୁ ସୂଚନା ଦିଆଯିବା ପରେ ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ଫରେଷ୍ଟର ସନ୍ତୋଷ କୁମାର ବିଷୋୟୀରତ୍ନ, ବି. ତୁରୁବୁଡ଼ି ଫରେଷ୍ଟ ବିଟ୍‌ର ଫରେଷ୍ଟ ଗାର୍ଡ ଉର୍ମିଳା ବେହେରା ଏବଂ ୪ ପାରା ବନ କର୍ମଚାରୀ ସେଠାକୁ ଯାଇ ଏହି ପାଦଚିହ୍ନକୁ ଅନୁଧ୍ୟାନ କରି ଏହା ବାଘ ନୁହେଁ ଅନ୍ୟ କୌଣସି ଜନ୍ତୁର ପାଦଚିହ୍ନ ବୋଲି କହିଥିଲେ। ତଥାପି ଗୃହପାଳିତ ପ୍ରାଣୀ ମାନଙ୍କୁ ରାତିରେ ବାହାରେ ଛାଡି ନଦେଇ ଗୁହାଳରେ ବାନ୍ଧି ରଖିବା ସହ ଗ୍ରାମବାସୀ ସତର୍କ ଓ ସୁରକ୍ଷିତ ରହିବାକୁ ପରାମର୍ଶ ଦେଇ ବନ କର୍ମଚାରୀ ଫେରିଥିଲେ। ଏନେଇ ଦିଗପହଣ୍ଡି ରେଞ୍ଜରଙ୍କୁ ପଚାରିବାରୁ ବାଘ ଆତଙ୍କ ଏକ ଗୁଜବ। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରାଯିବା ସହ ଅଯଥାରେ ଲୋକଙ୍କୁ ଭୟଭୀତ କରାଯାଉଛି ବୋଲି ସେ କହିଛନ୍ତି।

## ଗଞ୍ଜାମ ପ୍ରେସ୍ କ୍ଲବର ବନ୍ଧୁମିଳନ



ଗଞ୍ଜାମ, ୨୧।୯ (ସମିସ): ଗଞ୍ଜାମ ସହର ସ୍ଥିତ ମା'ବୁଢୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ପ୍ରେସ କ୍ଲବ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ କ୍ଲବ ସଭାପତି ଶବର କୁମାର ତରାଇଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭା ହୋଇଥିଲା। ସମ୍ପାଦକ ବିଦ୍ୟାଧର ସାହୁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଦିନରେ କ୍ଲବ ପକ୍ଷରୁ ଆଲୋଚନାଚକ୍ର କରାଯିବା ନେଇ ସ୍ଥିର କରାଯାଇଥିଲା। ଛତ୍ରପୁର ପ୍ରେସ କ୍ଲବ କର୍ମକର୍ତ୍ତା ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଛତ୍ରପୁର ପ୍ରେସ୍ କ୍ଲବ ନୂତନ ସଭାପତି ସରୋଜ କୁମାର ସାମଲ, ଉପସଭାପତି ପ୍ରଦୀପ କୁମାର ସାହୁ, ସହ ସମ୍ପାଦକ ସନ୍ତୋଷ କୁମାର ସାହୁ, ପୂର୍ବତନ କ୍ଲବ ସଭାପତି (ଛତ୍ରପୁର) ପ୍ରଶାନ୍ତ କୁମାର ମହାରଣା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗଞ୍ଜାମ ପ୍ରେସ କ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରା, ଉପସଭାପତି ବିଜୟଲକ୍ଷ୍ମୀ ମହାଙ୍କୁଡ଼, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା, ସହ ସମ୍ପାଦକ ନିରଞ୍ଜନ କୁମାର ପରିଡ଼ା, ଶ୍ରୀକାନ୍ତ ମହାନ୍ତି, ବସନ୍ତ ମହାରଣା, ଦିଲ୍ଲୀପ ସାମଲ, ଭଗବାନ ଦାଶ, ମୁରଲୀ ପ୍ରଧାନ, ସନ୍ତୋଷ ସାହୁ, ଦୁର୍ଗା ମାଧବ ପାଣିଗ୍ରାହି, ଦିଲ୍ଲୀପ କୁମାର ସାମାଲ, ରାକେଶ ରଞ୍ଜନ ଦାସ, ସୁଧୀର କୁମାର ପାଢ଼ୀ, ମନୋଜ ପ୍ରଧାନ, ବଟକୃଷ୍ଣ ରାଉଳ, କେ. ରଜନୀକାନ୍ତ ରେଡି, ରାକେଶ ନାୟକ, ବନବାସୀ ସେଠି, ଶିବାନନ୍ଦ ପଲାଇ, କୃଷ୍ଣ ଚନ୍ଦ୍ର ଦାସ, କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ଛତ୍ରପୁର ଓ ଗଞ୍ଜାମ ପ୍ରେସ କ୍ଲବର ସାମ୍ବାଦିକ ବୃନ୍ଦ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ମିଳିତ ଚଢ଼ଉ; ବନ୍ଧା ହେଲେ ୧୦

ଜଗନ୍ନାଥପ୍ରସାଦ, ୨୧।୯ (ସମିସ): ଜଗନ୍ନାଥପ୍ରସାଦ ଥାନା ନଡ଼ା ଗ୍ରାମ ନିକଟ କୁକୁଡ଼ା ଫାର୍ମରୁ ଆଜି ଭଞ୍ଜନଗର ଓ ସ୍ଥାନୀୟ ଥାନା ପକ୍ଷରୁ ମିଳିତ ଚଢ଼ଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଚଢ଼ଉ ବେଳେ ନଗଦ ୫୨ହଜାର ୫୦୦ ଟଙ୍କା ସହ ୧୦ ମୋବାଇଲ ଓ ୬ ବାଇକ ଜବତ କରି ଥାନାକୁ ଅଣାଯାଇଛି। ଏହି ଜୁଆ ଖେଳ ନଡ଼ା ଗ୍ରାମର ବୃନ୍ଦାବନ ପରିଡ଼ାଙ୍କ କୁକୁଡ଼ା ଫାର୍ମରେ ଚାଲୁଥିବା ଖବର ଉପଖଣ୍ଡ ଅଧିକାରୀ ଡ. ଦୀପକ କୁମାର ମିଶ୍ର ପାଇଥିଲେ। ଆଜି ସନ୍ଧ୍ୟା ୬ଟାରେ ଏସଡିପିଓ ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା, ସ୍ଥାନୀୟ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ସମେତ ଏସଆଇ ଜ୍ୟୋତିରଞ୍ଜନ ସାହୁ, ଏଏସ୍‌ଆଇ ପ୍ରିୟରଞ୍ଜନ ମିଶ୍ର ଏବଂ ଅନ୍ୟାନ୍ୟ କର୍ମଚାରୀ ଚଢ଼ଉ କରିଥିଲେ। ତପନ କୁମାର ଡାକୁଆ, ଅଶୋକ କୁମାର ପ୍ରଧାନ, ମୁନା ସାହୁ, ରବି ନାରାୟଣ ପଣ୍ଡା, କୁନା ପୃଷ୍ଟି, କାନ୍ତି ରଞ୍ଜନ ପ୍ରଧାନ, ଟିକିନା ବେହେରା, ଅମୁଲ୍ୟ କୁମାର ସ୍ୱାଇଁ, ଟୁକୁନା ସ୍ୱାଇଁ, ପ୍ରଶାନ୍ତ କୁମାର ବିଶୋଇଙ୍କୁ ପୁଲିସ ଗିରଫ କରିଥିବା କହିଛନ୍ତି।

## ପଦ୍ମଶ୍ରୀ ଭଗବାନ ସାହୁଙ୍କ ଜୟନ୍ତୀ

ବ୍ରହ୍ମପୁର, ୨୧।୯ (ସମିସ): ବଡ଼କୁଶସ୍ଥଳି ଗ୍ରାମରେ ପଦ୍ମଶ୍ରୀ ଭଗବାନ ସାହୁଙ୍କ ୧୧୨ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ନରେନ୍ଦ୍ରପୁର ଲୋକନୃତ୍ୟ ଅନୁଷ୍ଠାନର ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଯୋଗ ଦେଇଥିଲେ।

ସମ୍ମାନିତ ଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସମ୍ପାଦକ ପ୍ରତାପ କୁମାର ସାହାଣୀ, କ୍ଷେତ୍ର ମୋହନ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ହୃଷୀକେଶ ପଣ୍ଡା, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡି. ରବିନାରାୟଣ ରାଜୁ, ବରିଷ୍ଠ ଆଇନଜୀବୀ ଭଗବାନ ସାହୁ, ସ୍ଥାନୀୟ ସରପଞ୍ଚ ସୁନୀତା ସେଠୀ ଏବଂ ପଦ୍ମଶ୍ରୀ ଭଗବାନ ସାହୁଙ୍କ ପୁତ୍ର କିଶୋର କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ପଦ୍ମଶ୍ରୀ ଭଗବାନ ସାହୁଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗଞ୍ଜାମର ଲୋକନୃତ୍ୟ ରଣପାକୁ ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇବାରେ ତାଙ୍କ ଉଦ୍ୟମ ସଦା ପ୍ରଶଂସନୀୟ ବୋଲି କହିଥିଲେ।




ଏହି ଅବସରରେ ଗଣମାଧ୍ୟମର ବରିଷ୍ଠ ବ୍ୟକ୍ତିତ୍ୱ ଭାବେ ପ୍ରକାଶ ପଟ୍ଟନାୟକ, ଅଶୋକ କୁମାର ବ୍ରହ୍ମା ଏବଂ ସମୀର କୁମାର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଖିନାଚ ଗୁରୁ କାଳୀଚରଣ ସାହୁ, ପ୍ରହଲ୍ଲାଦ ନାଟକ ଗୁରୁ ରାଧାମୋହନ ପ୍ରଧାନ, ଯୋଡିଶଙ୍ଖ ଗୁରୁ ପୁରୁଷୋତ୍ତମ ମୁନିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଲୋକନୃତ୍ୟ ଗୁରୁ ରାଜେନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଶରତପାଳ କଲେଜ ଅଧକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଲବିହାର, ମହୁଲବରାଇ, ସାରସକଣା ଅଧକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼.ସୁଦର୍ଶନ ମିଶ୍ର ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଶ୍ରୀ ସାହୁଙ୍କ ସନ୍ଦର୍ଭଟି "KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA". ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱବିଦ୍ୟାଳୟର Profesor Keisham Shitaljit Singh (Head Dept . Education) ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି। ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେଣ୍ଟା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟା ଦେବୀ ମା' ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ଼.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଶରତ କୁମାର ରାଉତ ନିଜ ପିତାମାତା, ଧର୍ମପତ୍ନୀ ମିନାରାଣୀ ସାହୁ, କନ୍ୟା ଶ୍ରୁତିରେଖା ସାହୁ, ପୁତ୍ର ପ୍ରିତମ କୁମାର ସାହୁ, ସମସ୍ତ ପରିବାର ବର୍ଗ, ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି।

**ଦୁର୍ଘଟଣା ରୋକିବା ପାଇଁ ଗ୍ରାମବାସୀଙ୍କ ପ୍ରୟାସ**

# ବୁଲା ଗୋରୁଙ୍କୁ ଗୋଶାଳାରେ ଛାଡ଼ିଲେ

ଖଲ୍ଲିକୋଟ, ୨୧।୯ (ସମିସ)



ବୁଲା ଗୋରୁଙ୍କ ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଥିଲା। ଏହାସହ ବୁଲା ଗାଇଗୋରୁ ବିଲ ଭିତରେ ପଶି ଫସଲ ନଷ୍ଟ କରୁଥିଲେ। ଏହି ସବୁ ସମସ୍ୟାରୁ ମୁକୁଳିବା ପାଇଁ ଚିକିଲି ଗ୍ରାମବାସୀ ଏକ ନିଆରା ପ୍ରୟାସ କରିଛନ୍ତି। ଏହିସବୁ ବୁଲା ଗାଇଗୋରୁଙ୍କୁ ନେଇ ଗୋଶାଳାରେ ଛାଡ଼ିଛନ୍ତି ଗ୍ରାମବାସୀ। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ଗ୍ରାମରେ ବୁଲା ଗାଇଗୋରୁଙ୍କ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସହ ବିଲ ଭିତରେ ପଶି ଧାନ ଫସଲ ଏବଂ ବିଭିନ୍ନ ଫସଲ ନଷ୍ଟ କରୁଥିଲେ। ଚାଷୀମାନେ ଫସଲ ନଷ୍ଟ ଯୋଗୁଁ ବହୁ କ୍ଷତି ସହୁଥିଲେ। ଏହି ସମସ୍ୟାକୁ ନଜରରେ ରଖି ଚିକିଲି ଗ୍ରାମରେ ଏକ ବୈଠକ କରି ବୁଲା ଗାଇଗୋରୁମାନଙ୍କୁ ଗୋଶାଳାରେ ଛାଡ଼ିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ପୁଲିସ ଓ ଚିକିଲି ପଞ୍ଚାୟତ ସହାୟତାରେ ପ୍ରାୟ ୩୦ଟି ଗାଇଙ୍କୁ ନେଇ ଦିଗପହଣ୍ଡି ମୌଳାଭଣଜାରେ ଥିବା ରାଧାମଦନ ମୋହନ ଗୋଶାଳାରେ ଛଡ଼ାଯାଇଛି। ତେବେ ଆଗାମୀ ଦିନରେ ଖଲ୍ଲିକୋଟର ବିଭିନ୍ନ ଅଞ୍ଚଳରୁ ଗାଇଗୋରୁଙ୍କୁ ନେଇ ଗୋଶାଳାରେ ଛଡା ଯିବ ବୋଲି ଜଣାପଡ଼ିଛି। ଫଳରେ ବୁଲା ଗାଇଗୋରୁଙ୍କ ଯୋଗୁଁ ହେଉଥିବା ଦୁର୍ଘଟଣା କମିବ ବୋଲି କହିଛନ୍ତି ଗ୍ରାମବାସୀ।

### ବନସଂଲଗ୍ନ ଚାଷୀଙ୍କ ବିକଳ୍ପ ବ୍ୟବସ୍ଥା

# 'ଲେମନ୍‌ଗ୍ରାସ୍'ଦେଇଛି ନୂଆ ରୋଜଗାର





ବାରିପଦା, ୨୧।୯ (ସମିସ)

ଶିମିଳିପାଳ ପାଦଦେଶରେ ଥିବା ଶ୍ୟାମାଖୁଣ୍ଟା ବ୍ଲକର ପିଠାବଟା ଗାଁର ଜମି ଦିନେ ପଡ଼ିଆ ପଡୁଥିଲା। ପାହାଡ଼ିଆ ଟାଙ୍ଗର ଭୂମିରେ ବର୍ଷା ଜଳ ସହାୟତାରେ ଯାହା ବି ଚାଷ କଲେ ଜଙ୍ଗଲୀ ଜନ୍ତୁ ସବୁ ନଷ୍ଟ କରିଦେଉଥିଲେ। ହେଲେ ଏବେ ଲେମନଗ୍ରାସ ଚାଷ ହେବା ଦିନରୁ, ଏହାକୁ ନା ଗୃହପାଳିତ ନା ଜଙ୍ଗଲୀ ଜୀବଜନ୍ତୁ, କେହି ବି ଏଥିରେ ମୁହଁ ଲଗାଉ ନାହାନ୍ତି। ଆଉ ଏହି ଲେମନଗ୍ରାସ ଚାଷ ବନସଂଲଗ୍ନ ଚାଷୀଙ୍କୁ ନୂଆ ରୋଜଗାର ସହ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଛି। ପିଠାବଟା ଗ୍ରାମର ଉଦୀୟମାନ ଯୁବକ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ପାଇଁ ଏହା ସମ୍ଭବ ହୋଇଛି। କମ୍ପାନୀ ଚାକିରୀ ଛାଡ଼ି ସେ ନିଜସ୍ୱ ପ୍ରଚେଷ୍ଟାରେ ପ୍ରଥମ ୨୦୧୪ ମସିହାରେ ୩ ଏକର ଜମି ଲିଜ୍‌ରେ ନେଇ ଲେମନଗ୍ରାସ ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେ ଦେଶର ବିଭିନ୍ନ ଅଞ୍ଚଳ ବୁଲି ଲକ୍ଷ୍ନୌ ସ୍ଥିତ 'କେନ୍ଦ୍ରୀୟ ଔଷଧୀୟ ଏବଂ ସୁଗନ୍ଧିତ ଉଦ୍ଭିଦ ପ୍ରତିଷ୍ଠାନ' (ସିଆଇଏମ୍‌ଏପି)ରୁ କିଛି ଭଲ ଭେରାଇଟିର ଲେମନଗ୍ରାସ ଚାରା ଆଣି ଏହାକୁ ରିପ୍ଲାଣ୍ଟେସନ୍ ଜରିଆରେ ଅଧିକ ଅଞ୍ଚଳରେ ଚାଷ ବୃଦ୍ଧି କରିଥିଲେ। ଏହାସହ ଲେମନଗ୍ରାସରୁ ତେଲ ଉତ୍ପାଦନ ପାଇଁ ଅନୁଗୁଳ ଅଞ୍ଚଳରୁ ଜଣେ ପ୍ଲାଣ୍ଟ୍ ନିର୍ମାତାଙ୍କୁ ଡକାଇ ନିଜସ୍ୱ ଡିଜାଇନ୍ ଦେଇ ଷ୍ଟିମ୍ ଡିଷ୍ଟିଲେସନ୍ ସିଷ୍ଟମର ପ୍ଲାଣ୍ଟ୍ ପ୍ରସ୍ତୁତ କରିଥିଲେ। ପ୍ଲାଣ୍ଟ୍‌ର କାର୍ଯ୍ୟଶୈଳୀ ଓ ଉତ୍ପାଦନ କ୍ଷମତା ଭଲଥିବା କାରଣରୁ ଏପର୍ଯ୍ୟନ୍ତ ୧୫ରୁ ଅଧିକ ପ୍ଲାଣ୍ଟ୍ ନିଜେ ମ୍ୟାନୁଫ୍ୟାକ୍‌ଚରିଂ କରି ବିକ୍ରି କରିସାରିଛନ୍ତି ପୂର୍ଣ୍ଣଚନ୍ଦ୍ର। ୩ ଏକରର ଚାଷ ଏବେ ୧୫୦ ଏକରରେ ପହଞ୍ଚିଛି। ବର୍ଷକୁ ଅନୁନ୍ୟ ୩ ଥର ହାର୍ଭେଷ୍ଟ୍ କରିହେଉଛି। ଏକ ଏକରରୁ ଥରକୁ ୧୫୦ କ୍ୱିଣ୍ଟାଲ୍ ଲେମନଗ୍ରାସ କଟାଯାଉଛି। ଏଥିରେ ତେଲ ବାହାରିବା ରେସିଓ ୧ ପ୍ରତିଶତ ରହିଛି। ନିର୍ମାଣ ହୋଇଥିବା ଗୋଟିଏ ଟ୍ୟାଙ୍କିରେ ଥରକୁ ୩୫୦ କିଲୋଗ୍ରାମ ଘାସ ଲୋଡ୍ କରାଯାଉଥିବା ବେଳେ ଏକ ଘଣ୍ଟା ମଧ୍ୟରେ ସେଥିରୁ ୩.୫ ଲିଟର୍ ତେଲ ବାହାରି ଯାଉଛି। ତେଲ ବାହାରିଯିବା ପରେ ଘାସଗୁଡ଼ିକୁ ଶୁଖାଇ ପ୍ଲାଣ୍ଟ୍ ପାଇଁ ଜାଳେଣିରେ ବ୍ୟବହାର କରାଯାଉଛି। ଏହାର ପାଉଁଶଗୁଡ଼ିକ ଜମିରେ ପକାଇବା ଦ୍ୱାରା ଭଲ ଉର୍ବରତା ପ୍ରଦାନ କରିପାରୁଛି। କେବଳ ସେତିକି ନୁହେଁ, ବର୍ଷାଋତୁ ୨ରୁ ୩ ମାସକୁ ଛାଡ଼ିଦେଲେ ପାଖାପାଖି ୬୦ ଜଣ ଲୋକଙ୍କୁ ପ୍ରତିଦିନ କାମରେ ଲଗାଇ ରୋଜଗାର ଦେଇଛନ୍ତି ପୂର୍ଣ୍ଣଚନ୍ଦ୍ର। ଆଗରୁ ଜଙ୍ଗଲ ଉପରେ ନିର୍ଭର କରୁଥିବା ପାହାଡ଼ିଆ ଅଞ୍ଚଳବାସୀଙ୍କୁ ଏବେ ହାତପାଖାନ୍ତାରେ ରୋଜଗାର ମିଳୁଥିବା କାରଣରୁ ଘର ଚଳାଇବାରେ ବେଶ୍ ସହାୟକ ହୋଇପାରୁଛି ବୋଲି କହିଛନ୍ତି କାମକରୁଥିବା ଶ୍ରମିକ। ପୂର୍ଣ୍ଣଚନ୍ଦ୍ରଙ୍କ ଲେମନଗ୍ରାସ ଚାଷ ଓ ଉତ୍ପାଦନ ଦେଖି ଅନେକ ଚାଷୀ ଏବେ ଚାଷ କରିବା ଆରମ୍ଭ କରିଦେଇଛନ୍ତି। ଘାସକୁ ଅମଳ ପରେ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ଲାଣ୍ଟ୍‌କୁ ଆଣି ତେଲ ବାହାରି ବଜାରରେ ବିକ୍ରି କରିବା ସହ ଭଲ ଦୁଇପଇସା ରୋଜଗାର କରିପାରୁଛନ୍ତି ବୋଲି କହିଛନ୍ତି ଅଞ୍ଚଳର ଚାଷୀ ମଙ୍ଗଳ ଚରଣ ସିଂ ଓ ଲାଲମୋହନ ସିଂ। ଅନ୍ୟାନ୍ୟ ଅଞ୍ଚଳର ଲେମନଗ୍ରାସ୍ ତେଲ ଅପେକ୍ଷା ମୟୂରଭଞ୍ଜ ଲେମନଗ୍ରାସ୍ ତେଲର ରହିଛି ଅଧିକ ଚାହିଦା। ଘାସକୁ ଅଧିକ ପରିପକ୍ୱ କରିବା ପରେ ହାର୍ଭେଷ୍ଟ୍ କରାଯାଉଥିବା କାରଣରୁ ତେଲର ମାନ ଭଲ ହୋଇପାରୁଛି ବୋଲି କହିଛନ୍ତି ପୂର୍ଣ୍ଣଚନ୍ଦ୍ର। କେବଳ ଲେମନଗ୍ରାସ ନୁହେଁ, ଅନେକ ଏରୋମାଟିକ୍ସ ତେଲର ବଜାରରେ ରହିଛି ଅନେକ ଚାହିଦା। ଏଣୁ ଏବେ ପାମରାଜା ଓ ଦେଶୀ ତୁଳସୀର ପ୍ଲାଣ୍ଟେସନ୍ ଆରମ୍ଭ ହେବାକୁ ଯାଉଛି। ଏସବୁର ମଞ୍ଜି ଆଣି ଏବେ ଚାରା ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି ପୂର୍ଣ୍ଣଚନ୍ଦ୍ର। ଜମିକୁ ପଡ଼ିଆ ନପକାଇ ଥରେ ଲେମନଗ୍ରାସ ଚାରାରୋପଣ କରି ୫ରୁ ୮ ବର୍ଷ ଯାଏଁ ଏଥିରୁ ରୋଜଗାର କରନ୍ତୁ ବୋଲି ସେ କହିଛନ୍ତି। ଶିମିଳିପାଳ ପାଦଦେଶରେ ଥିବା ବଣପାହାଡ଼ ଘେରା ପିଠାବଟା ଅଞ୍ଚଳରୁ ଉଠୁଥିବା ଏହି ଲେମନଗ୍ରାସ ସୁଗନ୍ଧ ଏବେ ଲୋକଙ୍କୁ ରୋଜଗାର ବାଟ ଦେଖାଉଛି। ଆଉ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରୟାସରୁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

- ୩ ଏକରର ଚାଷ ଏବେ ୧୫୦ ଏକରରେ ପହଞ୍ଚିଛି
- ଉଦୀୟମାନ ଯୁବକ ପୂର୍ଣ୍ଣଚନ୍ଦ୍ର ଏବେ ପ୍ଲାଣ୍ଟ୍ ନିର୍ମାତା
- ୧୫ଜଣଙ୍କୁ ଦେଲେଣି ନିଜ ତିଆରି ପ୍ଲାଣ୍ଟ୍



### ମୋରଡ଼ା ବ୍ଲକ୍‌ରେ ହାତୀ ଉପଦ୍ରବ

## ଧାନ ବିଲରେ ପଶି ଚାଷନଷ୍ଟ କଲା ଦନ୍ତା



**ମୋରଡ଼ା, ୨୧।୯ (ସମିସ):** ରାସଗୋବିନ୍ଦପୁର ବନାଞ୍ଚଳ ଅଧୀନ ମୋରଡ଼ା ଏବଂ ରାସଗୋବିନ୍ଦପୁର ବ୍ଲକରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ହାତୀପଲର ଉପଦ୍ରବରେ ବ୍ୟାପକ କ୍ଷତି ହେଉଥିବାରୁ ସାଧାରଣରେ ଜନ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ହାତୀକୁ ସହଜରେ ବନବିଭାଗ ଘଉଡାଇବାରେ ବିଫଳ ହୋଇଥିବା ବେଳେ ହାତୀର ଗତିପଥକୁ ନଜର ରଖିଛି। ରାସଗୋବିନ୍ଦପୁର ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କ ସୂଚନା ମୁତାବକ ବର୍ତ୍ତମାନ ସାରୁମୁଲା ସଂରକ୍ଷିତ ଜଙ୍ଗଲରେ ୧୩ଟିକିଆ ହାତୀପଲ ଥିବାବେଳେ ପଶ୍ଚିମବଙ୍ଗରୁ ଆସି ଭାଲୁଘେରା ଜଙ୍ଗଲରୁ-ଚିତ୍ରଡା ସଂରକ୍ଷିତ ଜଙ୍ଗଲକୁ ଆସୁଥିବା ଗୋଟାଏ ଦନ୍ତାହାତୀଟି ରବିବାର ସନ୍ଧ୍ୟାରେ ମାଳିହତା ଗାଁ ନିକଟରେ ଥିବା ଚାଷଜମିରେ ପଶି ଧାନ ଖାଇବାସହ ଦଳିଚକଟି ଦେଇଛି। ଯାହାଫଳରେ ଚିନ୍ତାରେ ଚାଷୀ। ତେବେ ହାତୀକୁ ଘଉଡାଇବା ଏବଂ ଦେଖିବା ପାଇଁ ପ୍ରବଳ ଲୋକଙ୍କ ଭିଡ଼ ଜମିଛି। ହାତୀ ନଷ୍ଟ କରିଥିବା ଚାଷଜମିର କ୍ଷତିପୂରଣ ଆକଳନ କରି ତୁରନ୍ତ ସହାୟତା ରାଶି ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ସର୍ବଭାରତୀୟ ଆଜାଦ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲ ମ୍ୟାଚ୍‌ରେ ଚାଇବାସା ଚାମ୍ପିଅନ



**କରଞ୍ଜିଆ, ୨୧।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଚଡେଇଭୋଳ ଆଜାଦ ସ୍ପୋର୍ଟ ଏବଂ କଲଚରାଲ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ଆଜାଦ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଡେଇଭୋଳ ଷ୍ଟାଡିଅମଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଫାଇନାଲ ମ୍ୟାଚ୍‌ରେ କ୍ଲବର ସଭାପତି ଇନ୍ଦ୍ରମଣି ମହାକୁଡ଼, ସମାଜସେବୀ ଏମ ଡି ମୁସ୍ତାକ, କ୍ଲବର ଚେୟରମ୍ୟାନ ଏମଡି ସୁଲେମାନ, ଚଢ଼େଇଭୋଳ ଫାଣ୍ଡି ଅଧିକାରୀ ଜୟନ୍ତ ପାଣିଗ୍ରାହୀ, ରୁହୁଲ ଅମିନ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, କୃପାସିନ୍ଧୁ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସାଂସଦ ପ୍ରତିନିଧି ଆଶିଷ କୁମାର ମହନ୍ତ ପ୍ରମୁଖ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳ ଆରମ୍ଭ କରିଥିଲେ ଏବଂ ବିଜେତା ଓ ଉପ ବିଜେତା ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ଏମ ଡି କାୟମ, ଯୁଗ୍ମ ସମ୍ପାଦକ ନଦୀଆ କିଶୋର ବେହେରା, ଉପଦେଷ୍ଟା ଏମ ଡି ଫାରାଇମ, ଅତାବୁ ରେହେମାନଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଜିର ମ୍ୟାଚ ଚାଇବାସା ବନାମ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଉଭୟ ଦଳ ସମାନ ସ୍ଥିତିରେ ରହିବାରୁ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଚାଇବାସା ୩/୦ଗୋଲରେ ବିଜୟୀ ହୋଇ ଫାଇନାଲ ଖୋଲିବାକୁ ଯୋଗ୍ୟତା ହାସଲ କରିଥିଲା। ଆଜିର ମ୍ୟାଚ୍‌ରେ ରେଫରି ଭାବେ ସକିଲ ବେହେରା, ଲକ୍ଷ୍ମଣ ସେଠ୍, ରାସନ୍ ଖାଁ ଓ ନିତ୍ୟାନନ୍ଦ ମେହେର ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଅଶଗର ଅଲ୍ଲୀ ଦାୟିତ୍ୱ ତୁଲାଇଥିଲେ। ଫାଇନାଲ ମ୍ୟାଚରେ ଚାଇବାସା ବନାମ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥଲା। ଏଥିରେ ଚାଇବାସା ଚାମ୍ପିଅନ୍ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ଟ୍ରଫି ସହିତ ନଗଦ ୧ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**କୁଆମରା, ୨୧।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ଗ୍ରାମରେ ଅପରାହ୍ନ ୩ଟା ବେଳେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନାରାମ ସିଂଙ୍କ ପୁଅ ପ୍ରତାପ (୩୫)। ସେ ଖାଇ ସାରି ଘର ନିକଟରେ ଛିଡା ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ପ୍ରତାପ ଗୁରୁତର ହୋଇପଡ଼ିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ବଡ଼ସାହି ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପହଞ୍ଚି ତଦନ୍ତ କରିଥିଲେ। ଆସନ୍ତାକାଲି ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି। ପ୍ରତାପ ପରିବାରର ଏକ ମାତ୍ର ପୁଅ ଥିଲେ। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବିପଦପୂର୍ଣ୍ଣ ଅବସ୍ଥାରେ ତହସିଲ କାର୍ଯ୍ୟାଳୟ ଗେଟ୍




**ରାଇରଙ୍ଗପୁର, ୨୧।୯ (ସମିସ):** ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ରାଇରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ଦ୍ୱାର ଗେଟ୍। ଏନେଇ ସଚେତନ ନାଗରିକ ଓ ବିଭିନ୍ନ ବ୍ୟକ୍ତିଙ୍କ ତରଫରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ସଂଲଗ୍ନ ଭାବେ ଥିବା ତହସିଲଦାରଙ୍କ କାର୍ଯ୍ୟାଳୟର ମୁଖ୍ୟପ୍ରବେଶ ଦ୍ୱାରରେ ମୁଣ୍ଡ ଉପରକୁ ଲାଗିଥିବା କାର୍ଯ୍ୟାଳୟର ନାମଫଳକକୁ ବରେହି ସଦୃଶ୍ୟ ଏକ ରଶିରେ ବନ୍ଧାଯାଇ କାମଚଳା ଭାବେ ଅଟକାଇ ରଖାଯାଇଛି। କୌଣସି କାରଣ ବଶତଃ ରଶି ଛିଡି କାହାରି ଉପରେ ପଡ଼ିଲେ ଧନଜୀବନ ହାନୀ ହେବା ସୁନିଶ୍ଚିତ। କାରଣ କାର୍ଯ୍ୟାଳୟର ନାମଫଳକ ଏକ ଓଜନଦାର ଗ୍ରାନାଇଟ, ମାର୍ବଲ ପଥର ଖଣ୍ଡରେ ଉଲେଖିତ ଅଛି। ଯାହାକୁ ଏକ ରଶି ଜରିଆରେ ବାନ୍ଧି ଅଟକାଯାଇଛି। ଖରା, ବର୍ଷା ପ୍ରଭାବରେ ରଶିଟି ଧିରେ ଧିରେ ଦୁର୍ବଳ ହୋଇ ଛିଡିଯିବାର ଆଶଙ୍କା ରହିଛି। ତହସିଲଦାରଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିବା ସମୟରେ କିମ୍ବା ସମ୍ମୁଖରେ ଥିବା କଚେରୀ ପରିସରର କୌଣସି ବ୍ୟକ୍ତିଙ୍କ ଉପରେ ପଡ଼ି ମୃତାହତ ହେବା ପରି ଅଘଟଣ ଘଟିଲେ ସେନେଇ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ପ୍ରଶାସନ ପକ୍ଷରୁ ବିପଦପୂର୍ଣ୍ଣ ଭାବେ ଥିବା ଉକ୍ତ ଗେଟ୍‌ର ତୁରନ୍ତ ମରାମତି କରାଯାଉ। ଏପରକି ଖସିପଡ଼ିବାର ସମ୍ଭାବନା ଥିବା ପଥରଖଣ୍ଡକୁ ସେଠାରୁ ତୁରନ୍ତ ହଟାଇ ଦିଆଯଉ ବୋଲି ସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା

**ବାରିପଦା, ୨୧।୯ (ସମିସ):** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବିଭାଗର ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିବାସହ ଯୋଗ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରତିଯୋଗିତାର ନିୟମାବଳୀ ଉପରେ ଆଲୋକପାତ କହିଥିଲେ। ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ, ବାରିପଦା ବ୍ଲକ ନୋଡାଲ ପିଇଟି କଳ୍ପନା ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୮୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଜ୍ୟୋତିରଞ୍ଜନ ଦାସ, ସରୋଜ ରାମ, ମନୋଜ ରାମ, ମୋନା ଦାସ, ହିମାନୀ ପାତ୍ର, ଅଙ୍କିଶା ବରାଳ, ସ୍ୱରୂପା ସାହୁ, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ମାସ ପ୍ରଥମ ସପ୍ତାହରେ ମାଲକାନଗିରି ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଦୀପକ ରାମ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡା ଶିକ୍ଷକ ଅଭିଷେକ ବେହେରା, ଛାତ୍ରାବାସର ୱାର୍ଡେନ ସରୋଜ କୁମାର ସାବତ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



## ଧୁମ୍‌ଧାମ୍‌ରେ ପାଳନ ହେବ ପାଣ୍ଡରଶିଳ ଶାରଦୀୟ ଦୁର୍ଗାପୂଜା



**ଖୁଣ୍ଟି, ୨୧।୯ (ସମିସ):** ଧରାବତରଣ କରିବେ ଅଭୟଦାୟିନୀ, ଶକ୍ତି ସ୍ୱରୂପିଣୀ ଜଗଜ୍ଜନନୀ ମା' ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ପୁରପଲ୍ଲୀଠାରୁ ଆରମ୍ଭ କରି ସହର ନଗର। ଏହି ଉପଲକ୍ଷେ ଶୁକ୍ଳି ବ୍ଲକ ପାଣ୍ଡରଶିଳ ସାର୍ବଜନୀନ ଦୂର୍ଗାପୂଜା କମିଟି ଆନୁକୂଲ୍ୟରେ ୩୩ତମ ଶାରଦୀୟ ଦୂର୍ଗାପୂଜା ଆନନ୍ଦ ଉଲ୍ଲାସର ସହିତ ପାଳନ କରିବା ପାଇଁ ପୁରା ଦମରେ ଲାଗିପଡ଼ିଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ଦିନ ରାତି ଲାଗିପଡ଼ିଛନ୍ତି ଶିଳ୍ପୀ ତଥା କାରିଗର। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଐନ୍ଦ୍ରଜାଲିକ ଶୋଭାଧାରଣ କରିବ ପୂଜାମଣ୍ଡପ। ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା ପରିଚାଳନା ପାଇଁ ନିୟୋଜିତ ହୋଇଛନ୍ତି ପୂଜକ ପଣ୍ଡିତ ସୀତାରାମ ପତି ଓ ପଣ୍ଡିତ ମହେଶ୍ୱର ପାଢ଼ୀ (ଆନନ୍ଦପୁର, କେନ୍ଦୁଝର)। ସେପ୍ଟେମ୍ବର ୨୮ ତାରିଖ ଷଷ୍ଠୀତିଥିରେ ବିଲ୍ୱବରଣ ନୀତି ଅନୁଷ୍ଠିତ ହେବ। ଏଥିପାଇଁ ମା'ଙ୍କୁ ବିଲ୍ୱ ବୃକ୍ଷରୁ ଆବାହନ କରାଯିବା ସହିତ ଗ୍ରାମର ଆଇନାତି ପୋଖରୀରୁ ମା'ଙ୍କର ନବପତ୍ରିକା ବେଶରେ ଆବାହନ କରାଯିବ। ୨୯ ତାରିଖ ସପ୍ତମୀରେ ମା'ଙ୍କର ଚକ୍ଷୁ ଦାନ, ପ୍ରାଣ ପ୍ରତିଷ୍ଠା ସମେତ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ। ୩୦ ତାରିଖ ମହାଅଷ୍ଟମୀରେ ନିତ୍ୟ ପୂଜା, ସ୍ନାନ, ଉପଚାର, ଚଣ୍ଡୀ ପାଠ, ହୋମ ଓ ସନ୍ଧି ପୂଜା ଅନୁଷ୍ଠିତ ହେବ। ସନ୍ଧିପୂଜାରେ ମା' ଙ୍କ ପାଖରେ କୁଷ୍ମାଣ୍ଡ ବଳି ଦିଆଯିବା ସହିତ ଚୌଷଠି ଯୋଗିନୀ ପୂଜାବିଧି ସମ୍ପନ୍ନ ହେବ। ଅକ୍ଟୋବର ୧ ତାରିଖ ମହାନବମୀ ଅବସରରେ ୯ ବର୍ଷରୁ କମ କନ୍ୟାମାନଙ୍କୁ ଦେବୀ ରୂପରେ ପୂଜନ କରାଯିବାର ବିଧାନ ରହିଛି। ୨ ତାରିଖ ମହାଦଶମୀ ପୂଜା ଉପଲକ୍ଷେ ମା'ଙ୍କ ନିକଟରେ ମଣ୍ଡା ଭୋଗ ଲାଗି ହେବା ସହିତ ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ପୂର୍ଣ୍ଣାହୁତି ହୋମ କରାଯାଇ ଦେବୀଙ୍କର ବିସର୍ଜନ କରାଯିବାର କାର୍ଯ୍ୟସୂଚୀ ରହିଛି। ଏନେଇ କମିଟିର ସଭାପତି ରତିକାନ୍ତ ସାହୁ ଓ ସମ୍ପାଦକ ଶଙ୍କର ସାହୁ ସୂଚନା ପ୍ରଦାନ କରିଛନ୍ତି। ଏଥିସହିତ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ପାଲା ପରିବେଷଣ କରାଯିବାର ସ୍ଥିରୀକୃତ ହୋଇଛି।



### ବିଶ୍ୱାସ ଏବଂ ପରମ୍ପରାର ପ୍ରତୀକ

## ଶତାଧିକ ବର୍ଷରୁ ଆୟୋଜିତ ହେଉଛି ଝରାଡିହିରେ ଦୁର୍ଗାପୂଜା

ବହଳଦା, ୨୧।୯ (ସମିସ)







ଝରାଡିହିରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜାର ଏକ ବହୁ ପ୍ରାଚୀନ ଇତିହାସ ରହିଛି। ଏଠାରେ ଶତାବ୍ଦୀ ଧରି ଭକ୍ତମାନେ ପାରମ୍ପରିକ ଭାବରେ ଦେବୀ ଦୁର୍ଗାଙ୍କୁ ପୂଜା କରିଆସୁଛନ୍ତି। ଏହି ପୂଜା କେବଳ ଧାର୍ମିକ ରୀତିର ପ୍ରତୀକ ନୁହେଁ ବରଂ ଝରାଡିହିର ସାମାଜିକ ଏବଂ ସାଂସ୍କୃତିକ ଐତିହ୍ୟର ଏକ ଅଂଶ। ଏଠାରେ ଦୁଇଟି ମେଢରେ ମା' ଦୁର୍ଗା ପୂଜା ପାଇଥାନ୍ତି। ତଳ ମାର୍କେଟ ବା ଷ୍ଟେସନ ବଜାରରେ ବହଳଦାରୋଡ ଷ୍ଟେସନ ବଜାର ଦୁର୍ଗାପୂଜା କମିଟି ପକ୍ଷରୁ ଏବଂ ଉପର ମାର୍କେଟର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ। ଟାଟାନଗରରେ ଲୌହ କାରଖାନା ସ୍ଥାପିତ ହେବାପରେ ଗୋରୁମାହିଷାଣି ଲୌହଖଣିରୁ ଲୁହାପଥର ପରିବହନ ପାଇଁ ଟାଟାନଗର ଠାରୁ ଗୋରୁମାହିଷାଣି ପର୍ଯ୍ୟନ୍ତ ରେଳ ଲାଇନ ବିଛାଯାଇ ୧୯୧୧ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ଏହି ରେଳପଥ ନିର୍ମାଣରେ ନିୟୋଜିତ ବଙ୍ଗାଳି ଶ୍ରମିକ ଓ ରେଳ କର୍ମଚାରୀଙ୍କ ଦ୍ୱାରା ଏଠାରେ ପାଖାପାଖି ୧୯୦୭ ମସିହାରୁ ଦୁର୍ଗାପୂଜା ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଝରାଡିହି ତଳ ମାର୍କେଟ ଭାବେ ପରିଚିତ ବହଳଦାରୋଡ ଷ୍ଟେସନ ପରିସରରେ ରେଳ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମିଳିତ ସହଯୋଗରେ ଏହି ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ। ବହଳଦାରୋଡ ଷ୍ଟେସନ ବଜାର ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ହେଉଥିବା ଦୁର୍ଗୋତ୍ସବ ବହଳଦାରୋଡ ରେଳ ବିଭାଗର ପିଡବ୍ଲ୍ୟୁଆଇ/ପୂର୍ତ୍ତବିଭାଗ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥାଏ। ଝରାଡିହିର ଉପର ମାର୍କେଟରେ ଅନୁଷ୍ଠିତ ହେଉଥିବା ସାର୍ବଜନିନ ଦୁର୍ଗାପୂଜା ନିର୍ବାଚିତ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥାଏ। ଏଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ମଧ୍ୟ ଷ୍ଟେସନ ବଜାରରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜା ଆରମ୍ଭର ପ୍ରାୟ ତିନି ବର୍ଷ ବ୍ୟବଧାନରେ ଆରମ୍ଭ ହୋଇଥିଲା। ତେଣୁ ଝରାଡିହିରେ ଅନୁଷ୍ଠିତ ହେଉଥିବା ଉଭୟ ସ୍ଥାନର ଦୁର୍ଗାପୂଜା ଶତାଧିକ ବର୍ଷ ପୁରୁଣା। ଚଳିତ ବର୍ଷ ଏଠାରେ ୨୭ ତାରିଖ ଶନିବାର ଷଷ୍ଠି ତିଥିରେ ବିଲ୍ୱବରଣ କରାଯିବ। ୨୮ ତାରିଖ ମହାସପ୍ତମୀ ପୂଜା, ୨୯ ତାରିଖ ମହାଅଷ୍ଟମୀ ପୂଜା, ୩୦ ତାରିଖ ମହାନବମୀ ପୂଜା ଓ ୨' ତାରିଖ ବିଜୟା ଦଶମୀ ପୂଜା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ୩ ତାରିଖ ବାଣ, ରୋସଣୀ, ବାଦ୍ୟ, ନୃତ୍ୟ ସହ ଶୋଭାଯାତ୍ରାରେ ନିକଟସ୍ଥ ବରେହି ନଈରେ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ସମୟାନୁକ୍ରମେ ମାଆଙ୍କ ଭବ୍ୟ ମୃଣ୍ମୟୀ ମୂର୍ତ୍ତି ସହ ଆକର୍ଷଣୀୟ ମେଢରେ ଦୁର୍ଗୋତ୍ସବ ଆୟୋଜିତ ହୋଇ ଆସୁଥିବା ବେଳେ ଭକ୍ତି ଏବଂ ବିଶ୍ୱାସର ଭାବନା ଆଜି ମଧ୍ୟ ସେହିପରି ଦୃଢ଼ ରହିଛି। ଦୂରଦୂରାନ୍ତରୁ ଭକ୍ତମାନେ ଦେବୀ ଦୁର୍ଗାଙ୍କ ଦର୍ଶନ ଏବଂ ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବା ପାଇଁ ପୂଜା ମଣ୍ଡପକୁ ଆସିଥାନ୍ତି। ତେବେ ଏଠାରେ ହେଉଥିବା ପ୍ରବଳ ଭିଡ ଓ ରେଳପଥର ଗଳାପୋଲ ଠାରୁ ବଜାର ପର୍ଯ୍ୟନ୍ତ ଅଣଓସାରିଆ ରାସ୍ତା ଯୋଗୁଁ ଟ୍ରାଫିକ ଜାମ ସମସ୍ୟା ମୁଣ୍ଡବ୍ୟଥାର କାରଣ ପାଲଟିଥାଏ। ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ବାଣ ବ୍ୟବହାର ବାରଣ କରାଯାଇଥିବା ହେତୁ ରାବଣ ପୋଡି ଉତ୍ସବ ବାତିଲ କରାଯାଇଛି। ବିସର୍ଜନ ବେଳେ ମଧ୍ୟ ଡିଜେ ବଦଳରେ ସିଂ ବାଜା, ବାଦ୍ୟର ତାଳରେ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ହସ୍ତଗତ ହୋଇଛି। ସ୍ଥାନୀୟ ଲୋକମାନଙ୍କ ଅନୁସାରେ ଏହି ପୂଜା ଝରାଡିହି ଅଞ୍ଚଳରେ ଏକତା ଏବଂ ସୌହାରେଦ୍ଧର ଉଦାହରଣ ସୃଷ୍ଟି କରେ। ଦୁର୍ଗାପୂଜା ସମୟରେ ଝରାଡିହି ବଜାରର ପରିବେଶ ଉତ୍ସବମୁଖର ହୋଇ ଉଠିଥାଏ। କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମାଜିକ କାର୍ଯ୍ୟକଳାପ ଆୟୋଜନ କରାଯାଏ।

**ଲୁହରେ ଭିଜିଲା ଝୁନମୁର ଗାଁ**

# ଗାର୍ଡ ଅଫ୍ ଅନର୍ ପରେ ଜର୍ଜ ଦାଦାଙ୍କ ଶେଷକୃତ୍ୟ



**ରାଉରକେଲା, ୨୧।୯ (ସମିସ)**

ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ଭୀଷ୍ମ ପିତାମହ ଭାବେ ପରିଚିତ ଜିଲ୍ଲାର ବରିଷ୍ଠ ଟାଣୁଆ ଅପ୍ରତିଦ୍ୱନ୍ଦୀ ଆଦିବାସୀ ନେତା, ସୁନ୍ଦରଗଡ଼ ମାଟିର ସ୍ୱାଭିମାନ, ଗାଙ୍ଗପୁର ମଜଦୂର ମଞ୍ଚର ସଭାପତି, ନିର୍ଭୀକ ଜନନାୟକ, ଚାରି ଥରର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଜନ୍ମସ୍ଥାନ ରାଏବୋଗା ଅନ୍ତର୍ଗତ ଝୁନମୁର ଗାଁ ମାଟିରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ଖ୍ରୀଷ୍ଟିୟାନ ଧର୍ମର ରୀତିନୀତି ଅନୁଯାୟୀ ଝୁନମୁର ଚର୍ଚ୍ଚରେ ଆବଶ୍ୟକ ସମବେତ ପ୍ରାର୍ଥନା ପରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ଉପସ୍ଥିତିରେ ସମ୍ମାନର ସହ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ଏହାପରେ ତାଙ୍କର ପାର୍ଥିବ ଶରୀରକୁ ସେହି ଗାଁର କବର ସ୍ଥାନରେ କବର ଦିଆଯାଇଥିଲା। ଏହି ଅବସରରେ ହଜାର ହଜାର ସଂଖ୍ୟାରେ ବନ୍ଧୁ ପରିଜନ, ସାଧାରଣ ଜନତା, ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ରହି ସ୍ୱର୍ଗତ ଜର୍ଜ ଦାଦାଙ୍କ ଶେଷ ଦର୍ଶନ କରିଥିଲେ। ଏହି ଅବସରରେ ବୀରମିତ୍ରପୁର ବିଧାୟକ ତଥା ତାଙ୍କ ପୁତ୍ର ରୋହିତ ଯୋଶେଫ ତିର୍କୀ, ରାଜଗାଙ୍ଗପୁର ବିଧାୟକ ଡକ୍ଟର ରାଜନ ଏକ୍କା, ରାଜଗାଙ୍ଗପୁରର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ସିମଡେଗା ବିଧାୟକ ଭୁଷଣ ବାଡା, କୋଲାବିରା ବିଧାୟକ ବିକ୍ସଲ କାଙ୍ଗାଡିଙ୍କ ସମେତ ବହୁ ରାଜନେତା ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ, ରାଜଗାଙ୍ଗପୁରର ଏସଡିପିଓ ବିଭୁତି ଭୂଷଣ ଭୋଇ ଉପସ୍ଥିତ ରହିବା ସହ ସୁରକ୍ଷା ଦୃଷ୍ଟିରୁ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଆଜି ଏକ ସୁସଜ୍ଜିତ ବାହନରେ ସ୍ୱର୍ଗତ ଜର୍ଜ ତିର୍କୀଙ୍କ ପାର୍ଥିବ ଶରୀରକୁ ସେକ୍ଟର - ୮ ସ୍ଥିତ ଗାଙ୍ଗପୁର ମଜଦୁର ମଞ୍ଚର କାର୍ଯ୍ୟାଳୟରୁ ବେଦବ୍ୟାସ ଓ କୁଆଁରମୁଣ୍ଡା ସ୍ଥିତ ତାଙ୍କ ବାସଭବନକୁ ନିଆ ଯାଇଥିଲା। ସେଠାରେ ତାଙ୍କ ସମ୍ପର୍କୀୟ, ବନ୍ଧୁ ପରିଜନ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାନ୍ଦବୋବାଳିରେ ଫାଟି ପଡ଼ିଥିଲା କୁଆଁରମୁଣ୍ଡା ସହର। ଏହାପରେ ବୀରମିତ୍ରପୁର ବିଜେଡି ପାର୍ଟି କାର୍ଯ୍ୟାଳୟକୁ ନିଆ ଯାଇ ସେଠାରେ ସର୍ବସାଧାରଣଙ୍କ ଅନ୍ତିମ ଦର୍ଶନ ନିମନ୍ତେ ତାଙ୍କ ମରଶରୀରକୁ ରଖାଯାଇଥିଲା। ଏହାପରେ ରାଏବୋଗା ହୋଇ ଝୁନମୁର ସ୍ଥିତ ତାଙ୍କ ଜନ୍ମ ମାଟିକୁ ନିଆଯାଇ କବର ଦିଆଯାଇଥିଲା।

# ସିପିସି ନାଇଟ୍ ଓ ପୁରସ୍କାର ବିତରଣ ଉତ୍ସବ



**ରାଉରକେଲା, ୨୧।୯ (ସମିସ):** ରାଉରକେଲା କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ୨୦୨୪-୨୫ ପାଇଁ ପୁରସ୍କାର ବିତରଣ ଓ ସିପିସି ନାଇଟ୍ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସେକ୍ଟର - ୧୭ ସ୍ଥିତ ସମଲେଶ୍ୱରୀ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା କେନ୍ଦ୍ରୀୟ ପୂଜା କମିଟିର ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ପୂର୍ବତନ ବିଧାୟକ ସୁବ୍ରତ ତରାଇ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହାରା ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ କ୍ଲାସିକାଲ, ଓରିଏଣ୍ଟାଲ ଓ ଟ୍ରାଡିସନାଲ ଦୁର୍ଗାପୂଜା ମୂର୍ତ୍ତି ଓ କାଳିପୂଜା ଓ ଲକ୍ଷ୍ମୀ ପୂଜା ଆଦି ବିଭାଗରେ ୪୨ଟି ପେଣ୍ଡାଲକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ ଓ ରବୀନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ 'ଗୀତ ସାଗର' ମେଲୋଡି ତରଫରୁ ୬ ଜଣ ସଙ୍ଗୀତ ଶିଳ୍ପୀ ଓ ୪ ଜଣ ନୃତ୍ୟ ଶିଳ୍ପୀ ଯୋଗଦେଇ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେମାନଙ୍କ ମଧ୍ୟରେ ଅର୍ପିତା ଚୌଧୁରୀ, ଦେବଜାନୀ, ଶଙ୍କର ଦାନଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ବିଭୋର କରିଥିଲା। କୋଷାଧ୍ୟକ୍ଷ ପ୍ରଣୟ ନାୟକ, ସିଭିଲ ଟାଉନସିପ ଅଞ୍ଚଳର ସହ ସମ୍ପାଦକ ରାକେଶ ଶର୍ମା ଓ କାର୍ଯ୍ୟକାରୀ ସଦସ୍ୟ ରାହୁଲ ରାୟ ଓ ଆବାହକ କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ ପ୍ରମୁଖ ସହଯୋଗ କରିଥିଲେ।

# ବୁଢ଼ାକଟା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



**କୁତ୍ରା, ୨୧।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବୁଢ଼ାକଟାଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ରବିବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁତ୍ରା ଗୋଷ୍ଠୀ ଶିକ୍ଷା ବିଭାଗର ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ବାରିକ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ବିରିଙ୍ଗାଟୋଲି ପ୍ରଧାନଶିକ୍ଷୟିତ୍ରୀ ସୁନୀତା ସରୋନିଆ, ଶାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଅମରେଶ ସାହୁ, ବିରିଙ୍ଗାଟୋଲି ସେବାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ପଣ୍ଡା, ବୀରତୋଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ କାଲୋ, ସିଏଆର୍ ଜେଏସ୍‌ଡବ୍ଲ୍ୟୁର ସୁନୀଲ କୁମାର ନାଥ ଓ ଅଲେଖ ଦଲାଇ ଯୋଗଦେଇ ଥିଲେ। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରୋଡେସ୍କ ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାଟିକୁ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ପାତ୍ର ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟର କମ୍ପ୍ୟୁଟର ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଜଗତ ବରୁଆ, ଅମରଦୀପ କୁଜୁର, ଦୀପ୍ତିଶ୍ରୀ ବିଶ୍ୱାଳ, ଗେଦାଚନ୍ଦ୍ର ପୂର୍ତ୍ତୀ, ସୁମିତ ପୁରୋହିତ, ସ୍ୱାଗତିକା ନାଏକ, ସୁଚିସ୍ମିତା ଦାସ, ନମିତା ସିଂ ଓ ପବିତ୍ର ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ।

# ସନ୍ତରଣରେ ଆର୍‌ଏସ୍‌ପି କର୍ମଚାରୀଙ୍କ ଉତ୍ତମ ପ୍ରଦର୍ଶନ

**ରାଉରକେଲା, ୨୧।୯ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଦୁଇଜଣ କର୍ମଚାରୀ ଗତ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରରେ ଅନୁଷ୍ଠିତ ୧୩ତମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ଅଲ୍ ଓଡ଼ିଶା ମୁକ୍ତ ସନ୍ତରଣ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିବା ସହ ଇସ୍ପାତ ସହର ପାଇଁ ଗୌରବ ଆଣି ଦେଇଛନ୍ତି। ରୋଲ୍ ସପ୍ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ପ୍ରଦୀପ କୁମାର ବାରିକ ୫୦ ମିଟର ଫ୍ରିଷ୍ଟାଇଲ୍ ଏବଂ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରୋଲ୍ ସପ୍ ଇଲେକ୍ଟ୍ରିକାଲ୍ (ସିଇଏମ୍) ବିଭାଗର ଜୁନିଅର ଆସିଷ୍ଟାଣ୍ଟ ଟେକ୍ନିସିଆନ୍ ରୁଦ୍ର ନାରାୟଣ ସାହୁ ୫୦ ମିଟର ଫ୍ରି ଷ୍ଟାଇଲ୍ ଏବଂ ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# 'କ୍ରୀଷ୍ଣମ୍' ଅନୁଷ୍ଠାନର ଅଷ୍ଟମ ଚକ୍ରଧାରୀ ମହୋତ୍ସବ




**ରାଉରକେଲା, ୨୦।୯ (ସମିସ):** ସ୍ଥାନୀୟ ସେକ୍ଟର -୧୯ ସ୍ଥିତ ସିଭିକ୍ ସେଣ୍ଟରଠାରେ ରାଉରକେଲାର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ 'କ୍ରୀଷ୍ଣମ୍' ଦ୍ୱାରା ଅଷ୍ଟମ ଚକ୍ରଧାରୀ ନୃତ୍ୟ ମହୋତ୍ସବ - ୨୦୨୫ ଆୟୋଜିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ରାଉରକେଲା ଇସ୍ପାତ କାରଖାନାର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ଉଭୟ କେନ୍ଦ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ନୃତ୍ୟ ଗୁରୁ ନିରଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ସମର ମୁଦାଲି, ଏକାଡେମୀ ପୁରସ୍କାର ବିଜେତା ଗୁରୁ ନଳିନୀ ନିହାର ନାୟକ, ସଙ୍ଗୀତ ଶିଳ୍ପୀ ଗୁରୁ ଶରତ ଧଳ, ବିଶିଷ୍ଟ ସମାଜସେବୀ ଲକ୍ଷ୍ମଣ ନାଥ ଦାସ, ବିଶିଷ୍ଟ ଲେଖକ ପ୍ରଭାକର ପାତ୍ର, ରାଉରକେଲା ଇସ୍ପାତ କାରଖାନାର ପରିଚାଳକ ଜୟନ୍ତ ମହାପାତ୍ର, ଜେଏମଡି ଗ୍ରୁପ୍ କମ୍ପାନୀର ପ୍ରତିଷ୍ଠାତା ବାସୁଦେବ ସ୍ୱାଇଁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନୃତ୍ୟ ଗୁରୁ ଶ୍ୱେତାଂଶୁ ଶେଖର ଷଡ଼ଙ୍ଗୀ ଏବଂ ପତ୍ନୀ ଜ୍ୟୋତିଶ୍ରୀ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଦୀର୍ଘ ଆଠ ବର୍ଷ ଧରି ରାଉରକେଲାର ସାଂସ୍କୃତିକ ପରିମଣ୍ଡଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଭାରତୀୟ ସଂସ୍କୃତିରେ ନୃତ୍ୟ ଓ ସଙ୍ଗୀତକୁ ଗାନ୍ଧର୍ବ ବିଦ୍ୟାର ଆଖ୍ୟା ଦିଆଯାଇଛି। ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ବାସ୍ତବ ଏବଂ ସଠିକ୍ ରୂପାୟନ ଦର୍ଶକ ମାନଙ୍କ ମନ ଓ ପ୍ରାଣ ଓ ଶରୀରରେ ଅତିନ୍ଦ୍ରିୟ ଜଗତର ଅନୁଭୂତି ସଞ୍ଚାର କରିଥାଏ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଜ୍ୟୋତିଶ୍ରୀ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବାପରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଏବଂ ଗବେଷକ ଗୁରୁ ଶ୍ରୀ ନିରଞ୍ଜନ ରାଉତଙ୍କୁ ଅଷ୍ଟମ ଚକ୍ରଧାରୀ ସମ୍ମାନ - ୨୦୨୫ରେ ସମ୍ମାନିତ କରାଯାଇଥିଲା। ଅନ୍ୟାନ୍ୟ ଅତିଥି ମାନଙ୍କୁ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ସହ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ ଆର୍ୟ୍ୟାନ୍ ପଣ୍ଡାଙ୍କ ସହ ଏସ୍.ସମୃଦ୍ଧି ହରିହର ମଙ୍ଗଳା ଚରଣ, ଭୁବନେଶ୍ୱର ନୃତ୍ୟମ୍ ଡ୍ୟାନ୍ସ ଏକାଡେମୀର ଅନିକେତ ପଲ୍ଲବ ନାୟକ ଓ ବିଶ୍ୱ ରୂପା ଦୀକ୍ଷିତ, ରାଉରକେଲାର ଗୁରୁ ସୁବ୍ରତ କୁମାର ଭୂୟାଁ ଓ ଗୁରୁ ମୃତ୍ୟୁଞ୍ଜୟ ବାସା, ଭୁବନେଶ୍ୱର ନୃତ୍ୟ ସୁଧା ଏକାଡେମୀର ଗୁରୁ ଶଚିକାନ୍ତ ପ୍ରଧାନ ଓ ସ୍ୱାଗତିକା ପ୍ରଧାନ, ରାଉରକେଲାର ମ୍ୟୁଜିକ୍ ସର୍କଲ, କ୍ରୀଷ୍ଣମ୍, ଲିଖିତା ସେଠୀ ଓ ଗ୍ରୁପ୍, କଳା ଭୂମି ଏବଂ ଚିନ୍ମୟୀ ତ୍ରିପାଠୀ ପ୍ରମୁଖ ନିଜ ନିଜର ନିପୁଣ ନୃତ୍ୟ କଳା ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। ଶେଷରେ ସମ୍ପାଦିକା ଜ୍ୟୋତିଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ 'ତାନଭି- ଦି ଗ୍ରେଟ୍' ପ୍ରଦର୍ଶିତ



**ରାଉରକେଲା, ୨୧।୯ (ସମିସ):** ଆଜି ଟାଟା ପାୱାର୍ କମ୍ୟୁନିଟି ଡେଭଲମେଣ୍ଟ ଟ୍ରଷ୍ଟଙ୍କ ଅନୁକୂଲ୍ୟରେ ଏବଂ ଅନୁପମ ଖେର୍ ଷ୍ଟୁଡିଓଙ୍କ ସହ ଭାଗିତାରେ ଟିପିଡବ୍ଲୁଓଡିଏଲ୍, ଯାହା ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଏବଂ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣର ଦାୟିତ୍ୱରେ ଥିବା କମ୍ପାନୀ ଦ୍ୱାରା ଏକ ହିନ୍ଦୀ ଚଳଚ୍ଚିତ୍ର 'ତାନ୍‌ଭି-ଦି ଗ୍ରେଟ୍'ର ଏକ ସୋ ରାଉରକେଲା ସହରର ସିଭିଲ ଟାଉନ୍‌ସିପ୍‌ସ୍ଥିତ ଫୋରମ୍ ଗ୍ୟାଲେରିଆ ମଲ୍‌ର ପିଭିଆର ହଲରେ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆଖପାଖ ଅଞ୍ଚଳର ପ୍ରାୟ ୧୫୯ରୁ ଅଧିକ ଅଟିଜମ୍ ଦ୍ୱାରା ସଂକ୍ରମିତ ପିଲା ଏବଂ ତାଙ୍କ ଅଭିଭାବକ ଫିଲ୍ମ ଦେଖିଥିଲେ।

ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଡିଏଫ୍‌ଓ ଯଶୋବନ୍ତ ସେଠୀ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅଟିଜିମ୍ ଶିଶୁମାନଙ୍କ ବିକାଶ ପାଇଁ ତଥା ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଟିପିଡବ୍ଲୁଓଡିଏଲର ଏପରି ପଦକ୍ଷେପ ପ୍ରଶଂସନୀୟ ବୋଲି ବିଧାୟକ ସାରଦା ପ୍ରସାଦ ନାୟକ କହିଥିଲେ।

ଟିପିଡବ୍ଲୁଓଡିଏଲର ସାମାଜିକ ଦାୟିତ୍ୱବୋଧ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ସ୍ୱାଗତ ଭାଷଣ ଦେଇଥିଲେ।

# ବଚସାରୁ ବନ୍ଧୁକୁ ହତ୍ୟା; ଅଭିଯୁକ୍ତ ଗିରଫ

**ରାଉରକେଲା, ୨୧।୯ (ସମିସ):** ସାମାନ୍ୟ ବଚସାରୁ ବନ୍ଧୁକୁ ହତ୍ୟା କରିବା ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ବେଲଡିହି ବସ୍ତିର ଗୋରଚନ୍ଦ ଭୂମିଜ (୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ୮.୫ ସିଏମ ଲମ୍ବର ଗୋଟିଏ କଣ୍ଟା ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, କଲୁଙ୍ଗା ଅଞ୍ଚଳର ଏମଡି ଅରବାଜ୍ ଖାନ ଗତ ୧୩ ତାରିଖ ରାତି ପ୍ରାୟ ୧୧ଟା ବେଳେ ବନ୍ଧୁ ଗୋରାଚାନ୍ଦ ଘରକୁ ଯାଇଥିଲା। ସେଠାରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଗୋରାଚାନ୍ଦ ଉତ୍ୟକ୍ତ ହୋଇ ଏକ



ଲୁହା କଣ୍ଟା ସାହାଯ୍ୟରେ ଅରବାଜ ପେଟକୁ ଆକ୍ରମଣ କରିଥିଲା। ଫଳରେ ଅରବାଜ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ହେଲେ ୧୮ ତାରିଖରେ ଅରବାଜ ପେଟରେ ଯନ୍ତ୍ରଣା ହୋଇଥିଲା। ପରିବାରଲୋକେ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ବାପା ମହମ୍ମଦ ହଲିମ୍ ୧୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପାନପୋଷ ଏସଡିପି ରଶ୍ମିରଞ୍ଜନ ମହାପାତ୍ରଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଘଟଣାର ତଦନ୍ତ କରିବା ସହ ଏହି ହତ୍ୟାକାଣ୍ଡ ଅଭିଯୋଗରେ ଆଜି ଅଭିଯୁକ୍ତ ଗୋରାଚାନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ବଣାଇଁ ସହରରେ ଚୋରି

**ବଣାଇଁ, ୨୧।୯ (ସମିସ):** ବଣାଇଁ ସହରସ୍ଥିତ ବ୍ଲକ ଛକ ନିକଟ ରାସ୍ତା କଡ଼ରେ ଥିବା ଫଳ ଦୋକାନରୁ ତାଲା ଭାଙ୍ଗି ଟିଣ ଚାଦର କାଟି ଭିତରେ ଥିବା ବିଭିନ୍ନ ପ୍ରକାର ଫଳ ଚୋରି ହୋଇଥିବା ବେଳେ ନରେନ୍ଦ୍ର ଓ ଜୀବିକା ଗ୍ରାମରୁ ମଧ୍ୟ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗତକାଲି ରାତିରେ ବ୍ଲକ ଛକ ରାସ୍ତା କଡ଼ରେ ଥିବା ଫଳ ଦୋକାନରୁ ତାଲା ଭାଙ୍ଗିବା ସହ କେବିନର ଟିଣି ଚାଦର କାଟି ଭିତରେ ଥିବା ସେଓ, ଡାଳିମ୍ବ, ଖଜୁରୀ ଭଳି ଅନେକ ଫଳ ଓ ଚକୋଲେଟ୍ ଚୋରି ହୋଇଥିବା ନେଇ ଦୋକାନ ମାଲିକାଣି ଆରତୀ ସାହୁ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସେହିପରି



ନରେନ୍ଦ୍ର ଗ୍ରାମର ଡିଲେଶ୍ୱର ସାହୁଙ୍କର ଅଟୋରୁ ବ୍ୟାଟେରି ଚୋରି, ଦୁଇଟି ହାଇୱା ଗାଡ଼ିର କାଚ ଭାଙ୍ଗିବା ସହିତ ୨ଶହ ଲିଟର୍ ଡିଜେଲ ଚୋରି ହୋଇଥିବା ଗାଡ଼ି ମାଲିକ କହିଛନ୍ତି। ସେହିପରି ଜୀବିକା ଗ୍ରାମରେ ମଧ୍ୟ ଗୋଟିଏ ହାଇୱା ଏବଂ ଆଉ ଏକ ଜେସିବିରୁ ଡିଜେଲ ଚୋରି ହୋଇଥିବା ସୂଚନା ମିଳିଛି। ତେବେ ବଣାଇଁ ଅଞ୍ଚଳରେ ଚୋରି ହୋଇଥିବାରୁ ସ୍ଥାନୀୟ ଜନସାଧାରଣଙ୍କ କହିବା ଅନୁସାରେ ରାତି ୧୦ଟା ସମୟରେ ସମସ୍ତ ଦୋକାନ ବଜାର ବନ୍ଦ ରହୁଥିବାରୁ ଚୋର ଆଉ ଡର ଭୟ ନକରି ଚୋରି କରିବାରେ ସେମାନେ ସୁବିଧା ପାଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ପୁଲିସ ପକ୍ଷରୁ ରାତିରେ କଡ଼ାକଡ଼ି ପାଟ୍ରୋଲିଂ କରିବାକୁ ଦାବି ହେଉଛି।

# ରେଳ ଧାରଣାରୁ ଯୁବକଙ୍କ ଶବ ଉଦ୍ଧାର

**ରାଉରକେଲା, ୨୧।୯ (ସମିସ):** ରେଳ ଧାରଣାରୁ ଜିଆର୍‌ପି ଥାନା ପୁଲିସ ଜଣେ ଯୁବକଙ୍କ ଶବକୁ ଉଦ୍ଧାର କରିଛି। ମୃତକ ସିଭିଲ ଟାଉନସିପ ଅଞ୍ଚଳର ସତ୍ୟଜିତ ମିଶ୍ର (୩୧) ବୋଲି ଜଣାପଡ଼ିଛି। ରବିବାର ଏସଟିଆଇ ରେଳ ଫାଟକ ନିକଟ ରେଳ ଧାରଣାରେ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସୂଚନା ଦେଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତେବେ ସତ୍ୟଜିତଙ୍କ ମୃତ୍ୟୁ କିପରି ହେଲା ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଇନ୍‌ସପେକ୍ଟର ରେଶମା ଏକ୍କା କହିଛନ୍ତି।

# ଆମ ପୁଲିସ ସମିତି ବୈଠକ

**ବଣାଇଁ, ୨୧।୯ (ସମିସ):** ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ସମୟରେ ଶିକ୍ଷିତ ଓ ଅଶିକ୍ଷିତ ଜନସାଧାରଣ ଠକେଇ, ଗୁଣିଗାରେଡି, ସାମାଜିକ ବାସନ୍ଦ, ବାଲ୍ୟବିବାହ ଆଦି କୁସଂସ୍କାରର ସମ୍ମୁଖୀନ ହେଉଛନ୍ତି। ଫଳରେ ଭାଇଚାରା, ସାମାଜିକ ଚଳଣି, ଆର୍ଥିକ ସମସ୍ୟା ଓ ଧନଜୀବନ ପ୍ରଭାବିତ ହେବା ନିତିଦିନିଆ ଘଟଣା ପାଲଟିଛି। ଏହି କୁସଂସ୍କାର, ଅନ୍ଧବିଶ୍ୱାସକୁ ପ୍ରତିହତ କରି ସମାଜରେ ଏକ ସୁସ୍ଥ ବାତାବରଣ ବଜାୟ ରଖିବା ସକାଶେ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ କରାଯାଇଛି। ଗଣ ସଚେତନତା ମାଧ୍ୟମରେ ଲୋକଙ୍କ ନିକଟତର ହୋଇ ପୁଲିସ ଲୋକଙ୍କୁ ସୁରକ୍ଷା ଦେବା ସହ ପୁଲିସ ପବ୍ଲିକର ସେତୁ ରୂପେ କାର୍ଯ୍ୟ ପାଇଁ ଅଣ୍ଟା ଭିଡିଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶରେ ବଣାଇଁ ଥାନା ଦେଓଗାଁ ବାବା ବାଣେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ରବିବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଥାନା ଭାରପ୍ରାପ୍ତ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମରେ ବାଲ୍ୟ ବିବାହ, ସାମାଜିକ ବାସନ୍ଦ, ଗୁଣିଗାରେଡ଼ି ଆଦି ଅନ୍ଧ ବିଶ୍ୱାସ ଏବଂ କୁସଂସ୍କାର ଆଦି କାର୍ଯ୍ୟକଳାପରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ, ଇନ୍‌ସୁରାନ୍ସ ଓ ସାମାଜିକ ଗଣମାଧ୍ୟମରେ ଆସୁଥିବା ଅଜଣା ଲିଙ୍କ୍ ଓ ଲୋଭନୀୟ ଅଫର ପ୍ରତି ବିଶ୍ୱାସ ନକରି ସତର୍କତା ଅବଲମ୍ବନ କରିବା ପାଇଁ ଥାନା ଅଧିକାରୀ ଶ୍ରୀ ସାହୁ ବୁଝାଇଥିଲେ। ବିଭିନ୍ନ ସମୟରେ ପିଏମ୍ କିଷାନ ଯୋଜନା, ଶ୍ରମିକ କାର୍ଡ କିମ୍ବା ବ୍ୟାଙ୍କ୍, ବିଦ୍ୟୁତ୍ କର୍ମଚାରୀ ପରିଚୟ ଦେଇ ଟଙ୍କା ଠକେଇ କରିବା ପାଇଁ ବହୁ ଦଲାଲ୍ ଘୂରି ବୁଲୁଛନ୍ତି। ଏପରି ସ୍ଥଳେ ପ୍ରକୃତ ଅନୁସନ୍ଧାନ କରିବା ସହ ସନ୍ଦେହ ହେଲେ ପୁଲିସ୍ ସହାୟତା ପାଇଁ



ପରାମର୍ଶ ଦେଇଥିଲେ। ଏଥିରେ ବଣାଇଁ ଥାନା ଏସ୍‌ଆଇ ହରିହର ନାଏକ, ଏଏସ୍‌ଆଇ ପର୍ଶୁରାମ ମାହାନ୍ତ, ଅମୂଲ୍ୟ ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ବଣାଇଁର ବହୁ ନେତା, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ରହିଥିଲେ।

# ସୁନ୍ଦରଗଡ଼ ଜିଲ୍ଲା କିସାନ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**କୁତ୍ରା, ୨୧।୯ (ସମିସ)**

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦରମହକୁମା କୁତ୍ରା ଗ୍ରାମପଞ୍ଚାୟତଠାରେ ଥିବା କଲ୍ୟାଣ ମଣ୍ଡପଠାରେ ରବିବାର ସୁନ୍ଦରଗଡ଼ ଜିଲ୍ଲା କିସାନ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା।ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସଭାପତି ସୁନାସୀର କିସାନ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଭାପତି ଦେବେନ୍ଦ୍ର ମାଝୀ, ସମ୍ପାଦକ କୃଷ୍ଣା ଲାକ୍ରା, କୋଷାଧ୍ୟକ୍ଷ ବିତନା ମାଝୀ, ତୁନମୁରା ଗଙ୍ଗାଘାଟି ସଭାପତି କପିଳେଶ୍ୱର ଟପ୍ପୋ, ସମ୍ପାଦକ ପ୍ରେମଚାନ୍ଦ ଲାକ୍ରା, ଉପସଭାପତି ନରସିଂହ ମିଞ୍ଜ, ଉପେନ୍ଦ୍ର ପ୍ରଧାନ, ମୁନ୍ନା ପ୍ରଧାନ, ହିରନ କୁଜୁର, ସୁରେନ୍ଦ୍ର କିସାନ, ରାମଚନ୍ଦ୍ର ମାଝୀ, ବାହାଦୁର କିଣ୍ଡୋ, ନବୀନ ପତ୍ରି, ଚନ୍ଦ୍ର କିସାନ, ଝିରଗା ଏକ୍କା ଓ ଆସାମରୁ ଆସିଥିବା ତନୁ ପନ୍ନା ଯୋଗଦେଇ ଥିଲେ। ଉକ୍ତ ଉତ୍ସବଟିକୁ କିସାନ ସମାଜର ସମାଜସେବୀ ପାନୁ ମାଝୀ ଓ ଜେଙ୍ଗା କିସାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଆରମ୍ଭ କରାଯାଇଥିଲା। ଉତ୍ସବରେ ଉପସ୍ଥିତ ଥିବା ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସଭା କାର୍ଯ୍ୟଟି ବଇଲୋ କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବଟିକୁ ଗାଙ୍ଗାଘାଟି ତୁନମୁରା ପକ୍ଷରୁ ଆୟୋଜିତ କରାଯାଇଥିଲା। ଉପସ୍ଥିତ ଅତିଥିମାନେ କିସାନ ସମାଜର ଭାଷା, ଚାଲିଚଲଣ ଓ ସଂସ୍କୃତି ବିଷୟରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀରେ ପ୍ରଥମ, ଯୁକ୍ତ ଦୁଇରେ ପ୍ରଥମ ଓ ଯୁକ୍ତ ତିନିରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ତିନି ତିନି ଜଣଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କିସାନ ସମାଜର ନୃତ୍ୟ ଦଳମାନେ ନିଜର ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କୁତ୍ରା ସରପଞ୍ଚ ଭୁବନ କୁଜୁର, ଆକାଶ କୁଜୁର, ପ୍ରଫୁଲ୍ଲ କୁଜୁର, ପୁଚନୁ କୁଜୁର, ଚେପ ଲାକ୍ରା, ମହେନ୍ଦ୍ର ଲାକ୍ରା, ବିଶ୍ୱନାଥ ଟପ୍ପୋ, ମୁଖୀ ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।



# ପାନୀୟଜଳ ପାଇଁ ଡହଳବିକଳ କଦମ୍ବରୁଆଁ ଗ୍ରାମବାସୀ

ମୋହନା, ୨୧।୯ (ସମିସ)





‘ଦୀପ ତଳ ଅନ୍ଧାର’ ଉକ୍ତିର ଯଥାର୍ଥତା ପ୍ରତିପାଦିତ ହେଉଛି ଗଜପତି ଜିଲ୍ଲା ମୋହନା ବ୍ଲକ ଚାନ୍ଦିପୁଟ ପଞ୍ଚାୟତରେ। ପଞ୍ଚାୟତ ଅତି ନିକଟରେ ଥିବା ଚାନ୍ଦିପୁଟ ଗ୍ରାମରେ ୨୩ ପଛୁଆ ବର୍ଗର ପରିବାରର ଲୋକେ ବସବାସ କରୁଛନ୍ତି। ହେଲେ ସେମାନଙ୍କ ମୁଖ୍ୟ ସମସ୍ୟା ରହିଛି ସ୍ୱଚ୍ଛ ପାନୀୟ ଜଳ। ଏହି ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏଣୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତ ଲୋକେ। ଚାନ୍ଦିପୁଟ ପଞ୍ଚାୟତରୁ ଅତି ନିକଟରେ ଥାଇ ମଧ୍ୟ ଗ୍ରାମବାସୀ ଜଳସଂକଟରେ ଘାଣ୍ଟି ହେଉଛନ୍ତି। ଗ୍ରାମରେ ଦୁଇଟି ନଳକୂପ ଥିଲେ ବି ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। କାରଣ ଏଥିରୁ ଖାରପାଣି ବାହାରୁଛି। ଏହି କାରଣରୁ ତାହା ବ୍ୟବହାର କରୁନାହାନ୍ତି ଲୋକେ। ବାଧ ହୋଇ ଗ୍ରାମରେ ଥିବା ୫୦ ବର୍ଷ ପୁରୁଣା ଏକ ପରିତ୍ୟକ୍ତ କୂଅ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। କୂଅ ପାଣି ବ୍ୟବହାର କରି ବିଭିନ୍ନ ରୋଗର ମଧ୍ୟ ଶିକାର ହେଉଛନ୍ତି। ଏହି ସମସ୍ୟା ବିଷୟରେ ବାରମ୍ବାର ସ୍ଥାନୀୟ ସରପଞ୍ଚ ଠୁ ଆରମ୍ଭ କରି ବ୍ଲକ

**● ଶୋଷ ମେଣ୍ଟାଉଛି ୫୦ ବର୍ଷର ପୁରୁଣା କୂଅ**
**● ନଳକୂପରୁ ବାହାରୁଛି ଖାରିପାଣି**

ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୋଗ ପ୍ରତି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କୁ ସବୁ କ୍ଷେତ୍ରରେ ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ସମାଧାନ କରିବାକୁ ଦାବି କରିଛନ୍ତି। ସମସ୍ୟା ସମ୍ପର୍କରେ ମୋହନା ବିଡିଓଙ୍କୁ ପଚାରିବାରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ତଦନ୍ତ କରି ରିପୋର୍ଟ ଦେବା ପରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହ୍ୟାଣ୍ଡବଲ୍ ପ୍ରଶିକ୍ଷଣ ଶିବିର

ରାୟଗଡ଼, ୨୧।୯ (ସମିସ): ରାୟଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଗଜପତିଙ୍କ ନିର୍ଦ୍ଦେଶ କ୍ରମେ ଓ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ହ୍ୟାଣ୍ଡବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଉକ୍ତ ଶିବିର ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ୧୪ ବର୍ଷ ଓ ୧୭ ବର୍ଷରୁ କମ୍ ଉଭୟ ବର୍ଗର ୪୨ ଜଣ ବାଳକ ଓ ବାଳିକା ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଛନତି। ଏହି ଟିମ୍ ଆସନ୍ତା ୨୪ ତାରିଖରେ ବ୍ରହ୍ମପୁରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଭାଗ ନେବେ। ଶିବିରରେ ଖେଳ ଶିକ୍ଷକ ଦେବବ୍ରତ ପରିଡ଼ା, ଦର୍ଶୀତା ପଟ୍ଟନାୟକ ଓ ଅଭିମନ୍ୟୁ ଗମାଙ୍ଗ ଖେଳାଳୀଙ୍କୁ ପ୍ରଶିକ୍ଷଣ ଦେଉଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା ପରିଚାଳନା କରୁଛନ୍ତି।

## ଓଏସଆର୍‌ଟିସି ବସ-ବାଇକ୍ ଧକ୍କା; ଶାଳୀ-ଭିଣୋଇ ଆହତ



ମୋହନା, ୨୧।୯ (ସମିସ): ଆର.ଉଦୟଗିରି ଥାନା ବିଲେଇକୁଆଁ ଛକରେ ରବିବାର ଓଏସ୍‌ଆର୍‌ଟିସି ବସ ସହ ବାଇକ ଧକ୍କା ହେବାରୁ ନୂଆଗଡ଼ ବ୍ଲକ ଏ.ଅନ୍ତରାଡ଼ି ଗ୍ରାମର ଗଦାଧର ମଣ୍ଡଳ ଏବଂ ତାଙ୍କ ଶାଳୀ ସ୍ୱର୍ଣ୍ଣଲତା ରଇତ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଆର.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖଜୁରିପଦାରୁ କୌଣସି କାମରେ ଗଦାଧର ଏବଂ ସ୍ୱର୍ଣ୍ଣଲତା ଆର. ଉଦୟଗିରି ଆସୁଥିବା ବେଳେ ବସ୍ ସହ ବାଇକର ଧକ୍କା ହୋଇଥିଲା। ଖବର ପାଇ ଆର. ଉଦୟଗିରି ପୁଲିସ ଦୁର୍ଘଟଣା ଗ୍ରସ୍ତ ଦୁଇ ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ରାସ୍ତା ଅବରୋଧ



ମୋହନା, ୨୧।୯ (ସମିସ): ଅଘୋଷିତ ବିଦ୍ୟୁତ କାଟ୍ ପ୍ରତିବାଦରେ ରବିବାର ପ୍ରାୟ ୧ଘଣ୍ଟା ଧରି ଜାତୀୟ ରାଜପଥକୁ ଗଜପତି ଜିଲ୍ଲା ଆର. ଉଦୟଗିରି ଥାନା ଅନ୍ତର୍ଗତ ମହେନ୍ଦ୍ରଗଡ଼ ଗ୍ରାମବାସୀ ଅବରୋଧ କରିଛନ୍ତି। ବହୁଦିନ ଧରି ଏହି ଅଞ୍ଚଳରେ ବିଦ୍ୟୁତ ବିଭାଗ ପକ୍ଷରୁ ଦିନକୁ ତୁହାକୁ ତୁହା ବିଦ୍ୟୁତ କାଟ୍ କରାଯାଉଛି। ଏଥିରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଅନ୍‌ଲାଇନ କାର୍ଯ୍ୟ ବାଧା ହେଉଥିବା ବେଳେ ବ୍ୟବସାୟୀମାନେ ମଧ୍ୟ କ୍ଷତି ସହୁଛନ୍ତି। ଉତ୍ୟକ୍ତ ଲୋକେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଥିଲେ। ରବିବାର ଅପରାହ୍ନ ୩.୩୦ରୁ ୪.୩୦ ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ। ରାସ୍ତାରୋକ ଯୋଗୁଁ ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡି ସହ ମୋହନା ଏବଂ ବ୍ରହ୍ମପୁରକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଖବର ପାଇ ବିଦ୍ୟୁତ ବିଭାଗ ଅଧିକାରୀ ଆସି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

## ୮ ଶିକ୍ଷକଙ୍କୁ ରାଷ୍ଟ୍ରଗଠନ ପୁରସ୍କାର



ଜି.ଉଦୟଗିରି, ୨୧।୯ (ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସାରା ରାଜ୍ୟରେ ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ବରିଷ୍ଠ ପ୍ରଧାନଶିକ୍ଷକ ୧୪୦ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଭୁବନେଶ୍ୱର ଜୟଦେବ ଭବନ ଗୀତଗୋବିନ୍ଦ ସଦନରେ ନେସନ ବିଲଡର ବା ରାଷ୍ଟ୍ରଗଠନ ପୁରସ୍କାର ପ୍ରଦାନ କରାଯାଇଛି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକରୁ ପ୍ରଧାନଶିକ୍ଷକ ଦୈତାରି ଦିଗାଲ ଓ ୭ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ରୋଟାରୀ କ୍ଲବ ଭୁବନେଶ୍ୱର ନୀଳାଦ୍ରି ଅନୁଷ୍ଠାନ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଇପିଏସ ପ୍ରାଣବନ୍ଧୁ ଆଚାର୍ଯ୍ୟ, ବିଶିଷ୍ଟ ଅର୍ଥନୈତିକ ରାଜୀବ ଶେଖର ସାହୁ, ବିଶିଷ୍ଟ ଶିକ୍ଷାବିତ ଶଶାଙ୍କ ଚୂଡ଼ାମଣି, ଉତ୍କଳ ବିଲଡର୍ସର ସୁବାସ ବେହୁରା, ରୋଟାରୀ କ୍ଲବ ସଭାପତି ସୁଜିତ କୁମାର ରାଉତ, ସମ୍ପାଦକ ରାକେଶ ଦଲେଇ ଓ ପୂର୍ବତନ ସଭାପତି ବାସୁଦେବ ଭଟ୍ଟ ଅତିଥି ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ଉତ୍ତମ ଶିକ୍ଷାଦାନ ତଥା ଦେଶ ଗଠନରେ ଦୃଢ଼ ଅବଦାନକୁ ପାଥେୟ କରି ରାଷ୍ଟ୍ର ଗଠନକାରୀ ପୁରସ୍କାର ପ୍ରଦାନ କରିଥିଲେ। ତନୁରେଖା ନାୟକ, ଗୁରୁପ୍ରସାଦ ସାହୁ, ସାଗର କୁମାର ନାୟକ, ଦୁଷ୍ମନ୍ତ ବେହେରା, ମିନତି ଦେବୀ, ରଶ୍ମି ସାହୁ ଓ ସବିତା ପ୍ରାଣିଗ୍ରାହୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ୍ ଶିବିର



ମୋହନା, ୨୧।୯ (ସମିସ): ମୋହନା ବ୍ଲକ ପି.ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ଦିନିକିଆ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ପ୍ରାୟ ୨୦୦ ଜଣ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା ଓ ପୁରୁଷମାନେ ଯୋଗ ଦେଇଥିଲେ। ତାଲିମ୍‌ଦାତା ଭାବେ ଆଇନଜୀବୀ ଦୁର୍ଯ୍ୟୋଧନ କରଡ଼ା ଯୋଗଦେଇ ଶିଶୁ ଚାଲାଣର କାରଣ ଓ ନିରାକରଣ ଦିଗରେ ବିଶେଷ ଭାବରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ୟୁନିଟ ସଦସ୍ୟ ନରେଶ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ କର୍ମଚାରୀ ସାଇ ସାମଲ, କବିତା ସାମଲ ଓ ସ୍ଥାନୀୟ ଅଙ୍ଗନବାଡି ସୁପରଭାଇଜର ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ରାୟଗଡ଼, ୨୧।୯ (ସମିସ): ରାୟଗଡ଼ ବ୍ଲକ ସଦ୍‌ଭାବନା ସଭାଗୃହରେ ବ୍ଲକସ୍ତରୀୟ ସ୍ୱଚ୍ଛତା ହିଁ ସେବା ଏବଂ ପରିମଳ ସମ୍ବନ୍ଧୀୟ ଏକ ଦିବସୀୟ ପରିଚାଳନା ତାଲିମ ଓ ଶ୍ରମଦାନ ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ ଓ ସିଡିପିଓ ବି. କମଳାଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱଚ୍ଛତା ଉପରେ ତାଲିମ ଓ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଏବଂ ପରିମଳ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିମଳ ଅଧିକାରୀ ଜି. ସୁନୀଲ ବାବୁ ତାଲିମ ପ୍ରଦାନ କରିଥିବାବେଳେ ବିଆରସି ସ୍ୱରୂପ ପଟ୍ଟନାୟକ ପରିଚାଳନା କରିଥିଲେ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ନୂଆଗଡ଼, ୨୧।୯ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ରଞ୍ଜନ ମଣ୍ଡଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜୀ ଯୋଗ ଦେଇଥିଲେ। ବିଇଓ ବ୍ରଜକୁମାର ନାୟକଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେଲା ପରେ ବ୍ଲକରେ ଏହି ପଦ ଖାଲିପଡ଼ିଥିଲା। ଗୁମ୍ମା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ରଞ୍ଜନ ମଣ୍ଡଳ ୨୦୨୨ ମାର୍ଚ୍ଚ ୮ରୁ ୨୦୨୫ ଅଗଷ୍ଟ ୮ ପର୍ଯ୍ୟନ୍ତ ନୂଆଗଡ଼ ବିଇଓ ଦାୟିତ୍ୱରେ ଥିଲେ। ନୂତନ ବିଇଓ ଭାବେ ଆଦିକନ୍ଦ ଗମାଙ୍ଗ ଯୋଗଦାନ କରିଥିଲେ। ଶୁକ୍ରବାର ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସିଆରସିସି ଉପସ୍ଥିତ ଥିଲେ।

## ସଲପଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ସେମିନାର




ଟିକାବାଲି, ୨୦।୯ (ସମିସ): ସଲପାଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ‘କ୍ୟୁଣ୍ଟମ ଯୁଗର ଆରମ୍ଭ :ସମ୍ଭାବନା ଓ ଆହ୍ୱାନ’ ବିଷୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକାବାଲି ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ, ଗଣେଶ୍ୱର କହଁର ଓ ବିନୋଦିନୀ ସାମଲ ଯୋଗ ଦେଇଥିଲେ। ବିଚାରକ ଭାବେ ଶିକ୍ଷକ ଅମିତ କୁମାର ତ୍ରିପାଠୀ ଓ ଶିକ୍ଷୟିତ୍ରୀ ସବିତା ସାହୁ ଯୋଗ ଦେଇଥିଲେ। ସେମିନାରରେ ଆରାଧ୍ୟା ମୃନାଲ ପାଣି ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଅର୍ଚ୍ଚିତା ଦାସ ଦ୍ୱିତୀୟ ଓ ଅନ୍ୱେଷା ଦାସ ତୃତୀୟ ହୋଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ସୁଧାରାଣୀ ସାହୁ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ନୈତିକ ଓ ବୌଦ୍ଧିକ ଜ୍ଞାନ ବିକଶିତ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୨୧।୯ (ସମିସ): ବାଳମୁକୁନ୍ଦ କେନ୍ଦ୍ରର ସୁଚିନ୍ତିତ ‘ସଂକଳ୍ପ ସ୍ୱାକ୍ଷର, ସ୍ୱଚ୍ଛ ଓ ସବୁଜ ଭାରତ’ ଅନ୍ତର୍ଗତ ନୈତିକ ଓ ବୌଦ୍ଧିକ ଜ୍ଞାନ ବିକଶିତ ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ଆଦିବାସୀ ଛାତ୍ରବାସ ଅନ୍ତେବାସୀ ଗହଣରେ କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ପହଞ୍ଚି ମାର୍ଗଦର୍ଶନ କରିଛନ୍ତି। ବଡ଼ ପିଲାମାନେ ଛୋଟ ପିଲାମାନଙ୍କୁ ନିଜର ଦକ୍ଷତା ଅନୁସାରେ ଶିକ୍ଷାଦାନ କରିବେ, ନିଜେ ପରିଷ୍କାର ରହି ବହିପତ୍ର ଲୁଗାପଟା ସଜାଇ ରଖି ଅନ୍ୟମାନଙ୍କୁ ପ୍ରେରିତ କରିବେ ଏବଂ ଦଶହରା ଛୁଟିରେ ନିଜ ଗ୍ରାମକୁ ଗଲେ ପିତାମାତାଙ୍କ ଦ୍ୱାରା ଗଛ ଲଗାଇ ତାର ଦାୟିତ୍ୱ ନେବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍ରାଇଲ ଶବର ଓ ହେମନ୍ତ କୁମାର ସ୍ୱାଇଁ ସହଯୋଗ କରିଥିଲେ। ଶେଷରେ ଶ୍ରୀମଦଭଗବତ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଦିନ କରିବା ପାଇଁ କେନ୍ଦ୍ରର ସଂଯୋଜକ ପରାମର୍ଶ ଦେଇଥିଲେ।

## ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ

ପାରଳାଖେମୁଣ୍ଡି, ୨୧।୯ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ ହୋଇଛି। ଶାନ୍ତିର ସନ୍ଦେଶ ପ୍ରଚାର ପାଇଁ ‘ଶାନ୍ତିରେ ଅଛି ସମୃଦ୍ଧି’, ‘ଶାନ୍ତି ହେଉଛି ସତ୍ୟ ଶକ୍ତି’, ‘ଶାନ୍ତିର ପଥରେ ମାନବତାର ଜୟ’ ପରି ସ୍ଲୋଗାନ ସହିତ ଗଜପତି ଜିଲ୍ଲାର ସମସ୍ତ ସ୍କାଉଟ୍ ଓ ଗାଇଡ୍‌ସ୍ ମାଷ୍ଟରଙ୍କ ନେତୃତ୍ୱରେ ଏକ ଶାନ୍ତି ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ, ଡିଓସି ପ୍ରିୟଦର୍ଶୀ ମିଶ୍ର, ଯୁଗ୍ମ ସମ୍ପାଦକ ପରମେଶ୍ୱର ନାୟକ, କିଶୋର ଚନ୍ଦ୍ର ଦାସ, ସୁଦୀପ୍ତ କୁମାର ବାରିକ, ଆଦିତ୍ୟ ନାରାୟଣ ବେହେରା, ବାସୁଦେବ ରେଡ୍ଡି, ଧୀରେନ୍ଦ୍ର କୁମାର ସାମଲ, ରାମୋଜୀ ରମେଶ, ଅଶୋକ କୁମାର ଗୌଡ଼, ରାଜ କିଶୋର ପାତ୍ର, ଗାଇଡ୍ କ୍ୟାପଟେନ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ ସହ ସମସ୍ତ ସ୍କାଉଟ୍ ଓ ଗାଇଡ୍‌ଙ୍କ ଅଂଶଗ୍ରହଣରେ ପରିଚାଳିତ ହୋଇଥିଲା। ପରିଶେଷରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇ, ନବରତ୍ନ ମଣ୍ଡପ ଏବଂ ମହାରାଜାଙ୍କ ପ୍ରତିମୂର୍ତ୍ତି ପରିସରରେ ସଫେଇ କରାଯାଇଥିଲା।

# ‘ମିଶନ ଶକ୍ତି’ ଗୃହ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳ





କାଶୀନଗର, ୨୧।୯ (ସମିସ)

ଗଜପତି ଜିଲ୍ଲା କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧ ଓ ୩ ନଂ. ୱାର୍ଡରେ ଥିବା ମିଶନ ଶକ୍ତି ଗୃହ ବର୍ତ୍ତମାନ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏହି ଗୃହ ଚର୍ତୁପାର୍ଶ୍ୱରେ ବିଭିନ୍ନ ଗଛଲତା ସହ ଅଳିଆ ଆବର୍ଜନା ପଡ଼ି ରହିଛି। ରିକସିତା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୩ ନଂ. ୱାର୍ଡରେ ଏକ ମିଶନ ଶକ୍ତି ଗୃହ ୭ଲକ୍ଷ ୯ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଛି। ପୂର୍ବ ସରକାର ନାରୀ ସଶକ୍ତିକରଣ ନିମନ୍ତେ ଲକ୍ଷାଧିକ ଟଙ୍କାରେ ଗୃହ ଗୁଡ଼ିକ ନିର୍ମାଣ କରିଥିବା ବେଳେ ବର୍ତ୍ତମାନ କିନ୍ତୁ ସ୍ଥାନୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଗୃହ ଗୁଡ଼ିକ ଅବ୍ୟବସ୍ଥାରେ ପଡ଼ି ରହିଛି। ବର୍ତ୍ତମାନ ଏଠାରେ ଗାଈଗୋରୁ ବନ୍ଧା ହେଉଛି। ଏହାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ଏଠାରେ ଅନୈତିକ କାର୍ଯ୍ୟ ଚଳାଇଥିବା ନେଇ ଅଭିଯୋଗ ହୋଇଛି। ଗୃହ ଭିତରେ ଚାରିଆଡ଼େ ମଦ ବୋତଲ ପଡ଼ି ରହିଛି।

**ନିଦାବିଷ୍ଟ ଏନ୍‌ଏସି କର୍ତ୍ତୃପକ୍ଷ, ତେଜୁଛି ଅସନ୍ତୋଷ**

ସେହିପରି ୧୨ ଓ ୧୩ ନଂ. ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ ହୋଇଥିଲେ ବି ବର୍ତ୍ତମାନ ପର୍ଯ୍ୟନ୍ତ ତାହା ଏନ୍‌ଏସି କର୍ତ୍ତୃପକ୍ଷ ନିଜ ହାତକୁ ନେଇନଥିବା ଜଣାପଡ଼ିଛି। ସ୍ଥାନୀୟ କିଛି ବ୍ୟବସାୟୀ ବିନା ଅନୁମତିରେ ଉକ୍ତ ଗୃହ ବ୍ୟବହାର କରୁଥିବା ସ୍ଥାନୀୟ ଜନପ୍ରତିନିଧି ଅଭିଯୋଗ କରିବା ପରେ ବି କୌଣସି ପଦକ୍ଷେପ ନିଆଯାଇନାହିଁ କାହିଁକି ବୋଲି ଏବେ ସାଧାରଣତରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନଏସି କର୍ତ୍ତୃପକ୍ଷ ଘୋର ନିଦ୍ରାରେ ରହିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାଶୀନଗର ସହରର ବିଭିନ୍ନ ସମସ୍ୟା ନେଇ ବିଭିନ୍ନ ସମୟରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଜନସାଧାରଣ ଅବଗତ କରାଉଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲ୍ଲା ପ୍ରଶାସନ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରିବା ସହ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରିବା ନେଇ ଦାବି ହେଉଛି।



ମା'ଭଗବତୀଙ୍କ କାଳୀ ବେଶ

## ସର୍ପାଘାତରେ ବୃଦ୍ଧଙ୍କ ମୃତ୍ୟୁ

**ମାହାଙ୍ଗା,୨୧।୯ (ସମିସ):** କୁମୁଡା ଜଇପୁର ଫାଣ୍ଡି ଅନ୍ତର୍ଗତ କୁହୁଣ୍ଡା ଗ୍ରାମର ଗୁନାନନ୍ଦ ବେହେରା (୬୫) ଙ୍କ ନାମକ ଜନୈକ ବୃଦ୍ଧ ବ୍ୟକ୍ତିଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ଗୁନାନନ୍ଦଙ୍କୁ ବିଷଧର ଗୋଖର ସାପ ଦଂଶନ କରିବା ଜଣାପଡିବା ପରେ ତାଙ୍କୁ ମାହାଙ୍ଗା ସରକାରୀ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ତେବେ ଚିକିତ୍ସିତ ଅବସ୍ଥାରେ ତାଙ୍କର ହସ୍ପିଟାଲରେ ଦେହାନ୍ତ ହୋଇଯାଇଥିଲା। ଡାକ୍ତରଖାନା ପକ୍ଷରୁ ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଯାଇଛି। ଗୁନାନନ୍ଦ ଜଣେ ପରୋପକାରୀ ମିଷ୍ଟଭାଷୀ ଏବଂ ଅମାୟିକ ବ୍ୟକ୍ତି ଥିଲେ। ଗୁନାନନ୍ଦଙ୍କ ବିୟୋଗରେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ପ୍ରଧାନ, ସମିତିସଭ୍ୟା ସୁପ୍ରଭା ସାମଲ, ରାଧାନାଥ ରାଉତ, ସୁବାସ ଚନ୍ଦ୍ର ବେହେରା, ହେମନ୍ତ ପ୍ରଧାନ, କଳ୍ପନା ଜେନା, କୁଣ୍ଡି ସେବା ସମବାୟ ସମିତି ସଭାପତି ଅଖିଳେଶ ମହାନ୍ତି ପ୍ରମୁଖ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ବଜ୍ରପାତରେ ଗାଈ ମୃତ

**କଣ୍ଟାପଡ଼ା,୨୧।୯ (ସମିସ):** ସକାଳୁ ପାଣିପାଗ ଠିକ୍ ଥିଲା। ହେଲେ ଅପରାହ୍ନ ୨ ଟା ବେଳକୁ ଆକାଶରେ କଳା ମେଘ ସାଙ୍ଗକୁ ପ୍ରଚଣ୍ଡ ବଜ୍ରପାତ ସହ ତୁହାକୁ ତୁହା ବର୍ଷା ଢାଳିଲା। ବଜ୍ରପାତରେ ଦାମୋଦରପୁର ୩୩/୧୧ କେଭି ବିଦ୍ୟୁତ୍ ଷ୍ଟେସନ ଅଧୀନରେ ଥିବା ସୁନ୍ଦରଗ୍ରାମ ଈଶ୍ୱରପୁର ବଡଝରିଲୋ ପ୍ରଭୃତି ଅଞ୍ଚଳରେ ବିଦ୍ୟୁତ ଗ୍ରାହକଙ୍କ ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟୁତ ସରଞ୍ଜାମ ପୋଡି ନଷ୍ଟ ହୋଇଯାଇଛି। ସେହିପରି କନ୍ଦଳ ନଦୀର ତଣ୍ଡିକଣା ସେତୁ ପାଖରେ ଚରୁଥିବା ଗୋରୁପଲ ଉପରେ ବଜ୍ରପାତ ହେବାରୁ ଗୋଟିଏ ଗାଈର ମୃତ୍ୟୁ ଘଟିଛି।

## ସଂସ୍କୃତ ଏକାଡେମୀରେ ଚାରାରୋପଣ କାର୍ଯ୍ୟକ୍ରମ

**ଫୁଲନଖରା,୨୧।୯ (ସମିସ):** କୁରାଙ୍ଗଶାସନସ୍ଥିତ ବାବା ଶ୍ରୀରାମପ୍ରସାଦ ସଂସ୍କୃତ ଏକାଡେମୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ଚାରାଗୁଡିକୁ ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ, ସିଆରସିସି ରୁବିନା ଦିଦି, ପ୍ରଧାନ ପଣ୍ଡିତ ଘନଶ୍ୟାମ ମୁଦୁଲି, ପଣ୍ଡିତ ଅଜୟ ପତି ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଚାରାଗୁଡିକୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ପରିସରରେ ରୋପଣ କରିବା ସହ ସେଗୁଡିକର ଯତ୍ନ ନେବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସଦାଶିବ ପାଲ, ବନବିହାରୀ ପାତ୍ର, ସୁଧାଂଶୁ ମହାନ୍ତି, ହୃଦରଞ୍ଜନ ଦାଶ, ଭବାନୀ ମିଶ୍ର ଓ ଧୀରେନ୍ଦ୍ର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

## ଟାଙ୍ଗୀ ଅଞ୍ଚଳରେ ସାର ଅଭାବ, ଚାଷୀ ମୁଣ୍ଡରେ ଚଡ଼କ

**ଟାଙ୍ଗୀ,୨୧।୯ (ସମିସ):** ଚଳିତ ବର୍ଷ କୃଷକ ବହୁତ ପରିଶ୍ରମ କରି ଭଲ ଭାବରେ ଧାନ ତଳି ରୁଆପୋତା କରି ଭଲ ଭାବରେ ଚାଷ କରିଛି। ଆଶା ରଖିଛି ସବୁ ବର୍ଷ ଅପେକ୍ଷା ଚଳିତ ବର୍ଷ ଭଲ ଧାନ ଅମଳ ହେବ। କିନ୍ତୁ ଚାଷୀର ଆଶା ଆଶାରେ ରହିଯିବ ବୋଲି ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଧାନ ଗଛରେ କାଣ୍ଡ ବିନ୍ଧା ପୋକ ଲାଗିବାରୁ ଧାନ ଗଛ ହଳଦିଆ ପଡ଼ିଗଲାଣି। ୟୁରିଆ ସାର ଧାନ ତଳିରେ ପଡ଼ିଲେ ପୋକ ଛାଡ଼ିଯିବା ସହ ଧାନଗଛ ବଢ଼ିଥାଏ। କିନ୍ତୁ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଞ୍ଚଳରେ ୟୁରିଆ ସାରର ଅଭାବ ପାଇଁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଥିବା ଜଣାପଡିଛି। ଟାଙ୍ଗୀ ଚୌଦ୍ୱାର ବ୍ଲକର ୨୪ଟି ପଞ୍ଚାୟତରେ ଥିବା ୧୩ଟି ସମବାୟ ସମିତିରେ ଆବଶ୍ୟକତା ଅନୁସାରେ ସାର ଆସୁନି। ବାଧ ହୋଇ ଖୋଲା ବଜାରରୁ ଅଧିକ ଦାମ ସାର କିଣିବାକୁ ଚାଷୀ ବାଧ ହେଉଛି। ସରକାରଙ୍କ ତରଫରୁ ଗତଥର ପ୍ରତ୍ୟେକ ସୋସାଇଟିକୁ ୧୧୧ଟି ୟୁରିଆ ଯୋଗାଇଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ। ବର୍ତ୍ତମାନ କୌଣସି ସୋସାଇଟିରେ ସାର ନାହିଁ କି ଖୋଲାବଜାରରେ ସାର ମିଳୁନାହିଁ। ସରକାର ସାରର ଅଭାବ ନାହିଁ ବୋଲି କହୁଥିବାବେଳେ ତାହା ଚାଷୀଙ୍କ ପ୍ରତି ଉପହାସ ପରି ମନେହେଉଛି। ଯଦି ସରକାର ଆବଶ୍ୟକୀୟ ୟୁରିଆ ସାର ଯୋଗାଇ ନ ଦିଅନ୍ତି ଧାନ ଅମଳରେ ବ୍ୟାଘାତ ସୃଷ୍ଟି ହେବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ସାର ଯୋଗାଇ ନ ଦେଲେ ସମସ୍ତ ଚାଷୀ ରାଜରାସ୍ତା ଅବରୋଧ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଥିବା ଜଣାପଡିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ ଆଣିଲେ ମାମୁ

# ମଶାଣିରୁ ହାଡ଼ପାଉଁଶ ଜବତକଲା ପୁଲିସ

**କିଶୋରନଗର, ୨୧।୯ (ସମିସ):** କଟକ ସଦର ତଥା କିଶନନଗର ଥାନା ଅନ୍ତର୍ଗତ ମାଣପୁର ଗ୍ରାମର ଜଣେ ଯୁବକ ରୁଦ୍ରନାରାୟଣ ବେହେରା (୨୪)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏନେଇ ରୁଦ୍ରନାରାୟଣଙ୍କ ମାମୁ ବଡ଼ମ୍ବା ଅଞ୍ଚଳର ବାସୁଦେବ ବେହେରା ସାବତ ମା' ଓ ବାପା ମିଶି ପୁଅକୁ ମାରି କାହାକୁ କିଛି ନ ଜଣାଇ ତରବରିଆ ଭାବେ ପୋଡ଼ି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଥାନାରେ ୨୪୯/୨୦୨୫ରେ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ଦ୍ୱାରା ମଶାଣିରୁ ହାଡ ପାଉଁଶ ଉଦ୍ଧାର କରି ପରୀକ୍ଷା ପାଇଁ ଫରେନସିକ ଲ୍ୟାବ ପଠାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ପକ୍ଷରୁ ଜଣାପଡିଛି।

ସୂଚନାରୁ ପ୍ରକାଶ, ରୁଦ୍ର ୭ ବର୍ଷର ହୋଇଥିବାବେଳେ ତାଙ୍କ ମାଆଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଭଣଜା ରୁଦ୍ର ଓ ବର୍ଷକର ଭାଣିଜୀକୁ ନେଇ ମାମୁ ବାସୁଦେବ ନିଜ ପାଖରେ ରଖିଥିଲେ। ୪ ବର୍ଷ ପୂର୍ବେ ବାପା ପଞ୍ଚାନନ ପୁଅ ରୁଦ୍ରକୁ ଘରକୁ ନେଇ ଆସିଥିଲେ। ରୁଦ୍ର ନିଜ ଘରେ ରହି ଯାଜପୁରସ୍ଥିତ ଏକ ଷ୍ଟିଲ ପ୍ଲାଣ୍ଟରେ ମେକାନିକ ଭାବେ କାର୍ଯ୍ୟରତ ଥିଲେ। ତେବେ ହଠାତ୍ ରୁଦ୍ରଙ୍କ ମୃତ୍ୟୁ ଘଟିଥିବାକୁ ନେଇ ଜଣେ ସମ୍ପର୍କୀୟଙ୍କଠାରୁ ଜାଣିବା ପରେ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଧରି ମାଣପୁର ଗ୍ରାମରେ ପହଞ୍ଚିଲା ବେଳକୁ ଗ୍ରାମ ଶ୍ମଶାନରେ ରୁଦ୍ରଙ୍କ ମୃତ ଶରୀରକୁ ସଂସ୍କାର କରିଦେଇଥିବା ଜାଣିବାକୁ ପାଇଥିଲେ।

ଏହି ବିଷୟରେ ପଞ୍ଚାନନଙ୍କୁ ପଚାରିବାରୁ ସେ ଓ ତାଙ୍କ ୨ୟ ପତ୍ନୀ ତାଙ୍କୁ ଗାଳିଗୁଲଜ କରିଥିଲେ। ଶେଷରେ ମାମୁ ବାସୁଦେବ କିଛି ଉପାୟ ନ ପାଇ ବାପା ଓ ସାବତ ମାଆ ରୁଦ୍ରଙ୍କୁ ହତ୍ୟା କରି ପୋଡ଼ି ଦେଇଥିବା ନେଇ କିଶୋରନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ ରୁଦ୍ର କେତେକ ଯୁବକଙ୍କ ସହିତ ମିଶି ନିଜ ଘର ଛାତ ଉପରେ ଭୋଜି କରିଥିଲେ। ପରେ ତାଙ୍କର ହଠାତ କୌଣସି କାରଣରୁ ମୃତ୍ୟୁ ହୋଇଯାଇଥିଲା।

## ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଦେଲେ ୯୭



**ଟିଗିରିଆ, ୨୧।୯ (ସମିସ):** ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପରୀକ୍ଷାରେ ଆଜି ବିଭିନ୍ନ ବିଦ୍ୟାଳୟରୁ ମୋଟ ୯୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫ ଜଣ ଛାତ୍ର ଓ ୪୨ ଜଣ ଛାତ୍ରୀ ରହିଥିବା ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ସୂଚନା ଦେଇଛନ୍ତି। ମୋଟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜିକରଣ କରିଥିବା ବେଳେ ୨ ଜଣ ଛାତ୍ରୀ ଅନୁପସ୍ଥିତ ଥିବା ସୂଚନା ମିଳିଛି। ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମହାରଣା ନିଜେ ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ପରିଚାଳନା ତଦାରଖ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ଓ ବରିଷ୍ଠ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିବା ସହ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ନୂଆପାଟଣା ଓ ପଙ୍କାଲରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ




**ଟିଗିରିଆ,୨୧।୯ (ସମିସ):** ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ରବିବାର ଟିଗିରିଆ ପୁଲିସ ପକ୍ଷରୁ ଏହି ଥାନା ଅଧୀନ ନୂଆପାଟଣା ଓ ପଙ୍କାଳ ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳଙ୍କ ସମେତ ଟିଗିରିଆ ଥାନାର ଅନ୍ୟାନ୍ୟ ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ଅତିରିକ୍ତ ଫୋର୍ସ ଏହି ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିବା ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ବର୍ଷ ଟିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାରେ ଉପଖଣ୍ଡ ପ୍ରସିଦ୍ଧ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ।

## ସମ୍ବର୍ଦ୍ଧନା ସଭା ଓ ଆଲୋଚନାଚକ୍ର

**କନ୍ଦରପୁର,୨୧।୯ (ସମିସ):** ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ଆଲୋଚନାଚକ୍ର କଳାବିହାର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇ ଉଲ୍ଲେଖନୀୟ ଅବଦାନ ନେଇ ବରିଷ୍ଠ ନାଗରିକ ବର୍ଗ ଏବଂ ଶିକ୍ଷାବିତ, ସମାଜସେବୀଙ୍କୁ କଳା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। କଳା, ସାହିତ୍ୟ, ସଂସ୍କୃତି, ପୂଜ୍ୟପୂଜା ଓ ସମାଜସେବା ଦିଗରେ ସରସ୍ୱତୀ କଳା ପରିଷଦର ଅବଦାନ ସହ ସମ୍ବର୍ଦ୍ଧିତ ପ୍ରତିଭାବର୍ଗଙ୍କ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ନିକୁଞ୍ଜ କିଶୋର ପାଣିଗ୍ରାହୀ, ଅଲେଖଚନ୍ଦ୍ର ବେଉରା, ନିରଞ୍ଜନ କାନୁନଗୋ, ବିକଳୀ ଚରଣ କର, ରାଣୀ ରୋଜାଲିନ ବସନ୍ତରା, ପ୍ରଣତି ରାଉତ, ରାଜେନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।



## ରକ୍ତଦାନ ଶିବିର; ୩୧୦ ୟୁନିଟ୍ ସଂଗ୍ରହ

**କନ୍ଦରପୁର,୨୧।୯ (ସମିସ):** କଟକ ସଦର ଅନ୍ତର୍ଗତ କନ୍ଦରପୁର ଫୁଲମ୍ମା ମଣ୍ଡପରେ ଆଜି ରବିବାର ଦିନ କଟକ ସଦର ବିଜେପି ପକ୍ଷରୁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱବଧାନରେ କନ୍ଦରପୁର ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ତଥା ବିଧାୟକ ପ୍ରକାଶ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ "ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ପୂର୍ବତନ ଅଧ୍ୟକ୍ଷ ସାଧୁ ଜେନା, ରଘୁନାଥପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ରମାପଦ ବିଶ୍ୱାଳ, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କନ୍ଦରପୁର ମଣ୍ଡଳ ସଭାପତି ନିରଞ୍ଜନ ରାଉଳଙ୍କ ସମେତ ସମସ୍ତ ମଣ୍ଡଳର ସଭାପତି ଓ କାର୍ଯ୍ୟକର୍ତ୍ତାମାନେ ସହାୟତା କରିଥିଲେ। ଶିବିରରେ ୩୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।




## ଆର୍‌ଏମ୍‌ସି ସୁପରଭାଇଜରଙ୍କୁ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,୨୧।୯ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆଠାରେ ଥିବା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ମାର୍କେଟ ସୁପରଭାଇଜର କିଶୋର ଚନ୍ଦ୍ର ଦାସ ତାଙ୍କ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପାଟପୁର ବାପୁଜୀ ବିଦ୍ୟାପୀଠର ୧୯୮୨ ମାଟ୍ରିକ ବ୍ୟାଚ୍ ବିଦ୍ୟାର୍ଥୀମାନେ ଶ୍ରୀ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଜହ୍ନିଆସ୍ଥିତ ଶଙ୍କରେଶ୍ୱର ମଣ୍ଡପରେ ଶିଳ୍ପପତି ଉତ୍ସବ ଚନ୍ଦ୍ର ଭଞ୍ଜଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମାଜସେବିକା ବୀଣାପାଣୀ ଦାସ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ବାଣୀରଞ୍ଜନ ସାମଲଙ୍କ ପୌରହିତ୍ୟରେ ସୁକାନ୍ତ ଶତପଥି, ସୁଲୋଚନା ସେଠୀ, ପ୍ରଭାସିନୀ ରାଉତ, ରେବତୀ ରାଉତ, ଅନୁକମ୍ପା ନନ୍ଦ, ଲକ୍ଷ୍ମୀକାନ୍ତ ରାଉଳ, ହେମନ୍ତ ଦାସ, ନିରଞ୍ଜନ ପଣ୍ଡାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇ ଶ୍ରୀ ଦାସଙ୍କ ସୁଗୁଣାବଳୀ ସଂକ୍ରାନ୍ତରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସମବାୟ ସଂପ୍ରସାରଣ ଅଧିକାରୀ ଅଜୟ ସାହୁ ଧନ୍ୟବାଦ ଅର୍ପଣ ଦେଇଥିଲେ।



### ବାଲିକୁଦା ହରପାର୍ବତୀ ପୂଜା କମିଟି

# ଦଶମୀରେ ୩ କ୍ୱିଣ୍ଟାଲ ଲଡୁ ଭୋଗ ବଣ୍ଟନ

**ଫୁଲନଖରା,୨୧।୯ (ସମିସ):** କଟକ ମହାନଗର ନିଗମ ୫୭ନଂ ୱାର୍ଡ ଅନ୍ତର୍ଗତ ବାଲିକୁଦାରେ ୬ ଦଶନ୍ଧି ଧରି ହରପାର୍ବତୀ ପୂଜାର ଆୟୋଜନ ହୋଇଆସୁଛି। ଗ୍ରାମର ୬୪ ବର୍ଷ ତଳେ ଗାଁ ଭିତରେ ମାତ୍ର ୨୦ଟଙ୍କାରେ ଆରମ୍ଭ ହୋଇଥିବା ହରପାର୍ବତୀ ପୂଜାର ପରିକଳ୍ପନା ଚଳିତ ବର୍ଷ ଗ୍ରାମବାସୀଙ୍କ ସମୂହ ଉଦ୍ୟମରେ ୨୦ଲକ୍ଷ ଟଙ୍କା ବ୍ୟୟବରାଦରେ କରାଯିବ ବୋଲି ସଭାପତି ସନ୍ଦୀପ ବେଉରା, ସଂପାଦକ ରବିନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଭୂୟାଁ ଓ ସନ୍ତୋଷ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆକର୍ଷଣୀୟ ତୋରଣ, ଆଲୋକ ସାଜସଜ୍ଜା ସାଙ୍ଗକୁ ୩ କ୍ୱିଣ୍ଟାଲ ଲଡୁ ପ୍ରସାଦ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅନୀଲ ବେଉରା କହିଛନ୍ତି। ନବମୀ, ଦଶମୀ ଓ ଏକାଦଶୀ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶାର ନାମୀଦାମୀ କଳାକାରଙ୍କ ଦ୍ୱାରା ପରିବେଷଣ କରାଯିବ। ସଦର ଥାନାଞ୍ଚଳରେ ଦ୍ୱାଦଶୀ ଦିନ ଭସାଣ କାର୍ଯ୍ୟକ୍ରମ ହେଉଥିବାରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଅଞ୍ଚଳର ପାଖାପାଖି ୧୨ଟି ମେଢ଼କୁ ଏକ ସ୍ୱତନ୍ତ୍ର ମଞ୍ଚରେ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ଭୋଗହାଣ୍ଡି ପ୍ରଦାନ କରାଯାଇ ଏକ ନିଆରା କାର୍ଯ୍ୟକ୍ରମ କମିଟି ତରଫରୁ କରାଯାଇଥାଏ। କମିଶନରେଟ୍ ପୁଲିସ ତରଫରୁ ଭସାଣୀ ସମୟ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ସୀମିତ ରହିଥିବାରୁ ପ୍ରତ୍ୟେକ ବର୍ଷ ଶୋଭାଯାତ୍ରାରେ ଆସୁଥିବା ମେଢ଼ଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ସମୟ ସୀମାକୁ ବୃଦ୍ଧି କରିବା ପାଇଁ କମିଟି ତରଫରୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ୬୪ ବର୍ଷ ତଳେ ପୂଜା ପାଇ ଆସୁଥିବା ହରପାର୍ବତୀଙ୍କ ପୂଜା ବାଲିକୁଦା ବଜାର ଉପରେ ହେଉଥିବା ବେଳେ ମୂଳପୀଠ କମାରସାହିରେ ମଧ୍ୟ ଏଯାବତ୍ ଏହି କମିଟି ଦ୍ୱାରା ହରପାର୍ବତୀ ପୂଜା ପାଇ ଆସୁଛନ୍ତି। ଏହା କେବଳ କମିଟିର କର୍ମକର୍ତ୍ତା ବିନୟ ନାୟକ, ରଣଜିତ୍ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସତ୍ୟଜିତ୍ ନାୟକ, ରିଙ୍କୁନା ନାୟକ, ଅନିଲ୍ ପରିଡା, ଅଜିତ୍ ବେଉରା, ବିଶାଲ ବେଉରା ଓ ସାଜନ ବେହେରାଙ୍କ ଉଦ୍ୟମ ଓ ଗ୍ରାମବାସୀଙ୍କ ସଦିଚ୍ଛା ପାଇଁ ସଫଳ ହୋଇପାରୁଛି ବୋଲି ମୁଖ୍ୟ ଉପଦେଷ୍ଟା ଶ୍ରୀ ବେଉରା ପ୍ରକାଶ କରିଛନ୍ତି।

**ଦ୍ୱାଦଶୀରେ ୧୨ଟି ମେଢ଼କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା**




### କର୍ମକର୍ତ୍ତାଙ୍କ ମୁହଁରୁ



ଆମ ପୂଜା କମିଟିର ସମସ୍ତ ସଦସ୍ୟ ବେଶ ନିଷ୍ଠାର ସହିତ କାର୍ଯ୍ୟ କରିଥାନ୍ତି। ଯାହାଫଳରେ ଆମେ ଆମ ଅଞ୍ଚଳରେ ଦୁଇଦୁଇଟି ହରପାର୍ବତୀ ପୂଜା କରିବାକୁ ସମର୍ଥ ହୋଇପାରିଛୁ। ସଦର ଥାନାଞ୍ଚଳରେ ଆମ ମଣ୍ଡପ ଦେଇ ଆସୁଥିବା ସମସ୍ତ ମେଢ଼କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଭୋଗହାଣ୍ଡି ଦେଇ ଆମ କମିଟି ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ଏତଦବ୍ୟତୀତ ପ୍ରତ୍ୟେକ କମିଟିର ମୁଖ୍ୟ କର୍ମକର୍ତ୍ତା ଓ ଅଞ୍ଚଳର ବରିଷ୍ଠଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରି ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖିଛୁ।

**- ଅନିଲ ବେଉରା, ମୁଖ୍ୟ ଉପଦେଷ୍ଟା**



ଉଦୀୟମାନ ଯୁବଗୋଷ୍ଠୀଙ୍କର ଉଦ୍ୟମ ପାଇଁ ଆମେ ପ୍ରତ୍ୟେକ ବର୍ଷ ଦଶମୀରେ ୩ କ୍ୱିଣ୍ଟାଲ ଲଡୁ ଭୋଗ ବଣ୍ଟନ କରିବା ସହିତ ତିନି ଦିନ ଧରି ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାରେ ସଫଳ ହୋଇପାରିଛୁ। ଏକାଦଶୀ ତିଥିରେ ଭସାଣ ସମୟ ୧୨ଟା ପର୍ଯ୍ୟନ୍ତ ଥିବା ବେଳେ ଦ୍ୱାଦଶୀ ତିଥିରେ ରାତ୍ର ୧୦ଟା ପର୍ଯ୍ୟନ୍ତ ଭସାଣ ଉତ୍ସବ ସୀମିତ ରହୁଥିବାରୁ ଆମ କମିଟି ତରଫରୁ ସମସ୍ତ ମେଢ଼କୁ ସମ୍ବର୍ଦ୍ଧିତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଏଥିପାଇଁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଆମେ ନିବେଦନ କରୁଛୁ।

**- ସନ୍ଦିପ ବେଉରା, ସଭାପତି**

## କୋରାପୁଟ ପୌରାଞ୍ଚଳରେ ପ୍ରାଥମିକ ଶିକ୍ଷାର ବିକଳଚିତ୍ର

# ଭିତ୍ତିଭୂମି ଅଭାବ; ପରିଚୟ ଗୃହ, ଜରିପାଲ ତଳେ ଚାଲିଛି ପାଠପଢ଼ା

କୋରାପୁଟ,୨୧।୯ (ସମିସ): ସରକାରଙ୍କ ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ନାରା ପୌରାଞ୍ଚଳରେ ଫେଲ୍ ମାରିଥିବା ନଜରକୁ ଆସିଛି। ସ୍କୁଲଘର ନଥିବାରୁ ୩ ବର୍ଷ ହେଲା ପରିଚୟ ଗୃହ ଓ ରୋଷେଇ ଘରର ଜରିପାଲ ତଳେ ପିଲାଙ୍କ ଭବିଷ୍ୟତ ଗଢ଼ା ଚାଲିଛି। ଏଭଳି ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର ଖୋଦ୍ କୋରାପୁଟ ପୌରପାଳିକା ଅନ୍ତର୍ଗତ ଦୁଇଟି ୱାର୍ଡର ପ୍ରାଥମିକ ସ୍କୁଲରେ ଦେଖିବାକୁ ମିଳିଛି। ଗୋଟିଏ ପଟେ ବିଦ୍ୟାଳୟ ଭିତ୍ତିଭୂମିର ପରିବର୍ତ୍ତନ ସହ ଛାତ୍ରଛାତ୍ରୀଙ୍କୁ ଏକ ଉତ୍ତମ ପରିବେଶରେ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାର ପ୍ରତିବର୍ଷ ନୂଆ ନୂଆ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେଉଁଠି ଡିଜିଟାଲ କ୍ଲାସ ରୁମ୍ ତିଆରି କରାଯାଉଛି ତ ଆଉ କେଉଁଠି ନୂଆକରି ସ୍କୁଲ ଘର ନିର୍ମାଣ କରୁଛନ୍ତି। ହେଲେ ଏସବୁ ସତ୍ତ୍ୱେ କୋରାପୁଟ



ପୌରାଞ୍ଚଳରେ ସ୍କୁଲ ଘର ନଥିବାରୁ ପିଲା ଅତ୍ୟନ୍ତ ଅସୁବିଧାରେ ପାଠପଢ଼ିବା ଦୃଶ୍ୟ ଶିକ୍ଷାବିତ୍‌ଙ୍କ ମହଲରେ ଆଲଡନ ସୃଷ୍ଟି କରିଛି। ସୂଚନାନୁଯାୟୀ, କୋରାପୁଟ ସଦରମହକୁମାର ୧୬ ନମ୍ବର ୱାର୍ଡରେ ଥିବା ଚିନ୍ଦ୍ରୀ ମାଳିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ୧୯୭୧ ମସିହାରେ ନିର୍ମାଣ କରାଯାଇଥିଲା। ଏହି ବିଦ୍ୟାଳୟରରେ ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୩ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଶିକ୍ଷାଦାନ ପାଇଁ ଏଠାରେ ୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ୫ ବର୍ଷ ତଳେ ସ୍କୁଲର ପୁରୁଣା କୋଠା ଭାଙ୍ଗିଯାଇଥିଲେ ମଧ୍ୟ ନୂଆ କୋଠା ତିଆରି ହେଉନି। ଏଥିଯୋଗୁଁ ଦୀର୍ଘ ୩ ବର୍ଷ ହେଲା କମ୍ୟୁନିଟି ବା ପରିଚୟ ଗୃହ ସେଣ୍ଟରର ଛାତ ତଳେ ଛାତ୍ରଛାତ୍ରୀଙ୍କୁ ବସାଇ ସେମାନଙ୍କ ଭବିଷ୍ୟତ ଗଢା ଚାଲିଛି। ନୂଆ କୋଠା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୌର ପରିଷଦର ୱାର୍ଡ ନମ୍ବର ୧୫ରେ ଥିବା ଗୁଣ୍ଡାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି। ୧୫ ଜଣ ଛାତ୍ରଛାତ୍ରୀ ଏଠାରେ ପାଠପଢୁଥିବା ବେଳେ ଜଣେ ଶିକ୍ଷକ ଅଛନ୍ତି। ସ୍କୁଲ ଘର ଅସୁରକ୍ଷିତ ଥିବାରୁ ରୋଷେଇ ଘରେ ଚାଲିଛି ପାଠପଢ଼ା। ସେଇଟା ବି ଜରିପାଲ ତଳେ। ସ୍କୁଲ ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି, ବର୍ଷା ହେଲେ ପାଣି ଗଳୁଛି, ରୋଷେଇ ଘରେ ଜରିପାଲ ତଳେ ବସି ଶିଶୁ ପାଠ ପଢୁଛନ୍ତି। ଜିଲ୍ଲା ଶିକ୍ଷା ବିଭାଗର ନାକ ତଳେ କୋରାପୁଟ ପୌର ପରିଷଦରେ ୨ ଟି ୱାର୍ଡରେ ଥିବା ବିଦ୍ୟାଳୟର ଭିତ୍ତିଭୂମି ଯଦି ଏମିତି ତେବେ ଦୁର୍ଗମ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟର ଭିତ୍ତିଭୂମି କିପରି ଥିବ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏନେଇ କୋରାପୁଟ ପୌରପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏ ବିଷୟରେ ପୂରା ଅବଗତ ଥିବା କହିବା ସହ ଶିକ୍ଷା ଅଧିକାରୀ ଓ ପ୍ରଶାସନକୁ ଅନୁଦାନ ଦେବାପାଇଁ କହିଥିଲେ ମଧ୍ୟ ସେମାନେ ଧ୍ୟାନ ଦେଉନାହାଁନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି କହିଛନ୍ତି, ଏ ବିଷୟରେ ଅବଗତ ଅଛି। ଏବେ ଅର୍ବାନ ଡିପାର୍ଟମେଣ୍ଟ ତରଫରୁ ଅନୁଦାନ ଆସିଛି। ସେମାନେ ଫଣ୍ଡ ପ୍ଲେସ କରିବେ। ଫଣ୍ଡ ଆସିଲେ ନୂଆ ବିଲ୍ଡିଂ ନିର୍ମାଣ ହେବ, ଏପରି ଯେତେ ସ୍କୁଲ ଅଛି ସେ ସବୁକୁ ସରକାର ଧିରେ ଧିରେ ନିର୍ମାଣ କରିବେ ବୋଲି ସେ କହିଛନ୍ତି।

## ପ୍ରଦୂଷିତ ହେଉଛି ଜାନିଗୁଡ଼ା ନଦୀ ଜଳ

ସେମିଳିଗୁଡ଼ା,୨୧।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାରୁ ନନ୍ଦପୁର ଯିବା ରାସ୍ତାରେ ପଡୁଥିବା ଜାନିଗୁଡ଼ା ନଦୀ ଜଳ ଧୀରେ ଧୀରେ ପ୍ରଦୂଷିତ ହେଉଥିବା ଦେଖିବାକୁ ମିଳିଛି। ଗତମାସରେ ଅନୁଷ୍ଠିତ ଗଣେଶ ବିସର୍ଜନ ଉତ୍ସବ, ବିଭିନ୍ନ ପର୍ବର ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ବିସର୍ଜନ ଏହି ନଦୀରେ କରାଯାଉଥିବାରୁ ଏହି ନଦୀ ଜଳ ପ୍ରଦୂଷିତ ହେଉଥିବା ନଜରକୁ ଆସୁଛି। ଏହି ନଦୀର ଜଳ ଆଖପାଖର ଚାଷ ଜମିରେ ଜଳସେଚନ ପାଇଁ ବ୍ୟବହାର ହେଉଛି। ନଦୀ ଜଳ ପ୍ରଦୂଷିତ ହେବା ଫଳରେ ଅନେକ ଚାଷ ଜମିରେ ଉତ୍ପାଦିତ ଫସଲ ନଷ୍ଟ ହେବାର ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଗାଈଗୋରୁଙ୍କ ପାଇଁ ଏହି ପାଣି ଅଭିଶାପ ପାଲଟିଛି। ଏହି ପ୍ରଦୂଷିତ ଜଳ କୋଲାବ ନଦୀରେ ମିଶୁଥିବାରୁ ସମଗ୍ର ନଦୀ ଅଞ୍ଚଳରୁ ଏକ ଦୁର୍ଗନ୍ଧ ବାହାରୁଥିବା ନଜରକୁ ଆସୁଛି। ଜଳ ପ୍ରଦୂଷଣ ଯୋଗୁଁ ଏବେ ନଦୀରେ ରହୁଥିବା ମାଛମାନଙ୍କ ପାଇଁ ମଧ୍ୟ ଏହା ବିପଦ ସୃଷ୍ଟି କରିଛି। ନଦୀ ପାଣି ପ୍ରଦୂଷିତ ହେବା ଯୋଗୁଁ ପ୍ରକୃତି ପ୍ରେମୀ ଚିନ୍ତା ପ୍ରକଟ କରିଛନ୍ତି। କିଛି ବର୍ଷ ପୂର୍ବରୁ ସୁନାବେଡ଼ା ପୌର ଅଧିକାରୀମାନେ ସତର୍କ ସୂଚନା ଜାରି କରୁଥିଲେ। ଯଦି ପାଣି ପ୍ରଦୂଷିତ କରେ, ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅଧିକାରୀମାନେ ସୁନାବେଡା -୧ ପାର୍କର ପୋଖରୀରେ ମୂର୍ତ୍ତି ବିସର୍ଜନ କରିବାର ବ୍ୟବସ୍ଥା କରିଥିଲେ। କିନ୍ତୁ କିଛି ବର୍ଷ ଧରି କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କିନ୍ତୁ ଏବେ ନଦୀ ପାଣି ଦୂଷିତ ହେଉଥିଲେ ମଧ୍ୟ ପୌର ପରିଷଦ ପକ୍ଷରୁ ନୀରବତା ଅବଲମ୍ବନ କରାଯାଉଛି। ନଦୀ ଜଳ ସଫା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



## ବଲେଙ୍ଗା-ଡକରାଗୁଡ଼ା ରାସ୍ତା ମରଣଯନ୍ତା

### ରାସ୍ତା ଅବରୋଧ ପାଇଁ ଗ୍ରାମବାସୀଙ୍କ ଚେତାବନୀ

କୋଷାଗୁମୁଡା,୨୧।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ପଞ୍ଚାୟତ ବାଲେଙ୍ଗା ଠାରୁ ଡକରାଗୁଡ଼ା ରାସ୍ତା ମରଣ ଯନ୍ତା ପାଲଟିଛି। ଉକ୍ତ ରାସ୍ତାର ଅବସ୍ଥା ବହୁତ ଦୟନୀୟ ହୋଇଛି। ଡକରାଗୁଡା ଗ୍ରାମର ଜନସାଧାରଣ ମେଡିକାଲକୁ ଯାତାୟାତ କରିବା, ଆମ୍ବୁଲାନ୍ସ ଆସିବାରେ ବହୁତ ଅସୁବିଧା ହେଉଛି। ପାଠପଢିବା ପାଇଁ କଲେଜ ଯିବା, ଥାନାକୁ ଯିବା, ତହସିଲକୁ ଯିବା, ପଞ୍ଚାୟତକୁ ଚାଉଳ ଓ ପେନସନ ପାଇଁ ଯିବାରେ ପଞ୍ଚାୟତର ଆଖପାଖର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସାରା ବଡ଼ବଡ଼ ଖାଲ, ଖମ୍ବା ହୋଇ ବର୍ଷା ଦିନେ ପାଣି ଜମା ହୋଇ ରହିଯାଉଛି। ତୁରନ୍ତ ଏହି ରାସ୍ତାକୁ ମରାମତି ପାଇଁ ଗ୍ରାମବାସି ଦାବି କରିଛନ୍ତି। ଯଦି ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦିଏ ତାହାହେଲେ ଆଗାମୀ ଦିନରେ ରାସ୍ତା ଅବରୋଧ କରିବାକୁ ବାଧ୍ୟ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ରାସ୍ତାରେ ଯିବା ପାଇଁ ଯେଉଁ ବ୍ରିଜ ନିର୍ମାଣ ହୋଇଥିଲା ତାହା ସଂପୂର୍ଣ୍ଣ ନଷ୍ଟ ହୋଇସାରିଛି, ବର୍ତ୍ତମାନ ଜନସାଧାରଣ ସେହି ରାସ୍ତାରେ ଯିବା ଆସିବା କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ରାସ୍ତା ନିର୍ମାଣ ସହ ବ୍ରିଜ୍‌କୁ ମଧ୍ୟ ତୁରନ୍ତ ନିର୍ମାଣ କରିବାକୁ ଡକରାଗୁଡା ଗ୍ରାମର ମଙ୍ଗଳସାଇ ରନ୍ଧାରି, ଚମରା ଦାସ, ରଘୁନାଥ ରନ୍ଧାରି, କୋଡ଼ି ଦାଶ, ନେପୁର ଦାଶ, ସନିଆ ରନ୍ଧାରୀ, ପୁରୁଷୋତ୍ତମ ଦାସ, ୱାର୍ଡମେମ୍ବର ତୁଲାରମ୍ ଭତରା ଓ ଗ୍ରାମର ମହିଳା ଦାବି କରିଛନ୍ତି।



## ଅସୁରକ୍ଷିତ ମାର୍କେଟ କମ୍ପ୍ଲେକ୍ସ କୋଠା

ସେମିଳିଗୁଡ଼ା,୨୧।୯ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦର ସେମିଳିଗୁଡା, ସୁନାବେଡ଼ା ବସ୍‌ଷ୍ଟାଣ୍ଡ ଓ ପୌର ପରିଷଦ ଛକରେ ଥିବା ମାର୍କେଟ କମ୍ପେଲକ୍ସ କୋଠା ଅସୁରକ୍ଷିତ ହୋଇରହିଛି। ସପ୍ତାହକ ପୂର୍ବରୁ କୋରାପୁଟ ଏସ୍‌ପି କାର୍ଯ୍ୟାଳୟ ଆଗରେ ଥିବା ମାର୍କେଟ କମ୍ପେଲକ୍ସ ଭୁଶୁଡ଼ି ଜଣଙ୍କର ମୃତ୍ୟୁ ହୋଇଥିଲା। ଏଭଳି ବଡ ଅଘଟଣ ପରେ ମଧ୍ୟ ସୁନାବେଡ଼ା ପୌର ପରିଷଦର ଅସୁରକ୍ଷିତ ଅବସ୍ଥାରେ ଥିବା ମାର୍କେଟ କମ୍ପ୍ଲେକ୍ସର ବିପଦସଙ୍କୁଳ କୋଠା ଗୁଡିକର ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ସେମିଳିଗୁଡା ବସ୍‌ଷ୍ଟାଣ୍ଡ, ସୁନାବେଡ଼ା -୧ରେ ଥିବା ପୌର ପରିଷଦ ଛକରେ ଥିବା ମାର୍କେଟ କମ୍ପେଲକ୍ସର ପୁରୁଣା କୋଠା ଦୁର୍ବଳ ହୋଇପଡ଼ିଛି। ଭିତର ଓ ବାହାର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଛାତରୁ ପଲସ୍ତରା ଖସୁଛି। ବର୍ଷାରେ ପାଣି ଗଳୁଛି। କୋଠାଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ରହିଛି। କେତେବେଳେ ଭୁଶୁଡ଼ିଯିବ କହିବା ମୁସ୍‌କିଲ୍। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ନିକଟରେ ଖବର ରହିଥିଲେ ମଧ୍ୟ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ମରାମତି ପାଇଁ ବ୍ୟବସାୟୀମାନେ ଅନୁରୋଧ କରିଲେ ମଧ୍ୟ କେହି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। କିଛି ଦଶନ୍ଧି ପୂର୍ବରୁ ନିର୍ମିତ ଏହି କମ୍ପେଲକ୍ସଗୁଡ଼ିକ ବର୍ଷ ବର୍ଷ ଧରି ମରାମତି କରାଯାଇ ନାହିଁ। ସେଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଦୁର୍ଘଟଣାର ଭୟ ରହୁଛି। କିଛି ଦିନ ତଳେ ମରାମତି କରିବା ଉଦ୍ଦେଶ୍ୟରେ ପୌର ପରିଷଦ ଅଧ୍ୟକ୍ଷ ଓ ଅଧିକାରୀମାନେ ସମସ୍ତ ମାର୍କେଟ କମ୍ପେଲକ୍ସ ପରିଦର୍ଶନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବିପଦପୂର୍ଣ୍ଣ ଭାବେ ଥିବା ବସ୍‌ଷ୍ଟାଣ୍ଡ ଦୋକାନ, କୋଠାର ଅବସ୍ଥା ଅତି ଶୋଚନୀୟ ହୋଇ ରହିଛି। ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ଅବସ୍ଥିତ ମାର୍କେଟ କମ୍ପେଲକ୍ସ କୋଠା ବିପଦସଙ୍କୁଳ ଭାବେ ରହିଥିବା ବେଳେ ସବୁ ବେଳେ ପ୍ରବଳ ଜନଗହଳି ରହୁଛି। ତେଣୁ ଏହି ମାର୍କେଟ କମ୍ପେଲକ୍ସରେ କୋରାପୁଟ ପରି ଘଟଣାର ପୁନରାବୃତ୍ତି ଘଟିବାର ଭୟ ରହିଛି। ପୌର ପରିଷଦ ଏହି ମାର୍କେଟ କମ୍ପେଲକ୍ସର ଦୋକାନ ଗୁଡିକରୁ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କା ଟିକସ ଆଦାୟ କରୁଥିଲେ ମଧ୍ୟ ଦୋକାନଗୁଡ଼ିକର ପୌର ପ୍ରଶାସନ ପକ୍ଷରୁ ଯତ୍ନ ନିଆ ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଦୁର୍ଘଟଣା ଘଟିବା ପୂର୍ବରୁ ଏଗୁଡ଼ିକର ମରାମତି କରାଯିବାକୁ ସାଧାରଣରେ ଦାବି ହୋଇଛି।



## ଦୃଷ୍ଟିବାଧିତ ଛାତ୍ରଙ୍କୁ ବେଡ୍‌ସିଟ୍ ଓ ଗାମୁଛା ବଣ୍ଟନ

କୋରାପୁଟ,୨୧।୯ (ସମିସ): ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଲାଣ୍ଡିଗୁଡ଼ା ତରଫରୁ କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟର ଛାତ୍ରମାନଙ୍କୁ ବେଡସିଟ ଓ ଗାମୁଛା ବଣ୍ଟନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ମିଲାନି ମିତ୍ରା ଉପସ୍ଥିତ ରହି ଦୃଷ୍ଟିବାଧିତ ବିଦ୍ୟାଳୟର ୬୫ ଜଣ ଛାତ୍ରଙ୍କୁ ବେଡସିଟ ଓ ଗାମୁଛା ବାଣ୍ଟିବା ସହିତ ସେମାନଙ୍କର ଭଲ ମନ୍ଦ ପଚାରି ବୁଝିଥିଲେ। ପିଲାମାନଙ୍କ ସହ ବାର୍ତ୍ତାଳାପ ସମୟରେ ଅଧ୍ୟକ୍ଷା ଭାବବିହ୍ୱଳ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଲାଣ୍ଡିଗୁଡ଼ାର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏଥିପାଇଁ ଦୃଷ୍ଟିବାଧିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।



## ଆଞ୍ଚଳିକ ଖେଳକୁଦ ଚୟନ କାର୍ଯ୍ୟକ୍ରମ

କୁନ୍ଦୁରା,୨୧।୯ (ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଆସନା ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ଖେଳ କୁଦ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ପପେୟା ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ହୋଇଥିବା ଖେଳକୁଦ କାର୍ଯ୍ୟକ୍ରମରେ କବାଡି, ଖୋଖୋ, ଫୁଟ୍‌ବଲ୍, ୧୦୦,୨୦୦,୪୦୦ ମିଟର ଦୌଡ଼, ଲମ୍ବ ଓ ଉଚ୍ଚ ଡିଆଁ, ସଟ୍‌ପୁଟ ଆଦି ଖେଳା ଯାଇଥିଲା। ଏଥିରୁ ଚୟନ ହୋଇଥିବା ଛାତ୍ରଛାତ୍ରୀ ବ୍ଲକ୍‌ସ୍ତରରେ ଖେଳିବେ। ଏଥିରେ ଲିମା, ଆସନା, କେରମେଟି ଓ ଗୁଣ୍ଡାଳ ଆଦି ପଞ୍ଚାୟତରୁ ଚାରୋଟି ଉଚ୍ଚ ବିଦ୍ୟାଳୟ ଓ ଆଠଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସିଆର୍‌ସିସି ସଞ୍ଜୟ ସାମନ୍ତରାୟ, ରାଧା ପ୍ରସାଦ ସେନାପତି, ଖେଳ ଶିକ୍ଷକ ଦେବେନ୍ଦ୍ର ସେନାପତି, ପ୍ରଧାନ ଶିକ୍ଷକ ଗୋପିନାଥ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଆସନା ଖେଳ ଶିକ୍ଷକ ଗୁଣନିଧି ବଡ଼େଇଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା। ଖେଳ ଶିକ୍ଷକ ଅନିଲ ମହାନ୍ତି, ଶୁଭମ୍ ହୋତା, ଗଙ୍ଗାଧର ଟୁଡୁ, ବିପିନ ବରିହା, ନାରାୟଣ ଭଟ୍ଟ, ଆସନା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଖେଳ ଶିକ୍ଷକ ଶ୍ରୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



## ବ୍ଲକ୍‌ସ୍ତରୀୟ ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବୋରିଗୁମ୍ମା, ୨୧।୯ (ସମିସ): ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୯୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନିଷ୍ଠା -ସମତା ଅନ୍ତର୍ନିବେଶୀ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ କୋରାପୁଟ ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀ, ବୋରିଗୁମ୍ମା କ୍ଲଷ୍ଟରର ଆଶିଷ କୁମାର ହୋତା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଟେଙ୍କର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ପେଣ୍ଠିଆ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପ୍ରମାଣ ପତ୍ର ଓ ପୁସ୍ତକ ପ୍ରଦାନ କରିଥିଲେ। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଟେଙ୍କରଠାରେ ଏହି ଗତ ୧୬ ତାରିଖରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିଥିଲା। ଉଦଘାଟନୀ ଦିବସରେ ଟେଙ୍କର ସ୍କୁଲର ବରିଷ୍ଠ ଶିକ୍ଷକ ଖଗପତି ଗଦବା, ବେଣାଗାଁ ସି÷ଆରସିସି ପ୍ରଫୁଲ୍ଲ କୁମାର ନାୟକ ଏବଂ କୁମୁଲି ଉଜଉଉ ଶ୍ରୀ ଆଲୋକ କୁମାର ନାଗ ପ୍ରମୁଖ ଉପସ୍ଥିତ ରହି ଶୁଭ ଉଦଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସୁଭାଷ ମାଝୀ ଉପସ୍ଥିତ ରହି ସାର୍ବଜନୀନ ଶିକ୍ଷଣ ଢାଞ୍ଚା ସମ୍ପର୍କରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ। ସମ୍ବଳ ଶିକ୍ଷକ ରୂପେ ତରକେଶ୍ୱର ପାତ୍ର, ମଳୟ ତ୍ରିପାଠୀ, ଶିବ ପ୍ରସାଦ ସାହୁ, ନିବେଦିତା ପଣ୍ଡା, ପ୍ରିତିପ୍ରଜ୍ଞା ସାହୁ, ମୋନାଲିସା ଦାସ ପ୍ରମୁଖ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଜଗଦୀଶ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ବୋରିଗୁମ୍ମା ବ୍ଲକର ୨୪୩ ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉକ୍ତ ତାଲିମ ଦିଆଯାଇଥିବା ଜଣାପଡ଼ିଛି।



## ଉମରକୋଟରେ ବୁଦ୍ଧିଜୀବୀ ସମ୍ମିଳନୀ




ଉମରକୋଟ,୨୧।୯ (ସମିସ): ନବରଙ୍ଗପୁର ଜିଲ୍ଲା ବିଜେପି ପକ୍ଷରୁ ସଶକ୍ତ ଭାରତ ସମୃଦ୍ଧ ଭାରତ ସମ୍ପର୍କରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଉମରକୋଟଠାରେ ଅନୁଷ୍ଠିତ ହୋଇଛି। ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ସାଂସଦ ବଳଭଦ୍ର ମାଝୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାସ, ସମାଜସେବୀ ଜୟଦେବ ପରିଡ଼ା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ ମଞ୍ଚାସୀନ ଥିଲେ। ୧୧ ବର୍ଷରେ ମୋଦୀ ସରକାରଙ୍କ ବିକଶିତ ଭାରତ ଗଠନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବୀ ଆଲୋଚନା କରିଥିଲେ। ସମୃଦ୍ଧ ନବରଙ୍ଗପୁର, ଓଡ଼ିଶା ଓ ଭାରତ ଗଠନ ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ବୁଦ୍ଧିଜୀବୀମାନେ ମତାମତ ପ୍ରଦାନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ସୁଦୃଢ଼ୀକାରଣ ସହ ଜିଲ୍ଲର କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଓ ଇକୋ ଟ୍ୟୁରିଜମ୍ ବ୍ୟବସ୍ଥା ପାଇଁ ଏହି ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା।

# ଐତିହାସିକ ଦଶହରା ପାଇଁ ଚଳଚଞ୍ଚଳ ଜୟପୁର


## ଆଜିଠୁ ଦେବୀ ପୀଠ ଓ ପୂଜାମଣ୍ଡପରେ ନବରାତ୍ର ପୂଜା

ଜୟପୁର,୨୧।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଶାରଦୀୟ ନବରାତ୍ର ପୂଜା ସୋମବାର ଠାରୁ ରୀତିନିତିରେ ଶୁଭାରମ୍ଭ ହେବ। ଏଥିସହ ଜୟପୁର ସହରର ଐତିହାସିକ ଦଶହରା ପର୍ବର ମଧ୍ୟ ଶୁଭାରମ୍ଭ ହେବ। ଯାହାକୁ ନେଇ ରବିବାରଠାରୁ ଜୟପୁର ସହରର ଚଳଚଞ୍ଚଳ ହୋଇଉଠିଛି। ସହରର ବିଭିନ୍ନ ଦୈବୀପୀଠ ସମେତ ୪ଟି ପୂଜାମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ ଓ ପୂଜାର୍ଚ୍ଚନା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ସହର ବିଭିନ୍ନ ଦେବୀପୀଠ ଗୁଡିକ ବିଦ୍ୟୁତ ରଙ୍ଗୀନ ଲାଇଟରେ ଝଲସୁଛି। ଦେବୀପୀଠମାନଙ୍କରେ ଗତ ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଷୋଡଶ ଉପଚାର ପୂଜା ରବିବାର ମହାଳିୟା ଅମାବାସ୍ୟାରେ ଶେଷ ହୋଇଛି। ସୋମବାର ରାତିରୁ ସହରର ରଥପଡିଆ ଛକ, ଘରୋଇ ବସ୍‌ଷ୍ଟାଣ୍ଡ, ଆକାଶବାଣୀ ଛକଠାରେ ମହିଷାସୁରମର୍ଦ୍ଦନୀଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ସ୍ଥାନୀୟ ଗୁଜରାଟି କଲୋନୀଠାରେ ବ୍ୟାଘ୍ର ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାପାଇବେ। ଏଥିପାଇଁ ପୂଜାମଣ୍ଡପରେ ମୂର୍ତ୍ତି ନିର୍ମାଣ ଶେଷ ହୋଇଥିବା ବେଳେ ମଣ୍ଡପଗୁଡିକର ସାଜସଜ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ପୂର୍ବାହ୍ନ ଠାରୁ ସୂର୍ଯ୍ୟପୂଜା, ଶୁଭକୁମ୍ଭ ସ୍ଥାପନ, ଆବାହନ, ପ୍ରାଣପ୍ରତିଷ୍ଠା, ବିଲ୍ୱପତ୍ର ବରଣ, ପଞ୍ଚ ଏବଂ ଷୋଡଶ ଉପଚାରରେ ପୂଜା, ପୂର୍ଣ୍ଣ କଳସ ସ୍ଥାପନ, ଚଣ୍ଡୀପାଠ, ହୋମଯଜ୍ଞ ଏବଂ ଅନ୍ନଭୋଗ ସହିତ ପୂଜାର୍ଚ୍ଚନା ଶୁଭାରମ୍ଭ ହେବ। ଆସନ୍ତା ଅଷ୍ଟମୀ ତିଥି ପର୍ଯ୍ୟନ୍ତ ଦେବୀଙ୍କ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଅନୁଷ୍ଠିତ ହେବ। ଶେଷରେ ବୋଦାବଳିରେ ଶେଷ ହେବା ପରେ ନବମୀ ତିଥିରେ ଶାନ୍ତି ହୋମ ପରେ ଦଶହରାରେ ଅପରାଜିତା ପୂଜାରେ ଶେଷ ହେବ ଜୟପୁରର ଐତିହାସିକ ଦଶହରା ପର୍ବ। ସୋମବାର ରାତି ଠାରୁ ମାନସିକଧାରୀ ଏବଂ ନବରାତ୍ର ବ୍ରତାଧାରୀମାନେ ବିଭିନ୍ନ ଦେବୀ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହିତ ଗୋଟିଏ ଓଳି ଅନ୍ନଭୋଗ ଖାଇବା ଏବଂ ଲାଲବସ୍ତ୍ର ଧାରଣ , ଖାଲିପାଦରେ ଭକ୍ତିର ସହିତ ପୂଜାର୍ଚ୍ଚନା କରିବେ। ଜୟପୁର ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀ, ଦକ୍ଷିଣ କାଳୀ, ଜଗତଜନନୀ, ବସନ୍ତାୟୀ, ଭୂପତିସାହି କନକଦୁର୍ଗା, ବେହେରାସାହି କାଳୀ ମନ୍ଦିରରେ, ପୁରୁଣାଗଡ଼ ଡଙ୍ଗରଦେବୀ ମନ୍ଦିର ପୀଠ, ଲୋକେଶ୍ୱରୀ ମନ୍ଦିରରେ ନବରାତ୍ର ଅବସରରେ ହୋମଯଜ୍ଞ ପୂଜାର୍ଚ୍ଚନା ଆରମ୍ଭ ହେବ।



### ମହାଳୟାରେ ବଜ୍ରମହାକାଳୀ ବେଶରେ ଦର୍ଶନ ଦେଲେ କନକ ଦୁର୍ଗା

ଜୟପୁର,୨୧।୯ (ସମିସ): ଜୟପୁର ସହରରେ ରବିବାର ମହାଳୟା ଅମାବାସ୍ୟା ଅବସରରେ ସହରର ଭୂପତିସାହିସ୍ଥିତ ଦେବୀ କନକଦୁର୍ଗା ପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ମା' ବଜ୍ରମହାକାଳୀ ବେଶରେ ଦର୍ଶନ ଦେଇଥିଲେ। ଜୟପୁର ସହରରେ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇ ବିଭିନ୍ନ ପର୍ବପର୍ବାଣିରେ ରୀତିନୀତି ଏବଂ ପରମ୍ପରା ପୂଜାବିଧି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ। ଜୟପୁର ରାଜାଙ୍କ ଇଷ୍ଟଦେବୀ କନକ ଦୁର୍ଗାଙ୍କ ମୁଖ୍ୟ ମନ୍ଦିର ରାଜପ୍ରସାଦ ପରିସରରେ ରହିଥିବା ଯୋଗୁଁ ସାଧାରଣ ଲୋକଙ୍କୁ ରାଜପ୍ରସାଦ ପରିସର ଭିତରକୁ ପ୍ରବେଶ ଅନ୍ୟାନ୍ୟ ଦିବସରେ ନିଷେଧ ରହିଛି। ତେଣୁ ଭୂପତି ସାହିଠାରେ ବାଲିଯାତ୍ରା ପାଳନ ଅବସରରେ ରାଜପ୍ରସାଦରୁ ଦେବୀ କନକ ଦୁର୍ଗାଙ୍କ ମୂଳପୀଠରୁ ଆଜ୍ଞାମାଳ ଅଣାଯାଇ ଏଠାରେ ପୂଜାର୍ଚ୍ଚନା କରାଯାଉଥିଲା। ଗତ ୪୨ ବର୍ଷ ପୂର୍ବରୁ ଏଠାରେ ଦେବୀଙ୍କ ଅସ୍ଥାୟୀ ମୃଣ୍ମୟୀ ମହିଷାସୁରମର୍ଦ୍ଦନୀଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇ ଷଷ୍ଠୀ ତିଥିର ଦଶହରା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଉଥିଲା। କିନ୍ତୁ ଗତ ୨୦୧୭ ମସିହା ଠାରୁ ଦେବୀଙ୍କ ସ୍ଥାୟୀ କନକଦୁର୍ଗାଙ୍କ ମନ୍ଦିର ଏବଂ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ନିୟମିତ ଓ ଦୈନିଦିନ ପୂଜାର୍ଚ୍ଚନା କରାଯାଉଛି। ଚଳିତ ବର୍ଷ ମୂଳାଷ୍ଟମୀ ଠାରୁ ଷୋଡଶ ଉପଚାରରେ କନକଦୁର୍ଗା ମନ୍ଦିର ଦେବୀପୀଠରେ ପୂଜାର୍ଚ୍ଚନା ଶୁଭାରମ୍ଭ ହୋଇଯାଇଛି। ରବିବାର ପବିତ୍ର ମହାଳୟା ଅମାବାସ୍ୟା ତିଥିରେ ଦେବୀ କନକଦୁର୍ଗା ବଜ୍ରମହାକାଳୀ ବେଶରେ ସଜ୍ଜିତ ହୋଇଥିଲେ। ସଂଧ୍ୟାରେ ବାଜାବଜଣା, ଘଣ୍ଟ ହୁଳହୁଳି ଓ ଆଳତୀରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପୁରୋହିତଙ୍କ ଦ୍ୱାରା ସପ୍ତଚଣ୍ଡୀ ପାଠ ଏବଂ ମହାଳିୟା ଅମାବାସ୍ୟା ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ମଧ୍ୟାହ୍ନରେ ଅନ୍ନ ପ୍ରସାଦ ଏବଂ ଦେବୀଙ୍କ ପହଡ ପରେ ଅପରାହ୍ନ ସାଢେ ୪ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ପୁରୋହିତଙ୍କ ଦ୍ୱାରା ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶେଷରେ ଅନ୍ନଭୋଗ ପୂଜାପରେ ବିଳମ୍ବିତ ରାତ୍ରୀରେ ମନ୍ଦିରର ସମସ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହି ଷୋଡଶ ଉପଚାର ରୀତିନୀତିର ପୂଜାର୍ଚ୍ଚନା ଓ ହୋମଯଜ୍ଞ ମୁଖ୍ୟ ପୁରୋହିତ ପଣ୍ଡିତ ଗଣେଶ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ସହାୟକମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ସୋମବାର ଠାରୁ ଶାରଦୀୟ ଦେବୀଙ୍କ ନବରାତ୍ର ପୂଜା ଶୁଭାରମ୍ଭ ହେବାକୁ ଥିବା ଜଣାପଡ଼ିଛି।



## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୨୧।୯ (ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୭ନଂ ୱାର୍ଡ ବାଲିପଡ଼ା ଗ୍ରାମର ଚାଷୀ ଭାଗବତ କର (୭୮) ଗତକାଲି ଅପରାହ୍ନରେ ବିଲରୁ ଗାଈ ଚରାଇ ଫେରୁଥିବା ସମୟରେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଅପରାହ୍ନରୁ ନିଖୋଜ ଥିବାରୁ ପରିବାର ଲୋକ ଖୋଜାଖୋଜି କରି ନ ପାଇବାରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ସେ ବନ୍ୟା ପାଣିରେ ବୁଡ଼ିଯାଇଥିବ ସନ୍ଦେହରେ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ହେଁ ପତ୍ତା ମିଳି ନ ଥିଲା। ଆଜି ନିକଟସ୍ଥ ପାଳରେ ତାଙ୍କର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଆଦର୍ଶ ଥାନା ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଚାଷୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ସତ୍ୟପ୍ରିୟ ସାମଲ, କାଉନସିଲର ମଳୟ ଓଝା ଓ ବିଜେପି ନେତା ରବୀନ୍ଦ୍ର ବିଶ୍ୱାଳ ଦାବି କରିଛନ୍ତି।

## ସମାଜସେବୀ ସ୍ୱପ୍ନେଶ୍ୱର ସାମଲଙ୍କ ପରଲୋକ



**ଗୋବିନ୍ଦପୁର, ୨୧।୯ (ସମିସ):** ଆଳି ବ୍ଲକ ଅନ୍ତର୍ଗତ ପାଳିମି ଗ୍ରାମର ସମାଜସେବୀ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ସ୍ୱପ୍ନେଶ୍ୱର ସାମଲଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ। ଜନତା ନୋଡାଲ ଉଚ୍ଚବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଧର୍ମ ସମ୍ମିଳନୀ ପ୍ରସ୍ତୁତି ବୈଠକ



**ରାଜନଗର, ୨୧।୯ (ସମିସ):** ରାଜନଗର ବ୍ଲକ ଗୁପ୍ତିଠାରେ ଆସନ୍ତାବର୍ଷ ହେବାକୁ ଥିବା ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ଆଞ୍ଚଳିକ ଭକ୍ତ ଗୋଷ୍ଠୀର ୫୬ତମ ବାର୍ଷିକ ଧର୍ମ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସଭାପତି ଦିବାକର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗୁପ୍ତି ପଞ୍ଚାୟତର ରାଜରାଜେଶ୍ୱରପୁର ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସେବକ ଅଭୟ ଦାସଙ୍କ ସଂଯୋଜନା କରିଥିଲେ। ଏଥିରେ ଗୁପ୍ତି ପଞ୍ଚାୟତର ମୁରବୀ, ଭକ୍ତ ଗୋଷ୍ଠୀ ଓ ବିଭିନ୍ନ ଗ୍ରାମ ଲୋକ ଯୋଗଦେଇ ମତାମତ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**କେନ୍ଦ୍ରାପଡ଼ା, ୨୧।୯ (ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ଓ ଚିତ୍ରାଙ୍କନ ପ୍ରତିଯୋଗିତା ବୃତ୍ତିଗତ ଚିତ୍ରକରଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚବିଦ୍ୟାଳୟରେ ଅୟୋଜିତ ହୋଇଯାଇଛି। ଶୀର୍ଷକ ଉକ୍ତ ପ୍ରତିଯୋଗିତାରେ ଚିତ୍ରକର ନିଜ ସୃଜନଶୀଳତା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଚିତ୍ରକର ସୌମ୍ୟରଞ୍ଜନ ପଟ୍ଟନାୟକ ଓ ରଘୁନାଥ ବେହେରା ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଶତାବ୍ଦୀ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରଭଞ୍ଜନ ପଣ୍ଡା ଓ ମହେଶ୍ୱର ଦାସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଟିଭି ସଙ୍ଗୀତ କାର୍ଯ୍ୟକ୍ରମରେ ସଚିନ ଉପବିଜେତା

**ଆଳି, ୨୧।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଦେମାଳ ପଞ୍ଚାୟତ ଲୋକାପଡ଼ା ଗ୍ରାମର ଅନନ୍ତ ରାଉତ ଓ ପଦ୍ମିନୀ ରାଉତଙ୍କ ପୁତ୍ର ସଚିନ ସିଦ୍ଧାର୍ଥ ଟିଭି ଚ୍ୟାନେଲ ସଙ୍ଗୀତ କାର୍ଯ୍ୟକ୍ରମ ଭକ୍ତି କଣ୍ଠରେ ଉପବିଜେତା ହୋଇଛନ୍ତି। ସଚିନ ୨୦୨୧ରୁ ୨୫ ମଧ୍ୟରେ ଓଡ଼ିଶାର ସମସ୍ତ ରିୟାଲିଟି ଶୋ ତରଙ୍ଗ ଟିଭି ଭଏସ ଅଫ ଓଡ଼ିଶା, ଜି ସାର୍ଥକ ଟିଭିର ସାରେଗାମାପାରେ ଫାଇନାଲିଷ୍ଟ ବିବେଚିତ ହୋଇଥିଲେ। ସେ ସଫଳତା ଶ୍ରେୟ ମାମୁ ବସନ୍ତ ସ୍ୱାଇଁ, ଗୁରୁ ଦେବଦତ୍ତ ବେହେରା, ସରୋଜ ପରିଡ଼ାଙ୍କୁ ଦେଇଛନ୍ତି।



## ମୃତକଙ୍କ ପରିବାରକୁ ଭେଟିଲେ ଅତନୁ



**ମହାକାଳପଡ଼ା, ୨୧।୯ (ସମିସ):** ତନ୍ତିଆପାଳ ସାମୁଦ୍ରିକ ଥାନା ଓ ଲାଞ୍ଜୁଡା ପଞ୍ଚାୟତ ଅଧୀନ ତନ୍ତିଆପାଳ ଗ୍ରାମର ମତ୍ସ୍ୟଜୀବୀ ବିଜୟ ପରିଡ଼ା ଓ ପୁଅ ଗୁଲୁଆ ପରିଡ଼ା ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ବଜ୍ରପାତରେ ବିଜୟଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ନିଖୋଜ ଅଛନ୍ତି। ତେବେ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ସେହିପରି କୁମ୍ଭୀର ଆକ୍ରମଣରେ ମୃତ୍ୟୁବରଣ କରିଥିବା ସୁନୀତି ପଞ୍ଚାୟତ ବେଣାକନ୍ଧା ଘୋଲସାହି ଗ୍ରାମର ଲକ୍ଷ୍ମୀ ଦଳେଇଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ପଟ୍ଟାମୁଣ୍ଡାଇ ସ୍ଥାୟୀ ଶାନ୍ତି କମିଟି ଗଠିତ

**ପଟ୍ଟାମୁଣ୍ଡାଇ, ୨୧।୯ (ସମିସ)**



ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସ୍ଥାୟୀ ଶାନ୍ତି କମିଟି ଗଠନ କରାଯାଇଛି। ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଶାନ୍ତି କମିଟି ପ୍ରଶାସନକୁ ସହଯୋଗ କରିବ। ଚଳିତ ବର୍ଷ ଦୁର୍ଗାପୂଜାରେ ଶାନ୍ତିଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ପାଇଁ ସ୍ଥାୟୀ ଶାନ୍ତି କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି।

ପଟ୍ଟାମୁଣ୍ଡାଇର ସମସ୍ତ ରାଜନୈତିକ ଦଳ, ବିଭିନ୍ନ ସଂଗଠନ ସମେତ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ଗଠନ କରାଯାଇଛି। ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଶାନ୍ତି କମିଟିରେ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବିଡିଓ ଶୀତଲ ଅଗ୍ରୱାଲ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, ଉପଦେଷ୍ଟା କିରଣ ଭୂୟାଁ, ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି ସର୍ଦ୍ଦାର ସେକ ଅବଦୁଲ ବାରୀ, ସେକ ସରାତୁଲ୍ଲା, ସେକ ବକର, କୁନା ଖାଁ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଓକିଲ ସଂଘ ପୂର୍ବତନ ସଭାପତି ତପନ ମିଶ୍ର, ଆଡ଼ଭୋକେଟ ପ୍ରମୋଦ ସାହୁ, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ, କାଉନସିଲର ମଳୟ ଓଝା, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର, ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, ଜଗନ୍ନାଥ ଆଚାର୍ଯ୍ୟ, ପ୍ରବୀର ନାୟକ, ସୁଧାଂଶୁ ତ୍ରିପାଠୀ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ପ୍ରାକ୍ତନ ନଗର ବିଜେପି ସଭାପତି ଉପେନ୍ଦ୍ର ନାୟକ, ବରିଷ୍ଠ ବିଜେପି ନେତା ମିଟୁ ମନୋଜ ନାୟକ, ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ପ୍ରଧାନ, ଯୁବନେତା ଅବିନାଶ ଲେଙ୍କା, ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ନାୟକ, ସମାଜସେବୀ ନୃସିଂହ ଚୌଧୁରୀ, ପୂର୍ବତନ ସରପଞ୍ଚ ବୀରକିଶୋର ଦାସ, ଦଳିତ ନେତା ଚିତ୍ତରଞ୍ଜନ ସେଠୀ, ଶିକ୍ଷକ ନେତା ବିଜୟ ସାହୁ, ପୂର୍ବତନ କାଉନସିଲର ରଞ୍ଜିତ ମଲିକ, ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଭାପତି ବାରେଣୀ ସେଠୀ, ବିନୋଦ ଦାସ ପ୍ରମୁଖଙ୍କୁ ସ୍ଥାୟୀ ଶାନ୍ତି କମିଟି ସଦସ୍ୟ ମନୋନୀତ କରାଯାଇଛି।

ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ଅଧ୍ୟକ୍ଷ ତହସିଲଦାର ଜରୁରୀ କାମରେ ବାହାରେ ଥିବାରୁ ତାଙ୍କ ଅନୁମତି କ୍ରମେ ଶାନ୍ତି କମିଟିର ପ୍ରଥମ ବୈଠକ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ପୌରୋହିତ୍ୟରେ ଆଜି ପଟ୍ଟାମୁଣ୍ଡାଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସଡିପିଓ କ୍ଷମାସାଗର ପଣ୍ଡା ଓ କମିଟି ସଦସ୍ୟ ଯୋଗ ଦେଇଥିଲେ। ଦୁର୍ଗାପୂଜା ସମୟରେ ନିଶାଦ୍ରବ୍ୟ କଡାକଡି ନିଷେଧ, ପୁଲିସ ପାଟ୍ରୋଲିଂ, ବୁଲା ଗାଈଗୋରୁ ହଟାଇବା, ଦିନ ୪ଟାରୁ ସହର ମଧ୍ୟକୁ ଯାନବାହନ ନିଷେଧ, ମେଡିକାଲ ଛକ, ଆମ୍ବେଦକର, ରାଜନଗର ଛକରେ ପୁଲିସ କଣ୍ଟ୍ରୋଲ ରୁମ, ଶାନ୍ତି କମିଟି ସଦସ୍ୟଙ୍କ ପାଇଁ ସ୍ୱତନ୍ତ୍ର ଟେଣ୍ଟ ବ୍ୟବସ୍ଥା, ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଏସଆଇ ରତିରଞ୍ଜନ ନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିବାବେଳେ ଜଗନ୍ନାଥ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ଛେଳି ଚୋରି ଘଟଣାକୁ ନେଇ ବାପପୁଅଙ୍କୁ ମରଣାନ୍ତକ ଆକ୍ରମଣ





**ଡେରାବିଶ, ୨୧।୯ (ସମିସ):** ଖମୋଳ ପଞ୍ଚାୟତ ଅନ୍ତର୍ଗତ କୋଶିଦା ଗ୍ରାମରେ ଛେଳି ଚୋରି ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିବା ଅଭିଯୋଗକାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଅଭିଯୋଗକାରୀ ଓ ତାଙ୍କ ସାନପୁଅ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଛନ୍ତି। କୋଶିଦା ଗ୍ରାମର କାଙ୍ଗାଳୀ ଜେନା ତାଙ୍କର ୨ଟି ଛେଳି ଚୋରି ହୋଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ କାଙ୍ଗାଳୀଙ୍କ ସାନପୁଅ ଆନନ୍ଦ ଗ୍ରାମ ଶିବମନ୍ଦିର ନିକଟରେ ଫୋନ୍‌ରେ କଥା ହେଉଥିବା ସମୟରେ ଗ୍ରାମର ରତ୍ନାକର ମଲିକଙ୍କ ଦୁଇ ପୁଅ ବାଙ୍କୀ, କାଲୁଆ ଓ ବୁଟୁ ମଲିକଙ୍କ ପୁଅ କାହ୍ନା ଆନନ୍ଦକୁ ଗାଳିଗୁଲଜ କରିବା ସହ ଫୋନ୍ ଛଡ଼ାଇ ମାରପିଟ କରିଥିଲେ। ଏହି ସମୟରେ କାଙ୍ଗାଳୀ ପହଞ୍ଚିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଉଭୟ କାଙ୍ଗାଳି ଓ ପୁଅ ଆନନ୍ଦ ଗୁରୁତର ହୋଇଥିଲେ। କାଙ୍ଗାଳିଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିବା ସହ ଗୋଡ଼ ଭାଙ୍ଗିଯାଇଥିବାବେଳେ ପୁଅ ଆନନ୍ଦର ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏ ନେଇ କାଙ୍ଗାଳୀଙ୍କ ସ୍ତ୍ରୀ ପ୍ରମିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ୧୬୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଥାନା ଅଧିକାରୀଙ୍କୁ ମହିଳାଙ୍କ ସମ୍ବର୍ଦ୍ଧନା



**ରାଜକନିକା, ୨୧।୯ (ସମିସ):** ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କୁ ମହିଳାମାନେ ସମ୍ବର୍ଦ୍ଧିତ କରିଛନ୍ତି। କୋରନ୍ଧ ପଞ୍ଚାୟତ ବାଂଶରୀଆ ଗ୍ରାମର ୧୧ ନମ୍ବର ୱାର୍ଡରେ ଚୋରାମଦ, ଗଞ୍ଜେଇ ବିକ୍ରିକୁ ବିରୋଧ କରି ଗାଁର ମହିଳା ଭାରପ୍ରାପ୍ତ ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କୁ ଅଭିଯୋଗ କରିଥିଲେ। ସେ ମହିଳାଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ଚୋରାମଦ, ଗଞ୍ଜେଇ ବିକ୍ରି ବିରୋଧରେ ଅପରେସନ ଆରମ୍ଭ କରିଥିଲେ। ଆଇଆଇସିଙ୍କ ଯୋଗୁଁ ଚୋରା ମାଦକ ଦ୍ରବ୍ୟ ବିକ୍ରି ବନ୍ଦ ହୋଇପାରିଛି। ଫଳରେ ନିଶା ନିବାରଣ କମିଟି ମୁଖ୍ୟ ପରିଚାଳିକା ତୁଳସୀ ମଲିକଙ୍କ ନେତୃତ୍ୱରେ ସଭାପତି ପାସୁରୀ ମଲିକ ଓ ସମ୍ପାଦିକା ସବିତା ମଲିକ, ପଞ୍ଚାୟତର ଯୁବ ଆଦର୍ଶ ସେବା ସଂଗଠନର ସଭାପତି ଶୈଳେନ୍ଦ୍ର ମଲ୍ଲିକଙ୍କ ସମେତ ଶତାଧିକ ମହିଳା ଏକତ୍ରିତ ହୋଇ ରାଜକନିକା ଥାନାରେ ପହଞ୍ଚି ଆଇଆଇସି ସଞ୍ଜୟ ମଲ୍ଲିକ, ଏସଆଇ ଦେବାଶିଷ ପଣ୍ଡା ଓ ଏଏସଆଇ ମାନସ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ଷ୍ଟାଫ୍‌ଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## କୃଷକ ଭବନରେ ବୃକ୍ଷରୋପଣ ଓ ପରିବେଶ ସମ୍ପର୍କିତ ଆଲୋଚନାଚକ୍ର



**ଡେରାବିଶ, ୨୧।୯ (ସମିସ):** ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ କୃଷକ ଭବନରେ ବୃକ୍ଷରୋପଣ ଓ ପରିବେଶ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପଣ୍ଡିତ ଶରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ତହସିଲଦାର ସରୋଜ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଭାକର ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର ଯୋଗଦେଇ ଅବକ୍ଷୟମୁଖି ପୃଥିବୀ ଓ ଜୀବଜଗତକୁ ରକ୍ଷା କରିବା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ମହେନ୍ଦ୍ର ସିଂ, କୃଷ୍ଣଚନ୍ଦ୍ର ଦାସ, ପ୍ରମିଳା ଦାଶ, ମକ୍ତିବାସ ଦାସ, ମଦନ ମହାନ୍ତି, ଆଦିକନ୍ଦ ବଳ, ଭରତ ସିଂ, ଗୋପିନାଥ ମଲିକ, ରଣଜିତ ସାମଲ, ଅକ୍ଷୟ ତ୍ରିପାଠୀ ପ୍ରମୁଖ ପରିବେଶ ସୁରକ୍ଷାରେ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକାରୀ ସଭାପତି ଶରତ ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃଷକ ଭବନ ପରିସର ଓ ନିକଟସ୍ଥ ପଡ଼ିଆରେ ବିଭିନ୍ନ ଫଳ ଓ ଔଷଧୀୟ ବୃକ୍ଷରୋପଣ କରିଥିଲେ। ରବୀନ୍ଦ୍ର ମହାରଣା, ଗୌତମ ବେହେରା, ଗୋବିନ୍ଦ ବାରିକ, ବସନ୍ତ ଦାସ ଓ ଅନନ୍ତ କର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଚାନ୍ଦୋଳ କଲେଜରେ ଶିଶୁ ମହୋତ୍ସବ

**ଡେରାବିଶ, ୨୧।୯ (ସମିସ):** ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପରିଷଦର ମୁଖ୍ୟ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ ବଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ କରୁଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତରେ ଭାଗ ନେଇଥିଲେ। ବିଚାରକ ଭାବେ ଅଧ୍ୟାପିକା ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତି, ସ୍ମୃତି ଶ୍ରାବଣୀ, ଜ୍ୟୋତିର୍ମୟୀ ନାଥଶର୍ମା, ମନୀଷା ଦାସ, ମନୀଷା ମହାରଣା, ଶାଶ୍ୱତୀ ସାହୁ, ସ୍ମୃତିରେଖା ପଣ୍ଡା, ତେଜସ୍ୱିନୀ ଦାସ, ଶର୍ମିଷ୍ଠା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଝରାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନ ଓ ଅଧ୍ୟାପକ ବରଦା ପ୍ରସାଦ ଜେନା ପରିଚାଳନାରେ ସହଯୋଗ କରିଥିଲେ।

## ମାର୍କେଟ ୟାର୍ଡ ଓ ସାପ୍ତାହିକ ହାଟର ଉନ୍ନତିକରଣ ନେଇ ବୈଠକ



**କେନ୍ଦ୍ରାପଡ଼ା, ୨୧।୯ (ସମିସ):** ଆରଏମସି ଅଧୀନସ୍ଥ ସାପ୍ତାହିକ ହାଟର ଉନ୍ନତିକରଣ ଓ ଭଡା ସୂତ୍ରରେ ଦିଆଯାଉଥିବା ଦୋକାନ ଗୃହର ବକେୟା ଭଡ଼ା ଓ ନିୟମିତ ଭଡ଼ା ପ୍ରଦାନ ସଂକ୍ରାନ୍ତରେ ଜିଲ୍ଲାପାଳ ରଘୁରାମ ଆୟରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆରଏମସି ଅଧୀନସ୍ଥ ମାର୍ଶାଘାଇ, ନଇଁଦିପୁର, ହରିପୁର, ଆଳି, ଚାନ୍ଦୋଳ, ପଟ୍ଟାମୁଣ୍ଡାଇ ମାର୍କେଟ ୟାର୍ଡ଼ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପାଣି ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା, ବିଦ୍ୟୁତ, କଂକ୍ରିଟ ରାସ୍ତା, ଦୋକାନ ଗୃହର ମରାମତି ସମେତ ବକେୟା ଘର ଭଡା ପ୍ରଦାନରେ ଅହେତୁକ ଅବହେଳା ପାଇଁ ନୋଟିସ ପ୍ରେରଣ, ଦୋକାନ ଘରର ଆଲଟମେଣ୍ଟ ଆଦେଶ ଖାରଜ ସମେତ ଅନ୍ୟ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଭିନ୍ନ ମାର୍କେଟ ୟାର୍ଡ଼ର ସଦସ୍ୟ ରଣେନ୍ଦ୍ର ସ୍ୱାଇଁ, ସୁନାକାର ଗାହାଣ, ସୁରେନ୍ଦ୍ର ଦାସ, ପ୍ରଶାନ୍ତ ବେହେରା, ପ୍ରକାଶ ଶତପଥୀ, ରବୀନ୍ଦ୍ର ଜେନା, ରଞ୍ଜନ ସ୍ୱାଇଁ, ଅଭିମନ୍ୟୁ ସାହୁ, ଲିଙ୍ଗରାଜ ଶତପଥୀ, ସନ୍ତୋଷ ମାହାଳି, ସରୋଜ ଦାସ, ବବ୍ରୁବାହନ ଷଡ଼ଙ୍ଗୀ, ଅନନ୍ତ ରଥ, ତରୁଣ ଶଥପଥୀ, ବସନ୍ତ ଓଝା, ହବେଶ ପଲାଇ, ଶିବାଶିଷ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଦିଗାମ୍ବର ତରାଇ, ବୀରକିଶୋର ସ୍ୱାଇଁ, ନରେନ୍ଦ୍ର ମଲ୍ଲିକ, ମୁରଲୀଧର ସାହୁ, ଜିତେନ୍ଦ୍ର ଦାସ ସହଯୋଗ କରିଥିବାବେଳେ ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି ପୁରୁଖା କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁମିଳନ

**ପଟ୍ଟାମୁଣ୍ଡାଇ, ୨୧।୯ (ସମିସ):** ବିଜେପି ପାଇଁ ଦୀର୍ଘଦିନ କାର୍ଯ୍ୟ କରିଥିବା ପୁରୁଖା ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ଧରି ତ୍ୟାଗ ସ୍ୱୀକାର କରିଥିବା ନେତା ଓ କର୍ମୀ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା, ବରିଷ୍ଠ ଓ ପୁରାତନ କର୍ମୀଙ୍କୁ ସାଂଗଠନିକ କାର୍ଯ୍ୟକ୍ରମରେ ସାମିଲ କରି ସଂଗଠନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆଜି ଚାହାପଡ଼ା ମଣ୍ଡପରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ବିଜେପି ନେତା ଶରତ ଜଗଦେବ ଓ ନୀଳକଣ୍ଠ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ରାହାସ ବିହାରୀ ଦାସ, ରମଣୀ ରଞ୍ଜନ ସାମଲ, ପାରେଶ୍ୱର ପାତ୍ର, ବିଦ୍ୟାଧର ମଲିକ, ସୁଧାଂଶୁ ଜେନା, ପ୍ରମୋଦ ରାୟ, ସମୀର ପାତ୍ର, ନିରଞ୍ଜନ ସ୍ୱାଇଁ, ଭରତ ଭଦ୍ର, ପଞ୍ଚାନନ ବିଶ୍ୱାଳ, ଗଣେଶ୍ୱର ଦାସ, ଭାଗ୍ୟଧର ମଲିକ, ପ୍ରହଲ୍ଲାଦ ପଣ୍ଡା, ସେବତୀ ତ୍ରିପାଠୀ, ଶତ୍ରୁଘ୍ନ ପାତ୍ର, ପ୍ରତାପ ଜେନା, ଅଭୟ ପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଜନକଲ୍ୟାଣ ଯୋଜନା ଘରେ ଘରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ପାରେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ଶତାଧିକ ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ଶେଷ ପର୍ଯ୍ୟାୟରେ ହଳଦିଆପାଟଣା ଦୁର୍ଗାପୂଜା ପ୍ରସ୍ତୁତି

**ପଞ୍ଚୁପାଣ୍ଡବ, ୨୧।୯ (ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମ ଦୁର୍ଗାପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ଖଡ଼ି ଅମାବାସ୍ୟାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଖଡ଼ି ସ୍ୱର୍ଶ କରାଯାଇଛି। ଏହି ପୂଜା ପାଇଁ ବେଲ ଗଛ ମୂଳେ ଯୁଡିଆ ନବମୀ କଳ୍ପ ପୂଜା ଅନୁଷ୍ଠିତ ହୋଇଥିଲା। ୧୯୮୧ରେ ଆରମ୍ଭ ହୋଇଥିବା ପୂଜା ଚଳିତ ବର୍ଷ ୪୪ ବର୍ଷରେ ପଦାର୍ପଣ କରିଛି। ପ୍ରଥମ ବର୍ଷ କଳସ ନେଇ ଯାଉଥିବାବେଳେ ଏକ ଅଗ୍ନି ପିଣ୍ଡୁଳା ଦେଖାଯାଇଥିଲା। ଏହି ଆଲୋକ ଗ୍ରାମରେ ମା' ଦୁର୍ଗାଙ୍କ ପୂଜା ପାଇଁ ସଂକେତ ଦେଉଥିବା ଭାବି ଆରମ୍ଭ ହୋଇଥିଲା ଶାରଦୀୟ ପୂଜା। ନବମୀ ଦିନ ମା'ଙ୍କ ବରଦବେଶ ହୋଇଥାଏ। ଯେଉଁମାନେ ମାନସିକ କରନ୍ତି ସେମାନଙ୍କ ମାନସିକ ମା' ପୂରଣ କରନ୍ତି ବୋଲି ବରିଷ୍ଠ ଉପଦେଷ୍ଟା ସୁବାସ ସାହୁ କହିଛନ୍ତି।

## ଭାଙ୍ଗିଗଲାଣି ତାରବାଡ଼; ଚୁପ୍ ବସିଛି ବନ ବିଭାଗ

# କୁମ୍ଭୀର ଭୟରେ ନଦୀକୁ ଯାଉନାହାନ୍ତି ଲୋକେ

**ରାଜନଗର, ୨୧।୯ (ସମିସ)**



ରାଜନଗର ବ୍ଲକର ନଦୀକୂଳିଆ ଲୋକଙ୍କ ଜୀବନ ଏବେ ବିପଦରେ ପଡ଼ିଛି। ନଦୀରେ କୁମ୍ଭୀର ବୁଲୁଛନ୍ତି। କେତେବେଳେ କାହା ଜୀବନ ଯିବ, କେହି ପାରିବେନାହିଁ। କୁମ୍ଭୀର ଦାଉରୁ ରକ୍ଷା କରିବାକୁ ହୋଇଥିବା ତାରବାଡ ଭାଙ୍ଗିଗଲାଣି। ଫଳରେ କୁମ୍ଭୀର ଭୟରେ ଲୋକେ ନଦୀକୁ ଯାଉନାହାନ୍ତି। ତାରବାଡ ସଜାଡ଼ିବା ପରିବର୍ତ୍ତେ ବନ ବିଭାଗ ଚୁପ୍ ବସିଛି। ନଦୀକୂଳିଆ ଲୋକଙ୍କ ପାଇଁ କୁମ୍ଭୀର ଆକ୍ରମଣର ଭୟ ଘାରିଛି। ନଦୀରେ ପାଦ ରଖିବାକୁ ଲୋକଙ୍କୁ ଭୟ ଲାଗୁଛି। ଦିନ ଥିଲା ସାଧାରଣ କାର୍ଯ୍ୟ ପାଇଁ ନଦୀ ଉପରେ ସମସ୍ତେ ନିର୍ଭର କରୁଥିଲେ। କୁମ୍ଭୀରଙ୍କ ପ୍ରାଦୁର୍ଭାବ ବଢ଼ିବା ପରେ ଲୋକେ ନଦୀକୁ ଯିବାକୁ ଭୟ କଲେଣି।

ଲୋକଙ୍କ ସୁରକ୍ଷିତ ବ୍ୟବହାର ନିମନ୍ତେ ବନ ବିଭାଗ ପକ୍ଷରୁ ନଦୀକୂଳରେ ତାରବାଡର ବ୍ୟବସ୍ଥା କରାଯାଇଥିଲା। ତାହା ଏବେ ଭାଙ୍ଗିଗଲାଣି। ତାରଜାଲି ଉଭାନ ହୋଇଯାଇଛି। କେବଳ ସିମେଣ୍ଟ ଖୁଣ୍ଟ ପଡ଼ିରହିଛି। ଫଳରେ ଏବେ ନଦୀ ତୁଠକୁ ଯିବାକୁ ଭୟ ଲାଗୁଛି। ରାଜନଗର ବ୍ଲକ ଓସ୍ତିଆ, ରାଜପୁର, ବେଳପାଳ ଓ ବନ୍ଧପଡ଼ା ପଞ୍ଚାୟତର ନଦୀକୂଳିଆ ଗ୍ରାମ ଲୋକଙ୍କ ପାଇଁ କରାଯାଇଥିବା ସୁରକ୍ଷା ବାଡ଼ ବ୍ୟବସ୍ଥା ଏବେ ନଷ୍ଟ ହୋଇଯାଇଛି। ଯାହାର ମରାମତି ନିହାତି ଆବଶ୍ୟକ ବୋଲି ଲୋକେ ମତ ଦେଇଛନ୍ତି। ଏହି ନଦୀକୂଳିଆ ଗ୍ରାମରେ ଲୋକେ ଜୀବନକୁ ପାଣି ଛଡାଇ ନଦୀପାଣି ବ୍ୟବହାର କରୁଛନ୍ତି। ଏମାନଙ୍କ ପାଇଁ ବନବିଭାଗ ପକ୍ଷରୁ କୌଣସି ସୁରକ୍ଷା କାର୍ଯ୍ୟକ୍ରମ କରାଯାଇନାହିଁ। କେବଳ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦେଇ ବନ ବିଭାଗ ଚୁପ୍ ବସିଛି। ଲୋକଙ୍କ ଜୀବନ ସୁରକ୍ଷିତ ରଖିବାକୁ ବନ ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ଉକ୍ତ ନଦୀକୂଳିଆ ଗ୍ରାମକୁ ଯାଇ ସମୀକ୍ଷା କରି ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଓ ନଷ୍ଟ ହୋଇଯାଇଥିବା ସୁରକ୍ଷା ବାଡ ମରାମତି କରାଇବାକୁ ଲୋକେ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ସଫେଇ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୨୧।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସ୍ୱଚ୍ଛ ଭାରତ ସଂଯୋଜକ ରବୀନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ପରିବେଶ ସୁରକ୍ଷା ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ହୋଇଛି। ପରିବେଶ ସୁରକ୍ଷିତ ନ ହେଲେ ଜୀବଜଗତ ତିଷ୍ଠିବା ଅସମ୍ଭବ। ପରିବେଶ ଦୂଷିତ ହେଲେ ନାନା ରୋଗ ସୃଷ୍ଟି ହୋଇ ସାମାଜିକ ସ୍ଥିତି ପ୍ରତି ବିପଦ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱଚ୍ଛ ଭାରତ ଉପଦେଷ୍ଟା ରାଜୀବ ବାଗ, ମାଷ୍ଟର ଟ୍ରେନର ଅନନ୍ତ କର ପ୍ରମୁଖ ଯୋଗଦେଇ ସ୍ୱଚ୍ଛତାର ମହତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ ବର୍ଜନ ସହ ଘରେ ଘରେ ପାଇଖାନା ନିର୍ମାଣ ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ସମିତି ସଭ୍ୟା ସ୍ମୃତିମୟୀ ମଲିକ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ଖଣତା ସରପଞ୍ଚ ଅନୀଲ ଲେଙ୍କା, ସମିତି ସଭ୍ୟ ଅଭୟ ସ୍ୱାଇଁ, ଶଶାଙ୍କ ବିଶ୍ୱାଳ ପ୍ରମୁଖଙ୍କ ସମେତ ସ୍ୱଚ୍ଛ ସାଥୀ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ସ୍ୱଚ୍ଛ ଭାରତ ସଂଯୋଜକ ରବୀନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବ୍ଲକ ପରିସର ସଫେଇ ଓ ବୃକ୍ଷରୋପଣ କରାଯାଇଥିଲା।

## ବଜ୍ରପାତରେ ୨ ଗୋରୁ, ୩ ମେଣ୍ଢା ମୃତ

ବୈପାରିଗୁଡ଼ା,୨୧।୯(ସମିସ): ବୈପାରିଗୁଡ଼ା ବ୍ଲକର ବାଲିଗାଁ ପଞ୍ଚାୟତର କୁରକୁଟିଗୁଡ଼ା ଗ୍ରାମରେ ବଜ୍ରପାତରେ ୨ଟି ଗୋରୁ ଓ ୩ଟି ମେଣ୍ଢାର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ବୈପାରିଗୁଡା ବ୍ଲକ୍ ବାଲିଗାଁ ପଞ୍ଚାୟତର କୁରକୁଟିଗୁଡା ଗ୍ରାମର ଗାଇ ଚୋରାଳି କିଛି ଗାଈଗୋରୁ ଓ ମେଣ୍ଢାକୁ ନେଇ ଗାଁ ନିକଟସ୍ଥ କାଜୁ ଜଙ୍ଗଲକୁ ଚରାଇବାକୁ ନେଇଥିଲେ। ଆଜି ଅପରାହ୍ନ ୪ଟାରେ ବର୍ଷା ହୋଇଥିଲା। ବର୍ଷା ଯୋଗୁଁ ଗାଇଚରାଳି ଗୋଟିଏ ଗଛମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ଗାଈଗୋରୁ ଓ ମେଣ୍ଢା ଚରୁଥିବା ସ୍ଥାନରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ହିଁ ୨ଟି ଗୋରୁ ଓ ୩ଟି ମେଣ୍ଢା ମୃତ୍ୟୁବରଣ କରିଥିଲେ। ବଜ୍ରାଘାତରେ ମୃତ ଗୋରୁ ଓ ମେଣ୍ଢା ମାଲିକ ଗଙ୍ଗାଧର ଶାନ୍ତା ଏବଂ ଦିଉଡୁ ଶାନ୍ତା ସରକାରଙ୍କ ତରଫରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଦଶହରା ପାଇଁ ପ୍ରଶାସନର ପ୍ରସ୍ତୁତି

ଉମରକୋଟ,୨୧।୯(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ମୋଟ ୨୬ ଗୋଟି ସ୍ଥାନରେ ଦୁର୍ଗା ପୂଜା ହେବାକୁ ଥିବା ବେଳେ କେବଳ ଉମରକୋଟ ପୌର ପରିଷଦରେ ୧୧ ଟି ସ୍ଥାନରେ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ଉମରକୋଟ ପୋଲିସ ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥର ପ୍ରଶାସନ ତରଫରୁ ପୂଜା କମିଟିମାନଙ୍କୁ ଭଷାଣୀ ଉତ୍ସବରେ ଡିଜେ ଓ ବାଣ ଫୁଟାଇବା ପାଇଁ ମନା କରାଯାଇଛି। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅପରାହ୍ନ ୪ଟା ସମୟରୁ ରାତି ୧୨ ଟା ପର୍ଯ୍ୟନ୍ତ ସହର ମଧ୍ୟ ଦେଇ ଭାରିଯାନ ଚଳାଚଳ ବନ୍ଦ ରଖିବା ପାଇଁ ମତ ପ୍ରକାଶ ପାଇଥିଲା। ସେହିପରି ସକାଳ ୧୦ଟା ଠାରୁ ରାତ୍ର ୧୧ ଘଣ୍ଟା ପର୍ଯ୍ୟନ୍ତ ସହରର ମୁଖ୍ୟ ରାସ୍ତାରେ କୌଣସି ଯାନ ବାହନ ଲୋଡିଂ ଅନଲୋଡିଂ କରିପାରିବେ ନାହିଁ। ସେହିଭଳି ପୂଜାରେ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ପ୍ରତ୍ୟେକ ପୂଜା ମଣ୍ଡପ ଗୁଡିକ ପେଣ୍ଡଲରେ ସିସିଟିଭି କ୍ୟାମେରା ଲଗେଇବା ପାଇଁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ଥାନା ଅଧିକାରୀ ରମାକାନ୍ତ ସାଏ, ବରିଷ୍ଠ ସାମ୍ବାଦିକ ନଳିନୀ ରଞ୍ଜନ ମିଶ୍ର, ଏସଆଇ ଅକ୍ଷୟ ମିଶ୍ର, ସୈମେନ୍ଦ୍ର ସେଠ,ଏଏସଆଇ ନରେନ୍ଦ୍ର ଗୋଲାପିଙ୍କ ସହ ସମସ୍ତ ପୂଜା କମିଟିର ସଦସ୍ୟ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଚିତାପାରି-୧ ଯାତ୍ରୀ ପ୍ରତୀକ୍ଷାଳୟ

### ନୀରବଦ୍ରଷ୍ଟା ପଞ୍ଚାୟତ ଓ ବ୍ଲକ୍ କର୍ତ୍ତୃପକ୍ଷ

କୋରୁକୋଣ୍ଡା,୨୧।୯(ସମିସ): ଯାତ୍ରୀ ଓ ଲୋକଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ କିଛି ବର୍ଷ ପୂର୍ବେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ଗ୍ରାମ ପଞ୍ଚାୟତ ଅଧିନସ୍ତ ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତା ପାଶ୍ୱର୍ ତଥା ଚିତାପାରି -୧ ଗ୍ରାମ ଛକରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା। ଲୋକେ ବସକୁ ଅପେକ୍ଷା କରି ସେଠାରେ ବସିବା ପାଇଁ ଷ୍ଟିଲ ଚେୟାର, ଚତୁଃପାଶ୍ୱର୍ରେ ରେଲିଙ୍ଗ ସହ ଲୁହାରେ ପିଲର ସହ ଟିଣରେ ଛାତ ନିର୍ମାଣ କରାଯାଇଥିଲା। କିନ୍ତୁ ବିଡମ୍ବନାର ବିଷୟ ଚିତାପାରି-୩ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଯାତ୍ରୀ ପ୍ରତୀକ୍ଷାଳୟର ଉଚିତ ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ଦିଆଯାଉ ନଥିବାରୁ ଉକ୍ତ ବିଶ୍ରାମଗାରାରେ




ଲାଗିଥିବା ଷ୍ଟିଲ ଚେୟାର ଗୁଡିକ ଭାଙ୍ଗି ରୁଜି ଯିବା ସହ ସେଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଉକ୍ତ ପ୍ରତୀକ୍ଷାଳୟ ପରିସରରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିବା ସହ ସେଠାରେ ଏକ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହି ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଯାତ୍ରୀ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଚିତାପାର-୩ର ପଞ୍ଚାୟତ ନିର୍ବାହୀ ଅଧିକାରୀ ମନ୍ଦାକିନୀ ସାହୁଙ୍କୁ ପଚାରିବାରୁ, ଉକ୍ତ ପ୍ରତୀକ୍ଷାଳୟର ସ୍ଥିତି ଅନୁଧ୍ୟାନ କରିବା ପରେ ତାହାର ମରାମତି ଏବଂ ରକ୍ଷଣା ବେକ୍ଷଣ କିପରି ତୁରନ୍ତ କରାଯାଇ ପାରିବ ସେ ସମ୍ପର୍କରେ ବିଡ଼ିଓଙ୍କ ସହ ଆଲୋଚନ କରିବି ବୋଲି କହିଛନ୍ତି।

# ‘ସେବା ପଖୱାଡ଼ା’ ଉପଲକ୍ଷେ ଜିଲ୍ଲାସ୍ତରୀୟ ଗଣଦୌଡ଼



### ୫୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ବାବୁପାତ୍ର ପ୍ରଥମ

ନବରଙ୍ଗପୁର,୨୧।୯(ସମିସ): “ସେବା ପଖୱାଡ଼ା’ ଉତ୍ସବ ଅବସରରେ ନବରଙ୍ଗପୁର ଜିଲ୍ଲାସଦର ମହକୁମାର ସଦାଶିବ ପାର୍କ ଠାରୁ ଏକ ବିଶାଳ ଜିଲ୍ଲାସ୍ତରୀୟ ମାରାଥନ ଦୌଡ଼ ପୁଲିସ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଗଣ ଶିକ୍ଷା ବିଭାଗ ଏବଂ ଜିଲ୍ଲା ମଙ୍ଗଳ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଶିକ୍ଷା, କ୍ରୀଡ଼ା ଓ ଅନେକ ବେସରକାରୀ ଅନୁଷ୍ଠାନର ସଭ୍ୟସଭ୍ୟା ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଗଣଦୌଡ଼ରେ ମୁଖ୍ୟଅତିଥି ଭାବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ପୌରାଧକ୍ଷ କୁନୁ ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ବରିଷ୍ଠ ଅଧିବକ୍ତା ଝାଡେଶ୍ୱର ଖାଡଙ୍ଗା, ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍ ବାଲାକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କାଉନସିଲର ଶର୍ମିଷ୍ଠା ଦେଓ, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ମାରାଥନ ଧାବକ ଚିତ୍ତ ପାତ୍ର, ସୁଷମା ଜୈନ ପ୍ରମୁଖ ପତାକା ଦେଖାଇ ମାରାଥନ ଦୌଡ଼ର ଶୁଭାରମ୍ଭ କରିଥିଲେ। ଦୌଡ଼ ଶେଷରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଅଶୋକ ପାତ୍ର, ବରିଷ୍ଠ ବର୍ଗରେ ନୀଳାମ୍ବର ଭତରା, କନିଷ୍ଠ ବର୍ଗରେ ମହେଶ ଚାଲାନ୍ ଏବଂ ମହିଳା ବର୍ଗରେ ଆଲିଫା ହିଆଲ ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ନିଜ ଅଭିଭାଷଣରେ ସାଂସଦ ଶ୍ରୀ ମାଝୀ ଆଗାମୀ ଦିନରେ ପଞ୍ଚାୟତସ୍ତରରୁ ସାଂସଦ କ୍ଷେତ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ବର୍ଗର ଖେଳରେ ସମସ୍ତ ଯୁବ ବର୍ଗଙ୍କୁ ଭାଗ ନେବା ନିମନ୍ତେ ଅନୁରୋଧ କରିଥିଲେ। ପୌର ପରିଷଦ ପକ୍ଷରୁ ଜ୍ୟୋତି ପରିଛା, ଶଶାଙ୍କ ଶେଖର ବେହେରା, ରାମ ଦାସ ସମେତ ଗଣଶିକ୍ଷା ଏବଂମଙ୍ଗଳ ବିଭାଗର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ୨ ଗୁଣାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ



ଡାବୁଗାଁ,୨୧।୯(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ୧ ବର୍ଷରେ ଟଙ୍କା ୨ ଗୁଣ ହେବାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରାଯାଇଥିବା ନେଇ ରବିବାର ରାତିରେ ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଚଳିତ ମାସ ପ୍ରଥମ ସପ୍ତାହରେ କୋଡ଼ିଗାଁ ଥାନା ଅଧୀନ କଟାଗାଁ ଗ୍ରାମର ସମ୍ବଲ ନାୟକ ଡାବୁଗାଁ ଥାନା ଅଧୀନ ବିଜାପୁର ଡଙ୍ଗରୀଗୁଡା ଗ୍ରାମର ଡମ୍ବରୁ ଭତ୍ରାଙ୍କୁ ଏଲ୍ଏଫ ୱାର୍କ ସଂସ୍ଥାର ମ୍ୟାନେଜର ବୋଲି ପରିଚୟ ଦେବା ସହ ଏହି ସଂସ୍ଥାରେ ଟଙ୍କା ବିନିଯୋଗ କଲେ ୧ ବର୍ଷରେ ଟଙ୍କା ୨ ଗୁଣା ହେବ ବୋଲି ପ୍ରଲୋଭନ ଦେଖାଇଥିଲେ। ଏହି ଟଙ୍କା ପ୍ରତି ମାସକୁ ମାସ ନିଜ ଆକାଉଣ୍ଟରେ ଫେରି ପାଇବ ବୋଲି କହିଥିଲେ। ଏହାପରେ ସମ୍ବଲ ନାୟକ ଏକ ଲିଙ୍କ ଡମ୍ବରୁ ଭତ୍ରାଙ୍କ ମୋବାଇଲକୁ ଛାଡିଥିଲେ। ଉକ୍ତ ଲିଙ୍କରେ ଟଙ୍କା ଛାଡ଼ିବାକୁ କହିଥିଲେ। ଏହାପରେ ଡମ୍ବରୁ ଲିଙ୍କ୍‌ରେ ୪୫ ହଜାର ୫୦୦ ଟଙ୍କା ପଠାଇଥିଲେ। ସେହିପରି ସେହି ଗ୍ରାମର ବିଶ୍ୱଜିତ ସାବତ ମଧ୍ୟ ୨ ଗୁଣା ଟଙ୍କା ପାଇବା ଆଶାରେ ୪୩ ହଜାର ୧୦୦ ଟଙ୍କା ଲିଙ୍କ୍‌ରେ ଛାଡ଼ିଥିଲେ। ସେହିପରି ଆଖପାଖ ଗ୍ରାମର ପ୍ରାୟ ୧୩ ଜଣ ଯୁବକ ଉକ୍ତ ଲିଙ୍କ୍‌ରେ ଟଙ୍କା ଜମା କରିଥିଲେ। ୧ ବର୍ଷରେ ଟଙ୍କା ୨ ଗୁଣା ହେବା ଆଶାରେ ୧୩ ଜଣ ଯୁବକଙ୍କ ପ୍ରାୟ ଲକ୍ଷାଧିକ ଟଙ୍କା ଜମା କରିଛନ୍ତି। ପରେ ଯୁବକମାନେ ଜାଣିବାକୁ ପାଇଥିଲେ ଯେ, ଏଲଏଫ ୱାର୍କ ସଂସ୍ଥା ଦ୍ୱାରା ତାଙ୍କୁ ଠକେଇ କରାଯାଇଛି। ଏନେଇ ଯୁବକମାନେ ରବିବାର ରାତିରେ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି।

## ଜୟପୁର ଦଶହରାରେ ମୁଖ୍ୟ ଆକର୍ଷଣ ସାଜିବେ ମୁମ୍ବାଇ କଳାକାର

ଜୟପୁର,୨୧।୯(ସମିସ): ଆସନ୍ତା ଜୟପୁର ଦଶହରା ଉତ୍ସବ ପାଳନ ଅବସରରେ ମୁମ୍ବାଇର କଳାକାରମାନେ ଏଠାକୁ ଆସି ମଞ୍ଚରେ କଳା ପ୍ରଦର୍ଶନ କରିବେ। ଯାହା ଚଳିତ ବର୍ଷ ଦଶହରା ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ଅକ୍ଟୋବର ୧ ତାରିଖ ନବମୀ ତିଥିରେ ରାଜନହର ଛକଠାରେ ମୁମ୍ବାଇର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନେଇ ନିର୍ଦ୍ଧାରିତ ହୋଇଛି। ଏଥିରେ ଇଣ୍ଡିଆନ ଆଇଡଲ ସିଜନ-୧୫ର କଳାକାର ମାନସୀ ଘୋଷ ଏବଂ ତାଙ୍କ ଦଳ ସହିତ ଶ୍ରେଷ୍ଠ କଳାକାର ଅମିତାଭ ବଚନଙ୍କ ନକଲ କରୁଥିବା ଶଶିକାନ୍ତ ପାଡୱାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜୟପୁର ଦଶହରା ମହୋତ୍ସବ ପୂଜା କମିଟିର ସଭାପତି ତଥା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨୭ ତାରିଖ ଠାରୁ ଜୟପୁର ଦଶହରା ପୂଜା କମିଟି ପକ୍ଷରୁ ସହରର ବିଭିନ୍ନ ପୂଜା ମଣ୍ଡପ ଏବଂ ଦେବୀ ପୀଠ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯିବ। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ ଜୟପୁର ସହରର କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ପ୍ରତ୍ୟେକବର୍ଷ ଭଳି ଚଳିତ ବର୍ଷ ୨୭ ତାରିଖ ପଞ୍ଚମୀ ତିଥିରେ ସୌରସାହି ବସନ୍ତାୟୀ ମନ୍ଦିର ନିକଟରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ସେହିପରି ଷଷ୍ଠୀ ଏବଂ ସପ୍ତମୀରେ ଜଗତଜନନୀ ମନ୍ଦିର ଛକ, ଅଷ୍ଟମୀରେ ସ୍ଥାନୀୟ ସ୍ୱର ଘୁଙ୍ଗୁର କଳାକାରଙ୍କ ଦ୍ୱାରା ରାଜାନହର ଛକଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବିଧାୟକ ସୂଚାଇଛନ୍ତି।

## ରୋଟାରୀ କ୍ଲବ ତରଫରୁ ଅନ୍ନପୂର୍ଣ୍ଣା ଦିବସ



ମାଲକାନଗିରି,୨୧।୯(ସମିସ): ରୋଟାରୀ କ୍ଲବ ତରଫରୁ ଆଜି ଆଓମା ଗୁରୁକୁଳରେ ଅନ୍ନପୂର୍ଣ୍ଣା ଦିବସ ପାଳନ କରାଯାଇଛି। କ୍ଲବର ଅଧ୍ୟକ୍ଷ ଲବ ସାହୁ ଓ ସମ୍ପାଦକ ଦିଲିପ ସୋମାନୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଦସ୍ୟମାନେ ଗୁରୁକୁଳରେ ଥିବା ଅନାଥ ଶିଶୁମାନଙ୍କ ସହିତ ଏକାସାଥିରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏହି ସମୟରେ ସଦସ୍ୟମାନେ ଶିଶୁମାନଙ୍କୁ ଖାଇବା ପରସିଲେ, ଭୋଜନ ପରେ ସଦସ୍ୟମାନେ ଶିଶୁମାନଙ୍କ ସହିତ ସମୟ କାଟିଥିଲେ। ଅଧ୍ୟକ୍ଷ ଲବ ସାହୁ ଅନ୍ନପୂର୍ଣ୍ଣା ଦିବସ ପାଳନ ମାଧ୍ୟମରେ ସମାଜରେ ଆହାରର ଅଧିକାର ଉପରେ ସଚେତନତା ସୃଷ୍ଟି ହେବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ସଚିବ ଦିଲିପ ସୋମାନୀ ଏପରି ସାମାଜିକ କାର୍ଯ୍ୟକ୍ରମକୁ ଆଗକୁ ମଧ୍ୟ ଜାରି ରଖିବା ନେଇ ସୂଚାଇଥିଲେ। ରୋଟାରୀ କ୍ଲବ ସଦସ୍ୟ, ଗୁରୁକୁଳର ଶିକ୍ଷକ-ଶିକ୍ଷିକା ଓ ଶିଶୁମାନେ ଯୋଗଦେଇଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ



ରାମନାଗୁଡ଼ା,୨୧।୯(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାମନାଗୁଡ଼ାଠାରେ ଏକ ନୂତନ ଖେଳ ପଡିଆ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୋଠା ନିର୍ମାଣ ନିମନ୍ତେ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଗୋସାଇଁ ଗୁଲୁମୁଣ୍ଡା ମୌଜାର ପ୍ଲଟ ନଂ: ୨୦୩/୧, ଖତିଆନ୍ କ୍ରମିକ ନଂ: ୧୨୨ ଅନୁଯାୟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧ ଏକର ୨୦ ସେଣ୍ଟ ଖାଲି ଜମି ପ୍ରଦାନ କରାଯାଇଛି। ପଟ୍ଟା ଗ୍ରହଣ ସମୟରେ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡା ଓ ବରିଷ୍ଠ ଶିକ୍ଷକ ମୃତ୍ୟୁଞ୍ଜୟ ଶତପଥୀ ବିଦ୍ୟାଳୟ ତରଫରୁ ଏହି ଜମି ପଟ୍ଟାକୁ ଗ୍ରହଣ କରିଥିଲେ। ଏଥିପାଇଁ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପଣ୍ଡା, ବରିଷ୍ଠ ଶିକ୍ଷକ ଶ୍ରୀ ଶତପଥୀ, ସ୍ମିତାରାଣୀ ତୁଳ, ଜଗଦୀଶ ମାହାଢା, ଶାନ୍ତି ବେହେରା, ଅଧର ବେହେରା, ଦିଲ୍ଲୀପ ରାଉତ, ଅମୃତ୍ ଜେନା, ରଂଜିତା ସାହୁ, ଚନ୍ଦନ ଲିମାଲା, ନାନାଜି ମାଣ୍ଡାଙ୍ଗି, ସ୍ୱର୍ଣ୍ଣ ପ୍ରଭା ମଲ୍ଲିକ, ସୁମନ୍ତି ଶବର, ମନୀଷା ପାତ୍ରଙ୍କ ସମେତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ତହସିଲଦାରଙ୍କୁ ସାଧୁବାଦ୍ ଜଣାଇଛନ୍ତି।

## ଆଇଏଏସ୍ ପ୍ରବେଶନାରୀଙ୍କ ଏସ୍ଏଲ୍ଏନ୍ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର ପରିଦର୍ଶନ



ସେମିଳିଗୁଡ଼ା,୨୧।୯(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ(ଏସ୍ଏଲ୍ଏନ୍) ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ରକୁ ଆଇଏଏସ୍ ପ୍ରବେଶନାରୀ ସନ୍ତୋଷ ପାତ୍ର ରବିବାର ପରିଦର୍ଶନ କରିଛନ୍ତି। ଶ୍ରୀ ପାତ୍ର ଏହ÷ ଅବସରରେ ଆଗାମୀ ଓଏଏସ ପ୍ରିଲିମ୍ସ୍ ପାଇଁ ଏକ ସ୍ୱଷ୍ଟ ପ୍ରସ୍ତୁତି ରଣନୀତି ରୂପରେଖ ପ୍ରଦାନ କରିଥିଲେ। ପରୀକ୍ଷା ପ୍ରସ୍ତୁତି ଏବଂ ସମୟ ପରିଚାଳନାକୁ ଦୈନିକ ରୁଟିନ୍ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ପାତ୍ର ନିର୍ମାଣାଧୀନ ଲାଇବ୍ରେରୀ ଭବନକୁ ପରିଦର୍ଶନ କରିଥିଲେ। ସେ ଅନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ କେନ୍ଦ୍ର ସମ୍ପାଦକ ଡ. ନବୀନ୍ ଚନ୍ଦ୍ର ଗରଡ଼ା ଉପସ୍ଥିତ ଥିଲେ। କୋସ୍ର୍ କୋଅର୍ଡିନେଟର୍ ଡ. ଚନ୍ଦ୍ର ଖେମୁଣ୍ଡୁ, କେନ୍ଦ୍ରର ସହ ସମ୍ପାଦକ ଭଗବାନ୍ ପେଟିଆ ଉପସ୍ଥିତ ଥିଲେ।

## ସେମିଳିଗୁଡା ପଞ୍ଚାୟତ ସମିତିର ସ୍ୱଚ୍ଛ ଉତ୍ସବ

ସେମିଳିଗୁଡ଼ା,୨୧।୯(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ପଞ୍ଚାୟତ ସମିତି ପକ୍ଷରୁ ସ୍ୱଚ୍ଛ ଉତ୍ସବ ପାଳନ କରାଯାଇଛି। ରବିବାର ସକାଳେ ସେମିଳିଗୁଡ଼ା ସମିତି କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଆସିଷ୍ଟାଣ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୋଫନ୍ ନାୟକ, ସିଡିପିଓ ବିନୋଦିନୀ ବେହେରା, ବ୍ଲକ୍ ସଂଯୋଜକ ଦିବ୍ୟ ଜ୍ୟୋତି ରାୟ, ବ୍ଲକ୍ ପ୍ରଶାସନ ଅଧିକାରୀମାନେ, ଜନ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକ୍ କାର୍ଯ୍ୟାଳୟ ପରିସରର ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା।

# ନେତାଜୀ ସଂସଦ ପକ୍ଷରୁ ସିପକଟାକ୍ରୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବିଷମ କଟକ, ୨୧।୯(ସମିସ): ପୁରୀ ଜିଲ୍ଲା ତାଳବଣିଆ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ସିପକଟାକ୍ରୋ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ କିସ୍ ଦଳକୁ ହାରାଇ ରାୟଗଡା ଦଳ ବିଜୟ ଟ୍ରଫି ହାସଲ କରିଛି। ଏହି ଅବସରରେ ରାୟଗଡା ଜିଲ୍ଲାକୁ ଗୌରବ ଆଣିଥିବା ଖେଳାଳିମାନଙ୍କୁ ଆଜି ବିଷମ କଟକ ନେତାଜୀ ସଂସଦ ତଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଷମ କଟକ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ, ପୂର୍ବତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ପୂର୍ବତନ ଜିଲ୍ଲା ସଭାପତି ସୁଧିର କୁମାର ଦାଶ, ନେତାଜୀ ସଂସଦର ସଭାପତି ପୃଥ୍ୱିରାଜ ସାହୁ, ସିପକଟାକ୍ରୋ ସଂଘର ଜିଲ୍ଲା ସଭାପତି ରବିନ୍ଦ୍ର ନାଥ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରାୟଗଡ଼ା ଦଳର ଖେଳାଳି ଦିପକ ହିଆଳ, ମଳୟ ନାୟକ, ବିକାଶ କୁମାର ରେଡି, ଆକାଶ କୁମାର ରେଡି, ଦିପସେନ୍ ଖୋରାଙ୍କୁ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଛନ୍ତି । ଆଗାମୀ ଦିନରେ ଏହି ଖେଳର ଖେଳାଳିମାନେ ଯେକୌଣସି ପ୍ରତିଯୋଗିତାରେ ଭାଗ ନେଲେ ନେତାଜୀ ସଂସଦ ତଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସଂସଦର ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଏ ଅବସରରେ ସଂସଦର ସିବରାମ ନାୟକ, ଶଶୀ ଭୂଷଣ ପଟ୍ଟନାୟକ, ରାଧାକାନ୍ତ ଗୁରୁ, ଜ୍ୟୋତି କୁମାର ସାହୁ, ଡି.ଶିବପ୍ରସାଦ, ସନ୍ତୋଷ କୁମାର ନାୟକ, ସମର କୁମାର ସାହୁଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।



# ଦଶହରା ପାଇଁ ପୁଲିସ ପ୍ରଶାସନର ପ୍ରସ୍ତୁତି

ଜୟପୁର,୨୧।୯(ସମିସ): ସୋମବାରଠାରୁ ଦଶହରା ନବରାତ୍ର ଆରମ୍ଭ ହେଉଥିବା ବେଳେ ସହରରେ ଜନଗହଳି ବୃଦ୍ଧିପାଇବ। ସହର ସମେତ ଜିଲ୍ଲା ଓ ବାହାର ଜିଲ୍ଲାର ଲୋକମାନେ ଜୟପୁର ଦଶହରା ଦେଖିବା ପାଇଁ ଏଠାରେ ଭିଡ ଜମାଇବେ। ତେଣୁ ଏହା ପୂର୍ବରୁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସୁରକ୍ଷା ବ୍ୟବସ୍ଥା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ସହରର ସମସ୍ତ ପୂଜାମଣ୍ଡପ ସମ୍ମୁଖରେ ପୁଲିସ ଉପସ୍ଥିତ ରହିବା ସହ ସିସି କ୍ୟାମେରା ଗୁଡିକ ସଂଯୋଗ କରାଯାଇଛି। ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିବା ମାତ୍ରେ ପୁଲିସ ଥାନାକୁ ଆଣି ପଚରାଉଚରା କରିବା ସହ ଅନ୍ୟାନ୍ୟ ଯାଞ୍ଚ କରିବ। ଜୁଆ ଆଡ୍ଡା ଓ ବେଆଇନ ମଦ ବିକ୍ରି କେନ୍ଦ୍ର ଉପରେ ଚଢ଼ଉ କରାଯିବା ସହ ସ୍ଥାନୀୟ ଅପରାଧିମାନଙ୍କୁ ଆବଶ୍ୟକ ସ୍ଥଳେ ଅଟକ ରଖାଯିବ। ଟାଉନଥାନା ପକ୍ଷରୁ ସହରର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ବେଳେ ଗ୍ରାମାଞ୍ଚଳର ଅପରାଧିମାନଙ୍କୁ ନିୟନ୍ତ୍ରଣ ପାଇଁ ସଦରଥାନା ପୁଲିସ ସତର୍କ ରହିଛି। ଏକାଧିକ ମାମଲା ରହିଥିବା ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ସହ ସେମାନଙ୍କୁ କୌଣସି ଅଘଟଣ ସାମିଲ ନ ହେବା ପାଇଁ ତାଗିଦ କରାଯାଇଛି। ସହରରେ ଅନ୍ୟାନ୍ୟ ଚୋରି, ଲୁଟେରାରଙ୍କ ସମେତ ଗଞ୍ଜେଇ ମାଫିଆଙ୍କ ଉପରେ ଅଧିକ ଦୃଷ୍ଟି ରଖାଯାଇଛି। ସେହିପରି ପିସିଆର ଗାଡି ୨୪ ଘଣ୍ଟିଆ ପଇଁତରା ମାରିବା ସହ ଦ୍ରୁତଗତିରେ ବାଇକ ଚାଳକଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପାୱାର ହାଉସ ଛକ ଠାରୁ ହାତୀଶାଳ ଛକ, ପୁରୁଣାଗଡ ଛକ ଏବଂ ଗାନ୍ଧୀ ଛକ ପର୍ଯ୍ୟନ୍ତ, ଖ୍ରୀଷ୍ଟିଆନ ସାହି ଛକ ଠାରୁ ପଞ୍ଚାନନ ମନ୍ଦିର, ଜୟନଗର ଛକ ଠାରୁ ଗ୍ଲୋକାଲ ହସପିଟାଲ ଛକ ଏବଂ ଗାନ୍ଧୀଛକ କେନାଲ ରାସ୍ତା ଠାରୁ ତେଲିଗୁଡ଼ା ରାସ୍ତା ଛକ ପର୍ଯ୍ୟନ୍ତ ପୁଲିସ ଗାଡି ପକ୍ଷରୁ ପଇଁତରା ମରାଯିବ। ସହରରେ ରହିଥିବା ୯ଟି ପୂଜା ମଣ୍ଡପଠାରେ ପୁଲିସ ପକ୍ଷରୁ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। କିଛି ଚିହ୍ନଟ ସ୍ଥାନରେ ଅସ୍ଥାୟୀ ଚାରି, ତିନି ଏବଂ ଦୁଇ ଚକିଆ ପାର୍କିଂ ବ୍ୟବସ୍ଥା କରାଯାଇଛି। ଜୟପୁର ବାସିନ୍ଦା ପକ୍ଷରୁ କୌଣସି ସନ୍ଦିଗ୍ଧ ଲୋକ କିମ୍ବା କୌଣସି ଅଘଟଣ ଘଟିଲେ ପୁଲିସକୁ ସୂଚନା ଦେବାକୁ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚାଇଛନ୍ତି।

# ସୁଙ୍ଗେର ଗ୍ରାମରେ ନେଟୱର୍କ ସମସ୍ୟା; ଜିଓ ଟାୱାର କାର୍ଯ୍ୟକ୍ଷମ ଦାବି

ଟିକିରି,୨୧।୯(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ୍ ସୁଙ୍ଗେର ପଞ୍ଚାୟତ ସଦର ମହକୁମାରେ ନେଟୱର୍କ ସମସ୍ୟା ଲାଗି ରହିଛି। ଗ୍ରାମରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଜନ ସଂଖ୍ୟା ରହିଥିବା ବେଳେ ଏଠାରେ ଦୁଇ ଦୁଇଟି ମୋବାଇଲ ନେଟୱର୍କ ଟାୱାର ରହିଛି। ସେଥିରୁ ଗୋଟିଏ ଚାଲୁଥିବା ବେଳେ ଅନ୍ୟଟି ସ୍ଥାପନ ପରଠୁ କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି। ସୁଙ୍ଗେର ଗ୍ରାମବାସୀ ଏକ ମାତ୍ର ବିଏସ୍ଏନ୍ଏଲ୍ ନେଟୱର୍କ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଅନେକ ସମୟରେ ବିଏସ୍ଏନ୍ଏଲ୍ ନେଟୱର୍କ ରହୁନଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି। ବହୁ ବର୍ଷ ଧରି ଏହି ଅସୁବିଧା ଲାଗିରହିଛି। କିନ୍ତୁ ଆଜି ଯାଏଁ କାହାର ନଜର ପଡ଼ିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ନେଟୱର୍କ ସମସ୍ୟା ଯୋଗୁଁ ଅନଲାଇନ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା



ସୁଙ୍ଗେର ଗ୍ରାମର ଛାତ୍ରଛାତ୍ରୀମାନେ କହିଛନ୍ତି। ଏହି ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଓ ଗୋଟିଏ ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ଭାରତୀୟ ଷ୍ଟେଟବ୍ୟାଙ୍କ ଏକ ଶାଖା ଓ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ସମସ୍ତ ଅନଲାଇନ ସରକାରୀ କାର୍ଯ୍ୟ ପାଇଁ ବିଏସଏନଏଲ ଉପରେ ହିଁ ନିର୍ଭର କରନ୍ତି। ବିଏସ୍ଏନ୍ଏଲ୍ ନେଟୱର୍କ ସବୁବେଳେ ରହୁ ନଥିବାରୁ ସବୁ ସମୟରେ ଅସୁବିଧା ହେଉଥିବା ଗ୍ରାମବାସୀ କହିଛନ୍ତି। ସୁଙ୍ଗେର ଗ୍ରାମରେ ବହୁବର୍ଷ ପୂର୍ବରୁ ଏକ ଜିଓ ଟାୱାର ରହିଥିଲେ ମଧ୍ୟ ଯନ୍ତ୍ରାସ ଲାଗି ନଥିବାରୁ ସେବା ମିଳିପାରୁ ନାହିଁ । ଆଖପାଖ ଅଞ୍ଚଳରେ ଜିଓ ନେଟୱର୍କ ରହିଥିବା ବେଳେ ପଞ୍ଚାୟତସଦର ମହକୁମାଠାରେ ନେଟୱର୍କ ନଥିବା ଦୁର୍ଭାଗ୍ୟର ବିଷୟ ବୋଲି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଜିଓ ଟାୱାରକୁ କାର୍ଯ୍ୟକ୍ଷମ କରି ଅଞ୍ଚଳର ନେଟୱର୍କ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସକାଳ THE SAKALA



# ଡାକ୍ତରଖାନାରୁ ପ୍ରସୂତି ଚମ୍ପଟ

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ଡାକ୍ତରଖାନାରେ ପିଲା ଜନ୍ମ କରିଥିବା ଜଣେ ମହିଳା ଡାକ୍ତରଙ୍କ ଅଗୋଚରରେ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଘଟଣା ସଂପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷ ଧର୍ମଶାଳା ଥାନାରେ ଲିଖିତ ଭାବେ ଜଣାଇବା ପରେ ପୁଲିସ୍ ଘଟଣାର ତଦନ୍ତ ଚଳାଇଥିଲା।

ସୂଚନା ଅନୁଯାୟୀ ଜେନାପୁର ଥାନା ଅନ୍ତର୍ଗତ ମହିଶରା ଗ୍ରାମର ଜଣେ ବିଧବା ଗର୍ଭବତୀ ମହିଳା ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତୀ ହୋଇଥିଲେ। ଉକ୍ତ ମହିଳାଙ୍କ ସ୍ୱାମୀ ୩ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିବା ବେଳେ ବିଧବା ମହିଳାଙ୍କ ପୂର୍ବରୁ ୩ଟି ପିଲା ରହିଛନ୍ତି। କିଛିଦିନ ହେଲା ସେ ପିଲାମାନଙ୍କୁ ଶାଶୂ ଘରେ ଛାଡ଼ି ବାପାଙ୍କ ଘରେ ରହୁଥିଲେ। ତେବେ ଗତ ୧୮ ତାରିଖରେ ଗର୍ଭଯନ୍ତ୍ରଣା ହେବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସାଙ୍ଗରେ କେବଳ ଜଣେ ଛୋଟ ଝିଅ ଆସିଥିଲା। ଶୁକ୍ରବାର ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ମା' ଓ ପିଲାର ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା। ଆଜି ସକାଳୁ ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥାନ୍ତେ। ମାତ୍ର ଏହା ପୂର୍ବରୁ ସେ ଶିଶୁପୁତ୍ରକୁ ନେଇ ଡାକ୍ତରଖାନାରୁ ଚମ୍ପଟ ମାରିଥିବା ଜଣାପଡିଛି। ତେବେ ମହିଳା ଜଣକ ଲୋକଲଜ୍ଜା ଭୟରେ ଡିସଚାର୍ଜ ପୂର୍ବରୁ ଡାକ୍ତରଖାନାରୁ ଖସିଯିବାରେ ସକ୍ଷମ ହୋଇଛନ୍ତି। ଅନ୍ୟପଟେ ଏନେଇ ତା' ଶାଶୁଘର ଲୋକ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ ଉକ୍ତ ମହିଳାଙ୍କୁ ଠାବ କରାଯାଇପାରି ନାହିଁ।

■ ଡିଏମ୍‌ଏଫ୍‌ରୁ ବ୍ୟାସନଗର ଓ ପାଣିକୋଇଲିକୁ ବାଦ

# ଆଜି ଏଡିଏମ୍ ଅଫିସ୍ ଘେରିବ ବିଜେଡି

ବ୍ୟାସନଗର,୨୧।୯ (ସମିସ): ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି ବା ଡିଏମ୍‌ଏଫ୍‌ରୁ ବ୍ୟାସନଗର ଏବଂ ପାଣିକୋଇଲିକୁ ବାଦ ଦିଆଯିବା ନେଇ ଯାଜପୁର ଜିଲ୍ଲା ବ୍ୟାସନଗର ଏବଂ ପାଣିକୋଇଲିରେ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ସବୁ ଶ୍ରେଣୀର ଲୋକ ଘୋର ବିରୋଧ କରିବା ସହିତ ଏନେଇ ଡବଲ ଇଂଜିନ ସରକାରର ଦୋଷ ଦୁର୍ବଳତାକୁ ପଦାରେ ପକାଇଛନ୍ତି। ତେବେ ପୂର୍ବ ବିଜେଡି ସରକାର ସମୟରେ ବ୍ୟାସନଗର ଏବଂ ପାଣିକୋଇଲିରେ ଡିଏମଏଫ୍ ଅର୍ଥ ବ୍ୟବହାର କରାଯାଉଥିବା ବେଳେ ଏବେ ସରକାର ପରିବର୍ତ୍ତନ ପରେ ଏପରିକି କୋରେଇରେ ବିଜେପି ବିଧାୟକଙ୍କୁ କୋରେଇ ବାସୀ ନିର୍ବାଚିତ କରିଥିବା ବେଳେ କୋରେଇ ପ୍ରତି ଏଭଳି ପ୍ରତାରଣା ବ୍ୟଥିତ କରିଛି। ତେବେ ଏହି ସମସ୍ୟା ନେଇ ସୋମବାର କୋରେଇ ଏବଂ ବ୍ୟାସନଗର ବିଜେଡି ପକ୍ଷରୁ ଏକ ପଦଯାତ୍ରା ଏବଂ ଦାବିପତ୍ର କାର୍ଯ୍ୟକ୍ରମ କରାଯିବା ସହିତ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିବା ବ୍ୟାସନଗର ନଗର ବିଜେଡି ସଭାପତି ଅମୂଲ୍ୟ କୁମାର ନାୟକ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀପୂଜା ପାଇଁ ମାଟି ଉଠାଣ



ପାଣିକୋଇଲି,୨୧।୯ (ସମିସ): ପାଣିକୋଇଲି ପଥରପଦା ଲକ୍ଷ୍ମୀବିହାର ପକ୍ଷରୁ ଚଳିତ ବର୍ଷ ଲକ୍ଷ୍ମୀପୂଜା ପାଇଁ ପବିତ୍ର ମହାଳୟା ଅମାବାସ୍ୟାରେ ମାଟି ଉଠାଣ କାର୍ଯ୍ୟ ଆରମ୍ଭ ହୋଇଛି। ୯ମ ବାର୍ଷିକ ଲକ୍ଷ୍ମୀପୂଜା ପାଇଁ ଆଜି ମାଟି ଉଠାଣ ଅବସରରେ ଅନୁଷ୍ଠାନର ସଭାପତି ସତ୍ୟାନନ୍ଦ ମହାରଣା, ସମ୍ପାଦକ କୁଳମଣି ଦାସ, ନିଳମଣି ନାୟକ, ଭଜହରି ମାଝୀ, ସନ୍ତୋଷ ପାତ୍ର, ଶୋଭିନ ପରିଡା, ସେମାନାଥ ନାୟକ, ସୁକାନ୍ତ ପ୍ରଧାନ, ନିଳମଣି ଦାସ, ଆଦିତ୍ୟ ବାରିକ, ନିରଞ୍ଜନ ବେହେରା ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

■ ଶିଶୁଶ୍ରମିକ ରଖିଅଡୁଆରେ ପ୍ରଧାନ ଶିକ୍ଷୟିତ୍ରୀ

# କୈଫିୟତ ତଲବ କଲା ଶିକ୍ଷା ବିଭାଗ

ଯାଜପୁର,୨୧।୯ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟୀ ପଞ୍ଚାୟତ ଅନ୍ତର୍ଗତ ବେଲହାରୀ ଗ୍ରାମର ଷୋଳମାଣିଆ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସଏ ନିଜ ଘର କାମ ପାଇଁ ଦୀର୍ଘ ସାତ ବର୍ଷ ଧରି ଏକ ଶିଶୁ କନ୍ୟାକୁ ଶିଶୁଶ୍ରମିକ ଭାବରେ ରଖିଥିଲେ। ଏ ସଂକ୍ରାନ୍ତରେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଶ୍ରୀ ଦାସ ଜିଲ୍ଲାପାଳଙ୍କୁ ଏହି ଶିଶୁ ଶ୍ରମିକଟିକୁ ଉଦ୍ଧାର କରି ଶିକ୍ଷା ସହିତ ସାମିଲ କରିବା ନିମନ୍ତେ ଅନୁରୋଧ କରିଥିଲେ। ଏହି ଘଟଣାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିଶୁଶ୍ରମିକ ଉଦ୍ଧାରକାରୀ ଟାକ୍ସଫୋର୍ସ ବେଲହାରୀ ଗ୍ରାମରେ ମିନତୀଙ୍କ ଘରେ ଚଢଉ କରି ୧୩ବର୍ଷୀୟ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ଉକ୍ତ ଶିଶୁ କନ୍ୟାଟି ମୟୂରଭଞ୍ଜ ଜିଲ୍ଲାର। ଏହି ଶିଶୁକନ୍ୟାର ପିତାମାତାଙ୍କ ମୃତ୍ୟୁ ପରେ ଏହି ଦମ୍ପତି ଶିଶୁକନ୍ୟାଟିକୁ ଘରେ ରଖି ଶ୍ରମିକ ଭାବରେ ଘର କାମ କରାଉଥିଲେ ବୋଲି ଶିଶୁଟି ବୟାନ ଦେଇଛି। ଏହି ସମୟରେ ଶିଶୁଟିର ଭବିଷ୍ୟତ ବିକାଶ ଚିନ୍ତା ନକରିବା ଓ ଶିକ୍ଷା ଅଧିକାର ପରି ସମସ୍ତ ମୌଳିକ ଅଧିକାରରୁ ବଞ୍ଚିତ କରିବା ଘଟଣା ଶିଶୁର କାଉନସେଲିଂ ବେଳେ ଜଣାପଡିଛି। ଶିଶୁଟି ଏବେ ଶିଶୁମଙ୍ଗଳ କମିଟିର ନିର୍ଦ୍ଦେଶ କ୍ରମେ ଅସ୍ଥାୟୀ ଭାବରେ ସରକାରୀ ଅନୁଷ୍ଠାନରେ ଥଇଥାନ କରାଯାଇଛି। ଏହି ଘଟଣାକୁ ଶିଶୁ ସୁରକ୍ଷା ୟୁନିଟର ଚାଇଲ୍ଡ ଲାଇନ ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସ କଳିଙ୍ଗନଗର ଥାନାରେ ଏତଲା ଦେଇଥିବା ବେଳେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖିଥିଲେ। ତେଣୁ ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀଙ୍କ ପତ୍ର ନଂ-୧୮୪୨ରେ ମିନତି ସଏଙ୍କୁ ତିନି ଦିନ ମଧ୍ୟରେ ଜବାବ ରଖିବା ପାଇଁ କାରଣ ଦର୍ଶାଅ ନୋଟିସ ଜାରି ରଖିଛନ୍ତି। ନଚେତ ଆଇନଗତ ପଦକ୍ଷେପ ପାଇଁ ଚେତାବନୀ ଦେଇଛନ୍ତି। ସେହିପରି କଳିଙ୍ଗନଗର ଥାନା ପୁଲିସ ଏଘଟଣାକୁ କେଶ ନଂ- ପଞ୍ଜିକୃତ କରିବା ସହ ଶିଶୁଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ-୨୦୧୬ ଧାରା ୧୪(୧), ଶିଶୁ ଓ କିଶୋର ଆଇନ -୨୦୧୫ ଧାରା-୭୫ ଓ ୭୯, ବନ୍ଧୁଆ ଶ୍ରମିକ ଆଇନ-୧୯୭୬, ଧାରା- ୧୬ ସାମିଲ ହୋଇଛି।

ମୁଣ୍ଡରେ ହାତ ଦେଲେଣି ଚାଷୀ

# ଧାନ ପାଇଁ ସାର ସଙ୍କଟ

ଦଶରଥପୁର,୨୧।୯ (ସମିସ):



ଖରିଫ ଧାନ ଫସଲ ପାଇଁ ଏବେ ଆବଶ୍ୟକ ପଡୁଥିବା ବିଭିନ୍ନ ପ୍ରକାରର ସାର ଚାହିଦା ରହିଥାଏ। କିନ୍ତୁ ସରକାରୀ ଗୋଦାମ ଓ ଲାଇସେନ୍ସପ୍ରାପ୍ତ ସାର ଦୋକାନରେ ସାର ଉପଲବ୍ଧ ନଥିବାରୁ ଦଶରଥପୁର ବ୍ଲକର ଖରିଫ ଧାନ ଚାଷୀମାନଙ୍କୁ ନିରାଶ ହେବାକୁ ପଡୁଛି। ବିଶେଷକରି ୟୁରିଆ ସାର ମିଳୁନଥିବାରୁ ବ୍ଲକର ଧାନ ଚାଷୀମାନେ ବିକଳ୍ପ ଭାବେ ଗ୍ରୋମର ଓ ଡିଏପି ସାର ଉପରେ ନିର୍ଭର କରୁଥିବା ସୁଯୋଗରେ କଳା ବଜାରୀ ମାନେ ବିଭିନ୍ନ ସାରକୁ ଗୋପନୀୟ ଭାବରେ ମହଜୁଦ କରି ୨ରୁ ୪ଗୁଣା ଦରରେ ବିକ୍ରୀ କରୁଥିବା ଅଭିଯୋଗ ହେଉଛି। ଫଳରେ ସାଧାରଣ ଚାଷୀଙ୍କ ପରିସ୍ଥିତି ଆହୁରି ସାଙ୍ଘାତିକ ଦୁର୍ଦ୍ଦଶାରେ ପହଞ୍ଚିଛି। ଜିଲ୍ଲା ଓ ବ୍ଲକ କୃଷି ବିଭାଗ ନିକଟରେ ଅଭିଯୋଗ ପହଞ୍ଚିଥିଲେ ମଧ ପ୍ରଶାସନ ଏହାର ତଦନ୍ତ ନକରି ନିରବ ବସିଥିବା ଅଭିଯୋଗ ହୋଇଛି। ବିନା ଲାଇସେନ୍ସରେ ଅନେକ ଦୋକାନୀ ୟୁରିଆ ସାରକୁ ବସ୍ତା ପିଛା ଅଧିକ ୨ଶହରୁ ୩ଶହ ଟଙ୍କାରେ ବିକ୍ରୀ କରୁଥିବା ବେଳେ ବ୍ଲକରେ ୟୁରିଆ ସାରରେ କୃତ୍ରିମ ସଙ୍କଟ ପରିଲକ୍ଷିତ ହୋଇଛି। ଏବେ ଧାନ ଗଛରେ ସାର ପ୍ରୟୋଗର ଆବଶ୍ୟକତା ରହିଛି। ମାତ୍ର ସାର ସଙ୍କଟ ଯୋଗୁ ଧାନ ଗଛ ସବୁ ହଳଦିଆ ପଡିବା ଆରମ୍ଭ କଲାଣି। ଫଳରେ ଆଗକୁ ଧାନ ମଧ ଭଲ ଫଳିବନି। ଏଭଳି ସ୍ଥିତିରେ ବ୍ଲକର ଧାନଚାଷୀ ହତାଶ ହୋଇପଡିଛନ୍ତି। କେତେକ ଚାଷୀ ଚଢା ଦରରେ ସାର କିଣୁଥିବା ଅଭିଯୋଗ ହୋଇଛି। ବିଶେଷକରି ୟୁରିଆ ସାର ବସ୍ତା ପିଛା ୨୯୬ ଟଙ୍କା ଥିବା ବେଳେ ତାହା ଏବେ କେଉଁଠି ୫୫୦ ଟଙ୍କା ତ କେଉଁଠି ୬୦୦ଟଙ୍କା ଦେଇ ଚାଷୀଙ୍କୁ କିଣିବାକୁ ପଡୁଛି। ସେହିପରି ଗ୍ରୋମର ସାର ବସ୍ତା ସରକାରୀ ମୂଲ୍ୟ ୧୮ ଶହ ଟଙ୍କା ଥିବାବେଳେ ଏହାର କୃତ୍ରିମ ଅଭାବ ଦର୍ଶାଇ ଖୋଲା ଭାବେ ବସ୍ତା ପିଛା ୩୭ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଯାହା ସରକାରୀ ମୂଲ୍ୟର ୨ ଗୁଣରୁ ଅଧିକ ରହିଥିବା ଦେଖିବାକୁ ମିଳୁଛି। ଦଶରଥପୁର ବ୍ଲକରେ ୧୩ଟି ପ୍ୟାକ୍ସ କାର୍ଯ୍ୟକ୍ଷମ ଥିବା ବେଳେ ରାଜ୍ୟ କୃଷି ସଚିବଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ଗୋଟିଏ ହେଲେବି ପ୍ୟାକ୍ସରେ ଆବଶ୍ୟକ ସାର ନଥିବାରୁ ଚାଷୀ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ କଳାବଜାରୀନଙ୍କ ପାଇଁ ଏଭଳି ସ୍ଥିତି ମୋଟା ଅଙ୍କର କଳା ଧନ ରୋଜଗାର ପାଇଁ ସୁଯୋଗ ସୃଷ୍ଟି କରିଛି।

# ପୂର୍ବତନ ଜିଲ୍ଲାପରିଷଦ ସଭ୍ୟାଙ୍କ ବିୟୋଗ

ବଡଚଣା,୨୧।୯ (ସମିସ): ବଡଚଣା ବ୍ଲକ ୧୭ନମ୍ବର ଜିଲ୍ଲା ପରିଷଦର ପୂର୍ବତନ ସଭ୍ୟା ସୁମତୀ ବାସ୍କେ (୩୬) ଙ୍କର ଆଜି କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ ଚାରି ଦିନ ତଳେ ପେଟ ଓ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଶ୍ରୀମତୀ ବାସ୍କେ ବିଜେଡିରୁ ୨୦୧୭ରୁ ୨୦୨୨ପର୍ଯ୍ୟନ୍ତ ବଡଚଣା ୧୭ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ସୀତାକାନ୍ତ ମହାପାତ୍ର, କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ସମେତ ବହୁ ରାଜନେତା ଶୋକ ପ୍ରକାଶ କରିଛନ୍ତି।

# ଶିଶୁକୁ ବିଷ ପିଆଇବା ଘଟଣା; ଯୁବତୀ ଗିରଫ

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ଥାନା ଭବାନୀପୁର ପଞ୍ଚାୟତ ଭୁବନ ଗ୍ରାମରେ ଶିଶୁପୁତ୍ରକୁ ବିଷ ପିଆଇଥିବା ଘଟଣାରେ ପୁଲିସ୍ ଜଣେ ଯୁବତୀକୁ ଗିରଫ କରିଥିବା ଜଣାପଡିଛି। ଗିରଫ ଯୁବତୀ ଭୂବନ ଗ୍ରମର ମଧୁସ୍ମିତା ମହାନ୍ତି(୨୦) ବୋଲି ଜଣାପଡିଛି। ଅଭିଯୋଗ ଅନୁସାରେ, ଗତ ୮ ତାରିଖ ସକାଳ ସମୟରେ ଭୁବନ (ବଡ଼ମାଳସାହି) ଗ୍ରାମର ହିମାଂଶୁ ଶେଖର ମହାନ୍ତିଙ୍କ ଦେଢ଼ ବର୍ଷର ପୁଅ ଆଦର୍ଶକୁ ଖେଳାଇବା ପାଇଁ ପଡ଼ୋଶୀ ଦୁଃଶାସନ ମହାନ୍ତିଙ୍କ ଝିଅ ମଧୁସ୍ମିତା ନିଜ ଘରକୁ ନେଇ ଯାଇଥିଲା। କିଛି ସମୟ ପରେ ଆଦର୍ଶକୁ ତାଙ୍କ ଘରେ ଛାଡ଼ି ଦେଇଥିଲା। ଘରେ ପହଞ୍ଚିବା ପରେ ଶିଶୁଟି ଅସୁସ୍ଥ ହୋଇପଡ଼ିଥିଲା। ପରିବାର ଲୋକ ଶିଶୁକୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାକୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ବେଳେ ସେ ବିଷ ପିଇଥିବା ଜଣାପଡ଼ିଥିଲା। ଏ ସଂପର୍କରେ ଶିଶୁର ବାପା ହିମାଂଶୁ ମହାନ୍ତି ଥାନାରେ ଏତଲା ଦେଇଥିଲେ। ପୁଲିସ୍ ୫୬୪/୨୫ ନମ୍ବରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ତେବେ ଗତ ୧୮ ତାରିଖରେ ଆଦର୍ଶ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଶୁଶୁଟିକୁ ବିଷ ଦିଆଯାଇଥିବା ଜଣାପଡିଥିଲା। ଏନେଇ ପୁଲେସ ଘଟଣାର ଅଧିକ ତଦନ୍ତ କରି ବିଷ ପିଆଇଥିବ ଯୁବତୀ ମଧୁସ୍ମିତାକୁ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ପୋଖରି ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପାଣିକୋଇଲ,୨୧।୯ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ବର୍ତ୍ତମଣା ଗ୍ରାମରେ ପୋଖରୀରେ ବୁଡ଼ି ଆଜି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଗ୍ରାମର ନାରାୟଣ ମୁଦୁଲି (୭୩) ଆଜି ସକାଳେ ଗାଁ ପଦ୍ମପୋଖରୀକୁ ଶୌଚ ହେବାକୁ ଯାଇ ଗଭୀର ଜଳରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ଏହା ଦେଖି ତାଙ୍କୁ ପାଣିରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ



ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଏକ ଅପମୃତ୍ୟୁ ମାମଲା ୩୪/୨୫ ରୁଜୁ ହୋଇଥିଲା। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ପଞ୍ଚନାମା କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲା। ପରେ ଶବ ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଶେଷରେ ନାତି ପ୍ରିୟାଂଶୁ ମୁଦୁଲି ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ନାରାୟଣଙ୍କ ଏକମାତ୍ର ପୁତ୍ର ନରେନ୍ଦ୍ର କରୋନାରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ଫଳରେ ନରେନ୍ଦ୍ରଙ୍କ ଦୁଇ ପୁତ୍ରର ଏକମାତ୍ର ଭରଷା ସାଜିଥିଲେ ନାରାୟଣ। ଘରେ ଜଣେ ଭଉଣୀ ମଧ ବିବାହ ନକରି ଟିଉସନ କରି ପରିବାରର ଚଳାଉଛନ୍ତି। ଏବେ ନାରାୟଣଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡିଛି।

# ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ୱାଗତ ଉତ୍ସବ

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ



ବିଦ୍ୟାଳୟ ପକ୍ଷରୁ ଆଜି ଅପରାହ୍ନରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରବି ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ସର୍ବଦା ଶିକ୍ଷାର ଗୁରୁତ୍ୱକୁ ଅନୁଭବ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ବିନୟ କୁମାର ମହାନ୍ତି, ତ୍ରିଲୋଚନ ରାଉତ, ଅଧ୍ୟାପକ ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ସ୍ୱାଗତ କରିବା ପରମ୍ପରା ବହୁ ପୁରାତନ। ଏହି ପ୍ରକ୍ରିୟା ଉଭୟଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବ ବୋଲି ଆଲୋକପାତ କରିଥିଲେ। ଅଧ୍ୟାପିକା ସ୍ମିତାରାଣୀ ରାଉତ ଧନ୍ୟବାଦ ଦେଇଥିଲେ।

ହାତୀ ଘଉଡ଼ାଇବା ବେଳେ ଫରେଷ୍ଟରଙ୍କୁ ମାଡ଼

# ଅଭିଯୋଗରେ ଜଣେ ଗିରଫ

ଦାନଗଦି,୨୧।୯ (ସମିସ): ଦାନଗଦି ବ୍ଲକ ଗୋବର୍ଦ୍ଧନପୁର (ମାନପୁର) ଗାଁକୁ ଶନିବାର ସନ୍ଧ୍ୟାରେ ହାତୀ ଘଉଡ଼ାଇବା ପାଇଁ ଆସିଥିବା ଦେଉଗାଁ ଫରେଷ୍ଟର ବନ୍ୟ ପ୍ରାଣୀ ସେକ୍ସନର ଫରେଷ୍ଟର ମଙ୍ଗୁଳି ଚରଣ ସାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ଟମକା ଥାନାରେ ଅଭିଯୋଗ ହୋଇଥିଲାଫ ଘଟଣାର ତଦନ୍ତ କରି ପୁଲିସ କେସ ନମ୍ବର ୧୮୮/୨୫ରେ ମାମଲା ରୁଜୁକରି ବ୍ୟକ୍ତି ଜଣକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛନ୍ତି। ଅଭିଯୋଗ ମୁତାବକ କେନ୍ଦୁଝର ଜିଲ୍ଲା ଓରାଳି ଗ୍ରାମର ମଙ୍ଗୁଳି ଚରଣ ସା (୩୮) ଦେଓଗାଁ ବନ୍ୟ ପ୍ରାଣୀ ସେକ୍ସନ୍‌ରେ ଫରେଷ୍ଟର ଭାବରେ କାର୍ଯ୍ୟ କରନ୍ତି। ସେ ଓ ତାଙ୍କର ଷ୍ଟାଫ ଟମକା ଫରେଷ୍ଟର ଓ ତାଙ୍କ ଷ୍ଟାଫଙ୍କୁ ହାତୀ ଘଉଡ଼ାଇବାରେ ସହଯୋଗ କରିବା ପାଇଁ ମାନପୁରକୁ (ଗୋବର୍ଦ୍ଧନପୁର) ଆସିଥିଲେ। ହାତୀ ଘଉଡ଼ାଇବା ସମୟରେ ଟମକା ଗ୍ରାମର ଜ୍ଞାନରଞ୍ଜନ ମହାପାତ୍ର କେନ୍ଦୁଝର ଫରେଷ୍ଟରଙ୍କ ଖାକି ପୋଷାକକୁ ଧରି ଟଣାଓଟରା କରିବା ସହିତ ମାଡ଼ ମାରି ଅସଭ୍ୟ ଭାଷାରେ ଗାଳଗୁଲଜ କରିବା ସହିତ ତାଙ୍କର ଅନ୍ୟ ଷ୍ଟାଫମାନଙ୍କୁ ଗାଳି କରି ବାଡ଼େଇ ଥିଲା। ପରେ ଫରେଷ୍ଟର ଶ୍ରୀ ସା ଟମକା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ।

# ଶରତପାଳ କଲେଜ ଅଧକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ପାଲବିହାର , ମହୁଲବରାଇ , ସାରସକଣା ଅଧକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ ରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼.ସୁଦର୍ଶନ ମିଶ୍ର ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ସାହୁଙ୍କ ସନ୍ଦର୍ଭଟି "KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA". ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱ ବିଦ୍ୟାଳୟର Profesor Keisham Shitaljit Singh (Head Dept . Education)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେର୍ଣ୍ଣା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟା ଦେବୀ ମା' ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ଼.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଶରତ କୁମାର ରାଉତ ନିଜ ପିତାମାତା , ଧର୍ମପତ୍ନୀ ମିନାରାଣୀ ସାହୁ , କନ୍ୟା ଶ୍ରୁତିରେଖା ସାହୁ, ପୁତ୍ର ପ୍ରିତମ କୁମାର ସାହୁ , ସମସ୍ତ ପରିବାର ବର୍ଗ , ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

# ଦୁଇଟି ଓଭରଲୋଡ୍ ହାଇୱା ଜବତ

ବଡ଼ଚଣା,୨୧।୯ (ସମିସ):

ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଆଞ୍ଚଳିକ ପରିବହନର ଟିଆଇ

## ପୁଲିସ୍ ଖସାଇ ଦେବାକୁ ମସୁଧା

ଯୁଗଳ କିଶୋର ତିରିଆ ସୁଭଦ୍ରାପୁର ନିକଟସ୍ଥ ଜାତୀୟ ରାଜପଥ ନିକଟରୁ ଦୁଇଟି ଓଭରଲୋଡ ହାଇୱା ଜବତ କରିଛନ୍ତି। ଚଣ୍ଡିଖୋଲ ଅଞ୍ଚଳ ଦେଇ ପ୍ରତ୍ୟେକ ଦିନ ସହ ସହ ଟ୍ରିପ୍ ବେଆଇନ ଲୁହାପଥର, ମାଙ୍ଗାନିଜ , ଚିପ୍ସ, ମେଣ୍ଟାଲ,



ମୋରମ, ବାଲି, ମାଟି, ମାଙ୍କଡ଼ା ଚୋରାଚାଲାଣ ହେଉଥିବା ପ୍ରତ୍ୟେକ ଦିନ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ସେଥିରେ ସ୍ଥାନୀୟ ଜନ ପ୍ରତିନିଧି ଏବଂ କିଛି ପ୍ରଶାସନିକ ଅଧିକାରୀଙ୍କ ମୁଲଚାଲରେ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଆଜି ଦ୍ରୁତ ଗତିରେ ଯାଉଥିବା ଦୁଇଟି ହାଇୱେ (ନଂ. ଓଡି୦୪ ଏସ୍୦୧୮୧, ଓଡି୨୯ କ୍ୟୁ୦୧୮୧) ବିନା ପାଲ ବାନ୍ଧି ଓ ଓଭରଲୋଡ଼ିଂ କରି ଯାଉଥିବା ସମୟରେ କୌଣସିମତେ ଖବର ପାଇ ଓଏମ୍‌ଭିଡି ଟିଆଇ ଯୁଗଳ କିଶୋର ତିରିଆ ଅଟକ ରଖି ଯାଞ୍ଚ କରିଥିଲେ। ସଠିକ ତଥ୍ୟ ନ ପାଇବାରୁ ଦୁଇଟି ହାଇୱାକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିରେ ଜିମା ଦେଇଥିଲେ। ପୁଲିସ ଦୁଇଟି ଜବତ ହାଇୱାକୁ ମୁଲଚାଲ କରି ଖସାଇ ଦେବାକୁ ଉଦ୍ୟମ ଜାରି ରଖିଥିବା ବିଶେଷ ସୂତ୍ରରୁ ଖବର ମିଳୁଥିବା ବେଳେ ଫାଣ୍ଡି ଅଧିକାରୀ ଆଲୋକ ଜେନାଙ୍କୁ ପଚାରିବାରୁ କୌଣସି ଜବତ ଗାଡ଼ି ବିଷୟରେ ସୂଚନା ନ ଥିବା କହିଛନ୍ତି। ଟିଆଇ ଯୁଗଳ କିଶୋର ତିରିଆ ଜବତ ଗାଡ଼ିକୁ ଚଣ୍ଡିଖୋଲ ଫାଣ୍ଡିରେ ଜିମା ଦିଆଯାଇଥିବା ସୂଚନା ଦେଇଥିଲେ।





# ବର୍ଷକରେ ଚିକିତ୍ସିତ ହୋଇଛନ୍ତି ୧୧ ଲକ୍ଷ ରୋଗୀ

**୨୬ ଲକ୍ଷରୁ ଅଧିକ ଆଭା ସଂଯୋଗୀକରଣ ● ଦେଶର ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ**




ଏମ୍ସର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୧।୯ (ସମିସ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ଆଜି ତ୍ରୟୋଦଶ ବାର୍ଷିକ ଉତ୍ସବକୁ ପ୍ରତିବଦ୍ଧତା ଓ ଉତ୍ସାହର ସହିତ ପାଳନ କରିଛି। ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବାରେ ସଫଳତା, ଡିଜିଟାଲ୍ ନବସୃଜନ ଓ ଶିକ୍ଷାଗତ ଉତ୍କର୍ଷତାର ଏହି ବର୍ଷରେ ନବସୃଜନ ଏବଂ ଗବେଷଣାକୁ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱରର ପ୍ରଥମ ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପୂର୍ବ ଭାରତରେ ଚିକିତ୍ସା ସେବାକୁ ରୂପାନ୍ତରିତ କରିବାରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅବଦାନକୁ ସେ ପ୍ରଶଂସା କରିଥିଲେ। ଡ. ମହାପାତ୍ର ତାଙ୍କ ଅଭିଭାଷଣରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଏମ୍ସ ଭୁବନେଶ୍ୱରକୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏମ୍ସ ଭୁବନେଶ୍ୱରର ପ୍ରଗତି ପଛରେ ସାମୂହିକ ପ୍ରୟାସକୁ ଶ୍ରେୟ ଦେଇଥିଲେ।

ଏମ୍ସ ପକ୍ଷରୁ କରାଯାଉଥିବା ସାମଗ୍ରିକ ରୋଗୀ ସେବା ଓ ଜୀବନ ରକ୍ଷାକାରୀ ଅସ୍ତ୍ରୋପଚାରର ଶ୍ରେୟ ଆମର ଉତ୍ସର୍ଗୀକୃତ ଦଳର ବୋଲି ସେ କହିଥିଲେ। ଖୁବ୍‌ଶୀଘ୍ର ଏମ୍ସ ଭୁବନେଶ୍ୱରରେ ଯକୃତ ପ୍ରତିରୋପଣ, ସ୍କିନ୍ ବ୍ୟାଙ୍କ ସହିତ ଅନ୍ୟାନ୍ୟ ଏକାଧିକ ରୋଗୀ କଲ୍ୟାଣକାରୀ ସୁବିଧା ପ୍ରତିଷ୍ଠା ହେବାକୁ ଯାଉଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଏମ୍ସରେ ଗତ ଏକ ବର୍ଷରେ ୧୧ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ସେହିପରି ଆଭା (ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ) ପଞ୍ଜୀକରଣ ମାଧ୍ୟମରେ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯୋଗାଇ ଦିଆଯାଇଛି। ୨୦୨୫ ଶିକ୍ଷାବର୍ଷ

### ରୋଗୀସେବାରେ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ

ପାଇଁ ଏମ୍ସକୁ ଏନ୍ଆଇଆରଏଫ୍‌ରେ ୧୪ତମ ସ୍ଥାନ ମିଳିଛି। ଯାହାକି ସମଗ୍ର ପୂର୍ବ ଭାରତରେ ଶ୍ରେଷ୍ଠ। ୨୦୨୧ରେ ଏମ୍ସକୁ ୩୧ତମ ସ୍ଥାନ ମିଳିଥିଲା। ଏଥିସହିତ ଇଣ୍ଡିଆ ଟୁଡେ ସର୍ଭେରେ ମଧ୍ୟ ଦେଶରେ ଏହି ପ୍ରତିଷ୍ଠାନ ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ ଭାବେ ସ୍ଥାନିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଡିନ୍ (ଏକାଡେମିକ୍ସ) ଡ. ପି ଆର ମହାପାତ୍ର, ଡିନ୍ (ଗବେଷଣା) ଡ. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ଭାରପ୍ରାପ୍ତ ମେଡିକାଲ୍ ଅଧୀକ୍ଷକ ଡ. ଅଶୋକ କୁମାର ଜେନା, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂ, ଡିଡିଏ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

ଏହିଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାର୍ଷିକ ସ୍ମରଣିକା "ଦି ଇନ୍‌ସାଇଟ୍"କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

### ପେସା ସ୍ୱାସ୍ଥ୍ୟସେବା, ନିଶା ଫଟୋଗ୍ରାଫି

ଏମ୍ସ ଭୁବନେଶ୍ୱର କାର୍ଯ୍ୟରତ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନଙ୍କଠାରେ ମଧ୍ୟ ଫଟୋଗ୍ରାଫି ଭଳି ନିଶା ରହିଛି, ତାହା ଆଜିର ଫଟୋପ୍ରଦର୍ଶନୀରୁ ସ୍ପଷ୍ଟ ହୋଇଥିଲା। ଚଳିତବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନଙ୍କ ମଧ୍ୟରେ ଏକ ଫଟୋଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ୫୦ ଫଟୋକୁ ନେଇ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଯାହାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଏମ୍ସ ଭଳି ଅନୁଷ୍ଠାନରେ ରହିଥିବା ଏପରି ସୃଜନଶୀଳ ପ୍ରତିଭାମାନଙ୍କୁ ସମସ୍ତେ ପ୍ରଶଂସା କରିଥିଲେ। ସେହିପରି ଗତ ଏକ ବର୍ଷରେ ଏମ୍ସରେ ହୋଇଥିବା ଏକାଧିକ ସଫଳତା ସମ୍ବଳିତ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

## ଭୁବନେଶ୍ୱର ରନ୍‌ୱେ ସପ୍ତାହରେ ନବୀନ କୁମାରଙ୍କ କଲେକ୍ସନ୍ସ ସ୍ଥାନିତ



ଭୁବନେଶ୍ୱର,୨୧।୯ (ସମିସ): ନବୀନ କୁମାର ଜଣେ ଅନ୍ତର୍ଜାତୀୟ ଫ୍ୟାଶନ୍ ଡିଜାଇନର୍। ଭୁବନେଶ୍ୱର ରନ୍‌ୱେ ସପ୍ତାହ ୧୩ତମ ସଂସ୍କରଣରେ ନବୀନ କୁମାରଙ୍କ କଲେକ୍ସନ୍ସ ସ୍ଥାନ ପାଇଛି। ଭାରତର ୨୦ଟି ରାଜ୍ୟ ଏବଂ ସମସ୍ତ ଛଅଟି ଜୋନ୍ ଏବଂ ବିଶ୍ୱବ୍ୟାପୀ ୧୮୦ରୁ ଅଧିକ ଫ୍ୟାଶନ୍ ଶୋ'ରେ ସେ ତାଙ୍କର ସଂଗ୍ରହ ପ୍ରଦର୍ଶନ କରି ସାରିଛନ୍ତି। ଯେଉଁଥିରେ ଲଣ୍ଡନ ଫ୍ୟାଶନ୍ ସପ୍ତାହ, ଦୁବାଇ ଫ୍ୟାଶନ୍ ସପ୍ତାହ, ଜୟପୁର ଟାଇମ୍ସ, ଦିଲ୍ଲୀ ଟାଇମ୍ସ, ବେଙ୍ଗାଲୁରୁ ଟାଇମ୍ସ ଏବଂ ଭାରତରେ ଅନ୍ୟାନ୍ୟ ଲଗଜରୀ ଫ୍ୟାଶନ୍ ସପ୍ତାହ ଅନ୍ତର୍ଭୁକ୍ତ। ଡକ୍ଟର ଏମ୍. ନବୀନ କୁମାରଙ୍କୁ ୨୦୨୫ ମସିହାରେ ଆମେରିକା ଇଣ୍ଟରନ୍ୟାସନାଲ୍ ୟୁନିଭର୍ସିଟିରୁ ସମ୍ମାନଜନକ ଡକ୍ଟରେଟ୍ ମଧ୍ୟ ପ୍ରଦାନ କରାଯାଇଛି। ଫେଦରୱିଙ୍ଗ ଏବଂ ହାତ କାମ କରାଯାଇଥିବା ସିକ୍ୱ୍ୟେନ୍ସ ପୋଷାକରେ ତାଙ୍କର ବିଶେଷତ୍ୱ ଓ ସ୍ୱତନ୍ତ୍ରତା ରହିଛି। ସେ ଦକ୍ଷିଣ ଭାରତରେ ଚଳଚ୍ଚିତ୍ର, ଧାରାବାହିକ, ଟିଭି ରିଅଲିଟି ଶୋ ଏବଂ ବିଗ୍ ବସ୍ ପାଇଁ ପୋଷାକ ମଧ୍ୟ ପ୍ରସ୍ତୁତ କରନ୍ତି।

## ବିଜେବି ଫ୍ରେଣ୍ଡସ୍ ପକ୍ଷରୁ ଗାନ୍ଧୀ ଦର୍ଶନ ପ୍ରତିଯୋଗିତା

ଭୁବନେଶ୍ୱର,୨୧।୯ (ସମିସ): ବିଜେବି କଲେଜ ପୁରାତନ ଛାତ୍ରଛାତ୍ରୀ ସଂଗଠନ "ବିଜେବି ଫ୍ରେଣ୍ଡସ୍' ପକ୍ଷରୁ ଶନିବାର ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଦର୍ଶନ ଉପରେ ଏକ ଆନ୍ତଃମହାବିଦ୍ୟାଳୟ ବକ୍ତୃତା, ରଚନା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୩ ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଦୁର୍ଗାପ୍ରସାଦ ସାହୁ ପ୍ରଥମ, ମଧୁସ୍ମିତା ସେନା ଓ ଆଲିଶା ସେନାପତି ଯୁଗ୍ମ ଦ୍ୱିତୀୟ, ଦେବାଶିଷ ବାରିକ୍ ଓ ସୋନାଲି ଚମ୍ପତି ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଇଂରାଜୀ ବିଭାଗରେ ମାନସୀ ପଣ୍ଡା ପ୍ରଥମ, ପୂର୍ଣ୍ଣମାସୀ ଶତପଥୀ ଓ ସମୀକ୍ଷା ଚୌଧୁରୀ ତଥା ଆଞ୍ଚଲ ପଣ୍ଡା ଓ ଆଦିଶ୍ୟା ମହାପାତ୍ର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୁଇଜ୍ ପ୍ରତିଯୋଗିତାରେ ଶୁଭମ୍ ନାୟକ ଓ ରୁଦ୍ର ଚୌଧୁରୀ ପ୍ରଥମ, ଆଶିଷ ମହାପାତ୍ର ଓ ସୌମ୍ୟଦୀପ୍ ମହାପାତ୍ର ଦ୍ୱିତୀୟ ଓ ମନୀଷା ରାଣୀ ପାଣ୍ଡେ ଓ ତୃପ୍ତିକା ରାଣୀ ପାଣ୍ଡେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ବିଜେବି ଫ୍ରେଣ୍ଡସ୍‌ର ସଭ୍ୟ ନମିତା ପଟ୍ଟନାୟକ, ପ୍ରଦ୍ୟୋତ ନାୟକ, ଭୁବନାନନ୍ଦ ପଣ୍ଡା, ବିଭାବରୀ ବଳ, ସମ୍ପ୍ରତି ପଣ୍ଡା ପ୍ରମୁଖ ସଞ୍ଚାଳନ କରିଥିଲେ। ଏସବୁ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେବି କଲେଜରେ ପାଳିତ ହେବାକୁ ଥିବା ଉତ୍ସବରେ ଟ୍ରଫି ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସଭାପତି ଦେବାଶିଷ ପଟ୍ଟନାୟକ ଓ ସମ୍ପାଦକ ସତ୍ୟବ୍ରତ ସୂଚନା ଦେଇଛନ୍ତି।

## ପ୍ରଦର୍ଶନୀ ମେଳା 'ୟୁନିକ୍ରାଫ୍ଟ' ଉଦ୍‌ଯାପିତ

ଭୁବନେଶ୍ୱର,୨୧।୯ (ସମିସ): ୟୁନିକ୍ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀ ମେଳା ୟୁନିକ୍ରାଫ୍ଟ ୨୦୨୫ ଜୟଦେବ ଭବନଠାରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ଚିତ୍ରକର ନିଜ ନିଜର କଳା ପ୍ରଦର୍ଶନ ପାଇଁ ଏଥିରେ ଯୋଗ ଦେଇଛନ୍ତି। ଦୁଇ ଦିନ ଧରି ଏହା ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଚିତ୍ରକର ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ରେଡିଓ ଭୁବନେଶ୍ୱର ଷ୍ଟେସନ ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ପଦ୍ମ ବିଭୂଷଣରେ ସମ୍ମାନିତ ପଥର ଶିଳ୍ପୀ ସୁଦର୍ଶନ ସାହୁ ମୁଖ୍ୟ ଅତିଥି ଏବଂ ଆଶ୍ରା ଫାଉଣ୍ଡେସନର ସ୍ରଷ୍ଟା ସନ୍ତୋଷ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଶେଷରେ ୟୁନିକ୍ ଆର୍ଟ ଆଣ୍ଡ କ୍ରାଫ୍ଟର ନିର୍ଦ୍ଦେଶକ ଉଜ୍ଜ୍ୱଳ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ରାଜ୍ୟର ୧୩ ଜଣ ଚିତ୍ରକର ମେଳାରେ ନିଜର ପ୍ରତିଭା ପ୍ରଦର୍ଶିତ କରିଛନ୍ତି। ଏହା ସହ ୟୁନିକ ଆର୍ଟ ଆଣ୍ଡ କ୍ରାଫ୍ଟର ମୁଖ୍ୟ ଉଜ୍ଜ୍ୱଳ ଚୌଧୁରୀ ଏହି କାର୍ଯ୍ୟକ୍ରମ ଜରିଆରେ ଚିତ୍ର ତଥା ହାତବୁଣା କ୍ରାଫ୍ଟ ପ୍ରତି ରୁଚି ରଖୁଥିବା ଛାତ୍ରଛାତ୍ରୀ ଅଭିଭାବକଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ମେଳାରେ ସୁନନ୍ଦିତା ଚୌଧୁରୀ, ଦେବାର୍ଚ୍ଚନା ମହାପାତ୍ର, ଚିନ୍ମୟୀ ମଲ୍ଲିକ, ଅପରାଜିତା ମହାନ୍ତି, ଅଳକାନନ୍ଦା ନାୟକ, ଶୁଭଶ୍ରୀ ସାହୁ, ପଲ୍ଲବୀ ପଟ୍ଟନାୟକ ପ୍ରମୁଖ ନିଜର ଚିତ୍ର ଏବଂ କ୍ରାଫ୍ଟ ପ୍ରଦର୍ଶନ କରିଥିଲେ।

## ରାଜ୍ୟସ୍ତରୀୟ ନବମାତୃକା ପୂଜା



ଭୁବନେଶ୍ୱର, ୨୧।୯ (ସମିସ): ମହାଳୟା ଦିବସରେ ସହିଦନଗରସ୍ଥିତ ଆର୍ଯ୍ୟସମାଜ ପରିସରରେ ୧୩ତମ ରାଜ୍ୟସ୍ତରୀୟ ନବମାତୃକା ପୂଜା ୨୦୨୫ ଅନୁଷ୍ଠିତ ହୋଇଯାଇଛି। ନବମାତୃକା ପୂଜା ଅଭ୍ୟର୍ଥନା କମିଟି, ଯୁଗଶ୍ରୀ ଯୁଗନାରୀ ମାସିକ ମହିଳା ପତ୍ରିକା ଓ ବାଲେଶ୍ୱରୀ କଳାକେନ୍ଦ୍ରର ମିଳିତ ଉଦ୍ୟମରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ସଭାପତି ଇଞ୍ଜିନିୟର ପ୍ରିୟବ୍ରତ ଦାସଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମକୁ କମିଟିର ଆବାହିକା ଡ. ଶକୁନ୍ତଳା ବଳିଆରସିଂହ ପରି.ଳନା କରିଥିଲେ। କମିଟିର ଉପଦେଷ୍ଟା ପ୍ରଫେସର ଡଃ ସଂଘମିତ୍ରା ମିଶ୍ର କମିଟିର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଶୈଳରାଣୀ ମିଶ୍ର, କର୍ଣ୍ଣେଲ ଶରତ କୁମାର ମହାପାତ୍ର ପ୍ରମୁଖ ମା'ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସଦସ୍ୟା ଆଶାଲତା ଦାସ, ଡ. ମୀନାକ୍ଷୀ ପଣ୍ଡା ପ୍ରମୁଖ ସଭା ପରିଚାଳନାରେ ସହାୟତା କରିଥିଲେ।

ଯୁବ ଚିତ୍ରଶିଳ୍ପୀ ଦେବାଶିଷ ପତି ସ୍ୱଅଙ୍କିତ ପେନସିଲ ପ୍ରତିଛବିକୁ ମା'ମାନଙ୍କୁ ଅର୍ପଣ କରିଥିଲେ। ଏହି ନବମାତୃକା ପୂଜାରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର, କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ପାଢ଼ୀ, ଶଶାଙ୍କ ଶେଖର ମିଶ୍ର, ସରୋଜ କୁମାର ସିଂହ, ଶୁଭଙ୍କର ମହାପାତ୍ର, ସରୋଜ ଦାସ, ବିଜୟ ପାଢ଼ୀ, ପ୍ରତିମା ପଣ୍ଡା, ଡ. ବିନୋଦିନୀ ପାତ୍ର, ଡ. ସୁମିତ୍ରା ମିଶ୍ର, ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଚିତରଞ୍ଜନ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ସପ୍ତକ ଫାଉଣ୍ଡେସନର ବାର୍ଷିକୋତ୍ସବ



ଭୁବନେଶ୍ୱର,୨୧।୯ (ସମିସ): ସାମାଜିକ, ସାଂସ୍କୃତିକ ଓ ଶୈକ୍ଷିକ ଅନୁଷ୍ଠାନ ସପ୍ତକ ଫାଉଣ୍ଡେସନର ୧୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ତଥା ରାଜ୍ୟ ଓ ରାଷ୍ଟ୍ରୀୟ ପୁରସ୍କୃତ ଶିକ୍ଷକ ଦେବରାଜ ସାମନ୍ତରାୟ ୮୭ ତମ ଜନ୍ମଦିନ ଅବସରରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରିଷ୍ଠ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ବରିଷ୍ଠ କବି ରକ୍ଷକ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଯେ କୌଣସି ଭାଷା ଓ ସାହିତ୍ୟର ମୂଲ୍ୟାୟନ ପାଇଁ ଶିଶୁ ସାହିତ୍ୟକୁ ମାନକ ଭାବରେ ଗ୍ରହଣ କରାଯାଇପାରେ। ଯେଉଁ ଭାଷାରେ ଶିଶୁ ସାହିତ୍ୟ ସମୃଦ୍ଧ, ସେ ସାହିତ୍ୟ ସାମଗ୍ରିକ ଭାବରେ ଋଦ୍ଧିମନ୍ତ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଚଳିତବର୍ଷ ସପ୍ତକ ଶିଶୁ ସାହିତ୍ୟ ସମ୍ମାନ ସସ୍ମିତା ସ୍ୱାଇଁ, ସପ୍ତକ ଶିକ୍ଷା ସମ୍ମାନ କବିତା ଦେବୀ ମିଶ୍ର, ସପ୍ତକ ସାହିତ୍ୟ ସମ୍ମାନ ପ୍ରଦୀପ ବେଉରିଆ ଏବଂ ସପ୍ତକ ସିଦ୍ଧିରସ୍ତୁ ସମ୍ମାନ ରୁଷାଲି ରୁଷଦ୍ଧାଙ୍କୁ ପ୍ରଦାନ କରାଯାଇଥିଲା। ୫୭ ଜଣ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ କାଞ୍ଚନବାଳା ସାମନ୍ତରାୟ, ଜ୍ୟୋତିର୍ମତୀ ସାମନ୍ତରାୟ, ସୁରେଶ ଚନ୍ଦ୍ର ମହାପାତ୍ର, କାରୁବାକୀ, ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ସଂଯୋଜନା କରିଥିଲେ।

## କଳିଙ୍ଗ କଳାକେନ୍ଦ୍ର ପକ୍ଷରୁ ଡ୍ରିମ୍ ଆଚିଭର ୨୦୨୫

ଭୁବନେଶ୍ୱର,୨୧।୯ (ସମିସ): କଳିଙ୍ଗ କଳାକେନ୍ଦ୍ର ପକ୍ଷରୁ 'ଡ୍ରିମ୍ ଆଚିଭର ୨୦୨୫'



ରବିବାର କସ୍ତୁରବା ନାରୀ ମହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୀତ, ନୃତ୍ୟ ସହିତ ପାଠ୍ୟକ୍ରମ ବିଷୟକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ୪୦୦ ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ବିଚାରକ ଭାବେ ନାରାୟଣ ଟେକ୍‌ନୋ ସ୍କୁଲ୍‌ର ଉପାଧ୍ୟକ୍ଷ ସନ୍ଧ୍ୟା ଗନ୍ଧମ, କଳା କେନ୍ଦ୍ରର ମୁଖ୍ୟ ମାନଗୋବିନ୍ଦ ନାୟକ, ମଦର ଇଂରାଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପ୍ରଧାନ, ସମାଜସେବୀ ରାଣାପ୍ରତାପ ପାତ୍ର, ଓଡ଼ିଶୀ ନୃତ୍ୟ ଗୁରୁ ଟାଙ୍ଗୁଡ଼ି ଦୀପ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଡିପିଏସ୍ କଳିଙ୍ଗ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ଜୀବାଂଶୀ କରନ, ପ୍ରଥମ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ କୁମାର ଜେନା ଓ ସେଣ୍ଟ ଜାଭିୟର ହାଇସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର ଅଦ୍ୱୈତ ନାରାୟଣ ଦାସଙ୍କୁ ଡ୍ରିମ୍ ଆଚିଭର ୨୦୨୫ ପ୍ରତିଯୋଗୀ ଭାବେ ସମ୍ମାନିତ କରାଯାଇଥିଲା।

## ସମାଜସେବୀ ଜଗଦାନନ୍ଦଙ୍କୁ ସମ୍ମାନଜନକ ଡକ୍ଟରେଟ୍




ଭୁବନେଶ୍ୱର, ୨୧।୯ (ସମିସ): ବିଶିଷ୍ଟ ସମାଜସେବୀ ଜଗଦାନନ୍ଦଙ୍କୁ ଏସିଆନ୍ ସ୍କୁଲ୍ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟ (ଏଏସ୍‌ବିଏମ୍) ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ରାଜ୍ୟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ, ଦାଦନ ଶ୍ରମିକ, ସହରାଞ୍ଚଳରେ ବାସ କରୁଥିବା ଗରିବ ଶ୍ରେଣୀ ଓ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କ ସମସ୍ୟା ସହିତ ସେ ଯୋଡ଼ି ହୋଇଛନ୍ତି। ଦୀର୍ଘ ଚାରି ଦଶନ୍ଧି ଧରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରୁଛନ୍ତି। ଏପରି ଅନନ୍ୟ ସେବାକାର୍ଯ୍ୟକୁ ସ୍ୱୀକୃତି ଦେଇ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ "ବିକାଶ ପରିଚାଳନା' କ୍ଷେତ୍ରରେ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ, ଝାଡଖଣ୍ଡ ହାଇକୋର୍ଟର ପୂର୍ବତନ ବିଚାରପତି ତଥା ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ସଦସ୍ୟ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ନ୍ୟାସନାଲ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନର ସିଏମ୍‌ଡି ଡ. ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଛନ୍ତି।

## ବକୁଳରେ ଡେ' ଅଫ୍ ସର୍ଭିସ୍

ଭୁବନେଶ୍ୱର,୨୧।୯ (ସମିସ): ବକୁଳ ଫାଉଣ୍ଡେସନର ଦାନ ଉତ୍ସବ- ଡେ ଅଫ୍ ସର୍ଭିସ୍ ଅନୁଷ୍ଠିତ ହୋଇଯାଇଛି। ୪୦୦ ସ୍ୱେଚ୍ଛାସେବୀ ଓ ୫୦ଟି ବସ୍ତିରୁ ପ୍ରାୟ ୨୫୦୦ରୁ ଅଧିକ ଶିଶୁ ଏହି ଉତ୍ସବରେ ଭାଗ ନେଇଥିଲେ। ଏଥିରେ ଷ୍ଟୋରୀଟେଲ୍ଲିଂ, କ୍ରାଫ୍ଟ ଓ ବିଭିନ୍ନ ପ୍ରକାରର ଖେଳ ଆୟୋଜିତ ହୋଇଥିଲା। ଶ୍ରୁତି କାନୁନ୍‌ଗୋ ଏହି କାର୍ଯ୍ୟକ୍ରମର ସମନ୍ୱୟ କରିବା ସହ ବର୍ଷା କାରଣରୁ ଏହି ଉତ୍ସବରେ ପ୍ରଭାବ ପଡ଼ିଥିଲା ଏବଂ ପ୍ରାୟ ୧୦୦ ସ୍ୱେଚ୍ଛାସେବୀ ଓ ୧୦୦୦ ଶିଶୁ ଆସିପାରିଲେ ନାହିଁ। ସେଥିପାଇଁ ୨ଟି ବସ୍ତିରେ କାର୍ଯ୍ୟକ୍ରମ ବାତିଲ୍ କରିବାକୁ ପଡ଼ିଲା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ପୁଲିସ୍ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଶିଶୁମାନେ ଓ ସେବକମାନଙ୍କୁ ପଢ଼ିବାର ଅଭ୍ୟାସ କରିବାକୁ ପ୍ରେରିତ କରିଥିଲେ। ଏଥିସହିତ ବକୁଳ କିପରି ଯୁବମାନଙ୍କୁ ସେବାକାର୍ଯ୍ୟରେ ଆକର୍ଷିତ କରୁଛି ସେଥିରୁ ସେ ପ୍ରେରଣା ପାଇଛନ୍ତି ବୋଲି କହିଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀ, ଯୁବତ ଯୁବତୀ ଉପସ୍ଥିତ ରହିଥିଲେ।



## ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ

ଭୁବନେଶ୍ୱର, ୨୧।୯ (ସମିସ): ବିଏମ୍‌ସି ଏବଂ ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ୪୩ ନମ୍ବର ୱାର୍ଡରେ ଶ୍ରୀସାଇ ଫେଡେରେସନ୍ ସ୍ୱୟଂମ ସଂଗଠନର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଛି। ଯେଉଁଥିରେ ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ବୈଠକକୁ ସମ୍ବୋଧିତ କରି ଆଇଇସି ଏକ୍ସପର୍ଟ ସନ୍ତୋଷ କୁମାର ପାଣ୍ଡେ ଲକ୍ଷ୍ମୀସାଗର ଗାଁର ପ୍ରତ୍ୟେକ ଘରୁ ଅଳିଆ ସଂଗ୍ରହ ଏବଂ ପ୍ରତିଦିନ ବ୍ୟବହୃତ ଚାରି ପ୍ରକାରର ଡଷ୍ଟବିନ୍ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ଫେଡେରେସନର ସଭାପତି ଶାଶ୍ୱତୀ ଲେଙ୍କା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସଚିବ ଅନିତା ମିଶ୍ର ଧନ୍ୟବାଦ ଦେଇଥିଲେ। ବୈଠକରେ କର୍ପୋରେଟର ଭରତ ଲେଙ୍କା, ସ୍ୱଚ୍ଛ ସୁପରଭାଇଜର ସୁଜିତ ଦାସ ଏବଂ ସନ୍ତୋଷ ପଟ୍ଟନାୟକ, ପ୍ରଭାତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

**ସରିଲା ପିତୃପକ୍ଷ**

## ମହାଳୟା ଶ୍ରାଦ୍ଧ ପାଇଁ ବିନ୍ଦୁସାଗରରେ ଭିଡ଼

ଭୁବନେଶ୍ୱର, ୨୧।୯ (ସମିସ): ଆଜି ମହାଳୟାରେ ଶ୍ରାଦ୍ଧ ଦେବା ପାଇଁ ରାଜଧାନୀର ପବିତ୍ର ବିନ୍ଦୁସାଗର କୂଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏଠାରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ସହ ପିଣ୍ଡଦାନ କରାଯାଇଥିଲା। ଯେଉଁମାନେ ପିତୃପକ୍ଷ ଆରମ୍ଭରୁ ପିଣ୍ଡଦାନ କରିନଥିବେ ସେହିମାନେ ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥାନ୍ତି। ଗତ ୮ ତାରିଖରୁ ଏହି ପିତୃପକ୍ଷ ବା ଅପର ପକ୍ଷ ଆରମ୍ଭ ହୋଇଥିଲା। ମହାଳୟା ଅବସରରେ ବିନ୍ଦୁ ସାଗରର ଚର୍ତୁପାଶ୍ୱରେ ପିଣ୍ଡଦାନ କରିବାକୁ ଲୋକେ ଭିଡ଼ କରିଥିବାବେଳେ ଅନ୍ୟାନ୍ୟ ବମନ୍ଦିର ଓ ପବିତ୍ର ନଦୀ କୂଳରେ ମଧ୍ୟ ତିଳତର୍ପଣ କରାଯାଇଥିଲା। ସାମନ୍ତରାପୁର ଠାରେ ଥିବା ସୁକ୍ଷେମଶ୍ୱର ମନ୍ଦିର ନିକଟରେ ଥିବା ଗୟା କୁଣ୍ଡ ନିକଟରେ ମଧ୍ୟ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ପାଇଁ ଅନେକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ସୂଚନା ଅନୁସାରେ ପିତୃପକ୍ଷ ସମୟରେ ମହାପ୍ରଭୁ ଶୟନ ନିଦ୍ରାରେ ଅଛନ୍ତି। ଶୟନ ଏକାଦଶୀ ତିଥିରୁ ଦେବ ଉତ୍ଥାପନା ଏକାଦଶୀ ତିଥୀ ପର୍ଯ୍ୟନ୍ତ କୌଣସି ବିବାହ, ବ୍ରତ, ଗୃହ ପ୍ରବେଶ ଆଦି ଭଳି କିଛି ଶୁଭ କାର୍ଯ୍ୟ ହୁଏ ନାହିଁ। ଏହି ସମୟରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ହୋଇଥାଏ। ଏଥିପାଇଁ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତି ଓ ଦେବାଦେବୀଙ୍କ ଶୟନ ସମୟରେ ପିତୃପୁରୁଷଙ୍କ ପିଣ୍ଡଦାନ ଦେବାର ବ୍ୟବସ୍ଥା ରହିଛି। ଏଣୁ ଆଶ୍ୱିନ ମାସ କୃଷ୍ଣପକ୍ଷ ପିତୃପକ୍ଷ ଭାବରେ ପ୍ରସିଦ୍ଧ। ଏଥିପାଇଁ ଏହି ପକ୍ଷରେ ପିତୃପୁରୁଷଙ୍କୁ ତିଳତର୍ପଣ ଓ ପିଣ୍ଡଦାନ କାର୍ଯ୍ୟ କରିଯାଇଥାଏ।



ସକାଳ
THE SAKALA



# ମାଁ ଦକ୍ଷିଣକାଳୀଙ୍କ ବଏଲ ଯାତ୍ରା ଆରମ୍ଭ

କୋଲାବିରା,୨୧।୯ (ସମିସ):

ଭାରତୀୟ ଧର୍ମଧାରାରେ ଶକ୍ତି ଉପାସନାର ଯଥେଷ୍ଟ ଗୁରୁତ୍ୱ ରହିଥିବା ବେଳେ କୋଲାବିରାର ବଏଲଯାତ୍ରା ପଶ୍ଚିମ ଓଡ଼ିଶାର ପାରମ୍ପରିକ ଯାତ୍ରା ମଧ୍ୟରେ ଅନ୍ୟତମ। କୋଲାବିରାର ପ୍ରତ୍ୟକ୍ଷ ଦେବୀ ମାଁ ଦକ୍ଷିଣକାଳୀଙ୍କ ଅମାବାସ୍ୟା ବଏଲଯାତ୍ରାର ଆଦ୍ୟପର୍ବ ପାରମ୍ପରିକ ରୀତିନୀତିରେ ଆରମ୍ଭ ହୋଇଛି। ପବିତ୍ର ମହାଳୟା ଅମାବାସ୍ୟାଠାରୁ ଆରମ୍ଭ ହୋଇଥିବା ଏହିଯାତ୍ରା ପାଇଁ ରବିବାର ରାତ୍ରିରେ ସମଲେଇଘାଟରେ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ପୂଜାକମିଟି ଓ ଗାଁବାସୀ ପ୍ରଥମେ କର୍ତ୍ତା ଜମିଦାର ବଂଶଜ ରୁଦ୍ର ପ୍ରତାପ ସିଂହ, ଯୋଗୀ ଯୋଗେନ୍ଦ୍ର ରାଏ ଏବଂ ରାଜ ପୁରୋହିତ ପ୍ରଦ୍ୟୁମ୍ନ ପୁରୋହିତଙ୍କୁ ନିମନ୍ତ୍ରଣ ପୂର୍ବକ ପାଛୋଟି ଆଣିଥିଲେ। ସେବାୟତମାନଙ୍କର ଉପସ୍ଥିତିରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଅମାବାସ୍ୟା ବଏଲଯାତ୍ରା ପର୍ବର ଆରମ୍ଭ କରାଯାଇଥିଲା।



ସେହିପରି ଜୟପୁର ଇଷ୍ଟେଟ କୋଲାବିରାର ଐତିହାସିକ ତଥା ପ୍ରସିଦ୍ଧ ବଏଲଯାତ୍ରା ପର୍ବ ମାଁ ଦକ୍ଷିଣକାଳୀ ଦେବୀଙ୍କ ପୀଠରେ ଆରମ୍ଭ ହୋଇଯାଇଛି। ୯ ଦିନିଆ ବଏଲଯାତ୍ରା ପବିତ୍ର ମହାଳୟା ଠାରୁ ଆରମ୍ଭ ହୋଇଛି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ଠାରୁ ୯ ଦିନ ବ୍ୟାପି ମନ୍ଦିରରେ ଅଖଣ୍ଡଦୀପ ପ୍ରଜ୍ୱଳନ, ସପ୍ତମି ତିଥିରେ ପାଟଖଣ୍ଡା ସ୍ଥାପନ ଏବଂ ନିଶାପୂଜା, ଅଷ୍ଟମୀ ତିଥିରେ ଷୋହଳ ଖଣ୍ଡା ସ୍ଥାପନ ଏବଂ ମହାଳୟା ଅମାବାସ୍ୟା ଦିନ କାଳୀଙ୍କ ପୀଠରୁ କୋଲାବିରା ଗାଁରେ ଉଆଁସ ବଲିଯାତ୍ରା ଆୟୋଜିତ ହୋଇଯାଇଛି। ଫୁଲରି ଓଷା ଦିନ ରାତି ଅର୍ଥାତ ଗତକାଲି ରାତ୍ରିରେ ରାୟ କାଲୋ ସଂପ୍ରଦାୟର ଜଣେ ଲୋକକୁ ଦେବୀଙ୍କ ପୂଜକ ମାନେ ମୁଣ୍ଡରେ ଫୁଲର ଚୂଳବାନ୍ଧି ମୁହଁରେ ସିନ୍ଦୁର ବୋଳିଥିଲେ। ପୂଜା ଉପଚାର କରି ବରୁଆ (କାଳିସୀ) ଦେହରେ ଦୈବୀ ଶକ୍ତି ସଞ୍ଚାର ପାଇଁ ମନ୍ତ୍ରତନ୍ତ୍ରର ପ୍ରୟୋଗ କରି ଦେବୀଙ୍କ ଛଡା ସିନ୍ଦୁର, ଫୁଲ, ଅରୁଆ ଚାଉଳ ଆଦି ନେଇ କପାଳରେ ଟିକା ଦେଇଥିଲେ। ପୁରୋହିତଙ୍କ ମନ୍ତ୍ରତନ୍ତ୍ରର ପ୍ରଭାବେ ବରୁଆ ଆସିଥିଲା। ଏହାପରେ ଢୋଲ, ନିଶାନ, ତାସା, ମହୁରୀର ସାମୂହିକ ଶୋହଲ ଭରନିର ବାଦ୍ୟରେ ତାଳ ଦେଇ ବରୁଆ ପୀଠରୁ ବାହାରିଥିଲା। ବରୁଆ ଦେହରେ ଦୈବୀଶକ୍ତି ସଂଚାରିତ ହେବାପରେ ବରୁଆକୁ ଦେବୀଙ୍କ ସାକ୍ଷାତ ଅବତାର ବିବେଚନା କରାଯାଇଥାଏ। ପୀଠରୁ ରାତ୍ରୀରେ ବରୁଆ ବାହାରି ଗାଁ ପରିକ୍ରମା କରିଥିଲେ। ଗ୍ରାମ ପରିକ୍ରମା ସମୟରେ ଦେବୀ ବାହନ ବରୁଆଙ୍କୁ ଘରେ ଘରେ ପୂଜା ଅର୍ଚ୍ଚନା କରାଯାଇଥିଲା। ଦେବୀ ବାହନ ବରୁଆ ଗ୍ରାମ ପରିକ୍ରମା କରି ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଆର୍ଶୀବାଦ ପ୍ରଦାନ ପର୍ବ ସାରିବା ପରେ ମନ୍ଦିରକୁ ବରୁଆ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ବରୁଆପାଟ ଯାଇଥିଲା। ଅର୍ଥାତ ବରୁଆ ଦେହରୁ ଦୈବୀଶକ୍ତି ଅପସାରିତ ହୋଇଥିଲା। ଏହି ଦୃଶ୍ୟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଲୋକେ ଆମ୍ବ ତୋରଣ ଓ ଗୋବର ପାଣିରେ ମାଟିକୁ ଲିପି ଘରେ ଘରେ ବରୁଆଙ୍କୁ ମଡେଇ ଦେବା ସଙ୍ଗେସଙ୍ଗେ ନିଃସନ୍ତାନ, ରୋଗ ବ୍ୟାଧିଗ୍ରସ୍ତ ତଥା ଅନ୍ୟାନ୍ୟ ଜଟିଳ ସମସ୍ୟାର ସମାଧାନ କରିଥିଲେ ଚରଣକୁ ଛୁଇଁ ପ୍ରଣାମ କରିବା ଦେଖାଯାଇଥିଲା। ପାଶ୍ୱର୍ ଦେବଦେବୀ ମାନେ ତାଙ୍କୁ ଗ୍ରାମ ପରିକ୍ରମା ସମୟରେ ବାଟ ଓଗାଳୁ ଥିବାରୁ ପାରମ୍ପରିକ ଦୃଷ୍ଟିକୋଣରୁ ସେମାନଙ୍କୁ ସନ୍ତୁଷ୍ଟି ପାଇଁ ସେଠାରେ ଚାଁଚେରି ନୃତ୍ୟ ବରୁଆଙ୍କ ଦ୍ୱାରା କରାଯାଇଥିଲା। ଏହି ବଏଲଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ଦହନାପତ୍ରର ଫୁଲମାଳ। ଯାତ୍ରାରମ୍ଭ ସମୟରୁ ଯାତ୍ରା ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଭକ୍ତ ଓ ଦର୍ଶକଙ୍କ ଗଳାରେ ଏହି ଦହନା ମାଳ ଦେଖିବାକୁ ମିଳିଥିଲା। ଦହନା ଫୁଲର ବାସ୍ନାରେ ମହମହ ବାସି ଉଠିଥିଲା କୋଲାବିରାର ପ୍ରତ୍ୟେକଟି ଗଳିକନ୍ଦି। ବରୁଆଙ୍କ ଗାଁ ପରିକ୍ରମା ପରେ ବାସି ଦିନ ଗୁରୁବାର ପ୍ରତ୍ୟୁଷରେ ଜମିଦାରଙ୍କ ଦାୟାଦ ବା ଉତ୍ତରାଧିକାରୀଙ୍କ ଦ୍ୱାରା ପାଟଖଣ୍ଡା ଖୋଲିବା କାର୍ଯ୍ୟ ସମାପନ ପରେ ବରୁଆଙ୍କ ପାଟ ଯାଇ ଯାତ୍ରା ଉଦ୍‌ଯାପିତ ହୋଇଥିଲା।

ଚଳିତ ବର୍ଷ ଦେବୀ ବାହନ ବରୁଆ ଭାବେ ଯୋଗୀ ଯୋଗେନ୍ଦ୍ରରାଏ କାର୍ଯ୍ୟ ତୁଲେଇ ଥିବା ବେଳେ ଜମିଦାର ବଂଶଜ ପ୍ରତାପ ସିଂହ ସପତ୍ନିକ କର୍ତ୍ତାକାର୍ଯ୍ୟ ସଂପାଦନ କରୁଛନ୍ତି। ରାଜ ପୁରୋହିତ ପ୍ରଦ୍ୟୁମ୍ନ ପୂଝାରୀ ଏବଂ ବିଜୟ ପୂଝାରୀ ପୂଜକ କାର୍ଯ୍ୟ ସଂପାଦନ କରିଥିଲେ। ସେବାୟତ ମନୋରଞ୍ଜନ ରାଏ, ସ୍ମୃତିରଞ୍ଜନ ରାଏ, ସନ୍ତୋଷ ଦଲାଇ, ଲଳିତ ସାହୁ, ଟଂଜିତ ଦଲାଇ, ପ୍ରଫୁଲ୍ଲ ଖରସେଲ, ସୁଶିଲ ମଲ୍ଲିକ, ହାଡୁରଣା, ପ୍ରମୁଖ ବରୁଆଙ୍କ ଗାଁ ପରିକ୍ରମା ସମୟରେ ସେବାକାର୍ଯ୍ୟରେ ଲାଗିଥିବା ବେଳେ ବଏଲଯାତ୍ରା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁମ୍ଭାରବନ୍ଧ ସମଲେଇ ମନ୍ଦିରରେ ୧୬ ପୂଜା



ଇବଥର୍ମାଲ,୨୧।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରେ ମହାଳୟା ପୂଜା ସହ ୧୬ ପୂଜା ଆରମ୍ଭ ହୋଇଯାଇଛି। ଶନିବାର ରାତିରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ପରେ ଢୋଲ, ନିଶାନ୍ତ, ଘଣ୍ଟ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରା ବାହାରି ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଗୁପ୍ତ ନୀତିରେ ମହାଳୟା ହେତୁ ରାତିରେ ମାଁଙ୍କ ଧବଳମୁଖୀ ବେଶ କରାଯାଇଥିଲା। ପରେ ମାଁଙ୍କ ତନ୍ତ୍ର ପୂଜା ହେବାପରେ ବରୁଆ (କାଳିସୀ) ଉଠିଥିଲା। ବାଦ୍ୟର ତାଳେ ତାଳେ ମାଁ ମନ୍ଦିର ଗମ୍ଭୀରାରୁ ବାହାରିବା ପରେ ଭକ୍ତଙ୍କ ଦୁଃଖ ଶୁଣିଥିଲେ। ପରେ ମନ୍ଦିରରୁ ବାହାରି ଢୋଲ ଉପରେ ଚଢ଼ି ମାଁ ବାଉତୀ ପାଖକୁ ଆସିବା ପରେ ସେଠାରେ ଚାଚେରୀ ଖେଳି ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାତି ୨ଟା ସମୟରେ ଏସମସ୍ତ ପୂଜା ଦେଖିବାକୁ ହଜାର ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ଥିଲେ। ମାଁଙ୍କ ପ୍ରତି ଲୋକଙ୍କ ଆସ୍ଥା ବିଶ୍ୱାସ ଥିବାରୁ ଓ ମାଁ ପ୍ରତ୍ୟକ୍ଷ ହୋଇଥିବା ବିଶ୍ୱାସ ହେତୁ ବହୁ ଭକ୍ତ ଗୁହାରି କରିଥିବା ଦେଖାଯାଇଥିଲା। ଝାଙ୍କର ଈଶ୍ୱର ଅଣା ବରୁଆ କାର୍ଯ୍ୟ କରିଥିବା ବେଳେ ନରେନ୍ଦ୍ର ନେଗୀ ପୂଜାର୍ଚ୍ଚନା କରିଥିଲେ। କମିଟିର ସ୍ଥାୟୀ ସଭାପତି ତଥା କର୍ତ୍ତା ଉମାକାନ୍ତ ପଣ୍ଡା, ନୃସିଂହନାଥ ବଗାର, ସୁଧିର ଦେହେରୀ, ହେମନ୍ତ କାଲୋ, ରାମାଧିନ ପାଣ୍ଡେ, ମୁନୁବାବୁ ଛତ୍ରିଆ, ସୌମ୍ୟରଞ୍ଜନ ପାଣ୍ଡିଆ, ପ୍ରଶାନ୍ତ ମାଝୀ, ପ୍ରେମାନନ୍ଦ ଭୋଇ, ରାଜୁ ନାଏକ, ତପନ ପାଟଯୋଷୀ ତଥା କମିଟିର ଅନ୍ୟମାନେ ସହଯୋଗ କରିଥିଲେ। ମାଁଙ୍କ ଚଣ୍ଡୀପାଠ ଓ ମୁଖ୍ୟ ପର୍ବ ବଏଲ ଯାତ୍ରା ଆସନ୍ତା ଅକ୍ଟୋବର ୫ ତାରିଖରେ ହେବାକୁ ଥିବାବେଳେ ପୂର୍ଣ୍ଣିମା ଦିନ ମାଁଙ୍କ ୧୬ ପୂଜା ସମ୍ପନ୍ନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଏମ୍‌ପିଏଫ୍ ପକ୍ଷରୁ ଡାକ୍ତରଖାନା ପରିସରରେ ଫଳ ଚାରାରୋପଣ

ଝାରସୁଗୁଡ଼ା,୨୧।୯ (ସମିସ): ବେଲପାହାଡର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟ୍‌ନେସ୍ (ଏମପିଏଫ) ଦ୍ୱାରା ପ୍ରତ୍ୟେକ ରବିବାର ଓ ଛୁଟି ଦିନ ମାନଙ୍କରେ ହେବାକୁ ଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧୀନରେ ଚାରା ରୋପଣ ହୋଇଯାଇଛି। ଏମପିଏଫର ହମିଦ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବେଲପାହାଡ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଚିକିତ୍ସକ ଡ.ପ୍ରବିତାଞ୍ଜଳୀ ସାହୁ, ବରିଷ୍ଠ ନାଗରିକ ବିଜୟ ସ୍ୱାଇଁ, ବେଲପାହାଡ ପୌରାଞ୍ଚଳର ହୋମିଓପାଥି ଚିକିତ୍ସକ ଡ.ଦିଲ୍ଲୀପ ନାୟକ ଅତିଥି ଭାବେ ଚାରାରୋପଣ କରିଥିଲେ। ଏମପିଏଫର ସଦସ୍ୟ କିଶୋର ପଣ୍ଡା, ସୁନନ୍ତ ପଣ୍ଡା, ବୁଲୁ ବାରିକ, କଳାକାର ନାଗ, ଏମ୍‌ଡି ଶାହିଦ, ଆର୍ଯ୍ୟନ ମହାପାତ୍ର, ଆଦିତ୍ୟ ରାୟ, ଦର୍ଶିଲ ଠକ୍କର, ଲିପିକାନ୍ତ ସାହୁ, ମାନବ ବେରା, ରବିରୋଶନ ପ୍ରମୁଖ ଚାରାରୋପଣ କରିଥିଲେ। ବେଲପାହାଡ ସରକାରୀ ଡାକ୍ତରଖାନା ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଜୁଳି, ଆତ, ଅଁଳା, ଜାମୁ, ସଜନା, ଲେମ୍ବୁ ଇତ୍ୟାଦି ଫଳ ଚାରାରୋପଣ କରାଯାଇଥିଲା। ସମସ୍ତ ଅତିଥି ଓ ସଦସ୍ୟ ଜନସାଧାରଣଙ୍କୁ ବୃକ୍ଷରୋପଣ ଓ ତହାର ରକ୍ଷଣାବେକ୍ଷଣ ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଏମପିଏଫ ଦ୍ୱାରା ଡାକ୍ତରଖାନା ପରିସରରେ ଏକ ଔଷଧିୟ ବଗିଚା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ରାଜସ୍ୱ ମନ୍ତ୍ରୀଙ୍କ ଲଖନପୁର ତୃତୀୟ ଜୋନ୍ ଗସ୍ତ




ଇବଥର୍ମାଲ,୨୧।୯ (ସମିସ): ରାଜସ୍ୱ ତଥା ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଗସ୍ତ ବେଳେ ତୃତୀୟ ଜୋନ୍ ଗସ୍ତ କରି ବିଭିନ୍ନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ମଧ୍ୟାହ୍ନରେ ଓପିଜିସି ଗସ୍ତରେ ଆସି ଇବ କ୍ଲବ୍ ସମ୍ମିଳନୀ କକ୍ଷରେ ପହଞ୍ଚି ସେଠାରେ ଓପିଜିସି ସିଏସ୍‌ଆର୍ ତରଫରୁ ନବନିର୍ବାଚିତ ଜନ ସମ୍ମିଳନୀ କେନ୍ଦ୍ର ଧୋବାଡେରା, ପ୍ରସନ୍ନ ପଣ୍ଡା ଉଚ୍ଚ ବିଦ୍ୟାଳୟ ବରହରପାଲିର ପୁନଃରୁଦ୍ଧାର କାର୍ଯ୍ୟ, ଅର୍ଜୁନ ଗୁପ୍ତା ବାଳିକା ଉଚ୍ଚ ବିଦ୍ୟାଳୟ ଫଟାପାଲିର ପୁନଃରୁଦ୍ଧାର କାର୍ଯ୍ୟ, ରୋଷେଇ ଘରୁ ନିର୍ମାଣ ବିନିକା ପ୍ରାଥମିକ ବିଦ୍ୟାଳୟ, ତେଲେନପାଲିରୁ ଖଡାମରାସ୍ତା ମରାମତି, ଜନ ସମ୍ମିଳନୀ କେନ୍ଦ୍ର କିଶାନ ପଡାରେଙ୍ଗାଲି, ଜନ ସମ୍ମିଳନୀ କେନ୍ଦ୍ର ମଣ୍ଡଳୀ, ଜନ ସମ୍ମିଳନୀ କେନ୍ଦ୍ର ଝାରମୁଣ୍ଡାର ଡିଜିଟାଲ ଶୁଭ ଉଦ୍‌ଘାଟନ କରିଥିଲେ।

ଓପିଜିସିର ବୈଷୟିକ ଶିକ୍ଷାଦାନ ପର୍ଯ୍ୟାୟରେ କୁମ୍ଭାରବନ୍ଧ ପଞ୍ଚାୟତ, ତେଲେନପାଲି ପଞ୍ଚାୟତ, ତିଲିଆ ପଞ୍ଚାୟତ, ମଣ୍ଡା ପଞ୍ଚାୟତ ତଥା କୁଶ୍ରାଲୋଇ ପଞ୍ଚାୟତରୁ ମୋଟ ୨୯ ଜଣ ଯୁବକ ଯୁବତୀଙ୍କୁ ଓପିଜିସି ପକ୍ଷରୁ ହୀରାକୁଦ ଆଇଟିଆଇରେ ନାମ ଲେଖାଯାଇ ବୈଷୟିକ ଶିକ୍ଷା ସୁବିଧା ଦିଆଯାଉଥିବାରୁ ସେହି ପିଲା ମାନଙ୍କୁ ମନ୍ତ୍ରୀଙ୍କ ହାତରେ ସମ୍ମାନିତ କରାଯାଇଥିଲା। ଆୟୋଜିତ ସଭାରେ ଓପିଜିସି ଡାଇରେକ୍ଟର ଅପରେସନ ଅଞ୍ଜନା ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିଏସଆର୍ ମୁଖ୍ୟ ହିମାଂଶୁ ଭୁଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ମନ୍ତ୍ରୀଙ୍କ ନମିନୀ ପ୍ରମୋଦ ସେନାପତି, ଓପିଜିସିର ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଆଇଟିଆଇ ଛାତ୍ରଛାତ୍ରୀଙ୍କ ଅବିଭାବକ, ଅଞ୍ଚଳବାସୀ ଜନସାଧାରଣ ଯୋଗ ଦେଇଥିଲେ। ଏହାପରେ ମନ୍ତ୍ରୀ ଶ୍ରୀ ପୂଜାରୀ କୁମ୍ଭାରବନ୍ଧ ଯୁକ୍ତ ୩ ପିଏ ମହାବିଦ୍ୟାଳୟ ଯାଇଥିଲେ। କଲେଜ ପ୍ରତିଷ୍ଠାତା ଗିରିଧାରୀ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାପରେ ବୃକ୍ଷରୋପଣ କରିଥିଲେ। ପରେ କଲେଜ ସମସ୍ୟା ସମ୍ପର୍କରେ ଅଧକ୍ଷ ରାଜକିଶୋର ବିଶ୍ୱାଳ ତଥା ଅଧାପକ କର୍ମଚାରୀ ମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ସମସ୍ୟାର ସମାଧାନର ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ଚକ୍ଷୁ ପରୀକ୍ଷା ଶିବିର; ୧୮ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ




କୋଲାବିରା,୨୧।୯ (ସମିସ): କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ଏବଂ ଝାରସୁଗୁଡା ତ୍ରିଲୋଚନ ନେତ୍ରାଳୟର ମିଳିତ ଉଦ୍ୟମରେ ରବିବାର କୋଲାବିରା ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଅତ୍ୟାଧୁନିକ ପଦ୍ଧତିରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୯ରୁ ଅପରାହ୍ଣ ୨ଟା ମଧ୍ୟରେ ମୋଟ ୯୦ ଜଣଙ୍କ ପଞ୍ଜୀକରଣ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କର ମୋତିଆବିନ୍ଦୁ ରୋଗ ଚିହ୍ନଟ କରାଯାଇଥିଲା। ସମସ୍ତ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅପରେସନ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଜସ୍ୱ ଖର୍ଚ୍ଚରେ ସମ୍ବଲପୁର ନେବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଚକ୍ଷୁ ପରୀକ୍ଷା ପରେ ଅନ୍ୟ ୫୦ ଜଣଙ୍କୁ ଚାଳିଷିଆ ଚଶମା ପ୍ରଦାନ କରାଯାଇଥିଲା। ସଂସଦର ସଭାପତି ଶୋଭା ଚନ୍ଦ୍ର ନାଏକ, ମୁଖ୍ୟ ସମ୍ପାଦକ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ମନୋରଞ୍ଜନ କଣ୍ଟା, ରୁପାନନ୍ଦ ଜୟପୁରୀଆ, ଅଶୋକ ବେହେରା ପ୍ରମୁଖ ଅତିଥି ଭାବେ ଶିବିର ଉଦ୍‌ଘାଟନ କରିଥିଲେ। ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ପରିତୋଷ ବାରିକ, ସମ୍ଭବ କାମ୍ପା, ସସ୍ମିତା ପଟେଲ, ଅଙ୍କିତା ଓରାମ, ତ୍ରିସା ପଧାନ, ଅର୍ଚ୍ଚିତା ଲୁହା ପ୍ରମୁଖ ଶିବିରକୁ ଆସୁଥିବା ରୋଗୀଙ୍କ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ରାଗୀଙ୍କୁ ମୋତିଆବିନ୍ଦୁ ଅପରେସନ ପାଇଁ ସମ୍ବଲପୁରକୁ ନେବାର ବ୍ୟବସ୍ଥା କରାଇଥିଲେ। ଅପରେସନ ସମୟରେ ରହିବା, ଖାଇବା, ଯିବା ଆସିବା, ଔଷଧ, ଚଷମା ଆଦି ମାଗଣାରେ ଦିଆଯିବାର ବ୍ୟବସ୍ଥା ରହିଥିବା ନେଇ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସଂସଦର ସମ୍ପାଦକ କୀର୍ତିର୍ ଚନ୍ଦ୍ର ବହିଦାର, ଲଳିନ୍ଦ୍ର ଗୋଖରା, ସମୀର ପଟେଲଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ସମାବେଶ 'ଉତ୍ସାହ ୨୦୨୫'



ଦେବଗଡ଼,୨୧।୯ (ସମିସ): ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଶିଶୁ ଆଶ୍ରୟ ଗୃହର ଅନ୍ତେବାସୀଙ୍କ ବାର୍ଷିକ କ୍ରୀଡା ସମାବେଶ 'ଉତ୍ସାହ' ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏଥିରେ ଶିଶୁ ଗୃହର ଅନ୍ତେବାସୀମାନେ ବିଭିନ୍ନ ପ୍ରତିଯୋଗିତାର ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତଥା ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁଙ୍କ ପରିଚାଳନାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧକ୍ଷା ପିଙ୍କିରାଣୀ ନନ୍ଦ ଓ ସମ୍ମାନିତ ଅତିଥି ଭାବେ କିଶୋର ନ୍ୟାୟ ବୋର୍ଡ ସଦସ୍ୟା ଗାୟତ୍ରୀ ଦିବେଦୀ, ଡିଆଇପିଆରଓ ମନୋରଞ୍ଜନ ସୂତାର, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡା ସମାବେଶର ଆୟୋଜନରେ ସୁରକ୍ଷା ଅଧିକାରିଣୀ କ୍ରାନ୍ତି ମଞ୍ଜରୀ ଧାଉଁଳିଆ, ଶିଶୁ ମଙ୍ଗଳ ଅଧିକାରୀ ଶ୍ରୀଦତ୍ତ ସାହୁ, ସତ୍ୟପ୍ରିୟ ପ୍ରଧାନ, ରାମାଞ୍ଚଳ ପ୍ରଧାନ, ଅଜିତ ନାୟକ, ଗଗନ ବିଶ୍ୱାଳ, ସୁଜିତ ନାୟକ, ତପସ୍ୱିନୀ ମହାକୁଳ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆସନ୍ତା ମାସର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ।


## ଆନ୍ତଃଜିଲ୍ଲା ଜୁନିୟର ସ୍କୁଲ ହକି ପ୍ରତିଯୋଗିତାରେ ଝାରସୁଗୁଡ଼ା ଚାମ୍ପିଅନ୍



ଝାରସୁଗୁଡ଼ା,୨୧।୯ (ସମିସ): ସୁନ୍ଦରଗଡ ଭବାନୀପୁର ଠାରେ ରବିବାର ଠାରୁ ଆନ୍ତଃଜିଲ୍ଲା ସ୍କୁଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଜୁନିୟର ବିଭାଗରେ ଝାରସୁଗୁଡ଼ା ଜିଲ୍ଲା ହକି ବାଳକ ଦଳ ଭଦ୍ରକ ଜିଲ୍ଲାକୁ ୮-୦ ଗୋଲରେ ପରାସ୍ତ କରିଛି। ଜିଲ୍ଲାର କଣ୍ଟାପାଲି ସ୍କୁଲର ବିବେକ ନାୟକ ଏକାକୀ ହାଟ୍ରିକ ସହ ୬ଟି ଗୋଲ ଦେଇଥିଲେ। ଦଳର ଦିପେଶ ଲାକ୍ରା ଓ ସୁଧୀର ଲିମ୍ବା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ବିର୍ସା ମୁଣ୍ଡା ଆନ୍ତଃଜିଲ୍ଲା ହକି ପ୍ରତିଯୋଗିତାରେ ବିବେକ ନାୟକ ମଧ୍ୟ ହାଟ୍ରିକ ଅର୍ଜନ କରିଥିଲେ ଓ ଝାରସୁଗୁଡ଼ା ଜିଲ୍ଲା ସ୍କୁଲ ଦଳକୁ ଜିଲ୍ଲା ଶିକ୍ଷା ଓ କ୍ରୀଡା ଅଧିକାରୀ ଶୁଭେଚ୍ଛା ଜଣାଇଛନ୍ତି।

## ଶବର ସମାଜର ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

ଝାରସୁଗୁଡ଼ା,୨୧।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରପରିଷଦ କଲ୍ୟାଣ ମଣ୍ଡପରେ ଝାରସୁଗୁଡ଼ା ଶବର ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସମ୍ବଲପୁର, ବଲାଙ୍ଗିର, ବରଗଡ଼, ସୁନ୍ଦରଗଡ, ବୌଦ୍ଧ, ଦେବଗଡ଼ ପରି ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଜିଲ୍ଲାର ସବର ସମାଜର ନେତୃ ମଣ୍ଡଳୀ ଏବଂ ଶବର ସମାଜର ଜନସାଧାରଣ ଉପସ୍ଥିତ ଥିଲେ। ଶବର ସମାଜକୁ ଉନ୍ନତ, ସଶକ୍ତ, ଶିକ୍ଷା ଯୁକ୍ତ, ମଦ ମୁକ୍ତ କରି ସମାଜ ଗଠନ କରିବା ଦିଗରେ ଅତିଥିମାନେ ଆଲୋଚନା କରିଥିଲେ। ଏହାପରେ ସମ୍ବଲପୁରୀ



ନାଚ, ଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମର ଆସର ଜମିବା ସହ ବେଶ୍ ଧୁମଧାମରେ ଭେଟ୍‌ଘାଟ ସମାବେଶ ପାଳିତ ହୋଇଥିଲା।

# ନିଶାମୁକ୍ତ ଭାରତ ଗଠନ ପାଇଁ ଗଣଦୌଡ଼

ଝାରସୁଗୁଡ଼ା,୨୧।୯ (ସମିସ):

ଯୁବ ପିଢ଼ୀ ମଧ୍ୟରେ ସେବା ମନୋଭାବ ଓ ନିଶାମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ଝାରସୁଗୁଡ଼ାରେ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ପୁରୁଣା ବସଷ୍ଟାଣ୍ଡ ସଂଲଗ୍ନ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ମାରାଥନକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ମାରାଥନରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ କ୍ରୀଡ଼ା ସଂଗଠନ, ବୁଦ୍ଧିଜୀବୀ, ସମାଜସେବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ତୁଷାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ, ଓଡ଼ିଶା ହକିସଙ୍ଘ ଉପସଭାପତି ଜୀବନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡିଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡା ଶିକ୍ଷକଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଦେବଗଡ଼: ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଜିଲ୍ଲା ପ୍ରଶାସନ, କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜନ ସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ସଚେତନତା ସୃଷ୍ଟି ନିମନ୍ତେ ରବିବାର ଏକ ଗଣଦୌଡ଼ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ବରଣ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ୍ ଚୋପରଦାର୍, ଉପଜିଲ୍ଲାପାଳ ପରକ୍ଷିତ ସାହୁ ପତାକା ଦେଖାଇ ମାରାଥାନର ଶୁଭାରମ୍ଭ କରିଥିଲେ। ମାରାଥାନ୍ ସହର ପରିକ୍ରମା କରି ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ପହଞ୍ଚିଥିଲା। ଏହି ଗଣଦୌଡ଼ରେ ଜିଲ୍ଲା କ୍ରୀଡା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂ, ତହସିଲଦାର କର୍ଣ୍ଣ ମଲିକ, ଅବକାରୀ ଅଧୀକ୍ଷକ ବାସନ୍ତୀ ପ୍ରଭା ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲା କଷାଗାର ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ଦେବଗଡ଼ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ, ମହାବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍, କ୍ରୀଡା ଶିକ୍ଷକ ଓ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

■ ମହାଳୟାରେ ଗଙ୍ଗାଦର୍ଶନ କଲେ ହଜାର ହଜାର ଭକ୍ତ

# ଧବଳମୁଖୀ ବେଶରେ ମା’ ସମଲେଶ୍ୱରୀ





ସମ୍ବଲପୁର, ୨୧।୯ (ସମିସ)

ମହାଳୟା ଅବସରରେ ମା’ ସମଲେଶ୍ୱରୀ ଆଜି ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଏହି ବେଶରେ ମା’ ଆସନ୍ତା ମଙ୍ଗଳବାର ପୂର୍ବାହ୍ଣ ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ଭକ୍ତଙ୍କୁ ଦର୍ଶନ ଦେବେ। ବର୍ଷତମାମ ମା’ ସମଲେଶ୍ୱରୀ ସିନ୍ଦୁରମୁଖୀ ଭାବରେ ଦର୍ଶନ ଦେଉଥିବାବେଳେ ମହାଳୟା ଦିନ ଶୁଭ୍ର ବେଶ ଧାରଣ କରିଥାନ୍ତି। ମା’ଙ୍କ ଶୁଭ୍ର ବେଶ ଦର୍ଶନ କଲେ ଗଙ୍ଗା ଦର୍ଶନର କୋଟି ପୁଣ୍ୟ ମିଳିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏଥିପାଇଁ ଆଜି ବଡ଼ି ଭୋରରୁ ସମଲେଶ୍ୱରୀ ପାଠରେ ହଜାର ହଜାର ଦର୍ଶକଙ୍କ ଗହଳି ଲାଗିଥିଲା।

ରବିବାର ଭୋର ୪ଟାରେ ସମଲେଶ୍ୱରୀ ମନ୍ଦିର ଖୋଲିବା ପରେ ମା’ ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ବେଶ କରାଯାଇଥିଲା। ମା’ଙ୍କୁ ଧଳା ପାଟବସ୍ତ୍ର ଓ ଧଳା ଫୁଲରେ ମଣ୍ଡିତ କରାଯାଇଥିଲା। ଗତକାଲି ରାତିରୁ ମା’ଙ୍କୁ ଧବଳବେଶ କରିବା ଆରମ୍ଭ କରାଯାଇଥିଲା। ପ୍ରାତଃ ସମୟରେ ଧବଳବେଶ ପୂଜା ଆରମ୍ଭ କରାଯାଇ ସାଢ଼େ ୪ଟା ସମୟରେ ମଙ୍ଗଳ ଆଳତୀ କରାଯାଇଥିଲା। ଆଳତୀ ଓ ଅନ୍ୟ ପୂଜାର୍ଚ୍ଚନା ପରେ ପ୍ରାୟ ୫ଟାରେ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲିଥିଲା। ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ କରିଥିଲେ। ମଝିରେ ପୂର୍ବାହ୍ଣ ୧୧ଟା ୪୫ ମିନିଟରୁ ଅପରାହ୍ଣ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନ୍ନଭୋଗ ଲାଗି ସକାଶେ ଦର୍ଶନ ବନ୍ଦ ଥିବାବେଳେ ସନ୍ଧ୍ୟା ମହାଆଳତୀ ପାଇଁ ଦର୍ଶନ ରାତି ୭ଟା ୪୫ ମିନିଟରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ରାତି ସାଢ଼େ ୧୦ଟା ପରେ ମା’ ସମଲେଶ୍ୱରୀଙ୍କ ଦର୍ଶନ ବନ୍ଦ ଓ ପହଡ଼ ନୀତି ହୋଇଥିଲା। ବର୍ଷତମାମ ଶ୍ରଦ୍ଧାଳୁ ମା’ଙ୍କ ଧବଳମୁଖୀ ବେଶ ଦର୍ଶନ ପାଇଁ ଅପେକ୍ଷା କରି ରହିଥାନ୍ତି ଓ ଏହି ବେଶରେ ମା’ ଅଢ଼େଇଦିନ ମଙ୍ଗଳବାର ଅପରାହ୍ଣ ପର୍ଯ୍ୟନ୍ତ ଦର୍ଶନ ଦେବେ। ଏହାପରେ ପୁଣି ସିନ୍ଦୂରମୁଖୀ ବେଶ କରାଯିବ ବୋଲି ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୪ ତାରିଖ ମୂଳାଷ୍ଟମୀଠାରୁ ମା’ ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଚାଲିଛି ଏବଂ ଏହା ମହାଷ୍ଟମୀରେ ସରିବ।

ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କହିଛନ୍ତି, ମା’ଙ୍କ ଧବଳମୁଖୀ ଦର୍ଶନରେ ଗଙ୍ଗା ଦର୍ଶନର ପୁଣ୍ୟ ମିଳୁଥିବାରୁ ପ୍ରବଳ ଭିଡ଼ ଲାଗିଥାଏ। ବିଗତ ବର୍ଷମାନଙ୍କର ଅନୁଭୂତିକୁ ନେଇ ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ଟ୍ରଷ୍ଟବୋର୍ଡ ପକ୍ଷରୁ ସମସ୍ତ ପ୍ରକାର ସୁବିଧା କରାଯାଇଛି। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ପୁଲିସ ଫୋର୍ସ ମୁତୟନ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଦୁଇଟି ଦଳ ଆବଶ୍ୟକସ୍ଥଳେ ସେବା ଯୋଗାଇବାକୁ ରହିଛନ୍ତି।

## ବିଭିନ୍ନ ଦେବୀପୀଠରେ ମା’ଙ୍କ ଧବଳମୁଖୀ ବେଶ



ମା’ ପାଟଣେଶ୍ୱରୀ



ମା’ ବାଟମଙ୍ଗଳା



ମା’ କାମାକ୍ଷା

## ଫିଲ୍ମ ଷ୍ଟାଇଲରେ ଅପହରଣ ଘଟଣା | ଗିରଫ ହେଲେ ପରିବାରର ୪ ଜଣ









ସମ୍ବଲପୁର, ୨୧।୯ (ସମିସ): ଟ୍ରାନ୍ସପୋର୍ଟରେ ଗାଡ଼ି ଲଗାଇଥିଲେ। ହେଲେ ନିଜ ହିସାବରେ ଟଙ୍କା ମିଳିଲାନି। ତେଣୁ ଝାଡ଼ଖଣ୍ଡରୁ ସମ୍ବଲପୁର ଆସିଲେ। ପରେ ଟ୍ରାନ୍ସପୋର୍ଟ ମାଲିକ ଅଫିସକୁ ଯାଇ ଫିଲ୍ମ ଷ୍ଟାଇଲରେ ମାରଣାସ୍ତ୍ର ଦେଖାଇ ମାଡ଼ ମାରିଲେ। ସେତିକିରେ ମନ ବୁଝିଲାନି। ନିଜ ଗାଡ଼ିରେ ଘୋଷାଡ଼ି ଅପହରଣ କରି ନେଉଥିଲେ। ଅଳ୍ପ ବାଟରେ ଟ୍ରାନ୍ସପୋର୍ଟ ମାଲିକ କୌଶଳକ୍ରମେ ପଳେଇ ଆସି ଥାନାରେ ଅଭିଯୋଗ କରିଥିଲେ। ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅଞ୍ଚଳରେ ଏପରି ଅଭାବନୀୟ ଘଟଣା ଘଟିଯାଇଛି। ଅଭିଯୋଗ ପରେ ପୁଲିସ ସିସିଟିଭି ଫୁଟେଜ ଆଧାରରେ ଗୋଟାଏ ପରିବାରର ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡର ରମଣ ଦୀପ ସିଂ(୨୨), ମନ୍ଦିପ ସିଂହ(୫୦), ମଞ୍ଜିତ ସିଂ(୨୩) ଓ ସର୍ବଜିତ ସିଂ(୨୦)। ସୂଚନା ଅନୁସାରେ ଶନିବାର ସନ୍ଧ୍ୟାରେ ମନୋଜ ବହିଦାର ଅଇଁଠାପାଲି ସ୍ଥିତ ନିଜସ୍ୱ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ବସିଥିଲେ। ସନ୍ଧ୍ୟାରେ ଉକ୍ତ ଅଭିଯୁକ୍ତମାନେ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟକୁ ଯାଇଥିଲେ। ସମସ୍ତେ ପଗଡ଼ି ପିନ୍ଧି ଥିବା ସହ ହାତରେ ମାରଣାସ୍ତ୍ର ଧରିଥିଲେ। ପରେ ମାଡ଼ ମାରିବା ସହ ଅପହରଣ କରି ନେଇଥିଲେ। କାର୍ଯ୍ୟାଳୟରୁ ଲାପଟପ, ୪୦ ହଜାର ନଗଦ ଟଙ୍କା, ଅନଲାଇନ ମାଧ୍ୟମରେ ୩୦ ହଜାର ଟଙ୍କା ଓ ୧୫ ଭରିର ସୁନା ଚେନ ନେଇଯାଇଥିଲେ। କାର୍ଯ୍ୟାଳୟର ମହିଳା କର୍ମଚାରୀ ମଧ୍ୟ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ପରେ କିଛି କର୍ମଚାରୀ ତାଙ୍କୁ ଅନୁସରଣ କରିଥିଲେ। ବରେଇପାଲିରେ ଭିଡ଼ ଥିବାରୁ ମନୋଜ ଗାଡ଼ିରୁ ବାହାରି ଆସିଥିଲେ। ମନୋଜଙ୍କ କହିବା ଅନୁସାରେ, ଉକ୍ତ ଅଭିଯୁକ୍ତଙ୍କ ଗାଡ଼ି ତାଙ୍କ ଟ୍ରାନ୍ସପୋର୍ଟରେ ଲାଗିଥିଲା। ଯାହା ପୂର୍ବରୁ ଚୁକ୍ତି ହୋଇଥିଲା ସେତିକି, ଟଙ୍କା ସେ ଦେଇଥିଲେ। ହେଲେ ଅଧିକ ଟଙ୍କା ପାଇଁ ଅଭିଯୁକ୍ତମାନେ ଏପରି କାଣ୍ଡ ଭିଆଇଥିବା ପୁଲିସ କହିଛି। ପୁଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ମହାଳୟାରେ ସାମୂହିକ ତିଳତର୍ପଣ

ସମ୍ବଲପୁର, ୨୧।୯ (ସମିସ) : ଗତ ୨୫ ବର୍ଷ ହେଲା ମହାଳୟା ଅବସରରେ ସମ୍ବଲପୁର ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସମ୍ବଲପୁରର ଧମାର ଧର୍ମେଶ୍ୱର ଘାଟ, ବଉସରା ମହାନଦୀ ଘାଟଠାରେ ସାମୂହିକ ତିଳତର୍ପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ମାରୱାଡ଼ିପଡ଼ା ଘାଟରେ ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜର ସଭ୍ୟମାନେ ମଧ୍ୟ ସାମିଲ ହୋଇଥିଲେ।



ସେହିପରି ନନ୍ଦପଡ଼ାସ୍ଥିତ ବାଲୁଙ୍କେଶ୍ୱର ଘାଟରେ ଧର୍ମୀୟ ପରମ୍ପରା ଓ ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧାର ପ୍ରତୀକ ସ୍ୱରୂପ ଆଜି ସର୍ବ ପିତୃ ଅମାବାସ୍ୟା ଅବସରରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ପବିତ୍ର ଦିନରେ ନିଜ ନିଜ ପରିବାରର ସମସ୍ତ ବିଦାୟ ନେଇଥିବା ପିତୃପୁରୁଷଙ୍କ ଆତାର ସଦ୍‌ଗତି ପାଇଁ ଶ୍ରଦ୍ଧାଳୁମାନେ ଘାଟରେ ଏକତ୍ରିତ ହୋଇଥିଲେ। ବ୍ରାହ୍ମଣମାନଙ୍କ ବୈଦିକ ମନ୍ତ୍ରପାଠ ଏବଂ ପୂଜାବିଧି ଅନୁଯାୟୀ, ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କୁ ତିଳ, ଜଳ ଏବଂ କୁଶ ସାହାଯ୍ୟରେ ତର୍ପଣ ପ୍ରଦାନ କରିଥିଲେ। ସକାଳୁ ହିଁ ଘାଟରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା।

ମାରୱାଡ଼ିପଡ଼ା ଘାଟ (ପର୍ଶୁରାମ ଘାଟ) ସହିତ ଅନ୍ୟ ଘାଟ ମାନଙ୍କରେ ପିତୃପୁରୁଷ ତଥା ପ୍ରିୟଜନଙ୍କ ଉପଲକ୍ଷେ ତିଳତର୍ପଣ କରାଯାଉଛି। ଆଜି ମଧ୍ୟ ଜାତି, ଗୋତ୍ର, ବର୍ଣ୍ଣ ନିର୍ବିଶେଷରେ ସମ୍ବଲପୁରର ମାରୱାଡ଼ି ପଡ଼ା ଘାଟରେ ସକାଳେ ସାମୂହିକ ତିଳତର୍ପଣ କରାଯାଇଥିଲା। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଓ ପଣ୍ଡିତ କାଳିଦାସ ପଣ୍ଡା ମନ୍ତ୍ରୋଚ୍ଚାରଣ କରି ଏହି ନୀତିକୁ ପରିଚାଳନା କରିଥିଲେ। ସେହିପରି ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ଭତରା ଶଙ୍କର ମଠ, ହୁମା ମଚ୍ଛିନ୍ଦ୍ର ଘାଟ,



## ଶରତପାଳ କଲେଜ ଅଧ୍ୟକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଲବିହାର, ମହୁଲବରାଇ, ସାରସକଣା ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼.ସୁଦର୍ଶନ ମିଶ୍ର ଙ୍କ ତତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ସାହୁଙ୍କ ସନ୍ଦର୍ଭଟି "KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA". ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱ ବିଦ୍ୟାଳୟର Profesor Keisham Shitaljit Singh (Head Dept . Education)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେଞ୍ଚା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟା ଦେବୀ ମା’ ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ଼.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଶରତ କୁମାର ରାଉତ ନିଜ ପିତାମାତା, ଧର୍ମପତ୍ନୀ ମିନାରାଣୀ ସାହୁ, କନ୍ୟା ଶ୍ରୁତିରେଖା ସାହୁ, ପୁତ୍ର ପ୍ରିତମ କୁମାର ସାହୁ, ସମସ୍ତ ପରିବାର ବର୍ଗ, ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

## ବୈଦିକରେ ଅଭିନୟ କାର୍ଯ୍ୟଶାଳା




ସମ୍ବଲପୁର, ୨୧।୯ (ସମିସ) : ପାବପାଲି, ଶାସନସ୍ଥିତ ବୈଦିକ ଇଣ୍ଟରନେସନାଲ ସ୍କୁଲରେ ତିନିଦିନ ଧରି ଅଭିନୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତର ବଲିଉଡ ଜଗତର ନାମକରା ପ୍ରସିଦ୍ଧ ଅଭିନେତା ଓ ଥିଏଟର ଶିଳ୍ପୀ ପ୍ରଫେସର ଭଗବାନ ତିୱାରୀଙ୍କ ସହ ବଲିଉଡ ଜଗତର ନାମକରା ନିର୍ଦ୍ଦେଶକ ଅଙ୍କିତ ଶୁକ୍ଲା ମଧ୍ୟ ଯୋଗଦାନ କରି ତାଙ୍କ ସଫଳତାର ମୂଳମନ୍ତ୍ର ଛାତ୍ରଛାତ୍ରୀ ମାନଙ୍କ ସହ ବିନିମୟ କରିଥିଲେ। ଛାତ୍ରୀଛାତ୍ରୀ ମାନଙ୍କ ଭିତରେ ଥିବା ପ୍ରତିଭାକୁ ସେମାନେ କିପରି ଭାବରେ ଜାଣିପାରିବେ ଏବଂ ଅଭିନୟ କଳା, ମଞ୍ଚ ପ୍ରସ୍ତୁତି, ଭାବଭଙ୍ଗୀ ଓ ଦେହଭାଷା ବିଷୟରେ କର୍ମଶାଳାରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟଶାଳା ସୀମିତ ଅଂଶଗ୍ରହଣକାରୀଙ୍କ ପାଇଁ ହୋଇଥିବା ସତ୍ତ୍ୱେ ଓଡ଼ିଶା ତଥା ଛତିଶଗଡ଼ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଚେୟାରମେନ ଆନନ୍ଦ ଅଗ୍ରୱାଲ ତାଙ୍କ ଭାଷଣରେ ଅଭିନୟ କିପରି ଭାବରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ, ସୃଜନଶୀଳ ଚେତନା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ ଓ ଅଭିନୟ କର୍ମଶାଳାରୁ ବହୁତ କିଛି ଜ୍ଞାନ ଆହରଣ କରି ନିଜକୁ ସଫଳ ମଣିଷଟିଏ ବନେଇ ପାରିବା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତି ଉଚ୍ଚକୋଟୀର ଗୀତ ବାଦ୍ୟ ନୃତ୍ୟ ପରିବେଷଣ ହୋଇଥିଲା। ଅଧ୍ୟକ୍ଷ ଗୀତା ଧର୍ମରାଜନ, ଉପାଧ୍ୟକ୍ଷ ମୋନେନ ଈଶ୍ୱରୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

## ସୁନାପାଲିକୁ ନିଶାମୁକ୍ତ କରିବାକୁ ରାସ୍ତାରୋକ କଲେ ମହିଳା

ସମ୍ବଲପୁର, ୨୧।୯ (ସମିସ) : ସମ୍ବଲପୁର ସହର ସୁନାପାଲି ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ମୁସଲିମ ମହିଳା ମାନେ ଅଣ୍ଟା ଭିଡ଼ିଛନ୍ତି। ଆଜି ପୂର୍ବାହ୍ଣରେ ବହୁସଂଖ୍ୟକ ମହିଳା ସୁନାପାଲି ମୁଖ୍ୟରାସ୍ତା ଅବରୋଧ କରି ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଦାବି କରିଥିଲେ। ମହିଳା ମାନଙ୍କ କହିବାନୁଯାୟୀ ସୁନାପାଲି ଅଞ୍ଚଳର ପ୍ରାୟ ଅନେକ ଘରେ ବେଆଇନ ଭାବରେ ସମସ୍ତ ପ୍ରକାରର ମାଦକଦ୍ରବ୍ୟ ବିକ୍ରି କରାଯାଉଛି। ସ୍ଥାନୀୟ ଅଞ୍ଚଳର ଯୁବକମାନେ ନିଶା ସେବନ କରି ବିଭିନ୍ନ ଅପରାଧିକ ଘଟଣାରେ ଛନ୍ଦି ହେଉଛନ୍ତି। ଏହି ନିଶା ଯୋଗୁଁ ଗତ କିଛିଦିନ ଭିତରେ ସୁନାପାଲି ଅଞ୍ଚଳରେ ହତ୍ୟା ଘଟଣା ଘଟିଯାଇଛି। ବହୁ ପରିବାରର ବୃଦ୍ଧବୃଦ୍ଧା ମାନେ ବେସାହାରା ହୋଇଯାଇଛନ୍ତି। ଏହି ସମସ୍ତ ଘଟଣାକୁ ଦେଖି ମହିଳାମାନେ ସୁନାପାଲି ଅଞ୍ଚଳରେ ନିଶା କାରବାର ବନ୍ଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଧନୁପାଲି ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ମହିଳା ମାନଙ୍କୁ ବୁଝାଶୁଝା କରିବାସହ ନିଶା ବନ୍ଦ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା।





## ବାମରା ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ବୈଠକ



କୁଚିଣ୍ଡା, ୨୧।୯ (ସମିସ): ଧବଳେଶ୍ୱର ମହାଦେବ ମନ୍ଦିର କେନ୍ଦୁପାଣି ପରିସରସ୍ଥିତ ଭବନରେ ବାମରା ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ଜରୁରୀ ବୈଠକ ସଂଘର ସଭାପତି ଯୋଗାଯୋଗ ବିହାରି ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଅବନି କୁମାର ସାହୁ ବିବରଣୀ ପଠନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ବିଷୟରେ ଜଣାଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନେଉଥିବା ବିଭିନ୍ନ ଯୋଜନା ଗୁଡିକ ସମ୍ପର୍କରେ ଉପସଭାପତି ଗଗନ ବିହାରୀ ଚୌଧୁରୀ ଆଲୋଚନା କରିଥିଲେ। ଉପସ୍ଥିତ ଅନ୍ୟ ସଦସ୍ୟମାନେ ବାମରା ବ୍ଲକ, ତହସିଲ, ହସପିଟାଲ, ବ୍ୟାଙ୍କ ରେଳ ପ୍ରଭୃତି ବିଭାଗରେ ବରିଷ୍ଠ ନାଗରିକଙ୍କ ପାଇଁ ହେଉଥିବା ଅସୁବିଧା ସବୁ ଉପରେ ନିଜନିଜର ପ୍ରତିକ୍ରିୟା ରଖିଥିଲେ। ଦୁଇ ବର୍ଷରୁ ଅଧିକ ସମୟ ଧରି ଆବେଦନ କରାଯାଇଥିଲେ ସୁଦ୍ଧା ପୁଲିସ ବିଭାଗ ତରଫରୁ ପରିଚୟପତ୍ର ଦିଆଯାଉଁଥିବାରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଥିଲା। ଶେଷରେ ନୃପମଣୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସମସ୍ୟା ନେଇ କଳାକାରଙ୍କ ପକ୍ଷରୁ ଦାବିପତ୍ର



ଜମନକିରା, ୨୦।୯ (ସମିସ): ଜମନକିରା ବ୍ଲକ କଳାସଂସ୍କୃତି ସଂଘ ସଭାପତି ଗୋକୁଳା ନନ୍ଦ ଦାନୀଙ୍କ ନେତୃତ୍ୱରେ ସାପ୍ତାହିକ ବଜାରରୁ ଶହ ଶହ ପୁରୁଷ ମହିଳା ନିଜ ନିଜ କଳାକାର ରୂପ ଲେଖ ଦେଇ ବିରାଟ ପଟୁଆରରେ ବ୍ଲକ ଅଫିସ ସମ୍ମୁଖରେରେ ପହଞ୍ଚି ପ୍ରତିବାଦ ସଭା କରି ୪ ଦଫା ଦାବିପତ୍ର ବିଡିଓ ରବୀନ୍ଦ୍ର ସେଠୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ସଂଘର ୪୦୦ରୁ ଅଧିକ କଳାକାର ପଞ୍ଜିକୃତ ହୋଇ ସରକାରୀ ସହାୟତା ପାଇ ଆସୁଛନ୍ତି। ଜମନକିରା ବ୍ଲକରେ ଥିବା ଅଣ ପଞ୍ଜିକୃତ କଳାକାରଙ୍କୁ ଚିହ୍ନଟ କରାଯାଇ ପଞ୍ଜିକୃତକରି ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଦାବି କରାଯାଇଛି। କଳାକାରମାନେ ଥିବା ଗ୍ରାମ ଗୁଡ଼ିକର ସରକାରୀ ସହାୟତାରେ କଳାକାର ଭବନ ନିର୍ମାଣ କରାଯାଉ। ଯେଉ ଠାରେ କଳାକାରମାନେ ପ୍ରତି ଦିନ ଭାଗବତ ପାଠ ସହ ଭଜନ କିର୍ତ୍ତନ କରିବାର ସୁଯୋଗ ପାଇବେ। ପଞ୍ଜିକୃତ କଳାକାରଙ୍କୁ ବୀମା ପରିସର ଭୁକ୍ତ, ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାରପ୍ରସାର ସମୟରେ ପଞ୍ଜିକୃତ କଳାକାରଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯିବାକୁ ଦାବି କରାଯାଇଛି।

### ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଦେବା ପ୍ରସଙ୍ଗ

## ‘ସମ୍ବଲପୁରୀ ବ୍ୟବହାର କରୁଥିବା ୨ କୋଟି ଲୋକଙ୍କ ଅସ୍ମିତା ପ୍ରତି କୁଠାରଘାତ’

ସମ୍ବଲପୁର, ୨୧।୯ (ସମିସ)




ଚଳିତ ବିଧାନସଭା ଅଧିବେଶନରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ତଥା ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି ଦେଇଥିବା ବକ୍ତବ୍ୟକୁ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ ସମ୍ବଲପୁରୀ ଭାଷା ବ୍ୟବହାର କରୁଥିବା ୨ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ଅସ୍ମିତା ପ୍ରତି ଏହା କୁଠାରଘାତ ବୋଲି କହିଛନ୍ତି। ପଶ୍ଚିମ ଓଡ଼ିଶାର ୨କୋଟିରୁ ଅଧିକ ଜନସାଧାରଣଙ୍କ ସମେତ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟର ଅନେକ ପଡ଼ୋଶୀ ଅଞ୍ଚଳରେ ‘ସମ୍ବଲପୁରୀ’ ଭାଷା ପ୍ରଚଳିତ। ଅନ୍ୟପକ୍ଷରେ କେନ୍ଦ୍ର ସହଯୋଗରେ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ନିମନ୍ତେ ବିଜେପି ତା’ର ୨୦୨୪ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିବା ମନ୍ତ୍ରୀ ଶ୍ରୀ ସୁରଜ ଜାଣିନାହାନ୍ତି କି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏହାସତ୍ତ୍ୱେ ଯଦି ରାଜ୍ୟ ସରକାରଙ୍କ ସଂସ୍କୃତି ମନ୍ତ୍ରୀ ଏଭଳି ବକ୍ତବ୍ୟ ଦେଇଛନ୍ତି ତେବେ ଏହା ଅତ୍ୟନ୍ତ ନିନ୍ଦନୀୟ ଅଟେ ବୋଲି ଆଜି ସ୍ଥାନୀୟ କଂଗ୍ରେସ ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ମତପ୍ରକାଶ ପାଇଛି।

ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଶ୍ରୀ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ଦାବିକୁ ପୁଣି ଦୋହରାଯାଇଛି। ବୈଠକରେ ପିସିସି ସଭ୍ୟ ଚନ୍ଦ୍ର ପୁରୋହିତ, ପିସିସି ସଭ୍ୟା ସୁରଞ୍ଜିନୀ ବାରିକ, ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାଶ, ପ୍ରକାଶ ଶତପଥୀ, ଜିଲ୍ଲା ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ସୂତପା ମିତ୍ର, ପୂର୍ବତନ କାଉନସିଲର କୃଷ୍ଣ ସୁନାର ଓ ଅଶୋକ ସୋନି, ଓବିସି ଜିଲ୍ଲା ସଭାପତି ଶିବବ୍ରତ ପ୍ରଧାନ, ପିସିସି (କୃଷକ ସେଲ) ସାଧାରଣ ସମ୍ପାଦକ ଗୋବିନ୍ଦ ମିଶ୍ର, ସୁବାସିନୀ ମୁଣ୍ଡା, କୃଷକ ନେତା ଲକ୍ଷ୍ମୀ ପ୍ରଧାନ, ଦଶରଥ ଦାସ, ବିରଞ୍ଚି ମହାପାତ୍ର, କବିତା ପଟ୍ଟନାୟକ, ବାବୁ ଖାନ, ରାଜେଶ ମିଶ୍ର, ତପନ ବେହେରା, ଏମ୍‌ଡି ସଲିମ ପ୍ରମୁଖ ଉପସ୍ଥିତ ଥିଲେ।

# ମାଁ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ଦର୍ଶନ

**ବରପାଲି, ୨୧।୯ (ସମିସ):** ପବିତ୍ର ମହାଳୟା ଅବସରରେ ବରପାଲିର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ଦର୍ଶନାର୍ଥେ ହଜାର ହଜାର ଭକ୍ତ ଗଙ୍ଗାଦର୍ଶନ ଲାଭ କରିଛନ୍ତି। ପବିତ୍ର ମହାଳୟା ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହାଳୟା ତିଥିରେ ମାଁଙ୍କ ଏହି ଦୁର୍ଲ୍ଲଭ ରୂପ ଦେଖିବାକୁ ଆଖପାଖ ଅଞ୍ଚଳର ଭକ୍ତ ମାନଙ୍କ ଭିଡ ରବିବାର ପ୍ରତ୍ୟୁଷରୁ ମନ୍ଦିର ପରିସରରେ ଦେଖିବାକୁ ମିଳିଥିଲା। ଏହି ଅବସରରେ ଶନିବାର ରାତ୍ର ସମୟରେ ମନ୍ଦିର



ସମ୍ମୁଖରେ ଭଜନ, ପରାୟଣ ଆଦି କାର୍ଯକ୍ରମ ଆୟୋଜିତ ହୋଇଥିଲା। ପୂର୍ବରୁ ଲୋକାଚାରରେ ବିଶ୍ୱାସ ରହିଛି ଯେ ଦେବୀଙ୍କ ଏହି ରୂପକାନ୍ତି ଦର୍ଶନ କଲେ ଗଙ୍ଗା ଦର୍ଶନର ପୁଣ୍ୟ ଲାଭ ହୋଇଥାଏ। ବିଳମ୍ବିତ ରାତ୍ରରେ ପୂଜକ ମାନଙ୍କ ଦ୍ୱାରା ନୀତିକାନ୍ତି ପାଳନ ସହ ପରମ୍ପରା ଅନୁସାରେ ମାଁଙ୍କ ଦର୍ଶନ ନିମନ୍ତେ ମନ୍ଦିରର ମୁଖ୍ୟ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ଅଞ୍ଚଳର ୨୫ ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଦିନ ତମାମ ଭକ୍ତ ମାନଙ୍କ ଆଗମନ ଜାରି ରହିଥିଲା।

# କଲିକତାରେ ବରଗଡ଼ କଳାକାର ସମ୍ବର୍ଦ୍ଧିତ

**ବରଗଡ଼, ୨୧।୯ (ସମିସ):** କଳା ସଂସ୍କୃତି ସାହିତ୍ୟ, ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସର୍ବ ଭାରତୀୟ ସ୍ତରରେ ବରଗଡ଼ ଜିଲ୍ଲାର ସଙ୍କୀର୍ତ୍ତନ ସମ୍ବର୍ଦ୍ଧିତ କରାଯାଇଛି। ସର୍ବଭାରତୀୟ ସଂସ୍କୃତି ଉନ୍ନୟନ ସଂସ୍ଥା ପକ୍ଷରୁ ପଶ୍ଚିମବଙ୍ଗ କଲିକତା ସ୍ଥିତ ଆଇସିସିଆର୍ ଭବନ ଠାରେ ଆୟୋଜିତ ଅନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ




ସମ୍ବର୍ଦ୍ଧନା ଉତ୍ସବ 'ମହାମାୟା ୨୦୨୫' ଅବସରରେ ବରଗଡ଼ ଜିଲ୍ଲାର ଏହି କଳାକାର ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଲଚର୍ ଡେଭଲପମେଣ୍ଟ ଫାଉଣ୍ଡେସନ ଅଧକ୍ଷ ଡ.ଷ୍ଟାଲିନ ପରିଜା, ଅନ୍ତର୍ଜାତୀୟ ନୃତ୍ୟ ପରିଷଦ ସଭ୍ୟ ଡ.ଉପେନ୍ଦ୍ର ଶର୍ମା, ଗୁରୁ ପ୍ରମୋଦ ଦାଶ ଗୁରୁ ଓ ସୁଶିଲ ଦାଶଙ୍କୁ ଶ୍ରୀ ଚୈତନ୍ୟ ସମ୍ମାନ, ବାସୁଦେବ ପ୍ରଧାନଙ୍କୁ ଗୁରୁ ରତ୍ନଜ୍ୟୋତି ସମ୍ମାନ, ପ୍ରମୋଦ ପ୍ରଧାନଙ୍କୁ କଳା ଗୌରବ ସମ୍ମାନ, ମୀନକେତନ ମେହେରଙ୍କୁ ଗାୟକ ଶିରୋମଣି ସମ୍ମାନ, ଏମଡି ତୋଫିକ ଖାନ୍ ଓ ଅନିରୁଦ୍ଧ ପାଇକଙ୍କୁ କଳା ଗୌରବ ସମ୍ମାନ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକଙ୍କୁ ନୃତ୍ୟ ଜ୍ୟୋତି ସମ୍ମାନରେ ସର୍ବଭାରତୀୟ ଆର୍ଟ ଆଣ୍ଡ କଲଚର ଫାଉଣ୍ଡେସନର ସଭାପତି ଚୈତନ୍ୟ ପାଇକ, ଉପସଭାପତି ଅର୍ପିତା ଚାଟର୍ଜୀ, ସହ ସମ୍ପାଦକ ତୁଷାର କାନ୍ତ ବେହେରା, ରବୀନ୍ଦ୍ର ଭାରତୀ ବିଶ୍ୱ ବିଦ୍ୟାଳୟର ପ୍ରଫେସର ବାବୁ ମାନ୍ନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମାଗଣା ଶିକ୍ଷାଦାନ ପାଇଁ ଅବସରପ୍ରାପ୍ତ ଶିକ୍ଷକଙ୍କ ସଂକଳ୍ପ ବୈଠକ

**ବରଗଡ଼, ୨୧।୯ (ସମିସ):** ସ୍ଥାନୀୟ ପାଣି ଛତର ଠାରେ ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ସଂକଳ୍ପ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସଂଘର ସଂଯୋଜକ କପିଳ ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅବସର ଗ୍ରହଣ ପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅବୈତନିକ ଭାବେ ଆବଶ୍ୟକ ଥିବା ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିବାକୁ ଆଗେଇ ଆସିବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ସାଧନ କର୍ମୀ ମୁହୁରିଆ ପ୍ରଧାନ ଶିକ୍ଷା ବିତରଣରେ ହିଁ ବୃଦ୍ଧି ପାଇଥାଏ ତେଣୁ ଅବସର ପରେ ଅବୈତନିକ ଶିକ୍ଷାଦାନ ଠାରୁ ଆଉ ବଡ ପୁଣ୍ୟ କିଛି ନାହି ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଦିବ୍ୟକାନ୍ତି ଭୋଇ, ଶିକ୍ଷକ ଡାକ୍ତର ଭୋଇ ସୁଧାଂଶୁ ଶେଖର ସାହୁ, ଡ.ଡୋଳାମଣି ଶତପଥୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଅବୈତନିକ ଶିକ୍ଷା ଦାନ କରିବା ପାଇଁ ସାମୂହିକ ସଂକଳ୍ପ ନେଇଥିଲେ।

# ଆଇଆଇଏମ୍‌ରେ ବିଏସ୍ ପ୍ରୋଗ୍ରାମର ପ୍ରଥମ ବ୍ୟାଚ୍ ଆରମ୍ଭ

ସମ୍ବଲପୁର, ୨୧।୯ (ସମିସ)

ଆଇଆଇଏମ ସମ୍ବଲପୁର ପକ୍ଷରୁ ନୂତନ ଭାବରେ ଆରମ୍ଭ ହୋଇଥିବା ଦୁଇ ନୂତନ ଅଣ୍ଡରଗ୍ରାଜୁଏଟ୍ ପ୍ରୋଗ୍ରାମ୍, 'ବ୍ୟାଚେଲର୍ ଅଫ୍ ସାଇନ୍ସ ଇନ୍ ମ୍ୟାନେଜମେଣ୍ଟ ଏବଂ ପବ୍ଲିକ୍ ପଲିସି' ଏବଂ 'ବ୍ୟାଚେଲର୍ ଅଫ୍ ସାଇନ୍ସ ଇନ୍ ଡାଟା ସାଇନ୍ସ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ'ପ୍ରୋଗ୍ରାମର ପ୍ରଥମ ବ୍ୟାଚ୍ ଶୁଭାରମ୍ଭ ହୋଇଛି। ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ସହ ସମନ୍ୱୟ ରଖି, ଆଇଆଇଏମ୍ ଏହି ଦୁଇ ନୂତନ ସ୍ନାତକ ପାଠ୍ୟକ୍ରମକୁ ଆରମ୍ଭ କରିଛି। ପ୍ରଥମ ବ୍ୟାଚ୍‌ରେ ମୋଟ୧୭୮ ଛାତ୍ରଛାତ୍ରୀନାମଲେଖାଇଛନ୍ତି।ଏହା ଭିତରୁ ଡାଟା ସାଇନ୍ସ ଏବଂ ଏଆଇ. ପ୍ରୋଗ୍ରାମରେ ୮୮ ଜଣ ଏବଂ ମ୍ୟାନେଜମେଣ୍ଟ ଏବଂ ପବ୍ଲିକ୍



ପଲିସି ପ୍ରୋଗ୍ରାମରେ ୯୦ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଛାତ୍ରଛାତ୍ରୀମାନେ ଭାରତର ୨୦ରୁ ଅଧିକ ରାଜ୍ୟରୁ ଆସିଛନ୍ତି, ଯେଉଁଥିରେ ବିହାର, ଓଡ଼ିଶା, ଆସାମ୍, ଆନ୍ଧ୍ରପ୍ରଦେଶ, ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ ଏବଂ ଲକ୍ଷଦ୍ୱୀପ୍ ସମ୍ମିଳିତ ରହିଛି। ବ୍ୟାଚେଲର୍ ଅଫ୍ ସାଇନ୍ସ ଇନ୍ ଡାଟା ସାଇନ୍ସ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପ୍ରୋଗ୍ରାମର ଜେଇଇ (ମେନ୍)ର ସ୍କୋର ଆଧାରରେ ନାମ ଲେଖାଯାଇଛି। ଯାହାର ସର୍ବୋଚ୍ଚ ରାଙ୍କ ୪୪,୬୪୫। ସେହିପରି ମ୍ୟାନେଜମେଣ୍ଟ ଏବଂ ପବ୍ଲିକ୍ ପଲିସି ପ୍ରୋଗ୍ରାମ୍ ପାଇଁ ସିୟୁଇଟି (ୟୁଜି) ୨୦୨୫ ପରୀକ୍ଷା ମାଧ୍ୟମରେ ଚୟନ କରାଯାଇଛି ଯେଉଁଥିରେ ସର୍ବୋଚ୍ଚ ପର୍ସେଣ୍ଟାଇଲ୍ ୯୯.୮୦ ପ୍ରତିଶତ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି, ଏହି ପ୍ରୋଗ୍ରାମ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମାଧ୍ୟମରେ ଅକ୍ଷୟ ମୂଲ୍ୟ, ନବୀନତା ଏବଂ ଜାତୀୟ ଉନ୍ନତି ପ୍ରତି ସଂଯମ ଶିକ୍ଷା ଦେବ। ସଙ୍ଗେ ସଙ୍ଗେ ନୂଆ ଭାରତର ନେତୃତ୍ୱ ନେବା ପାଇଁ କ୍ଷମତା ପ୍ରଦାନ କରିବ। ମୁଖ୍ୟ ଅତିଥି ରତନେଶ ଝା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ୟୁଏନ୍ ଗ୍ଲୋବାଲ୍ କମ୍ପ୍ୟାକ୍ଟ ନେଟୱର୍କ ଇଣ୍ଡିଆ, କହିଥିଲେ ଯେ, ଏନ୍‌ଆଇଆରଏଫ୍ ୨୦୨୫ରେ ଉତ୍କୃଷ୍ଟ ରାଙ୍କିଂ ପାଇବା ସହ ଏବଂ ପ୍ରଥମ ବିଏସ୍ ପ୍ରୋଗ୍ରାମ୍ ବ୍ୟାଚକୁ ସଫଳତାର ଉଦ୍‌ଘାଟନ କରିବାରେ ଆଇଆଇଏମ୍ ସମ୍ବଲପୁର୍ ସଫଳ ହୋଇଛି। ପ୍ରୋଫେସର ଦିବାହାର ଏସ ନାଦର ଏବଂ ପ୍ରୋଫେସର ରୋହିତ ଗୁପ୍ତା ପାଠ୍ୟକ୍ରମର ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

# ମାତୃପୁରୀରେ ଦଶକର୍ମଧାରାର ବାର୍ଷିକ ସମାବେଶ

**ଅତାବିରା, ୨୧।୯ (ସମିସ):** ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଲାଦରପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀଠାରେ ବରଗଡ଼ ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନ ତରଫରୁ ଷୋଡଶ ବରଗଡ଼ ସବଡିଭିଜନର ଦଶକର୍ମଧାରା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ମାତୃ ଭକ୍ତ ତଥା ସଂଗଠକ ସାଧକ ଶ୍ରୀଧର ସାହୁ ମାତୃପତାକା ଉତ୍ତୋଳନ କରିଥିଲେ। ବରଗଡ଼ ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନର ଆବାହକ ଦେବରାଜ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜକ ରମେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀପ୍ରିୟା ରାଉତ, ବ୍ଲକ ସଂଯୋଜକ ଲଳିତା ପ୍ରଧାନ, ଚାପଧାରୀ ସିଂ, ମାତୃପୁରୀ ପରିଚାଳନା କମିଟିର ସଭାପତି ଶେଷଦେବ ନାଏକ, ଅଧକ୍ଷ ବବ୍ରୁବାହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଦଶକର୍ମଧାରା ଅଧୀନ ଆଲୋକ ସେନା, କୁସାଗ, ବିଜ୍ଞାନ ପରିଷଦ, କୃଷି ପରିଷଦ, କଳା ପରିଷଦ, ସାହିତ୍ୟ ପରିଷଦ, ଶିକ୍ଷା ଓ ଗବେଷଣା ପରିଷଦ, ସ୍ୱାସ୍ଥ୍ୟ ପରିଷଦ, ଲିଗାଲ ୟୁନିଟ ପରିଷଦ, ପାଠଚକ୍ର ଓ ମହିଳା ପାଠଚକ୍ର ପରିଷଦର ଆବାହକ ଯଥାକ୍ରମେ ଚନ୍ଦ୍ରକାନ୍ତ ଭାଇ, ବବ୍ରୁବାହନ ଭାଇ, ଦିଲ୍ଲୀପ ଭାଇ, ଦାମୋଦର ଭାଇ, ଚକ୍ରଧର ଭାଇ, ତପସ୍ୱିନୀ ଅପା, ସୁରେନ୍ଦ୍ର ଭାଇ, ଅରକ୍ଷିତ ଭାଇ, ଧରଣୀ ଭାଇ ଏବଂ ଜୟନ୍ତୀ ଅପା ନିଜନିଜ ପରିଷଦର କାର୍ଯ୍ୟ ଓ ଆଗାମୀ ଦିନର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯକ୍ରମରେ ବରଗଡ଼ ସବଡିଭିଜନର ୧୫ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ବହୁ ସଂଖ୍ୟକ ମାତୃଭକ୍ତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମାତୃପୁରୀ ପରିଚାଳନା କମିଟିର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଜୟପ୍ରକାଶ ଅଗ୍ରୱାଲ, ଉପସଭାପତି ଅରୁଣ ହୋତା, ଅମିତ୍ ମିଶ୍ର, ବିନୋଦ ପ୍ରଧାନ, ଖେଦୁ ପ୍ରଧାନ, ସୁସ୍ମିତା ମିଶ୍ର ତଥା ଅନୁଷ୍ଠାନର ସମସ୍ତ ଭାଇଅପା ଓ ଅତାବିରା ମହିଳା ପାଠଚକ୍ରର ସଭ୍ୟମାନେ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ଆସ ସ୍କୁଲ ଯିବା' ଅଭିଯାନ

**ବରଗଡ଼, ୨୧।୯ (ସମିସ):** ବରଗଡ଼ ଜିଲ୍ଲା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବରଗଡ଼ରେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ଆସ ସ୍କୁଲ ଯିବା' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ



ସଚେତନତା ଶୋଭାଯାତ୍ରାରେ କମିଟିର ସଦସ୍ୟ ତଥା ପୂର୍ବତନ ଛାତ୍ରୀ ରେଣୁ ଦାଶ ଶର୍ମା, ସମାଜସେବୀ ବିମଳ ଦାଶ, କମିଟିର ଆବାହକ ଜ୍ୟୋତ୍ସ୍ନା ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହର ପରିକ୍ରମା କରି ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନ ଥିବା ତଥା ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜନ ସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲ୍ଲା ସମାଜସେବୀ ସଂଘ ପକ୍ଷରୁ ରୋଗୀ ସହଯୋଗୀଙ୍କୁ ନିଃଶୁଳ୍କ ଖାଦ୍ୟ ବଣ୍ଟନ

**ବରଗଡ଼, ୨୧।୯ (ସମିସ):** ଜିଲ୍ଲା ସମାଜ ସେବୀ ସଂଘ, ବରଗଡ଼ର ଉଦ୍ୟମରେ ବରଗଡ଼ ପୁରୁଣା ଡାକ୍ତରଖାନାକୁ ଆସୁଥିବା ରୋଗୀ ମାନଙ୍କ ସହଯୋଗୀ ମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ସମାଜସେବୀ ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ନେତୃତ୍ୱରେ ହୋଇଥିଲା। କାର୍ଯ୍ୟକ୍ରମରେ ବିଜେପି ସଦସ୍ୟ ନବକିଶୋର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଜିଲ୍ଲା ସମାଜସେବୀ ସଂଘର ସଦସ୍ୟ ମିଠାରାମ ସାହୁ, ଅଶୋକ ଅଗ୍ରୱାଲ, ଧ୍ରୁବରାଜ ପୁରୋହିତ, ରମାକାନ୍ତ ସାହୁ, ରାଜେଶ ଶର୍ମା, ବିକ୍ରମ ଦାଶ, ଦିବ୍ୟ କିଶୋର କୁମ୍ଭାର, ଯୁଧିଷ୍ଠିର ଦାଶ, ପରମେଶ୍ୱର ନାଥ, ଜୟନ୍ତ ଭୋଇ, ମୋହନଲାଲ ଅଗ୍ରୱାଲ, କୀର୍ତ୍ତି ମହାନନ୍ଦ, ନିକୁଞ୍ଜ ମହାରଣା, ମନୋଜ ବାଗ, ଶଙ୍କର ପଟ୍ଟନାୟକଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

**ସମ୍ବଲପୁର, ୨୧।୯ (ସମିସ) :** ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର ଷ୍ଟାଡିଅମସ୍ଥିତ ବ୍ୟାଡମିଣ୍ଟନ ହଲ୍‌ରେ ଚାଲିଥିବା ୧୭ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକା ଏବଂ ସିନିଅର ପୁରୁଷ ଓ ମହିଳା ମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ଓଡ଼ିଶା ମୋଟର୍ସର ନିର୍ଦ୍ଦେଶକ ରୁଚି ଜଲାନ, ଦେବଦତ୍ତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ହୃଦାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିକ୍ରମ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଅଭିଶେକ ବିଶ୍ୱାସ, ସଂଘ ସଦସ୍ୟ ପ୍ରଣବ ବେହେରା, କ୍ଷୀରୋଦ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଡମିଣ୍ଟନ ଅମ୍ପାୟାର ଟିକେଶ୍ୱର ସାହୁ ସଂଯୋଜନା କରିଥିଲେ। ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସାଙ୍ଗଠନିକ ସମ୍ପାଦକ ତଥା ପ୍ରତିଯୋଗିତା ଦାୟିତ୍ୱରେ ଥିବା ଅଭିଷେକ ବିଶ୍ୱାସ, ମ୍ୟାଚ୍‌ରେଫରୀ ଲକ୍ଷପତି ନନ୍ଦ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଚମ୍ପିଆନସିପ୍‌କୁ ରାଜ୍ୟସ୍ତରୀୟ ଟେକ୍ନିକାଲ ଅଫିସିଆଲ ଟିକେଶ୍ୱର ସାହୁ, ନୀଳାଞ୍ଚଳ ସେଠି, ସୂର୍ଯ୍ୟ ପାଣିଗ୍ରାହୀ, ହେମାନନ୍ଦ ଥପ୍ପା, ମଣି ବେଜି, ଆୟୁଷ ନନ୍ଦ, ବାବୁଲୁ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ବାଳକ ବାଳିକା, ପୁରୁଷ ଓ ମହିଳା ବିଭାଗରେ ସିଙ୍ଗଲ୍ସ, ଡବଲ୍ସ, ମିକ୍ସଡ୍ ଡବଲ୍ସ ମ୍ୟାଚ ଖେଳାଯାଇଥିବାବେଳେ ବିଭିନ୍ନ ବର୍ଗରେ ଶହେରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ।

# କ୍ଲାସ ଓଡ଼ିଶା ପକ୍ଷରୁ ସାର୍ଟିଫିକେଟ୍ ବଣ୍ଟନ


**ଅତାବିରା, ୨୧।୯ (ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ଅନୁବନ୍ଧିତ ଅତାବିରାର ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର କ୍ଲାସ ଓଡ଼ିଶା ପକ୍ଷରୁ ଓଏସ୍‌ସିଆଇଟି-ଏ ପାଠ୍ୟକ୍ରମର ସଫଳତା ସହ ପାସ୍ କରିଥିବା ପରୀକ୍ଷାର୍ଥୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ରବିବାର ସ୍ଥାନୀୟ ଶିକ୍ଷକ ଭବନରେ ଅନୁଷ୍ଠିତ ସାର୍ଟିଫିକେଟ୍ ବଣ୍ଟନ କାର୍ଯ୍ୟକ୍ରମରେ କ୍ଲାସ ଓଡ଼ିଶାର ନିର୍ଦ୍ଦେଶକ ଜ୍ୟୋତିର୍ମୟୀ ଦାଶ, ବୈଷୟିକ ସଂଯୋଜକ ମାନସୀ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ଜିତେନ୍ଦ୍ର ଦାଶଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଯୁବ ଉଦ୍ୟୋଗପତି ତଥା ମୋଟିଭେଟର ଲୋକନାଥ ଗେଜୋ ଯୋଗ ଦେଇଥିଲେ। ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ଓଏସ୍-ସିଆଇଟି-ଏ ପାଠ୍ୟକ୍ରମ ୨୦୨୪ ଓ ୨୦୨୫ ଶିକ୍ଷା ବର୍ଷ ୩୭ ଜଣ ସଫଳ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬ ଜଣଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନାରେ ଦୀପ୍ତି ତରିଆ, ଲ୍ୟାବ୍ ଆସିସଣ୍ଟାଣ୍ଟ କବିତା ମାଝି ସହଯୋଗ କରିଥିଲେ।

# ପରଖ୍ ରାଷ୍ଟ୍ରୀୟ ସର୍ବେକ୍ଷଣ ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ

**ସମ୍ବଲପୁର, ୨୧।୯ (ସମିସ) :** ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡାଏଟ୍), ସମ୍ବଲପୁରରେ ପରଖ୍ ରାଷ୍ଟ୍ରୀୟ ସର୍ବେକ୍ଷଣ ୨୦୨୪ ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଡାଏଟ୍ ଅଧକ୍ଷ ଡଃ ଗୀତାଞ୍ଜଳି ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ସଭାକୁ ବରିଷ୍ଠ ଟିଇ ଆଜାଦ ଶେଖର ପ୍ରଧାନ ସଂଯୋଜନା କରିଥିଲେ। ରିସୋର୍ସ ପର୍ସନ ଲିଲି ସିଂହ, ବନ୍ଦିତା ପ୍ରଧାନ, ସଂଯୁକ୍ତା ମାଝି, ସୁସ୍ମିତା ଖଟୁଆ, ମଧୁମିତା ଦାସ, ଅନୁପ ସୌରଭ ଉପସ୍ଥିତ ଥିଲେ।

କର୍ମଶାଳାରେ ଗତ ଡିସେମ୍ବର ୪ ତାରିଖରେ ହୋଇଥିବା ପରଖ୍ ରାଷ୍ଟ୍ରୀୟ ସର୍ବେକ୍ଷଣ-୨୦୨୪ର ରାଜ୍ୟ ରିପୋର୍ଟ କାର୍ଡ ଏବଂ ଜିଲ୍ଲା ରିପୋର୍ଟ କାର୍ଡ ଗୁଡ଼ିକ ଆଲୋଚନା କରାଯାଇଥିଲା। ପ୍ରକାଶ ଥାଉକି ଗତ ୨୦୧୭ ଏବଂ ୨୦୨୧ ମସିହାରେ ହୋଇଥିବା ଜାତୀୟ ଉପଲବ୍ଧି ସର୍ବେକ୍ଷଣ (ନେସନାଲ ଏଚିଭମେଣ୍ଟ ସର୍ଭେ) ରେ ସମ୍ବଲପୁର ଜିଲ୍ଲାର ପ୍ରଦର୍ଶନ ତୁଳନାରେ ୨୦୨୪ରେ ଜିଲ୍ଲାର ପ୍ରଦର୍ଶନ ଅତ୍ୟନ୍ତ ସନ୍ତୋଷଜନକ ହୋଇଛି। ରାଜ୍ୟର ପ୍ରଥମ ୬ଟି ଜିଲ୍ଲା ମଧ୍ୟରେ ସମ୍ବଲପୁର ଜିଲ୍ଲା ସ୍ଥାନ ପାଇଥିବାରୁ ସମସ୍ତ ଶିକ୍ଷାପ୍ରେମୀ ଓ ଶିକ୍ଷକ ସମାଜ ଉତ୍ସାହିତ ଅଛନ୍ତି। ଆଗାମୀ ଦିନରେ ସମଗ୍ର ରାଜ୍ୟରେ ଯେପରି ସମ୍ବଲପୁର ଜିଲ୍ଲା ପ୍ରଥମ ସ୍ଥାନରେ ରହିବ ସେପରି ଅଂଶଗ୍ରହଣକାରୀମାନେ ରୋଡ୍‌ମ୍ୟାପ୍ ତିଆରିରେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ସମ୍ବଲପୁର ଜିଲ୍ଲାର ସମସ୍ତ ସିଆରସିସି, ଡିଆର୍‌ଜି, ବିଇଓ, ଏବିଇଓ ଏବଂ ଏଡିଇଓ (ଏକାଡେମିକ) ସମେତ ସମୁଦାୟ ୧୯୨ ଜଣ ଯୋଗ ଦେଇଥିଲେ। ଗତ ୯ ତାରିଖ ଡାଏଟ୍ ଅଧକ୍ଷ ଡଃ ଗୀତାଞ୍ଜଳି ଭୋଇଙ୍କ ଅଧକ୍ଷତାରେ ଏହି କର୍ମଶାଳା ଉଦ୍‌ଘାଟିତ ହୋଇଥିଲା। ଉପରୋକ୍ତ କର୍ମଶାଳା ପରିଚାଳନାରେ ଅନୁପ ସୌରଭ ପଣ୍ଡା ବୈଷୟିକ ସହାୟତା ଦେଇଥିବାବେଳେ ପ୍ରଦୀପ ତ୍ରିପାଠୀ ଓ ସସ୍ମିତା ତ୍ରିପାଠୀ ସହଯୋଗ କରିଥିଲେ।

# ସମ୍ପର୍କ ଯୋଡୁଛି ନୂଆଁଖାଇ ଭେଟ୍‌ଘାଟ୍





## ପୁନେ କଲ୍‌ଚରାଲ ଆସୋସିଏସନ୍

**ବରଗଡ଼, ୨୧।୯ (ସମିସ):** ମହାରାଷ୍ଟ୍ର ପୁନେ ଠାରେ ରବିବାର ନୂଆଁଖାଇ ଭେଟ୍‌ଘାଟ କଲ୍‌ଚରାଲ ଆସୋସିଏସନ୍ ତରଫରୁ ଅଙ୍କୁଶ ରାଓ ଲାଂଡଗେ ନାଟ୍ୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୁନେରେ ଏହି ଭେଟ୍‌ଘାଟ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ସଭାପତି ହେମସାଗର ସାହୁ ଭବିଷ୍ୟତରେ ଭେଟଘାଟ କାର୍ଯ୍ୟକ୍ରମ କିପରି ନିଆରା ଢଙ୍ଗରେ ପାଳନ କରାଯିବ ସେ ନେଇ ଆସୋସିଏସନ୍ ସଦସ୍ୟମାନଙ୍କୁ ଅବଗତ କରିଥିଲେ। ଆସୋସିଏସନ୍ ତରଫରୁ ଭେଟ୍‌ଘାଟ ବାର୍ଷିକ ପତ୍ରିକା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ସଞ୍ଜୀବ ପାଟଯୋଶୀ ଉନ୍ମୋଚନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳା ଓ ସଂସ୍କୃତି ପ୍ରଚାର ପ୍ରସାର କରିବା ସମ୍ବଲପୁରୀ 'ଭୁଖା' ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶକ ରମେଶ ମହାନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଦିବ୍ୟ କିଶୋର ବକ୍ସି, ଅନୁପ ମିଶ୍ର ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ପିଙ୍କି ଶର୍ମା ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ହେମସାଗର ସାହୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ଓବିସି ମଞ୍ଚ

**ପଦ୍ମପୁର:** ସ୍ଥାନୀୟ ଗୋରୁବଜାର ପ୍ରାଙ୍ଗଣରେ ବରଗଡ଼ ଜିଲ୍ଲା ଓବିସି ମଞ୍ଚର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସପ୍ତସିନ୍ଧୁ ବର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ କମିଶନ ଅଧାଦେଶ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରିବା ନେଇ ସଂଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବା ପାଇଁ ମତାମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ଉପସଭାପତି ରଞ୍ଜିତା ରାଣୀ ପ୍ରଧାନ, ନାରାୟଣ ସାହୁ ଏବଂ ଅନ୍ୟାନ୍ୟ ସଭ୍ୟ ଚିନ୍ତାମଣି ସାହୁ, ଗତିକୃଷ୍ଣ ଭୋଇ, ଅଶୋକ ଦାନୀ, ରାଜେନ୍ଦ୍ର ସାହୁ, ଖଗେଶ୍ୱର ବିଶ୍ୱାଳ, ବୈଷ୍ଣବ ତ୍ୟାଗୀ, ପ୍ରଦୀପ ପ୍ରଧାନ, ଉପେନ୍ଦ୍ର ସାହୁ, ଛୁଆପିଲା ନାଗ, ପ୍ରଶାନ୍ତ ପ୍ରଧାନ, ରୋହିତ ସାହୁ, ମହେଶ ସାହୁ, କ୍ଷୀରସିନ୍ଧୁ ବନଛୋର, ଲିଙ୍ଗରାଜ ପ୍ରଧାନ, ନେପୁର ସାହୁ, ଦିଲେଶ୍ୱର ସାହୁ, ଦେବରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓବିସି ଜିଲ୍ଲା ସମ୍ପାଦକ ଶୁଭେନ୍ଦୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦିବାସୀ ବଞ୍ଜାରା ସମାଜ

**ପାଇକମାଳ:** ପାଇକମାଳ ବ୍ଲକ ନୃସିଂହନାଥ ଆଇଓସିଏଲ ଡାକବଙ୍ଗଳା ଠାରେ ଓଡ଼ିଶା ଆଦିବାସୀ ବଞ୍ଜାରା ସମାଜର ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାଁ ସମଲେଇ, ପ୍ରଭୁ ନୃସିଂହନାଥ ଓ ବନଞ୍ଜାର ସମାଜର ଇଷ୍ଟ ଦେବୀଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। ଚନାବୁଟୁ ବନଞ୍ଜାରାଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦିପ ପୁରୋହିତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜାତୀୟ ସଭାପତି ପ୍ରଫେସର ମୋହନ ଚୌହାନ, ମୁଖ୍ୟ ବକ୍ତା ଭାବେ ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ଦିଗାମ୍ବର ରାଠୋଡ୍ ଯୋଗ ଦେଇଥିଲେ। କୈଳାସ ନାଏକ, ଦୁଃଖିଶ୍ୟାମ ନାଏକ, ଯଶୋବନ୍ତ ନାଏକ, ଘନଶ୍ୟାମ ନାଏକ, ଜଗତନନ୍ଦ ନାଏକ, ମିଟୁରାମ ନାଏକ, ହରିଶ୍ଚନ୍ଦ୍ର ନାଏକ, ଦୁର୍ଯ୍ୟାଧନ ନାଏକ, ପ୍ରୀତି ନାଏକ, ଈଶ୍ୱର ଚନ୍ଦ୍ର ନାଏକ, ରିଖି ନାଏକ, ଡ.ପଞ୍ଚରାମ ନାଏକ, ଚୈତ ନାଏକ, ସୁରେଶ ନାଏକ, କୁଳମଣି ନାଏକ, କ୍ଷୀରସାଗର ନାଏକ, ସାଧୁ ନାଏକ, ଉପାସୀ ନାଏକ, ଲକ୍ଷ୍ମୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜର ମହିଳା ଓ ପୁରୁଷମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଓଡ଼ିଶା ଓ ଅନ୍ୟରାଜ୍ୟ ମାମଙ୍କରୁ ହଜାରରୁ ଉର୍ଦ୍ଧ୍ୱ ଜାତି ଭାଇମାନେ ଯୋଗ ଦେଇଥିଲେ। ଦିଲ୍ଲୀପ ନାଏକ ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ସୁନ୍ଦରମଣୀ ନାଏକ ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁର ଜିଲ୍ଲା ଜୁଡ଼ୋ ପ୍ରତିଯୋଗିତା

ସମ୍ବଲପୁର, ୨୧।୯ (ସମିସ)

ସମ୍ବଲପୁର କଚେରୀ ନିକଟସ୍ଥ ଜିଲ୍ଲା ଜୁଡୋ ହଲରେ ସମ୍ବଲପୁର ଜିଲ୍ଲା ଜୁଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଞ୍ଜଲ ଅଗ୍ରୱାଲ, ନାନୁ କେୱଟ, ନୁପୁର କାଲୁ, ବିଦ୍ୟାଶ୍ରୀ ଦାସ, ବୈଷ୍ଣବୀ ପଟ୍ଟନାୟକ, ଆଶିଷ କୁମାର ସାହୁ, ଜିଜ୍ଞାସୁ ଦୁର୍ଗା, ଏମ୍‌ଡି ସୟଦ, ଉପେଶ ନନ୍ଦ, ବରୁଣ ଛୁରା, ପ୍ରଣବ ସାହୁ ଓ ଏମଡି ଜାହାନଜେବ ଅଲ୍ଲୀ ଖାନ ସ୍ୱର୍ଣ୍ଣ ପଦକ ଜମୁନା ମିର୍ଦ୍ଧା, ପ୍ରୀତି ମିର୍ଦ୍ଧା, ଆରାଧ୍ୟ ନାହାକ, ସୁମନ ବିଶ୍ୱକର୍ମା, ଗୁନମିତି କୌର, ସମିର ବେହେରା, ପ୍ରତ୍ୟୁଷମାନ ଗୁରୁଙ୍ଗ, ସୁମିତ ମହାନନ୍ଦ, ମଣ୍ଟୁ ଜୁଆଡି, ବିଦ୍ୟାଧର ବାଦୀ, ଆୟୁଷ୍ମାନ ବେହେରା ଓ ଅଂଶୁମାନ ପଟ୍ଟନାୟକ ରୌପ୍ୟ ପଦକ ଏବଂ





ନନ୍ଦିନୀ ମାଝି, ଜୟା ଘୋଷ, ବୈଷ୍ଣବୀ ବରିହା, ଖିତିଶ ମୋହନ ବେଉରିଆ, ହର୍ଷବର୍ଦ୍ଧନ କର୍ଣ୍ଣ, ବବୁଲ ନାଏକ, ନିଖିଲ ସାହୁ, ସାଇ ଆଦିତ୍ୟ ଓ ଜଗନ୍ନାଥ ବରିହା ପ୍ରମୁଖ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆସନ୍ତା ମାସ ୧୮ ତାରିଖ ଖୋର୍ଦ୍ଧା ଜିଲ୍ଲା ଜଟଣିଠାରେ ହେବାକୁ ଥିବା ରାଜ୍ୟ ଜୁଡୋ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତାଯୋଗୀ ଭାଗ ନେବେ।

ଲଜପତ ରାଏ ଆଇନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ ବିଜୟାନନ୍ଦ ବେହେରା ମୁଖ୍ୟଅତିଥି ଏବଂ ପ୍ରଫୁଲ୍ଲ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତି ଖେଳାଳି ମାନଙ୍କୁ ସମ୍ମାନିତ କରିଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ଆଶିଷ ସାହୁ ଓ ବୈଷ୍ଣବୀ ପଟ୍ଟନାୟକ ବିବେଚିତ ହୋଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ପ୍ରତିଯୋଗିତାରେ ପୁଷ୍ପାଞ୍ଜଳି ସାହୁ, ଦିବ୍ୟ କରିସ୍ମା ପୃଷ୍ଟି, ସ୍ୱିଗ୍ଧାରାଣୀ ଭାଜି ବିଚାରକ ଦାୟିତ୍ୱ ବହନ କରିଥିଲେ। ଜୁଡୋ ଆସୋସିଏସନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। ଗାୟତ୍ରୀ ମିଶ୍ର ଓ ସୋନୁ ପ୍ରସାଦ ସୋନାର ଖେଳ ରେଫରୀ ଦାୟିତ୍ୱ ଗ୍ରହଣ କରିଥିଲେ।

# 'ଇତିହାସର ପରିହାସ' ନୂତନ ସଂସ୍କରଣ ଉନ୍ମୋଚିତ

**ସମ୍ବଲପୁର, ୨୧।୯ (ସମିସ) :** ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଡଃ ଶ୍ରଦ୍ଧାକର ସୂପକାରଙ୍କ ଦ୍ୱାରା ହୀରାକୁଦ ବନ୍ଧ ନିର୍ମାଣ ବେଳେ ଉଦବାସ୍ତୁ ମାନେ ଶିକାର ହୋଇଥିବା



ପ୍ରବଞ୍ଚନା ଏବଂ ଭୋଗିଥିବା ଅକଥନୀୟ ଯନ୍ତ୍ରଣା ଉପରେ ଆଧାରିତ ପୁସ୍ତକ 'ଇତିହାସର ପରିହାସ'ର ନୂତନ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ଡଃ ଶ୍ୟାମସୁନ୍ଦର ଧର ଏବଂ ଡଃ ଦ୍ୱାରିକା ନାଥ ନାୟକ ବକ୍ତାଭାବେ ଯୋଗଦେଇ କହିଲେ ଯେ, ସ୍ୱାଧୀନତା ପ୍ରାପ୍ତି ପରେ ହୀରାକୁଦ ନଦୀବନ୍ଧ ଭାରତର ପ୍ରମୁଖ ଉନ୍ନୟନ ଯୋଜନା ଥିଲା। ଏହା ସମ୍ବଲପୁରକୁ ନୂତନ ପରିଚୟ ଦେଲା। ମାତ୍ର ଏଥିପାଇଁ ସମ୍ବଲପୁର ଅଞ୍ଚଳବାସୀଙ୍କୁ ଯେଉଁ ମୂଲ୍ୟ ଦେବାକୁ ପଡ଼ିଛି ତାହା ଏକ କରୁଣ ଗାଥାର ମର୍ମଭେଦୀ କାହାଣୀ ଅଟେ। ଲୋକଙ୍କୁ ନାମମାତ୍ର କ୍ଷତିପୂରଣ ରାଶି ଦେଇ ବଳପୂର୍ବକ ବିତାଡିତ କରାଗଲା। ଲୋକେ ସର୍ବସ୍ୱ ହରାଇ କ୍ଷତିପୂରଣକୁ ଅନାଇ ଅନାଇ ଆଖି ବୁଜିଲେ। ଅନେକ ପରିବାର ସର୍ବସ୍ୱାନ୍ତ ଅଥବା ନିଶ୍ଚିହ୍ନ ହେଲେ। ଅପରପକ୍ଷରେ ରାଜନେତା ମାନଙ୍କ ଆଭିମୁଖ୍ୟ ଶହ ଶହ ପରିବାର ପାଇଁ ପିଢୀ ପରେ ପିଢୀ ଅଭିଶାପ ସାଜିଲା। ସେଇ ଅଭିଶାପର ଧାରା ଏବେ ମଧ୍ୟ ବଳବତ୍ତର ରହିଛି ବୋଲି ବକ୍ତମାନେ କ୍ଷୋଭ ପ୍ରକାଶ କରିଥିଲେ। ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବରେ ପୁସ୍ତକର ପ୍ରକାଶକ ଉତ୍ତମ ବେହେରା କହିଲେ ଯେ, ଅଞ୍ଚଳବାସୀ ସେମାନଙ୍କ ପୂର୍ବ ଐତିହ୍ୟ, ପୂର୍ବସୂରୀଙ୍କ ଅବଦାନ ବିଷୟରେ ଜାଣିବା କଥା। ଶେଷରେ ଦୀନବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।






ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଜିଆଁକଟା ଗାଁରେ ବାଣ ବିସ୍ଫୋରଣ ଓ କ୍ଷତିପୂରଣ ଦାବିରେ ରାସ୍ତା ରୋକ

# ବସ୍‌ରେ ଗଞ୍ଜେଇ ଚଲାଣ

**ଡୁଙ୍ଗୁରିପାଲି, ୨୧।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ପୁଲିସ ଲକ୍ଷ୍ମୀ ବସ୍‌ରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୁଲିସ। ବସ୍ ଓଡ଼ିଶା ବୌଦ୍ଧ ଜିଲ୍ଲାରୁ ରାୟପୁର ଅଭିମୁଖେ ପ୍ରତିଦିନ ଯିବା ଆସିବା କରୁଥିଲା। ବସ୍‌ରେ ଆସୁଥିଲା ଗଞ୍ଜେଇ ପୁଲିସ ଖବର ପାଇ ରାମପୁର ବାଳିକା ମହାବିଦ୍ୟାଳୟ ନିକଟରେ ବସ୍ କୁ ଅଟକାଇ ଯାଞ୍ଚ କରିବାରୁ ଏକ ଆଟାଚିରୁ ବାହାରିଥିଲା ୫ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ୍ କରିଛି। ଗିରଫ୍ ଅଭିଯୁକ୍ତ ଠାରୁ ନଗଦ ୩୦୦ ଟଙ୍କା ଓ ଏକ ମୋବାଇଲ୍ ଫୋନ୍ ଜବତ କରିଛି। ଅଭିଯୁକ୍ତ ଜଣ ମହାରାଷ୍ଟ୍ରର ୱାସିମ ଜିଲ୍ଲା ମଂଗ୍ରୁଲପିର ଥାନା ୱାର୍ଡ ନମ୍ବର ୧୬ ଅଶୋକ ନଗର ମଂଗ୍ରୁଲପିର ର ନଜରଗୁଲ ରହିମଗୁଲ ପଠାନ ବୋଲି ଜଣା ପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ରାମପୁର ଥାନା ଅଧିକାରୀ ପଦ୍ମାସିନୀ ମେହେର ସୂଚନା ଦେଇଛନ୍ତି।



## ୯ ବର୍ଷ ଧରି ହୋଇନି ମରାମତି

# ମାଟିରେ ମିଶିଲାଣି ପିଏମ୍‌ଜିଏସ୍ ୱାଇ ରାସ୍ତା

**ଶଗଡ଼ା, ୨୧।୯ (ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ଅନ୍ତର୍ଗତ ମସ୍କୁଲା ଠାରୁ ରାବଡି ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମିତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଗତ ୨୦୧୬ ମସିହାରେ ପ୍ରାୟ ୬୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣ ପରଠାରୁ ଆଜକୁ ୯ ବର୍ଷ ବିତି ଯାଇଥିଲେ ସୁଦ୍ଧା ମରାମତି କରାଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାହା ଫଳରେ ରାସ୍ତାରୁ ଅନେକ ସ୍ଥାନରେ ପିଚୁ ଉଠି ଯାଇଥିବା ବେଳେ ଅନେକ ଖାଲଖମା ସୃଷ୍ଟି ହୋଇଛି। ଯାହା ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ସରକାର ଗ୍ରାମାଞ୍ଚଳର ରାସ୍ତାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ଖୁବଶୀଘ୍ର ମରାମତି କରିବାକୁ ଦାବି ହେଉଛି।



# ୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ମନମୁଣ୍ଡା, ୨୧।୯ (ସମିସ):** ମନମୁଣ୍ଡା ପୁଲିସର ଅପରେସନ ପ୍ରହାରରେ ମାତ୍ର ୫ କେଜି ଗଞ୍ଜେଇ ଜବତ ଓ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳତା ମିଳିଛି। ଅଭିଯୁକ୍ତ ଏକ ସ୍କୁଟିରେ ଗଞ୍ଜେଇ ଧରି ଯାଉଥିବା ବେଳେ ମାଳତୀଗୋଛାପଡ଼ା ଠାରେ ପୁଲିସ ହାବୁଡରେ ପଡ଼ିଥିଲା। ସ୍କୁଟି ସହ ଗଞ୍ଜେଇ ଜବତ ପୂର୍ବକ ଥାନାରେ ମାମଲା ନଂ ୨୮୨ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



# ପିକଅପ୍‌ରୁ ଗଞ୍ଜେଇ ଜବତ, ମାଫିଆ ଫେରାର



**ଶଗଡ଼ା/ମନମୁଣ୍ଡା, ୨୧।୯ (ସମିସ):** କଣ୍ଟାମାଳ ଥାନା ପକ୍ଷରୁ ଗଞ୍ଜେଇ ଚାଷ ଓ ଚୋରା ଚାଲାଣକୁ ରୋକିବାକୁ ଚାଲିଥିବା ଅପରେସନ ପ୍ରହାରକୁ ଆଉ ଏକ ସଫଳତା ମିଳିଛି। ଏକ ବୋଲେରୋ ପିକଅପ ଗାଡି ନଂ-ଓଡି ୩୩ଏବି ୬୩୧୬ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ କଣ୍ଟାମାଳ ପୁଲିସ ଖବର ପାଇ ଏକ ଟିମ୍ ଡୁମାଳ ପାଲି ଛକ ନିକଟରେ ଚଢ଼ାଉ କରିଥିଲା। ପୁଲିସ ଘଟଣାସ୍ଥଳରୁ ବୋଲେରୋ ପିକଅପ୍‌ରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୫କୁଇଣ୍ଟାଲ ୨୮ କେଜି ଗଂଜେଇ ଜବତ କରିଥିବା ବେଳେ ପୁଲିସକୁ ଦେଖି ମାଫିଆ ଘଟଣାସ୍ଥଳରୁ ଫେରାର ମାରିଥିଲା। ଏନେଇ କଣ୍ଟାମାଳ ଥାନାରେ ୧୮୮/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରିଥିବା ଥାନାଧିକାରୀ ରଞ୍ଜିତ ମୁନି ସୂଚନା ଦେଇଛନ୍ତି।



# ଉପଜିଲ୍ଲାପାଳଙ୍କ ଏସ୍‌ସି-ଏସଟି ହଷ୍ଟେଲ ପରିଦର୍ଶନ

**ବୌଦ୍ଧ/ଶଗଡ଼ା, ୨୧।୯ (ସମିସ):** ବୌଦ୍ଧ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଆଜି ବୌଦ୍ଧ ଜିଲ୍ଲା ସଦର ବ୍ଲକ ଆମ୍ବଝରୀ ପଞ୍ଚାୟତରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜାତି, ଜନଜାତି ହଷ୍ଟେଲ ପରିଦର୍ଶନ କରିଛନ୍ତି। ବୁଥ ପରିଦର୍ଶନରେ ଯାଇ ଉକ୍ତ ହଷ୍ଟେଲରେ ପହଞ୍ଚି ଥିଲେ। ହଷ୍ଟେଲର ବିଭିନ୍ନ ରେଜିଷ୍ଟର ସହ କାଗଜପତ୍ର ସଠିକ ସମୟରେ ଅପଡେଟ କରାଯାଉଛି ନା ନାହିଁ ଯାଞ୍ଚ କରିଥିଲେ। ପାଠ ପଢ଼ା ସହ ଅନ୍ୟାନ୍ୟ ସୁବିଧା ଅସୁବିଧା ବାବଦରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲ୍ଲାପାଳ ରୋଷେଇ ଶାଳ ବୁଲି ଦେଖିବା ସହ ନିଜେ ମଧ୍ୟାହ୍ନ ଭୋଜନ ଖାଇ ଏହାର ସ୍ୱାଦ ଓ ମାନ ପରୀକ୍ଷା କରିଥିଲେ।

# ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ କର୍ମକର୍ତ୍ତା ଚୟନ

**ବୌଦ୍ଧ, ୨୧।୯ (ସମିସ):** ବୌଦ୍ଧ ଜିଲ୍ଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଶ୍ରୀରାମଲୀଳା ନାଟ୍ୟ ସଂସଦର ଆଗାମୀ ୨୦୨୬ ବର୍ଷ ଯାତ୍ରା ପାଇଁ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଅଛି। ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ସଭାପତି ଭାବେ ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ଶତ୍ରୁଜିତ ମହାପାତ୍ର, ଉପଦେଷ୍ଟା ଜୟନାରାୟଣ ମହାନ୍ତି, ଭବାନୀ ଶଙ୍କର ମହାପାତ୍ର କାର୍ଯ୍ୟକାରୀ ସଭାପତି ମନୋଜ ସାହୁ, କୋଷାଧକ୍ଷ ପ୍ରମୋଦ ପ୍ରଧାନ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ବିଦ୍ୟାଧର ପ୍ରଧାନ, ମାନସ ମିଶ୍ର, ହରେନ ପଟ୍ଟନାୟକ, ସନ୍ତୋଷ ସାହୁ ଓ କାହ୍ନା ମହାପାତ୍ର ମନୋନୀତ ହୋଇଛନ୍ତି। ତତ୍ ସହିତ ଆଗାମୀ ବର୍ଷ ଶ୍ରୀ ରାମଲୀଳା ଯାତ୍ରାର ମାନ ବୃଦ୍ଧି ପାଇଁ ନୂତନ କମିଟି ସଂକଳ୍ପବଦ୍ଧ ଭାବେ ଦାୟିତ୍ୱ ନିର୍ବାହ କରିବ ଏବଂ ଆଗାମୀ ପବିତ୍ର ବିଜୟା ଦଶମୀ ଦିନ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀ ରାମଚନ୍ଦ୍ର ମହାଆଡମ୍ବର ସହକାରେ ସହରର ସମସ୍ତ ପୀଠ ରେ ପୂଜା ପାଉଥିବା ଜଗତଜନନୀ ମା'ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିବା ସହିତ ଅନୁଷ୍ଠାନର ଦଶହରା ଅନୁକୂଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ପ୍ରକାଶ କରିଥିଲେ।



# ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା



**ବିନିକା, ୨୧।୯ (ସମିସ):** ଭକ୍ତଙ୍କୁ ଦର୍ଶନ ଦେବାପାଇଁ ଶକ୍ତି ସ୍ୱରୁପୁନି ମାଁ ଦୂର୍ଗା ଦେବୀ ଧରାପୃଷ୍ଟରେ ଅବତରଣ କରିଛନ୍ତି। ମାଁ ଙ୍କ ନବରାତ୍ର ପୂଜା ଆସନ୍ତାକାଲି ସୋମବାର ଠାରୁ ଆରମ୍ଭ ହେବ। ମାଁ ଆଜି ଧବଳ ମୁଖି ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମାଁ ଙ୍କ ପୂଜା ସକାଶେ ଆଜି ଅପରାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଢୋଲ, ନିଶାନ୍ ଓ ଘଣ୍ଟ ବାଦ୍ୟ ର ତାଳେ ତାଳେ ଓ ହୁଳହୁଳି ଜୟ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ସୂଚନା ଯୋଗ୍ୟ ଯେ ଦୀର୍ଘ ୫୨ବର୍ଷ ଧରି ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ଦେବୀ ଦୁର୍ଗାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ପରେ ଏଥର ଦ୍ୱିତୀୟ ଶାରଦୀୟ ପୂଜା ଅନୁଷ୍ଠିତ ହେଉଛି। ମନ୍ଦିର କମିଟି ସଭାପତି ସନ୍ତୋଷ ପଣ୍ଡାଙ୍କ ନେତୃତ୍ୱରେ କମିଟି କର୍ମକର୍ତ୍ତା, ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳା ସହିତ ଅନୁଷ୍ଠିତ ହୋଇ ଆସୁଛି। ଜଗତଜନନୀ ମାଁ ଦୁର୍ଗା ଦଶଦିନ ଧରି ବିଭିନ୍ନ ବେଶରେ ଭକ୍ତଙ୍କୁ ଦେବେ। ପୂଜା ପାଇଁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇ ଚିରସ୍ରୋତା ମହାନଦୀରୁ ପାଣି ସଂଗ୍ରହ କରି ଯାତ୍ରା ଉତ୍ସବର ପ୍ରାରମ୍ଭରେ ଅଞ୍ଚଳର ସହ ସହ ମହିଳା କଳସ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ମହାନଦୀ ଠାରୁ ପାଣି ସଂଗ୍ରହ କରି ମନ୍ଦିରକୁ ଫେରିବା ପରେ ରୀତିନୀତି ଅନୁଯାୟୀ ପୂଜକଙ୍କ ପୂଜାର୍ଚ୍ଚନା କରାଯାଇ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୂଜକ ଭାବରେ ସୁବାଷ ପଣ୍ଡା, ଦୁର୍ଗା ମନ୍ଦୀର ସ୍ଥାୟୀ ପୂଜକ ଦନାର୍ଦନ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ମୂଖ୍ୟ ପୂଜାକର୍ତ୍ତା ଭାବରେ ସୁନୀଲ ପାତ୍ର ଓ ତାଙ୍କ ଧର୍ମପତ୍ନୀ ସୁକନ୍ୟା ପାତ୍ର, ସୋନପୁର ଜିଲ୍ଲାପାଳ ନୃପରାଜ ସାହୁ ଓ ତାଙ୍କ ଧର୍ମପତ୍ନୀ ସୁଭ୍ରା ସାହୁ, ମନ୍ଦିର କମିଟି ସଭାପତି ସନ୍ତୋଷ ପଣ୍ଡା ଓ ଧର୍ମପତ୍ନୀ ଗୀତାଞ୍ଜଳି ତ୍ରିପାଠୀ, ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ପ୍ରଭାସ କୁମାର ଦଣ୍ଡସନା ଓ ଧର୍ମପତ୍ନୀ ପ୍ରତିଭା ଦଣ୍ଡସନା, ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନ ଓ ଧର୍ମପତ୍ନୀ ସରିତା ରାଣୀ ପଧାନ, ଗରିବ ସଲମା ଓ ରେଖା ପଧାନ, କୃତାର୍ଥ ପୁରୋହିତ ଓ ସସ୍ମିତା ପୁରୋହିତ, ଏନଏ ସି ଇଓ ମାନସ ରଞ୍ଜନ ଭୋଇ ଓ ବନ୍ଦନା ଭୋଇ, ଘାସିରାମ ପଣ୍ଡା ଓ ଆଲିମା ପଣ୍ଡା, ଗନ୍ଧର୍ପ ମହାର ଓ ଗୀତାଞ୍ଜଳି କର୍ଣ୍ଣ, ଭୀମସେନ ନାଏକ ଓ ଧୀରା ନାଏକ, ଜୟ ସଙ୍କର ପାଟଯୋଶୀ ଓ ସ୍ୱରୂପା ରାଣୀ ପାଟଯୋଶୀ, ସଞ୍ଜୀବ ପଣ୍ଡା ଓ ସସ୍ମିତା ପଣ୍ଡା, କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ ଓ ମୌସୁମୀ ରାଣୀ ମିଶ୍ର, ଚନ୍ଦ୍ରଶେଖର ପାଣ୍ଡେ ଓ ଦୂହିତା ପାଣ୍ଡେ, ଘନଶ୍ୟାମ ମେହେର ଓ ତାଙ୍କ ଧର୍ମ ପତ୍ନୀ ସୁଜାତା ମେହେର ପ୍ରମୁଖ କର୍ତ୍ତା ରୂପେ କାର୍ଯ୍ୟ ତୁଲାଉଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



**ବୀରମହାରାଜପୁର, ୨୧।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜଗଦଳା ଅଧକ୍ଷତା କରିଥିଲେ। 'କ୍ୱାଟମ ଯୁଗର ଆରମ୍ଭ, ସମ୍ଭାବନା ଓ ଆହ୍ୱାନ' ଶୀର୍ଷକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ରଥପୁର୍ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ପଧାନ ପ୍ରଥମ, ବୀରମହାରାଜପୁର ବାଳକ ବିଦ୍ୟାଳୟର ଛାତ୍ର ବିଶ୍ୱରଞ୍ଜନ ରଣା, ଦ୍ୱିତୀୟ, ଓ କେଂଝିରିଆପାଲି ଆଞ୍ଚଳିକ ଉଚ୍ଚବିଦ୍ୟାପୀଠର ଛାତ୍ରୀ ସଞ୍ଜାସିନୀ ଖେତୀ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହେଇଛନ୍ତି। ଆସନ୍ତା ୨୩ତାରିଖରେ ସୋନପୁର ମହାରାଜା ଉଚ୍ଚବିଦ୍ୟାଳୟରେ ହେବାକୁଥିବା ଜିଲ୍ଲାସ୍ତରୀୟ ଆଲୋଚନାଚକ୍ରରେ ପ୍ରତିଯୋଗୀ ଭାଗ ନେବେ ବୋଲି ଜଣାପଡ଼ିଛି। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ କୁମୋରକେଲି ଉଚ୍ଚବିଦ୍ୟାଳୟର ଗଣିତ ଶିକ୍ଷକ ସଦାନନ୍ଦ ନାଏକ ବିଚାରକଭକ୍ଷବେ ଯୋଗ ଦେଇଥିଲେ। ଆୟୋଜକ ବିଜ୍ଞାନ ଶିକ୍ଷକ ମନୁ ସାହୁ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ଶିକ୍ଷକ କ୍ଷୀରେଶ୍ୱର ବାରିକ୍ ଧନ୍ୟବାଦ୍ ଅର୍ପଣ କରି ଥିଲା ବେଳେ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ନିଖିଳ ଉତ୍କଳ କୁଲି ମେହେର ସମାଜର ସାଧାରଣ ସଭା



**ବିନିକା, ୨୧।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର କଲ୍ୟାଣ ମଣ୍ଡପରେ ନିଖିଳ ଉତ୍କଳ କୁଲି ମେହେର ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ମହାସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ସଭାପତି ତଥା ସ୍ଥାନୀୟ ରାମପୁରଗ୍ରାମରବାସିନ୍ଦା ଚୈତନ୍ୟ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହାସଭାରେ ସୁବର୍ଣ୍ଣପୁର ଜିଲ୍ଲାର ୧୩ଖଣ୍ଡ ଗ୍ରାମର ମେହେର, ଭାଲ୍ଲୋକଙ୍କ ସମେତ ପ୍ରାୟ ୩୦୦ରୁ ଅଧିକ ମହିଳା ପୁରୁଷ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ନିଖିଳ ଉତ୍କଳ କୁଲି ମେହେର, ସମାଜର ସଭାପତି ଦଶରଥ ମେହେର, ସମ୍ମାନିତ ଅତିଥି ଭାବରେ ସମ୍ପାଦକ ପୁରନ ମେହେର, ବରଗଡ଼ ଜିଲ୍ଲାର ସଭାପତି ମଧୁସୂଦନ ମେହେର, ସମ୍ପାଦକ ସୁଦାମ ମେହେରଙ୍କ ସମେତ ରାଜ୍ୟ ଓ ବିଭିନ୍ନ ଜିଲ୍ଲା କମିଟି ଯୋଗଦାନ୍ କରିଥଲେ। ମାଁ କରମସାନୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ନୂତନ ଜିଲ୍ଲା କମିଟି ଗଠନ ପାଇଁ ଘୋଷଣା କରୟାଇଥିଲା। କୁଲି ମେହେର ସମାଜର ଉପବିଧି ଅନୁଯାୟୀ ସଭାପତିଙ୍କ ଆଦେଶକ୍ରମେ ନିର୍ବାଚନ ଅଧିକାରୀ ଭାବରେ ପୁରନ ମେହେର, କଲ୍ୟାଣୀ ମେହେର ଓ ଦୁର୍ଗାପ୍ରସାଦ ମେହେର ଯୋଗଦେଇ ଆଗାମୀ ୩ ବର୍ଷ ପାଇଁ ଜିଲ୍ଲାସ୍ତରୀୟ କମିଟି ଗଠନର ପ୍ରକ୍ରିୟା ଆରମ୍ଭ କରିଥିଲେ। ଉପସ୍ଥିତ ଜନତାଙ୍କ ଅନୁରୋଧକ୍ରମେ ମନୋନୟନ ପ୍ରକ୍ରିୟାରେ ଜିଲ୍ଲା କମିଟିର ବିଭିନ୍ନ ପଦବୀ ପୂରଣ କରାଯାଇଥିଲା। ସଭାପତି ଭାବରେ ଘନଶ୍ୟାମ ମେହେର, ଉପସଭାପତି ଭାବରେ ଦିଲ୍ଲୀପ ମେହେର ଓ କୈଳାସ ମେହେର ସମ୍ପାଦକ ଭାବରେ ପ୍ରତାପ କୁମାର ମେହେର, ସହ ସମ୍ପାଦକ ଭାବରେ ଯୋଗେଶ୍ୱର ମେହେର ଓ ଦେବରାଜ ମେହେର, କୋଷାଧକ୍ଷ ଭାବରେ ପୀତବାସ ମେହେର, କାର୍ଯ୍ୟକାରୀ କମିଟିରେ ଯଥାକ୍ରମେ ବିଷ୍ଣୁମୟୀ ମେହେର, ଗୀତାଞ୍ଜଳୀ ମେହେର, ସୁଦେଷ୍ଣା ମେହେର, ଅନୁଶୟା ମେହେର, ଦିନେଶ ମେହେର ଓ ଶଶିଭୂଷଣ ମେହେର ଏବଂ ମୁଖ୍ୟ ଉପଦେଷ୍ଟା ଭାବରେ ସାଧୁ ମେହେରଙ୍କୁ ମନୋନୀତ କରାଯାଇଥିଲା। ସମସ୍ତଙ୍କ ଅନୁରୋଧକ୍ରମେ ଉପଦେଷ୍ଟା ମଣ୍ଡଳୀରେ ସବୁ ଗ୍ରାମର ମେହେରଙ୍କୁ ରଖା ଯାଇଥିଲା। ନବଗଠିତ ସମସ୍ତ ଜିଲ୍ଲା କମିଟି ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ଜଣାଇ ବରଗଡ଼ ଜିଲ୍ଲା ସମ୍ପାଦକ ସୁଦାମ ମେହେର ଶପଥ ପାଠ କରାଇଥିଲେ। ମହାସଭାକୁ ସଫଳ କରିବା ପାଇଁ ହେମନ୍ତ ମେହେର, ବିଦେଶୀ ମେହେର, ବିରଞ୍ଚି ମେହେର, ପ୍ରଦୀପ ମେହେର, ଜ୍ୟୋତିରଞ୍ଜନ ମେହେର, ସୁଦାମ ମେହେର, ଅନାଦି ମେହେର, ସରୋଜ ମେହେର, ସର୍ଜନ ମେହେର, ମଗନିଆ ମେହେର, ରମେଶ ମେହେର, ମୁନା ମେହେର, କୁମୁଦ ମେହେର, ଆନନ୍ଦ ମେହେର, ଶିବ ମେହେର, ବନମାଳୀ ମେହେର, ଭଜ ମେହେର ଓ ପ୍ରମୋଦ ମେହେର ସଭାକୁ ସଫଳ କରିବା ପାଇଁ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ବିରଞ୍ଚି ମେହେର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ତରଭା ବାଳିକା ଉଚ୍ଚ ବିଦ୍ୟାଳୟ

# ୪ଛାତ୍ରୀ ରାଜ୍ୟସ୍ତରୀୟ ଖୋ ଖୋରେ ଭାଗନେବେ

**ତରଭା, ୨୧।୯ (ସମିସ)**

ତରଭା ସରକାରୀ ବାଳିକା ହାଇସ୍କୁଲର ଚାରି ଜଣ ଛାତ୍ରୀ ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିବାରୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି। ଶନିବାର ସୋନପୁର ବ୍ଲକର ପିଏମଶ୍ରୀ କୁଶୁଲେଶ୍ୱର ହାଇସ୍କୁଲ ଡୁଙ୍ଗୁରିପାଲି ଖେଳ ପଡ଼ିଆରେ ଜିଲ୍ଲାସ୍ତରୀୟ ଦୁଇଦିନିଆ ଖୋ-ଖୋ ଓ କବାଡି ଚାମ୍ପିଅନସିପ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ସମିତି ସଭ୍ୟ ମିନତୀ ସାହୁ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ରାଉତ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ଭୋଇ ଓ ସ୍ଥାନୀୟ ପ୍ରଧାନ ଶିକ୍ଷକ ବାବୁଲାଲ ସାହୁ ଯୋଗଦେଇ ଥିଲେ। ତରଭା ବ୍ଲକର ଖୋଖୋ ଦଳରେ ତରଭା ବାଳିକା ବିଦ୍ୟାଳୟ ୧୪ ବର୍ଷରୁ କମ ବର୍ଗରେ ୯ ଜଣ ଓ ୧୭ ବର୍ଷରୁ କମ ବର୍ଗରେ ୮ ଜଣ ସମୁଦାୟ ୧୭ ଜଣ ଛାତ୍ରୀ ଭାଗ ନେଇଥିଲେ। ୧୪ ବର୍ଷରୁ କମ ବିଭାଗରେ ସୋନପୁର ଚମ୍ପିୟାନ ହୋଇଥିବା ବେଳେ ତରଭା ରନର୍ସଅପ ହୋଇଥିଲା। ଏଥିରେ ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁନନ୍ଦା ନାଏକ, ଗାୟତ୍ରୀ ରଣା, ଜିନ୍ନତ ପରବିନ୍ ଓ ଲୀପସା ମଟାରୀ ଭଲ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ଖୋ-ଖୋ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀମାନେ ଖେଳ ଶିକ୍ଷକ କଲ୍ୟାଣ ଚନ୍ଦ୍ର ମହାପାତ୍ରଙ୍କ ତତ୍ୱାବଧାନରେ ଖେଳ ଅଭ୍ୟାସ କରୁଥିଲେ। ଗତ ବର୍ଷ ମଧ ଜିଲ୍ଲା ସ୍ତରୀୟ ଖୋ ଖୋ ଖେଳରେ ଚମ୍ପିୟାନ ହୋଇଥିଲେ। ଲଗାତାର ୩ ବର୍ଷ ହେଲା ଏହି ବିଦ୍ୟାଳୟର ଛାତ୍ରୀମାନେ ରାଜ୍ୟସ୍ତରୀୟ ଖୋ ଖୋ ଖେଳିବା ପାଇଁ ମନୋନୀତ ହେଉଛନ୍ତି। ବିଦ୍ୟାଳୟରେ ଖେଳ ପଡ଼ିଆ ନ ଥାଇ ମଧ ଛାତ୍ରୀମାନେ ଲଗାତାର ଅଭ୍ୟାସ କରି ସୁନ୍ଦର ଖେଳ ପ୍ରଦର୍ଶନ କରି ଏହି ବିଦ୍ୟାଳୟର ସୁନାମ ଆଣିଥିବାରୁ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀମାନେ ଖୁସି ବ୍ୟକ୍ତ କରିଛନ୍ତି।



## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଚମ୍ପୁଆ, ୨୧।୯ (ସମିସ): କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ ଯୋଡ଼ା ପୋଖରୀଠାରେ ହାତୀ ଆକ୍ରମଣରେ ଜଣେ ୬୫ ବର୍ଷର ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବୃଦ୍ଧ ହେଉଛନ୍ତି ନରୋତ୍ତମ ମହାନ୍ତ। ଶୌଚ ହେବା ପାଇଁ ରବିବାର ଭୋର ୫ ସମୟରେ ଘର ନିକଟ ବାଡ଼ି ଆଡ଼କୁ ଯାଇଥିଲେ। ବିଳମ୍ବ ହେବାରୁ ପୁଅ ପ୍ରଶାନ୍ତ ମହାନ୍ତ ତାଙ୍କୁ ଖୋଜିବାକୁ ଗଲାବେଳେ ଅନତି ଦୂରରେ ନରୋତ୍ତମ ଅଚେତ ଅବସ୍ଥାରେ ପଡ଼ିଥଲେ। ତାଙ୍କ ଛାତିରେ ଚିହ୍ନ ଥିବା ଦେଖିବା ସହ ଉକ୍ତ ସ୍ଥାନରେ ହାତୀର ପାଦ ଚିହ୍ନ ମଧ୍ୟ ଦେଖାଯାଇଥିଲା। ତୁରନ୍ତ ନରୋତ୍ତମଙ୍କୁ ଚମ୍ପୁଆ ଡାକ୍ତରଖାନା ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚମ୍ପୁଆ ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ଚିକିତ୍ସାଳୟକୁ ପଠାଇଛି। ବନ ବିଭାଗ ପାଖରେ କୌଣସି ସୂଚନା ନଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ସୁଆଁପଦା ଓଏଭିର ୧୧ତମ ପ୍ରତିଷ୍ଠା ଦିବସ



ରାମଚନ୍ଦ୍ରପୁର,୨୧।୯ (ସମିସ): ରାଜ୍ୟବ୍ୟାପି ୧୯ ସେପ୍ଟେମ୍ବରକୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତା'ର ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ଘସିପୁରା ବ୍ଲକ ସୁଆଁପଦା ଓଏଭି ମଧ୍ୟ ଅତି ଉତ୍ସାହର ସହିତ ତା'ର ୧୧ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଉତ୍ସବ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରଜିତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ବିଭୂତିଭୂଷଣ ମହାନ୍ତି ସମେତ ସମସ୍ତ ସହକର୍ମୀ ସହଯୋଗ କରିଥିଲେ।

## ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ



ଆନନ୍ଦପୁର, ୨୧।୯ (ସମିସ): ଆନନ୍ଦପୁର ଶ୍ରୀଦଧିବାମନଜୀଉଙ୍କ ପ୍ରାଙ୍ଗଣରେ ଓ ବଡ଼ଦାଣ୍ଡରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜସେବୀ ଝାନ୍ସିରାଣୀ ଦାସଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ କାଉନସିଲର ସନତ କୁମାର କର, ସମ୍ବିତ କୁମାର ଦାସ, ଆନନ୍ଦପୁର ଓକିଲ ସଂଘ ସଭାପତି ଦୟାନିଧି ଦାଶ, ବନମାଳି ସେଠୀ, କୈଳାସ ସାମଲ, ପ୍ରେମାନନ୍ଦ ମିଶ୍ର, ବିରଞ୍ଚି ପାତ୍ର, ପଦ୍ମଲୋଚନ ଦାଶ, ଶରତ ପାତ୍ର, ଭୀମସେନ ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଏଥିରେ ସାମିଲ ହେଇଥିଲେ।

## ଷ୍ଟିଲ୍‌ପ୍ଲାଣ୍ଟକୁ ନେଇ ଏବେ ବି ଦ୍ୱନ୍ଦ୍ୱ ଜାରି

ତୁରୁମୁଙ୍ଗା, ୨୧।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମେଣା ଓ ଯମନାପଶି ପଞ୍ଚାୟତ ଅଞ୍ଚଳରେ ହେବାକୁ ଥିବା ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟକୁ ନେଇ ଲୋକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ଚେମେଣା ପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମରେ ରବିବାର ଷ୍ଟିଲପ୍ଲାଣ୍ଟକୁ ସ୍ୱାଗତ କରି ଗ୍ରାମବାସୀ ଭୋଜିଭାତ କରି ଖୁସି ମନାଇବା ସହ ସ୍ୱାଗତ କରିଛନ୍ତି। ତେବେ, ଏହାକୁ କିଛି ଗ୍ରାମବାସୀ ଏବେ ବିରୋଧ ପ୍ରଦର୍ଶନ କରିଥିବାରୁ ଏନେଇ ଉକ୍ତ ଅଞ୍ଚଳରେ ଦ୍ୱନ୍ଦ୍ୱ ଜାରି ରହିଛି। ସୁରକ୍ଷା ଦୃଷ୍ଟିରୁ ତୁରୁମୁଙ୍ଗା ପୁଲିସ ଏବଂ ତହସିଲ କର୍ମଚାରୀଙ୍କୁ ସେଠାରେ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ ଦୁଇ ପଞ୍ଚାୟତର ହଜାର ଲୋକେ ଷ୍ଟିଲ ପ୍ଲାଣ୍ଟକୁ ବିରୋଧ କରିଆସୁଥିଲେ। ପୂର୍ବରୁ ବିଭିନ୍ନ ଗ୍ରାମରେ ରାଲି କରିବା ସହ ଜିଲ୍ଲାପାଳ ଅଫିସ ଘେରଉଠାରୁ ଆରମ୍ଭ କରି ଗାଁକୁ କୌଣସି ଲୋକଙ୍କୁ ପୂରାଇ ଦେଉ ନଥିଲେ। ଅନ୍ୟପଟେ, ତୁରୁମୁଙ୍ଗା ପୁଲିସ ପକ୍ଷରୁ ସକାଳେ ବରୁଡିପଶି, ଯମୁନାପଶି କୋଡ଼ଖମଣ, ଭୃଙ୍ଗରାଜପଶି ଗ୍ରାମରେ ୩ ପ୍ଲାଟୁନ ପୁଲିସ ଫର୍ସ ସହ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସନ୍ଧ୍ୟାରେ ପୁଲିସ ଏବଂ ତହସିଲଦାର ଉକ୍ତ ଗ୍ରାମକୁ ଯାଇଥିବା ସମୟରେ ବରୁଡିପଶି ନିକଟରେ ଶତାଧିକ ପୁରୁଷ ମହିଳା ପୁଲିସ ଗାଡିକୁ ଗାଁ ଭିତରକୁ ପ୍ରବେଶ କରିବାକୁ ଦେଇ ନଥିଲେ। ଗ୍ରାମବାସୀ ପ୍ଲାକାର୍ଡ ଧରି କମ୍ପାନୀ ବିରୋଧୀ ନାରାବାଜୀ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

## ରାଜକିଶୋର ନିଖୋଜ



ବେଲବାହାଲି,୨୧।୯ (ସମିସ): ଘସିପୁରା ବ୍ଲକ ନାରଙ୍ଗପୁର ଗ୍ରାମର ପୂର୍ଣଚନ୍ଦ୍ର ପୃଷ୍ଟିଙ୍କ ପୁଅ ରାଜକିଶୋର (୩୫) ଗ୍ରାମର ବଜାରରେ ଏକ ପାନ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ଗତ ୧୯ ତାରିଖରୁ ତାଙ୍କର କୌଣସି ପତ୍ତା ମିଳୁନାହିଁ। ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ ଜଣାଇଥିବା ବେଳେ ଏହା ଅପହରଣ ନା ସିଏ ରାଗି ଘରୁ କୁଆଡେ ଚାଲିଯାଇଛନ୍ତି ତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କଳ୍ପନାଜଳ୍ପନା କରୁଛନ୍ତି। ତାଙ୍କର ବାଇକଟି ବରିପାଳ ପଞ୍ଚାୟତ ରଘୁନାଥପୁରର ଜଣେ ସାଙ୍ଗ ଘରେ ରଖିଥିବା ବେଳେ ସାଙ୍ଗକୁ ଆସି ନେବାକୁ କହିଥିଲେ ଘରେ ମଧ୍ୟ ପୂର୍ବରୁ ମୁଁ ସାଙ୍ଗ ଘରକୁ ଯିବି ବୋଲି କହିଥିଲେ ବୋଲି ପରିବାର ଲୋକ ପ୍ରକାଶ କରିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ଖବର ପାଆନ୍ତି ତେବେ ଘସିପୁରା ଥାନାକୁ ଜଣାଇବା ସହ ୯୦୪୦୮ ୫୨୫୩୯ରେ ଜଣାଇବାକୁ ପରିବାର ଲୋକ ଅନୁରୋଧ କରିଛନ୍ତି।

ପ୍ରହସନ ପାଲଟିଛି ଚାରା ରୋପଣ

# ଖଣି ଅଞ୍ଚଳରେ ଚାଲିଛି ଅବାଧ ବୃକ୍ଷ ଛେଦନ

ଯୋଡ଼ା, ୨୧।୯ (ସମିସ)



ପ୍ରଧାନମନ୍ତ୍ରୀଙ୍କ ୭୫ ବର୍ଷ ଜନ୍ମଦିବସ ଉପଲକ୍ଷେ ସମଗ୍ର ଦେଶରେ 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଚାରା ରୋପଣ କରାଯାଉଛି। ଓଡ଼ିଶା ରାଜ୍ୟ ମଧ୍ୟ ପଛରେ ନାହିଁ। ତେବେ ଖଣିଅଞ୍ଚଳରେ ଏହି ଚାରା ରୋପଣ ଏକ ପ୍ରହସନ ପାଲଟିଛି। ଗୋଟିଏ ପଟେ ବିଭିନ୍ନ ଖଣି, ଶିଳ୍ପ, ସାମାଜିକ ଅନୁଷ୍ଠାନ, ବିଦ୍ୟାଳୟ, ପଞ୍ଚାୟତ ମାଧ୍ୟମରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅପରପଟରେ ଖଣି ଅଞ୍ଚଳରେ ବୃକ୍ଷ ଛେଦନ ଏହି କାର୍ଯ୍ୟକ୍ରମକୁ ଏକ ପ୍ରହସନରେ ପରିଣତ କରିଛି। ବଡବିଲ ବନାଞ୍ଚଳ ଅଧୀନରେ ଥିବା ଫଂଶେଇକଳା ପଞ୍ଚାୟତର ପୁଟୁଗାଁ ପ୍ରାଥମିକ ବିଦ୍ୟାଳୟ ନିକଟରେ ବୁଧବାର ଦିନ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସ ପାଳନ ହେଉଥିବା ବେଳେ ଶହ ଶହ ସଂଖ୍ୟାରେ ଗଛ କଟାଯାଇ ଏହାକୁ ବଡ ବଡ ଟ୍ରକ ମାଧ୍ୟମରେ ବାହାର ରାଜ୍ୟକୁ ରପ୍ତାନୀ କରାଯାଇଛି। ଚାରା ରୋପଣ ପାଇଁ ବିଭିନ୍ନ ଗ୍ରାମାଞ୍ଚଳରେ ହଜାର ହଜାର ସଂଖ୍ୟାରେ ଚାରା ବିତରଣ କରାଯାଉଥିବା ବେଳେ ଅନ୍ୟପଟରେ ଟ୍ରକ ଟ୍ରକ ପରିମାଣର ଗଛ କଟାଯାଇ ହାଇଡ୍ରା ସାହାଯ୍ୟରେ ବୋଝେଇ କରାଯାଇ ବାହାର ରାଜ୍ୟକୁ ରପ୍ତାନୀ କରାଯାଉଛି। ଗଣମାଧ୍ୟମ ପ୍ରତିନିଧିମାନେ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚିବା ପରେ ବୋଝେଇ ପାଇଁ ଆସିଥିବା ଟ୍ରକଗୁଡିକୁ ଗ୍ରାମବାସୀ ଗାଁ ବାହାରକୁ ବିଦା କରି ଦେଇଥିଲେ। ତେବେ ସୂଚନାରୁ ଜଣାପଡିଥିଲା ଯେ କୌଣସି କାଠ ମାଫିଆ ମାଧ୍ୟମରେ ଏହି ଗଛ ବିକ୍ରି କରାଯାଉଛି। ନିଜସ୍ୱ ପଟ୍ଟାଭୁକ୍ତ ଜାଗାରୁ ୬ଟି ଗଛ କାଟିବା ପାଇଁ ବନବିଭାଗ ପକ୍ଷରୁ ଅନୁମତି ପ୍ରାପ୍ତ କରିଥିବା ବେଳେ ପ୍ରାୟ ୧୦ ଜଣଙ୍କ ପଟ୍ଟାଭୁକ୍ତ ଜାଗା ଉପରୁ ଅସଂଖ୍ୟ ପରିମାଣରେ ଗଛ କାଟି ନିଆଯାଇଛି। ଯାହା ପରିବେଶବିତଙ୍କ ମଧ୍ୟରେ ଗଭୀର ଆଘାତ ସୃଷ୍ଟି କରିଛି। ତେବେ ଏ ସଂକ୍ରାନ୍ତରେ ବନପାଳଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ନଉଠାଇ ଛୁଟିରେ ଥିବା ତାଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ କହିଥିଲେ।

● ବାରମ୍ବାର ଦୁର୍ଘଟଣା ପରେ ବି ପଶୁନି ଚେତା

## ଖଡ଼ିବିଲି ମୁକୁଳା ଡ୍ରେନରେ ପଡ଼ି ଦୁଇ ଶିଶୁ ଗୁରୁତର





ଆନନ୍ଦପୁର, ୨୧।୯ (ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଖଡିବିଲି ଗ୍ରାମରେ ଦୀର୍ଘ ଦିନ ଧରି ମୁକୁଳା ପଡ଼ିଥିବା ଡ୍ରେନରେ ପଡ଼ି ଦୁଇଜଣ ଶିଶୁ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଆହତ ୨ ଶିଶୁଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରବିବାର ଅପରାହ୍ନରେ ସାଇକଲ ଯୋଗେ ଟିଉସନ ଯାଉଥିବା ଖଡ଼ିବିଲି ଗ୍ରାମର କାହ୍ନୁ ଦଳେଇଙ୍କ ପୁଅ ଅସିତ (୧୦ ବର୍ଷ) ଅସିତଙ୍କ ମାମୁପୁଅ ଖଳିଆମେଣ୍ଟା ଗ୍ରାମର ବିଦୁ ଜେନାଙ୍କ ପୁଅ ବିଚିତ୍ର (୧୨ ବର୍ଷ) ମୁକୁଳା ଡ୍ରେନରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡ଼ିକାଲକୁ ନେଇଥିଲେ। ପୂର୍ବରୁ ମଧ୍ୟ ଏହି ଡ୍ରେନ୍‌ରେ ଛାତ୍ରଛାତ୍ରୀମାନେ ଗଳିପଡୁଥିବା ବେଳେ ଗୃହପାଳିତ ପଶୁପକ୍ଷୀ ପଡ଼ି ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି।

ଗତ ବର୍ଷ ଏହି ଡ୍ରେନ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ତାକୁ ଅସଂପୂର୍ଣ୍ଣ କରି ଠିକାଦାର ଛାଡିଦେଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଖାମଖିଆଲ ଭାବେ ଏଥିପ୍ରତି ଦୃଷ୍ଟି ଦେଇନାହିଁ। ବିଶେଷକରି ସ୍ଲାବ ନଥିବାରୁ ପୂର୍ବରୁ ବହୁବାର ଏଭଳି ଦୁର୍ଘଟଣା ଘଟିଛି। ପୂର୍ବରୁ ଦୁଇଟି ଛୋଟ ପିଲା ସେଇ ଡ୍ରେନରେ ପଡ଼ି ହାତ ଭାଙ୍ଗିଥିବା ବେଳେ ଏକ ଗାଈ ମଧ୍ୟ ପଡ଼ି ଗୁରୁତର ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସେମାନେ କୌଣସି ପ୍ରତିକାର କରି ନଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଡ୍ରେନ୍‌ରେ ତୁରନ୍ତ ସ୍ଲାବ ପକାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଖୁବ୍‌ଶୀଘ୍ର ପାଟଣାରେ ହେବ ନୂତନ ସବ୍‌ରେଜିଷ୍ଟ୍ରାର ଅଫିସ



ବିଧାନସଭାରେ ରାଜସ୍ୱ ମନ୍ତ୍ରୀଙ୍କ ଉତ୍ତର

ତୁରୁମୁଙ୍ଗା, ୨୧।୯ (ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍‌ବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ରାଜସ୍ୱ ବିଭାଗ ପକ୍ଷରୁ ପାଟଣା ମୁଖ୍ୟାଳୟଠାରେ ଏକ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ସ୍ଥାପନ ପାଇଁ ସ୍ୱୀକୃତି ମିଳିଛି। ଏକ ପ୍ରମୁଖ ପ୍ରଶାସନିକ ବିକାଶରେ ରାଜସ୍ୱ ବିଭାଗ ଦ୍ୱାରା ପାଟଣାରେ ଏକ ନୂତନ ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଆନୁଷ୍ଠାନିକ ଅନୁମୋଦନ ମିଳୁଛି। ପାଟଣା ବିଧାୟକ ଅଖିଳନ୍ଦ୍ର ନାଏକଙ୍କ ହସ୍ତକ୍ଷେପ ପରେ ଏହି ଘୋଷଣା କରାଯାଇଛି। ବିଧାୟକ ଶ୍ରୀ ନାଏକ ଚଳିତ ବିଧାନସଭା ଅଧିବେଶନ ସମୟରେ ଏହି ପ୍ରସଙ୍ଗ ଉଠାଇଥିଲେ। ବିଧାୟକଙ୍କ ଏହି ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାର ଏହି ଦାବି ପ୍ରତି ଉପଯୁକ୍ତ ଧ୍ୟାନ ଦେଇଥିବା କହିଥିଲେ। ପାଟଣାରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ନୂତନ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନକୁ ଅନୁମୋଦନ କରିଛନ୍ତି। ଆବଶ୍ୟକୀୟ ପ୍ରଶାସନିକ ଔପଚାରିକତା ତ୍ୱରାନ୍ୱିତ କରାଯାଉଛି ଏବଂ ଏହି କାର୍ଯ୍ୟାଳୟ ଯଥାଶୀଘ୍ର କାର୍ଯ୍ୟକ୍ଷମ ହେବ। ପାଟଣାରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ପାଟଣା ବ୍ଲକ ଏବଂ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କୁ ଖୁବ୍ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ରାଜସ୍ୱ ମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାରୁ ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ସାମାଜିକ କର୍ମୀ ଅଜୟ ଦାଶ, ପାଟଣା ସୁରକ୍ଷା କମିଟି ଆବାହକ ବିଜୟରତ୍ନ ପତି, ଲକ୍ଷ୍ମଣ ଦାଶ, ଦୁର୍ଗାଚରଣ ନାଏକଙ୍କ ସହ ବହୁ ବୁଦ୍ଧିଜୀବୀ ରାଜସ୍ୱ ମନ୍ତ୍ରୀ ଓ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

## ନିଶାମୁକ୍ତି ପାଇଁ ଜିଲ୍ଲାସ୍ତରୀୟ ଗଣଦୌଡ଼



କେନ୍ଦୁଝର, ୨୧।୯ (ସମିସ): ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ଉପରେ ବିଶେଷ ଧ୍ୟାନ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସେବା ପକ୍ଷ ଅଭିଯାନର ଅଂଶ ଭାବରେ ଏକ ଜିଲ୍ଲାସ୍ତରୀୟ ଗଣ ଦୌଡ଼ର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ଏକ ହଜାର ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିବା କୁହାଯାଇଛି। ବନଖଣ୍ଡ ଅଧିକାରୀ ଏଚଡି ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହାର ଶୁଭାରମ୍ଭ କରିଥିଲେ, ଯାହା ମଣ୍ଡୁଆ ପର୍ଯ୍ୟନ୍ତ ଯାଇଥିଲା। ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଏବଂ ଜିଲ୍ଲା ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବୃତ୍ତିଗତ, କ୍ରୀଡ଼ାପ୍ରେମୀ ଏବଂ ସମସ୍ତ ବୟସ ବର୍ଗର ନାଗରିକଙ୍କ ପର୍ଯ୍ୟନ୍ତ ଧାବକ/ ଧାବିକା ଉତ୍ସାହର ଏଥିରେ ଭାଗ ନେଇଥିଲେ। ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ାଧିକାରୀ ସରୋଜ ମଲ୍ଲିକ ଏବଂ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ ପରିଚାଳନା କରିଥିଲେ।

## ଦୁର୍ଗମ ଅଞ୍ଚଳକୁ ଅପହଞ୍ଚ ମୋବାଇଲ ସେବା



କେ ବାଲିପାଳ ପଞ୍ଚାୟତ

ଆନନ୍ଦପୁର, ୨୧।୯ (ସମିସ): କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ କେ ବାଲିପାଳ ପଞ୍ଚାୟତର ଅଧିବାସୀ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ପାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ହାଟଡିହି ବ୍ଲକ୍ ସଦର ମହକୁମାଠାରୁ ୪୦ କିମି ଦୂରରେ ରହିଥିବା ଉକ୍ତ ପଞ୍ଚାୟତର କେ ବାଲିପାଳ, ମୟୂରନଚା, ଭଉଁରା, ସରମୁଣ୍ଡି, ରାଇଘାଟି ମଲ୍ଲିପଷି ଆଦି ଗାଁର ଲୋକେ ଜରୁରିକାଳୀନ ସୂଚନା ଆଦାନପ୍ରଦାନ କରି ନପାରି ସମସ୍ୟା ଭୋଗୁଛନ୍ତି। ଗାଁ ମଧ୍ୟରେ ମୋବାଇଲ୍ ନେଟୱର୍କ ଆସୁ ନଥିବା ବେଳେ ଲୋକେ ପାହାଡ଼ ଓ ଗଛରେ ଛଡ଼ି ନେଟୱର୍କ ଖୋଜୁଥିବା ଦେଖାଯାଉଛି।

ଏପରିକି ନେଟୱର୍କ ଆସୁଥିବା ସ୍ଥାନରେ ଲୋକେ ଭିଡ଼ ଜମାଇ ମୋବାଇଲ୍ ବ୍ୟବହାର କରୁଛନ୍ତି। ଖରା, ବର୍ଷାରେ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀମାନେ ଅନଲାଇନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସରକାର ପକ୍ଷରୁ ପ୍ରତି ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଦିଆଯାଇଥିବା ଟାବଲେଟ୍ ମଧ୍ୟ କାମରେ ଆସିପାରୁନି ଓ ଜରୁରିକାଳୀନ ସମୟରେ ଅଗ୍ନିଶମବାହିନୀ, ପୁଲିସ କିମ୍ବା ଆମ୍ବୁଲାନ୍ସକୁ ଯୋଗାଯୋଗ କରି ହେଉନାହିଁ। ମୋବାଇଲ୍ ନେଟ୍‌ୱର୍କ ନିମନ୍ତେ ୨/୩ କିମି ଦୂରରେ ରହିଥିବା ଉଚ୍ଚପାହାଡ ନିକଟକୁ ଯିବାକୁ ପଡୁଛି। ଏବେ ସମସ୍ତ କାର୍ଯ୍ୟ ଅନଲାଇନ ମାଧ୍ୟମରେ ହେଉଥିବା ବେଳେ ଉକ୍ତ ପଞ୍ଚାୟତର ଅଧିବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ହେଉଥିବା ଅନଲାଇନ ଆବେଦନ ବେଳେ ସ୍ଥାନୀୟ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଟାୱାର ସ୍ଥାପନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିରାମ ପୂର୍ତ୍ତି, ସୁନାରାମ ପୂର୍ତ୍ତି, ରାଉତ ହୋ, ବ୍ରଜ ହେମ୍ବ୍ରମ, ଲାବୁ ଗୋଇପାଇ, ମୁଚିରାମ ହୋ, ଜେନା ମହାକୁଡ଼, ରାମଚନ୍ଦ୍ର ଗୁଡ୍ଡୁ, ହେମନ୍ତ ମାଝୀ, ସାଉଁରୀ ପୂର୍ତ୍ତି, ଆରତି ମୁର୍ମୁ, କାନ୍ଦିରୀ ସୋରେନ, ମାନ୍ୟା ସୋରେନ, ପାନ ସୋରେନ, ଗୁରୁବାରୀ ପୂର୍ତ୍ତି, ମେଚ ବିଦ୍ରା, ସୁମୀ ପୁର୍ତ୍ତି, ସୁତୁରୀ ପୂର୍ତି, ରାଉତ କାଣ୍ଡିଆ, ନରି ନାଇକ, ଭାଗୀରଥ, ନାଇକ ପ୍ରମୁଖ ଦାବି କରିଛନ୍ତି।

## ପରମାନନ୍ଦ ମହାବିଦ୍ୟାଳୟରେ ଆଇନ ସଚେତନତା



ଆନନ୍ଦପୁର, ୨୧।୯ (ସମିସ): ଆନନ୍ଦପୁର ତାଲୁକ ଆଇନ ସେବା ସମିତି ତରଫରୁ ଆନନ୍ଦପୁର ନିକଟସ୍ଥ ପରମାନନ୍ଦ ବିଜ୍ଞାନ ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଏଡିଜେ ଦେବଦତ୍ତ ଦାଶ ମହାପାତ୍ର, ଜେଏମଏଫସି ଯଶସ୍ୱିନୀ ମହାପାତ୍ର, ଏସଡିଜେଏମ ଗୌରୀଶଙ୍କର ପଣ୍ଡା, ଓକିଲ ସଙ୍ଘ ସଭାପତି ଦୟାନିଧି ଦାଶ, ବାଇଧର ସେଠୀ ବିଭିନ୍ନ ପ୍ରସଂଗରେ ଆଲୋଚନା କରିଥିଲା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଧରିତ୍ରୀ ବେହେରା, ମମତା ସାହୁ, ଜୟଶ୍ରୀ ଓଝା ଏବଂ ଅଧ୍ୟାପକ ଶିବଜ୍ୟୋତି ଆରୁକ ସହଯୋଗ କରିଥିଲେ।

## ବିଷ୍ଣୁପ୍ରିୟା ବାଳାଶ୍ରମର ପ୍ରତିଷ୍ଠାତା ପ୍ରେମାନନ୍ଦ ଦାସଙ୍କ ପରଲୋକ

ହାଟଡିହି, ୨୧।୯ (ସମିସ)



ବରିଷ୍ଠ ସଂଗଠକ ତଥା ବିଷ୍ଣୁପ୍ରିୟା ବାଳାଶ୍ରମର ପ୍ରତିଷ୍ଠାତା ପ୍ରେମାନନ୍ଦ ଦାସଙ୍କ ୮୬ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ସକାଳେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କନକଲତା ଦାସ, ବଡ଼ ପୁଅ ମୃଣାଳ ଦାସ, ମ୍ରିନାଲ ଦାସ, ସାନ ପୁଅ ଅମ୍ଲାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେ ୧୯୮୫ରେ ମଠଡ଼ାହିଠାରେ ଶିଶୁଯତ୍ନ ଗୃହ ପ୍ରତିଷ୍ଠା କରିଥିବା ବେଳେ ୧୯୯୯ରେ ବରିଷ୍ଠ ନାଗରିକ ଗୃହ ସ୍ଥାପନ କରିଥିଲେ। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ବିଷ୍ଣୁପ୍ରିୟା ବାଳାଶ୍ରମ ପରିସରରେ ପହଞ୍ଚିବା ପରେ ବିଷ୍ଣୁପ୍ରିୟା ବାଳାଶ୍ରମର ପରିଚାଳିକା ସୌମ୍ୟା ମହାନ୍ତି, କାଉନସିଲର ଶର୍ମିଷ୍ଠା ନାୟକ, କରୁଣାକର ଜେନା, ଗୃହ ପିତା ନନ୍ଦକିଶୋର ପତି, ଗୃହ ମାତା ସନ୍ଧ୍ୟାରାଣୀ ଦାସ, ପଦ୍ମାବତୀ ମହାନ୍ତିଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ କର୍ମଚାରୀ ଓ ଛାତ୍ର ଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କଂଗ୍ରେସ ନେତା ହାଡିବନ୍ଧୁ ଖୁଣ୍ଟିଆ, ଚିତ୍ତରଞ୍ଜନ ପାତ୍ର, ବିଜେପି ନେତ୍ରୀ ମିନତୀ ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ତାଙ୍କ ନିଜ ଗ୍ରାମ ଭଦ୍ରକସ୍ଥିତ କୁଆଁସକୁ ନିଆଯାଇ ସେଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି।

ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଗଭୀର ଶୋକବ୍ୟକ୍ତ କରିବା ସହିତ ପ୍ରେମାନନ୍ଦ ଦାସଙ୍କ ବିୟୋଗ ଆମ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ପ୍ରେମାନନ୍ଦ ବାବୁ ଜଣେ ସୁସଂଗଠକ ଥିଲେ। ଆଦିବାସୀ ଅନାଥ ଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରି ଏ ଅଞ୍ଚଳ ପାଇଁ ଆଲୋକ ବର୍ତ୍ତିକା ସାଜିଥିଲେ। ମୁଁ ମଧ୍ୟ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବିଷ୍ଣୁପ୍ରିୟା ବାଳାଶ୍ରମର ସଭାପତି ଭାବରେ ତାଙ୍କ ସହିତ କାମ କରିଛି। ତାଙ୍କ ଭଳି ଜଣେ ଉଦାରଚିତ ବ୍ୟକ୍ତିତ୍ୱ ମିଳିବା ବିରଳ। ସେହିପରି ବିଜେପି ନେତା ଆଲୋକ ସେଠୀ ମଧ୍ୟ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲା ପରିଷଦ ବିମ୍ବାଧର ବିଶ୍ୱାଳ, ହାଟଡିହି ସରପଞ୍ଚ ଚିନ୍ମୟ ନାୟକ, ବଉଳା ସାହିତ୍ୟ ସଂସଦର ସଭାପତି ବାଳକୃଷ୍ଣ ରାଉତ, ସଂପାଦକ ସୁରେନ୍ଦ୍ର ପରିଡ଼ା, ସାହିତ୍ୟ ଘରର ସଭାପତି ଅନ୍ତର୍ଯ୍ୟାମୀ ରାଉତ, ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ସାହିତ୍ୟିକ ରତ୍ନାକର ଦାସ, ସହିତ୍ୟଘରର ସମସ୍ତ କର୍ମକର୍ତ୍ତା, ସାମ୍ବାଦିକ କିଶୋର ଆଚାର୍ଯ୍ୟ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, ହାଟଡିହି କଲେଜର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ, ଛେନାପଦି ବଜାର କମିଟିର ସଭାପତି କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ୨୯ ଟିକିଆ ହାତୀପଲର ଉପଦ୍ରବ ଜାରି



କେନ୍ଦୁଝର,୨୧।୯ (ସମିସ): କେନ୍ଦୁଝର ସଦର ବନାଞ୍ଚଳରେ ୨୯ଟିକିଆ ହାତୀପଲ ଉପଦ୍ରବ କରିଚାଲିଛନ୍ତି। ସେନେଇ ବାସହରା ପରିବାର ସମେତ ଧାନଚାଷୀମାନେ ଦୁଃଖରେ ଭାଙ୍ଗି ପଡିବା ସହିତ କ୍ଷୟକ୍ଷତି ଦେଖି ଚିନ୍ତାରେ ପଡିଯାଇଛନ୍ତି। ଗତକାଲି ସନ୍ଧ୍ୟାରେ ହାତୀପଲ ଆମ୍ବଡହରା ଓ ଭାଲିଆଡିହି ଦେଇ ଜନାର୍ଦ୍ଦନପୁର, ବାଲିପୋଶି ରାଇସୁଆଁ, ଧାଡିକା ଦେଇ ବିଳମ୍ବିତ ରାତ୍ର ୧୨ଟାବେଳେ ସଦର ଥାନା ୨୦ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ରେଳବାଇ ରାସ୍ତା ପାର୍ଶ୍ୱରେ କବିତ୍ରା ଅଭିମୁଖେ ଯାଇଥିଲେ। ଲୋକେ ଭୟଭୀତ ହୋଇ ବାଣ, ନିଆ ଜାଳି ଉଜାଗର ରହିଥିଲେ। ବନବିଭାଗ କର୍ମଚାରୀ ଓ ହାତୀ ଘଉଡାଇବା ସ୍କ୍ୱାଡ ହାତୀମାନଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଜନସାଧାରଣଙ୍କ ଉପରେ କିପରି କ୍ଷୟକ୍ଷତି ନପହଞ୍ଚିବ ଓ ହାତୀଙ୍କୁ ବିରକ୍ତି ନକରିବାକୁ ପରାମର୍ଶ ଦେଇଥିଲେ। ହାତୀପଲ ଜାମୁନାଳିଆରେ ପଶି ଘର ଭାଙ୍ଗିବା ସହ ଯେଉଁଗତି ପଥରେ ଚଳପ୍ରଚଳ କରିଛନ୍ତି ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ରବିବାର ସନ୍ଧ୍ୟା ରେ ବେଲଦା ଜଙ୍ଗଲମୁହାଁ ହୋଇଛନ୍ତି। ଅନ୍ୟପଟେ, ବାସହରା ଓ କ୍ଷତିଗ୍ରସ୍ତ ଧାନଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।